ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୮/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 8/2022 ★★★★★★

୪୮ଶ ଭାଗ ୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ**

ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଇଂଲଣ୍ଡ ବ୍ୟାଟର ଜନି ବେୟାରଷ୍ଟୋ ଅପରାଜିତ ଶତକ ହାସଲ କରିଛନ୍ତି।

୦୮

୦୫

**ମୋଦିଙ୍କ ଭାଷଣ ଶୁଣିଥାନ୍ତେ ଖାଲି ଆସନ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫିରୋଜପୁର ଯାଇ ସଭାରେ ଖାଲି ଆସନଗୁଡ଼ିକୁ ଭାଷଣ ଶୁଣାଇଥିଲେ ଭଲ ହୋଇଥାନ୍ତା ବୋଲି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କଟାକ୍ଷ କରିଛନ୍ତି।



# ୧୦ରୁ ସର୍ବସାଧାରଣ ଦର୍ଶନ ମନା

## ତଦନ୍ତ ସ୍ଥଗିତ କଲେ ସୁପ୍ରିମକୋର୍ଟ

### ମୋଦିଙ୍କ ସୁରକ୍ଷାରେ ତ୍ରୁଟି

### ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ରେକର୍ଡ ସଂଗ୍ରହ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତବେଳେ ସୁରକ୍ଷାରେ ତ୍ରୁଟି ସମ୍ପର୍କିତ ତଦନ୍ତକୁ ସୁପ୍ରିମକୋର୍ଟ ସୋମବାର ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏଥିସହ ମୋଦିଙ୍କ ଗସ୍ତ ବେଳେ ହୋଇଥିବା ସୁରକ୍ଷା ବନ୍ଦୋବସ୍ତର ସମସ୍ତ ରେକର୍ଡ ରାଜ୍ୟ ସରକାର, ପୋଲିସ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକଠାରୁ ସଂଗ୍ରହ କରିବାକୁ



ଶୁକ୍ରବାର ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ୩ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପଞ୍ଜାବର ଫିରୋଜପୁର ଯାଉଥିବାବେଳେ କୃଷକମାନେ ଏହାକୁ ବିରୋଧକରି ରାସ୍ତା ଅବରୋଧ କରିଥିଲେ। ଫଳରେ ମୋଦି ଏକ ଫ୍ଲାଏଓଭର ଉପରେ ପ୍ରାୟ ୨୦ ମିନିଟ ଧରି ଫସିରହିବା ପରେ ସଭା ବାତିଲକରି ଦିଲ୍ଲୀ ଫେରିଯାଇଥିଲେ। ଭବିଷ୍ୟତରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ତାହା ସୁନିଶ୍ଚିତ କରିବା ସକାଶେ ବରିଷ୍ଠ ଆଇନଜୀବୀ ମନିନ୍ଦର ସିଂ ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରି ଏହାର ତ୍ୱରିତ ଶୁଣାଣି ନିମନ୍ତେ ନିବେଦନ କରିଥିଲେ। ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହାର ଶୁଣାଣି କରି ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ସମସ୍ତ ରେକର୍ଡ ପ୍ରଦାନ ପୂର୍ବକ ସହଯୋଗ କରିବା ଲାଗି ପଞ୍ଜାବ ସରକାର, ପୋଲିସ ଅଧିକାରୀ, ଏସ୍‌ପିଜି ଏବଂ ଅନ୍ୟ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଦିଙ୍କ ଗସ୍ତ ସମୟର ୱାୟରଲେସ୍ ମେସେଜ୍ ସମେତ ଅନ୍ୟ ପ୍ରମାଣ ସଂଗ୍ରହ ବେଳେ ରେଜିଷ୍ଟ୍ରାର ଜେନେରାଲଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଜଣେ ଅଧିକାରୀ ସହଯୋଗ କରିବେ। ଆସନ୍ତା ୧୦ରେ ଏହି ପ୍ରସଙ୍ଗରେ ପୁଣି ଶୁଣାଣି କରାଯିବ। ସେତେବେଳେ ଯାଏ ଉଭୟ ପଞ୍ଜାବ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠିତ ତଦନ୍ତ କମିଟି କୌଣସି ତଦନ୍ତ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ☞ପୃଷ୍ଠା-୪

**ପୁରୀ ଅଫିସ,୭।୧**

ଆସନ୍ତା ୧୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶୁକ୍ରବାର ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ରାଜ୍ୟରେ କ୍ରମାଗତ ଭାବେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପରିଚାଳନା କମିଟିର ସଦସ୍ୟ ଏବଂ ଛତିଶା ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ କହିଛନ୍ତି, କୋଭିଡ୍‌ରେ ଡେଲ୍ଟା ଏବଂ ଓମିକ୍ରନ୍ ଷ୍ଟ୍ରେନ୍‌ର ସଂକ୍ରମଣ ବଢ଼ିବାରେ ଲାଗିଛି। ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀ ମଧ୍ୟ ସଂକ୍ରମଣର ଶିକାର ହେଲେଣି। ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ଲୋକ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଏଭଳି ହେବା ଦ୍ୱାରା ସଂକ୍ରମଣ ଅଧିକ ବ୍ୟାପିବାର ଆଶଙ୍କା ରହୁଛି।

### ପତିତପାବନଙ୍କ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ



ସହରବାସୀ ଓ ସେବାୟତମାନଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ବୈଠକରେ ମଧ୍ୟ ସମସ୍ତେ ପରାମର୍ଶ ଦେଇଥିଲେ। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ପୂର୍ବ ଭଳି ନିର୍ଦ୍ଧାରିତ ସମୟରେ କରାଯିବ ଓ ଏହା ପ୍ରଭାବିତ ହେବ ନାହିଁ। ପତିତପାବନ ଦର୍ଶନ ଉପରେ କଟକଣା ନାହିଁ। ଲୋକେ ପତିତପାବନଙ୍କୁ ଦର୍ଶନ କରିପାରିବେ, ମାତ୍ର କୋଭିଡ୍ ଗାଇଡ୍‌ଲାଇନ୍ ମାନିବେ। ଶନିବାର ଶ୍ରୀମନ୍ଦିରରେ ଶେଷ ସର୍ବସାଧାରଣ ଦର୍ଶନ ରହିବ। ଏହାପରେ ପୂର୍ବଭଳି ରବିବାର ଶ୍ରୀମନ୍ଦିର ବନ୍ଦ ରହିବ। ସୋମବାରଠାରୁ ନୂଆ ଏସ୍‌ଓପି ଆଧାରରେ ସର୍ବସାଧାରଣ ଦର୍ଶନକୁ ବନ୍ଦ କରାଯିବ। ଅନ୍ୟପକ୍ଷରେ ସେବାୟତମାନଙ୍କ ପାଇଁ କୋଭିଡ୍ କେୟାର ସେଣ୍ଟର, ରାପିଡ୍ ରେସପନ୍ସ ଟିମ୍, ଆମ୍ବୁଲାନ୍ସ ବ୍ୟବସ୍ଥା, ଚିକିତ୍ସା ସେବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଦଇତାପତି ନିଯୋଗର ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ସଂକ୍ରମଣ ବଢୁଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଶ୍ରୀମନ୍ଦିର ପ୍ରଶାସନର ଅନେକ ଅଧିକାରୀ ଓ ସେବାୟତଙ୍କୁ କରୋନା ହୋଇସାରିଲାଣି। ତେଣୁ ବୈଠକରେ ସମସ୍ତେ ଏକସ୍ୱରରେ ଶ୍ରୀମନ୍ଦିର ବନ୍ଦ କରାଯିବା ସପକ୍ଷରେ ମତ ଦେଇଥିଲେ। ତେବେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ଯୋଗୁ ସେବାୟତଙ୍କ ଆର୍ଥିକ ସ୍ଥିତି ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଏଣୁ ଏଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟ ପ୍ରଶାସକଙ୍କ ନିକଟରେ ଦାବି କରାଯାଇଛି।

## ସୋମବାରରୁ କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଉପରମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ୨୭ ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ଜାନୁୟାରୀ ୧୦ରୁ ରାଜ୍ୟରେ ଥିବା ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବ। ସେହିପରି ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର ମଧ୍ୟ ବନ୍ଦ ରହିବ। କେବଳ ମେଡିକାଲ କଲେଜ ଓ ନର୍ସିଂ କଲେଜ ଖୋଲାରହିବ। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏ ନେଇ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ନୂଆ ଗାଇଡ୍‌ଲାଇନ ଆଧାରରେ ସବୁ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିବା ବେଳେ ଅନ୍‌ଲାଇନରେ ପାଠପଢ଼ା ଜାରି ରହିବ। ଅନ୍ୟପକ୍ଷରେ ଏବେ ଚାଲିଥିବା ସମସ୍ତ ଅଫ୍‌ଲାଇନ ପରୀକ୍ଷାଗୁଡ଼ିକ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଚାଲିପାରିବ ବୋଲି ଏସ୍‌ଆରସିଙ୍କ ନିର୍ଦ୍ଦେଶନାମାରେ କୁହାଯାଇଛି। ସମସ୍ତ ଶିକ୍ଷକ ଓ ଅନ୍ୟ କର୍ମଚାରୀ ପୂର୍ବଭଳି ନିଜର ଡ୍ୟୁଟି କରିବେ। କଲେଜ ଓ ବିଶ୍ୱବିଦ୍ୟାଳୟ ଅନ୍‌ଲାଇନ କ୍ଲାସ୍ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ। ଯେଉଁ ଛାତ୍ରୀଛାତ୍ରମାନେ ଗବେଷଣା କରୁଛନ୍ତି, ସେମାନେ ଚାହିଁଲେ ହଷ୍ଟେଲରେ ରହିପାରିବେ। ତେବେ ଏଥିପାଇଁ ସେମାନଙ୍କୁ ସମ୍ପୃକ୍ତ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଅଣ୍ଡରଟେକିଂ ଲେଖି ଦେବାକୁ ପଡ଼ିବ। ଏହି କ୍ଷେତ୍ରରେ ସମ୍ପୃକ୍ତ ବିଭାଗ ସେମାନଙ୍କ ପାଇଁ ଏସ୍‌ଓପି ବା ଗାଇଡ୍‌ଲାଇନ ଜାରି କରିବ। ସୂଚନାଯୋଗ୍ୟ, ପୂର୍ବରୁ ସରକାର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଓ କଲେଜଗୁଡ଼ିକୁ ବନ୍ଦ ଘୋଷଣା କରିଥିଲେ।

# ଦେଇଥିବା କଥା ରଖୁଛୁ: ମୁଖ୍ୟମନ୍ତ୍ରୀ

### ଘର ମରାମତି: ୩୧ ଲକ୍ଷ ପରିବାରକୁ ଦିଆଗଲା ୧୪୪୪ କୋଟି

### ■ ପକ୍କାଘର ମରାମତି ପାଇଁ ମିଳିବ ୫ ହଜାର

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘର ପାଇଥିବା ହିତାଧିକାରୀମାନଙ୍କୁ ୩ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟର ସମୁଦାୟ ୩୧ ଲକ୍ଷ ପରିବାରକୁ ୧୪୪ କୋଟି ଟଙ୍କାର ସହାୟତା ଦିଆଯାଇଛି। ଏହି ସହାୟତା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଛି।

ସୂଚନାଯୋଗ୍ୟ ଯେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ଗୃହ ନିର୍ମାଣ ଯୋଜନାର ହିତାଧିକାରୀଙ୍କୁ ଘର ମରାମତି ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ୨୦୨୧ ଡିସେମ୍ବର ୨୧ରେ ରାଜ୍ୟ କ୍ୟାବିନେଟରେ ଘର ମରାମତି ସହାୟତା ନିଷ୍ପତ୍ତି କରାଯାଇଥିଲା। ନିଷ୍ପତ୍ତିର ୧୫ ଦିନ ମଧ୍ୟରେ ହିତାଧିକାରୀମାନଙ୍କୁ ସହାୟତା ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ଦେଇଥିବା କଥା ଆମେ ରଖୁଛୁ। ୨୦୧୪ରେ ରାଜ୍ୟ କ୍ୟାବିନେଟର ପ୍ରଥମ ବୈଠକରେ ରାଜ୍ୟର ସବୁ କଚ୍ଚାଘରକୁ ପକ୍କାଘର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ☞ପୃଷ୍ଠା-୪



ଘର ମରାମତି ବାବଦରେ ସହାୟତା ଅର୍ଥ ପ୍ରଦାନ କରାଯିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

# ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ୧୦% କୋଟାକୁ ଅନୁମତି

### ଏନ୍‌ଇଇଟି-ପିଜି ମେଡିକାଲ କାଉନସେଲିଂ

### ■ ଇଡବ୍ଲ୍ୟୁଏସ୍ ଚୟନ ମାପଦଣ୍ଡର ବାସ୍ତବତାକୁ ବିଚାର କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୧(ପି.ଟି.)**

ସୁପ୍ରିମକୋର୍ଟ ୨୦୨୧-୨୨ ଶିକ୍ଷାବର୍ଷ ନିମନ୍ତେ ଏନ୍‌ଇଇଟି-ପିଜି ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି କାଉନ୍‌ସେଲିଂ ପୁନର୍ବାର ଆରମ୍ଭ କରିବାକୁ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ନିମନ୍ତେ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି। ଅନ୍ତରୀଣ ନିର୍ଦ୍ଦେଶନାମାର ସବିଶେଷ କାରଣକୁ ଅନୁପାଳନ କରି ବିଜ୍ଞପିତ ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଏନ୍‌ଇଇଟି-ପିଜି ପାଇଁ କାଉନସେଲିଂ କରିବାକୁ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପନ୍ନାଙ୍କ ଖଣ୍ଡପୀଠ କହିଛନ୍ତି।

୨୦୨୧ ଜୁଲାଇ ୨୯ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବଭାରତୀୟ ସ୍ତରରେ ଏମ୍‌ବିବିଏସ୍ ଏବଂ ଏମ୍‌ଡି ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଓବିସିଙ୍କ ପାଇଁ ୨୭% ଏବଂ ଇଡବ୍ଲ୍ୟୁଏସ୍‌ଙ୍କ ନିମନ୍ତେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖାଯାଇଥିଲା। ଖଣ୍ଡପୀଠ ଏହାକୁ କାଏମ ରଖିଛନ୍ତି। ତେବେ ଇଡବ୍ଲ୍ୟୁଏସ୍ ପ୍ରାର୍ଥୀ ଚିହ୍ନଟ ଲାଗି ବାର୍ଷିକ ୮ ଲକ୍ଷ ଟଙ୍କା ଆୟ ମାପଦଣ୍ଡର ବାସ୍ତବତା ଉପରେ ମାର୍ଚ୍ଚ ତୃତୀୟ ସପ୍ତାହରେ ବିଚାର କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ଏନ୍‌ଇଇଟି-ୟୁଜି ଏବଂ ଏନ୍‌ଇଇଟି-ପିଜି କାଉନସେଲିଂ ଜୁଲାଇ ୨୯ ନୋଟିସ ଅନୁଯାୟୀ କରାଯିବାକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଅଜୟ ଭୂଷଣ ପାଣ୍ଡେ କମିଟି ଇଡବ୍ଲ୍ୟୁଏସ୍ ନିର୍ଦ୍ଧାରଣ ନିମନ୍ତେ ବାର୍ଷିକ ୮ ଲକ୍ଷ ଟଙ୍କା ଆୟକୁ ମାପଦଣ୍ଡ ଭାବେ ଗ୍ରହଣ କରିବାକୁ ସୁପାରିସ କରିଥିଲେ।

ଏନ୍‌ଇଇଟି ପିଜି ଏବଂ ୟୁଜି ନାମଲେଖାରେ ସର୍ବଭାରତୀୟ ସ୍ତରରେ ଓବିସିଙ୍କ ପାଇଁ ୨୭% ଏବଂ ଇଡବ୍ଲ୍ୟୁଏସ୍‌ଙ୍କ ନିମନ୍ତେ ୧୦% ସଂରକ୍ଷଣ ଲାଗି ଜୁଲାଇ ୨୯ ମେଡିକାଲ କାଉନସେଲିଂ କମିଟି (ଏମ୍‌ସିସି)ର ବିଜ୍ଞପ୍ତିକୁ ଆବେଦନକାରୀ ଚ୍ୟାଲେଞ୍ଜ କରିଥିଲେ। କେଉଁ ଆଧାରରେ ୮ ଲକ୍ଷ ଟଙ୍କା ବାର୍ଷିକ ଆୟକୁ ମାପଦଣ୍ଡ କରାଗଲା ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିବା ପରେ ଏହାର ପୁନର୍ବିଚାର ପାଇଁ କେନ୍ଦ୍ର ସରକାର ଗତବର୍ଷ ନଭେମ୍ବର ୨୫ରେ ୪ ସପ୍ତାହ ସମୟ ମାଗିଥିଲେ। ସରକାରଙ୍କ ପ୍ରତିଶ୍ରୁତି ପରେ ରେସିଡେଣ୍ଟ ଡାକ୍ତରମାନେ ଧର୍ମଘଟ ବନ୍ଦ କରିଥିଲେ। ସରକାର ଗଠନ କରିଥିବା ୩ ଜଣିଆ କମିଟି ଇଡବ୍ଲ୍ୟୁଏସ୍ ଚୟନରେ ୨୦୧୯ରୁ ଚାଲିଆସୁଥିବା ୮ ଲକ୍ଷ ଆୟସୀମାକୁ ବଳବତ୍ତର ରଖିବା ଲାଗି ସରକାରଙ୍କୁ ପରାମର୍ଶ ଦେଇଥିଲେ।

## ୧୦ରୁ ହାଇକୋର୍ଟରେ ଭର୍ଚୁଆଲ ଶୁଣାଣି

**କଟକ ଅଫିସ,୭।୧**

କରୋନା ମହାମାରୀ ଦୃଷ୍ଟିରୁ ଆସନ୍ତା ୧୦ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ହାଇକୋର୍ଟରେ କେବଳ ଭର୍ଚୁଆଲ ଶୁଣାଣି ହେବ। ହାଇକୋର୍ଟଙ୍କ କାର୍ଯ୍ୟାଳୟ ୫୦% କର୍ମଚାରୀଙ୍କୁ ନେଇ ଚାଲିବ। ଏଥିପାଇଁ ହାଇକୋର୍ଟ ପକ୍ଷରୁ ରୋଷ୍ଟର ଡ୍ୟୁଟି ବଣ୍ଟନ କରାଯିବ। ହାଇକୋର୍ଟ ଭିତରକୁ କେବଳ କର୍ମଚାରୀ ଓ ଅଫିସର ଯାଇପାରିବେ। ଇ-ଫାଇଲିଂ ପୋର୍ଟାଲରେ କେସ୍ ଫାଇଲ କରାଯିବ। ପୂର୍ବରୁ ମିଳୁଥିବା ସାର୍ଟିଫାଏଡ କପି ସେବାକୁ ଫେବୃୟାରୀ ୪ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଆଇନଜୀବୀଙ୍କ ସୁବିଧା ପାଇଁ ରାଜ୍ୟ ବାର୍ କାଉନ୍‌ସିଲରେ ଅତିରିକ୍ତ ଗୋଟିଏ ଭିଡିଓ କନ୍‌ଫରେନ୍ସ କ୍ୟାବିନ କାର୍ଯ୍ୟ କରିବ ବୋଲି ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଜିର ସମ୍ପାଦକୀୟ**

**କି ପରିବର୍ତ୍ତନ**

# ୨୬ ବର୍ଷ ପରେ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ

**ଦେବଗଡ଼,୭।୧(ଡି.ଏନ.ଏ.)**

ଏକ ହତ୍ୟା ଘଟଣାର ଦୀର୍ଘ ୨୬ ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଉକ୍ତ ମାମଲା ବିଚାର କରି ଦେବଗଡ଼ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ଗୋଚ୍ଛାୟତ ମତୁଆ ମୁଣ୍ଡା ଓରଫ୍ ଗାଗାରିନ ନାମକ ଜଣେ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନା ଅନୁଯାୟୀ, ସୁନ୍ଦରଗଡ ଜିଲା ଟିକାୟତପାଲି ଥାନା ଅଧୀନ ଦଲକୀ ଗ୍ରାମର ମତୁଆ ମୁଣ୍ଡା ଓରଫ୍ ଗାଗାରିନ ସେହି ଗ୍ରାମର ଦୀନବନ୍ଧୁ ବାଙ୍କିରାଙ୍କ ଘରେ କାମ କରୁଥିଲେ। ଦୀନବନ୍ଧୁଙ୍କ ମୃତ୍ୟୁ ପରେ ତାଙ୍କ (ଦୀନବନ୍ଧୁଙ୍କ) ବିଧବା ସ୍ତ୍ରୀ ରଜନୀ ଓରଫ ରାଇମନି ମୁଣ୍ଡାଙ୍କ ସହ ମତୁଆଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ମଧ୍ୟରେ ଅନୈତିକ ସମ୍ପର୍କରୁ ରଜନୀ ଗର୍ଭବତୀ ହେବା ପରେ ଘଟଣା ଜଣାପଡ଼ିଥିଲା। ଏହା ପରେ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ କମିଟି ନିଷ୍ପତ୍ତି ଅନୁଯାୟୀ ମତୁଆ ରଜନୀଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରି ନିଜ ଘରକୁ ନେଇଥିଲେ। ଉଭୟେ କିଛିଦିନ ସେଠାରେ ଏକାଠି ରହିବା ପରେ ସମ୍ବଲପୁର ଯିବା ପାଇଁ ଗତ ୧୯୯୫ ମସିହା ଫେବୃୟାରୀ ୨୦ ତାରିଖରେ ବସ୍ ଧରିବା ପାଇଁ ଦେବଗଡ ଥାନା ଅଧୀନ ଲଇମୁରା ଗ୍ରାମକୁ ଯାଇଥିଲେ। ସେହିଦିନଠାରୁ ଉଭୟଙ୍କ ଆଉ କୌଣସି ଖବର ମିଳି ନ ଥିଲା। ଏହାର ୭ ଦିନ ପରେ ରଜନୀଙ୍କ ମୃତଦେହ ଦେବଗଡ ଥାନା (ଲଇମୁରା ଫାଣ୍ଡି) ଅଧୀନ ଢେଙ୍କୁରଯୋର ଗ୍ରାମର ଏକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ମତୁଆ ରଜନୀଙ୍କୁ ହତ୍ୟା କରି ଉକ୍ତ ପୋଖରୀରେ ଫିଙ୍ଗିଦେଇଥିବା ଅଭିଯୋଗ ହେବା ପରେ ଦେବଗଡ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମତୁଆ ଫେରାର ଥିବାରୁ ତାଙ୍କୁ ଗିରଫ କରିବା ଉଭୟ ଦେବଗଡ ଏବଂ ସୁନ୍ଦରଗଡ ଜିଲା ପୋଲିସ ପାଇଁ ଏକ ବଡ ଆହ୍ୱାନ ସାଜିଥିଲା। ଉଭୟ ଜିଲା ପୋଲିସର ମିଳିତ ସହଯୋଗରେ ୨୦୧୪ ମସିହା ଏପ୍ରିଲ ୧୯ ତାରିଖରେ ମତୁଆଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ଆବେଦନ ଖାରଜ ହେବା ପରେ ଉଚ୍ଚ ନ୍ୟାୟାଳୟ ମଧ୍ୟ ତାଙ୍କର ଜାମିନ ନାମଞ୍ଜୁର କରିବାରୁ ସେହି ଦିନଠାରୁ ଦୀର୍ଘ ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ଜେଲ ହାଜତରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ଏହି ଘଟଣା ସେହି ସମୟରେ ଉଭୟ ଦେବଗଡ ଏବଂ ସୁନ୍ଦରଗଡ ଜିଲାରେ ଆଲୋଡନ ସୃଷ୍ଟି କରିଥିଲା। ଶେଷରେ ଉକ୍ତ ମାମଲାର ବିଚାର କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ଗୋଚ୍ଛାୟତ ପ୍ରମାଣ ଅଭାବରୁ ମତୁଆଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ ଓ ସିଦ୍ଧେଶ୍ୱର ଗୁରୁ ମକଦ୍ଦମା ପରିଚାଳନା କରୁଥିଲେ।



## ୭୨ ଘଣ୍ଟାର ଆର୍‌ଟି-ପିସିଆର୍ ରିପୋର୍ଟ ନେଗେଟିଭ୍ ଥିଲେ ବିମାନ ବନ୍ଦରରେ ଟେଷ୍ଟ ହେବନି




### ଗାଇଡ୍‌ଲାଇନ୍ ସଂଶୋଧନ କଲା ବିଏମ୍‌ସି

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ସମସ୍ତ ବିମାନ ଯାତ୍ରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଶୁକ୍ରବାରଠାରୁ ଏହା ଲାଗୁ ହୋଇଛି। ତେବେ ଏହି ନିର୍ଦ୍ଦେଶନାମାରେ ବିଏମ୍‌ସି ସାମାନ୍ୟ ସଂଶୋଧନ କରିଛି। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଯେଉଁ ଯାତ୍ରୀଙ୍କର ୭୨ ଘଣ୍ଟା ମଧ୍ୟରେ ଆର୍‌ଟିପିସିଆର୍ ରିପୋର୍ଟ ନେଗେଟିଭ୍ ରହିଥିବ ସେମାନଙ୍କର ଆଉ ଟେଷ୍ଟ କରାଯିବ ନାହିଁ। ତେବେ କୌଣସି ଯାତ୍ରୀଙ୍କଠାରେ କରୋନା ଲକ୍ଷଣ ଦେଖାଦେଲେ ସେମାନଙ୍କୁ ଆଇସୋଲେଶନରେ ରଖାଯିବା ସହ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଗୁରୁବାର ଜାରି ହୋଇଥିବା ☞ପୃଷ୍ଠା-୪

# ଦୁଃଖ ଖୋଜୁଥିବା ମଣିଷ

ବିଜୟ କୁମାର ପଣ୍ଡା

ଗଳ୍ପ



ଚାକିରିଆ ସ୍ତ୍ରୀ ଆଉ ପୁଅକୁ ନେଇ ଦାସବାବୁଙ୍କ ଛୋଟିଆ ପରିବାର। ଅବସରପ୍ରାପ୍ତ ମା'ବାପା ରୁହନ୍ତି ଗାଁରେ।

ସପ୍ତାହରେ ଦୁଇ ତିନି ଦିନ ସ୍ତ୍ରୀ ଆଉ ପୁଅକୁ ଧରି ପାଖାପାଖି ତିନି ଚାରି କିଲୋମିଟର ଗାଡ଼ିରେ ବୁଲି ଆସନ୍ତି ଦାସବାବୁ କିଛି ଗୋଟେ ସନ୍ଧାନରେ। ଘରେ ରହି ତାଙ୍କୁ ବହୁତ ବୋର ଲାଗୁଛି ଆଉ ତାଙ୍କ ଗାଡ଼ିକୁ ମଧ୍ୟ। ଫିଚର ଲୋଡେଡ୍ ଦାମୀ ଗାଡ଼ିଟାକୁ କେହି ନ ଦେଖିଲେ ଗାଡ଼ି ଆଉ ମାଲିକ ଉଭୟଙ୍କ ମନ ଦୁଃଖ। ଘର ପାଖାପାଖି ଛୋଟିଆ ବଜାରଟିଏ, ଯେଉଁଠି ଠେଲା ଗାଡ଼ିଠୁଁ ଆରମ୍ଭ କରି ଛୋଟରୁ ବଡ଼ ଦୋକାନ ମାନ ଅଛି, ପରିବାରଟିଏ ଚଳିବା ପାଇଁ ସବୁକିଛି ଉପଲବ୍ଧ।

ଏତେ ସବୁ ମଧ୍ୟରେ ଦାସବାବୁଙ୍କର ଏକ ବଡ଼ ଦୁଃଖ ଯେ, ସେ ରହୁଥିବା ସୋସାଇଟିରେ କେହି ଦୁଃଖୀ ନାହାନ୍ତି। ସମସ୍ତଙ୍କର ଦାମୀ ଗାଡ଼ି କିମ୍ବା ଗୋଟିଏ ଦୁଇଟା ପ୍ଲଟ ନଥିଲେ ମଧ୍ୟ ପ୍ରାୟ ସମସ୍ତେ ନିଜ ଦୁନିଆର ଖୁସିରେ ଅଛନ୍ତି। ତାଙ୍କୁ ଏଇ କଥାଟା ଅନେକ ଦୁଃଖୀ କରାଉଥିଲା। ଏଇ ଯେମିତି ମାଗିଖିଆ ଲୋକଟିଏ ଅବା ଦାରିଦ୍ର୍ୟରେ ପୀଡ଼ିତ ଲୋକଟିଏ ଅବା ପରିସ୍ଥିତିରେ ପଡ଼ି ଅତ୍ୟନ୍ତ ଅସହାୟ ହୋଇପଡ଼ିଥିବା ମଣିଷଟିଏ... ଏମିତି କାହିଁକି କେହି ତାଙ୍କୁ ଦେଖା ଯାଉନାହାନ୍ତି ସେ ରହୁଥିବା ଜାଗାରେ!

ସେମିତି ଲୋକମାନଙ୍କୁ ଦେଖିଲେ ହୁଏତ ଟଙ୍କା ପଚାଶ କି ଶହେ ଦେଇ ନିଜର ବଡ଼ପଣ ଆଉ ଉଦାରତା ଦେଖେଇ ହୁଅନ୍ତେ ନିଜ ପରିବାର ଆଗରେ, ଆଉ ସୋସିଆଲ ମିଡିଆରେ ବି। ତାଙ୍କ ହୁକୁମ ମାନୁନଥିବା ସ୍ତ୍ରୀ ଆଗରେ ଦୁଃଖୀମାନଙ୍କୁ ଦେଖାଇ କୁହନ୍ତେ "ଏଇ ଲୋକମାନଙ୍କୁ ଦେଖି ଚିନ୍ତାକର... ତମେ କେତେ ଭାଗ୍ୟବାନ୍। ଦାମୀ ଗାଡ଼ିରେ ବୁଲୁଛ... ଦୁଇ ମହଲା ଘରେ ରହୁଛ... ନନା ଆସି ରୋଷେଇ କରିଦେଇ ଯାଉଛି। ଚବିଶ ଘଣ୍ଟା ପାଣି ଆଉ ବିଜୁଳି ତମ ପାଇଁ ଉପଲବ୍ଧ। କେଉଁଥିରେ ତୁମର ଅଭାବ ରଖିନାହିଁ ମୁଁ।''

ଦୁଃଖର ଅନୁସନ୍ଧାନରେ ବାହାରିବା ବେଳେ କାର୍ ଭିତରେ ଥାଇ ବାହାର ଦୁନିଆକୁ ଅନୁଧ୍ୟାନ କରି ସେ ସ୍ତ୍ରୀକୁ କୁହନ୍ତି ''ଏଇ ସହରରେ, ଲୋକଗୁଡ଼ାକ ଏତେ ସ୍ୱାଭିମାନୀ କେମିତି କେଜାଣି? ଆଖ ପାଖରେ ଭିକାରିଟିଏ ବି ଦିଶୁନି? ସମସ୍ତେ ଛୋଟ ବଡ଼ କାମରେ ବ୍ୟସ୍ତ। ଏଠି ବଡ଼ ସାନ ବୋଲି ଗୋଟେ କାହାର ଖାତିର ନାହିଁ।''

ଦାସବାବୁଙ୍କ ସ୍ତ୍ରୀ ଆଉ ପୁଅ ଏସବୁକୁ ଧ୍ୟାନ ଦିଅନ୍ତିନି। ଦିନକୁ ଦିନ ଦାସ ବାବୁଙ୍କ ଏଇ ଗୋଟିଏ ଦୁଃଖଟି ବଢ଼ିବଢ଼ି ଗଲା। ରାତିରେ ନିଦ ନ ହେବାରୁ ଦିନସାରା ଚିଡ଼ିଚିଡ଼ି ହେଉଥିଲେ। ଧୀରେ ଧୀରେ ବ୍ଲଡ୍‌ପ୍ରେସର ରୋଗରେ ପୀଡ଼ିତ ହେଲେ। ଦିନେ ତାଙ୍କୁ ଲାଗିଲା ଏଭଳି ଜାଗାରେ ଘରକରି ରହିବା ହିଁ ତାଙ୍କ ଦୁଃଖର କାରଣ। ଏ ଘରଟାକୁ ବିକ୍ରି କରିଦେଇ ଅନ୍ୟ ଜାଗାକୁ ଚାଲିଯିବେ, କିନ୍ତୁ ତାଙ୍କ ସ୍ତ୍ରୀ ରାଜି ହେଲେନି। ''ଏ ଘରର ପ୍ରତି କୋଣ ଅନୁକୋଣରେ ମୋର ସ୍ୱପ୍ନ ଆଉ ସ୍ମୃତି ବାନ୍ଧି ହୋଇଅଛି। ଏଘର ଛାଡ଼ି ମୁଁ ଯାଇପାରିବିନି।'' ଦାସବାବୁଙ୍କ ସ୍ତ୍ରୀ ମନା କରିଦେଲେ।''

ରାଗରେ ଦାସବାବୁ ଘରଛାଡ଼ି ଭଡ଼ାଘର ଖୋଜାଖୋଜି କରି ବସ୍ତି ପାଖାପାଖି ରହିଲେ। ତାଙ୍କ ଦାମୀ ଗାଡ଼ିଟି ସେ ଭଡ଼ାଘରକୁ ନେଇଗଲେ। ସୀମା ସେପାଖରୁ କିଛି ଅନୁପ୍ରବେଶକାରୀମାନେ ଆସି ଜାଗା ମାଡ଼ି ଧୀରେଧୀରେ ବସ୍ତି ବସେଇ ଦେଇଥା'ନ୍ତି। ସେକଥା ଦାସବାବୁଙ୍କୁ ଜଣା ନଥିଲା। ସେ ତାଙ୍କ କାରରେ ଯେତେବେଳେ ବାହାରନ୍ତି, ଲୋକେ ଘଡ଼ିଏ ଚାହାନ୍ତି। ପିଲାଗୁଡ଼ାକ ଗାଡ଼ି ପଛରେ ଦଉଡ଼ନ୍ତି। ଦାସବାବୁଙ୍କୁ ଖୁବ୍ ଖୁସି ଲାଗେ।

ପିଲାମାନଙ୍କୁ ଚକୋଲେଟ, ବିସ୍କୁଟ ଦିଅନ୍ତି।

ସେଦିନ ରାତିରେ ଦାସବାବୁ ଫୋନ୍ କରି ବସ୍ତିରେ ଥିବା ଦୁଃଖୀ ଲୋକଙ୍କ କଥା ସ୍ତ୍ରୀକୁ କହୁଥିଲେ। ସ୍ତ୍ରୀ କହିଲେ ''ତମେ ସେଇଠି ଖୁସିରେ ରୁହ। ମୁଁ ଅମ୍ବାନୀ କି ଅଦାନୀ ନୁହେଁ। ମୋର ବି ଅନେକ ଦୁଃଖ ଅଛି।''

ସକାଳୁ ଉଠି ଦାସବାବୁ ଦେଖିଲେ ଗାଡ଼ିର ପଛ ଚକ ଦୁଇଟା ନାହିଁ। ଦାସ ବାବୁଙ୍କ ମୁଣ୍ଡଟା ଖରାପ ହୋଇଗଲା। ପୋଲିସ୍‌ରେ କମ୍ପ୍ଲେନ ଦେଲେ। ସପ୍ତାହେ ବିତିଗଲା, କିନ୍ତୁ କିଛି ଚୋରର କିଛି ସନ୍ଧାନ ମିଳିଲା ନାହିଁ। ସେଦିନ ସକାଳୁ ସକାଳୁ ଉଠି ଦେଖିଲେ ଆଗଚକ ଦୁଇଟା ବି ନାହିଁ। ଆହୁରି ଦୁଃଖୀ ହୋଇଗଲେ। ଥାନାରେ ପହଞ୍ଚିଲେ। ଥାନାବାବୁ ତାଙ୍କୁ ଆଶ୍ୱାସନା ଦେଲେ ଯେ କିଛିଦିନ ଭିତରେ ଚୋର ଧରାପଡ଼ିଯିବ। ଦାସବାବୁ ଥାନାବାବୁଙ୍କ ଉପରେ ରାଗିଗଲେ।

''ଦେଖନ୍ତୁ...ଆମର ଆହୁରି କେତେ ଗୁରୁତ୍ୱପୂର୍ଣ୍ଣ କାମ ଅଛି। ଆମେ ଦିନରାତି ଗାଡ଼ିର ଚକ ଖୋଜିବାପାଇଁ ଏଠି ଖାଲିରେ ବସିନୁ। ତା'ଛଡ଼ା ନିଜଘର ଛାଡ଼ି ତମେ ଏ ଅନୁପ୍ରବେଶକାରୀଙ୍କ ବସ୍ତି ପାଖରେ ରହୁଛ? ଆପଣଙ୍କ ଅସୁବିଧା କ'ଣ ଅଛି କୁହନ୍ତୁ?''

ଦାସବାବୁଙ୍କ ଦୁଃଖ ଦୁଇଗୁଣା ହୋଇଗଲା।

ଫେରିଲା ବେଳକୁ ଦୂରରୁ ଦେଖିଲେ ତାଙ୍କଠୁଁ ଚକୋଲେଟ୍ ବିସ୍କୁଟ ନେଉଥିବା ପିଲାଟିଏ ତାଙ୍କ ଗାଡ଼ିର ଗୋଟିଏ ଚକସହ ଖେଳୁଛି। ଏ ଚକଟା ତୁ କେଉଁଠି ପାଇଲୁ ବୋଲି ପଚାରିବାରୁ ସେ କହିଲା, ''ସାର୍ ଏଇ ଚକଟାରେ ଛ' ମାସ ହେଲାଣି ମୁଁ ଖେଳୁଛି।''

ଦାସବାବୁ ତା'ର ମିଛ ଠିକ୍ ବୁଝିପାରିଲେ।

ତା' ପରଦିନ ଗୁଡ଼ାଏ ଟଙ୍କା ଦେଇ ଗାଡ଼ିର ଚାରୋଟି ଚକ କିଣି ଭଡ଼ାଘର ଛାଡ଼ି ନିଜ ଘରକୁ ଫେରିଆସିଲେ।

ଘରେ ପହଞ୍ଚି ଜାଣିଲେ ସ୍ତ୍ରୀକୁ ଜନ୍ମଦିନରେ ଉପହାର ଦେଇଥିବା ହୀରା ମୁଦିଟା ଚୋରି ହୋଇଯାଇଛି। ସ୍ତ୍ରୀ କହୁଥିଲେ, ''ରୋଷେଇ କରୁଥିବା ନନା ଦୁଇ ସପ୍ତାହ ତଳେ କହିଲେ ସେ ଗୋଟିଏ ମାସ ପାଇଁ ଗାଁକୁ ପଳେଇବେ, ସେଥିପାଇଁ ଜଣେ ସ୍ତ୍ରୀ ଲୋକକୁ ମୁଁ ରୋଷେଇ ପାଇଁ ରଖିଥିଲି। ଗତକାଲି ସକାଳ ସକାଳେ ମୋ ଆଙ୍ଗୁଠିଟା ଟିକେ କଟିଯିବାରୁ ମୁଁ ମୁଦିଟା ଡାଇନିଂ ଟେବୁଲ୍ ଉପରେ ରଖିଦେଇ ଭୁଲିଗଲି। ସନ୍ଧ୍ୟାରେ ଖୋଜିଲା ବେଳକୁ ଆଉ ମିଳୁନି। ସେ ସ୍ତ୍ରୀ ଲୋକଟା କାଲି ସନ୍ଧ୍ୟାରୁ ଆଜି ସନ୍ଧ୍ୟା ଯାଏଁ କାମକୁ ଆସିନି।''

ଦୁଃଖ ଖୋଜୁଥିବା ମଣିଷ ଦାସବାବୁ ଏବେ ଦୁଃଖ ଲାଘବର ଉପାୟ ଖୋଜୁଥିଲେ।

ମୋ: ୯୭ ୩୯୫୯୧୮୧୬

କବିତା

## ଅସରାଏ ଅପରାହ୍ଣ

ବଳରାମ ପୂଜାରୀ

ଏଠି! ଜୀବନ ସବୁ ଦୌଡ଼ୁଥିଲେ
ମୁଠାମୁଠା ପରମାୟୁ ସନ୍ଧାନରେ
ଅଧା ଜିଆଁ, ଦରମରା ଅଯୁତ ଆୟୁଷ୍ମାନ୍‌ମାନଙ୍କ
ଭିଡ଼ ଭିତରେ ଖୋଜୁଥିଲେ
ନିଜ ନିଜ ସୁରକ୍ଷିତ ସ୍ଥାନ
କାକୁସ୍ଥ କରୁଥିଲା ସମୟର ଡାକ
ତେବେ, ଛାଡ଼ିଯିବାକୁ ହେବ ଏ ପିଣ୍ଡ
ଏ ସମଗ୍ର ସମଗ୍ରତାର ଅକଥନୀୟ ଆୟୁଷକୁ
ଆଜି ଏଇ ମୁହୂର୍ତ୍ତରେ...

ନିଜେ ହଜି ହଜାଇବାକୁ ଚେଷ୍ଟା କରୁଥିଲେ
ଅସହ୍ୟ ଯନ୍ତ୍ରଣାମାନଙ୍କ ଯୁଆନ ଅତ୍ୟାଚାରକୁ
ଏ ମୁଗ୍ଧ ଅନ୍ଧକାରର ଉପପାଦ୍ୟକୁ
ଛକି ଶୂନ ଏଇ ଖେଳରେ ହାରିଯାଉଥିଲେ
ମୋ' ତମାମ ସମ୍ପର୍କର ସଶକ୍ତ ମନସ୍ତତ୍ତ୍ୱମାନେ....

ଜୀବନ ଖାଇ ଗୋଡ଼ାଉଥିଲା
ମୋ' ମୃତ୍ୟୁମୁହାଁ ସଂଜ୍ଞାମାନଙ୍କୁ
ଆଖି ଆରପାଖରେ ଆତ୍ମୀୟଙ୍କ ଗଣହତ୍ୟା
ମଶାଣିମୁହାଁ ସବୁ ନିର୍ଣ୍ଣୟମାନେ
ଏବେ ମୋ' ଘର ଆଗରେ
ପ୍ଲାକାର୍ଡରେ ଲେଖାଯାଇଛି
ମୋ' ବିରୋଧରେ ଅନେକ ଅଭିଯୋଗ
ସବୁ ଆଶୀର୍ବାଦ ଓ ଶୁଭେଚ୍ଛାମାନେ
ଏବେ ଅସହଯୋଗ ଆନ୍ଦୋଳନରେ...

କିଛି ତ କରିବାର ଅଛି
ଦାୟିତ୍ୱର ଦୟନୀୟ ଦର୍ଶନରେ
ସନ୍ତୁଳି ହେଉଥିଲେ
ମୋ' ପରିଧିର ତଥାସ୍ତୁମାନେ
ଦେହ ତ୍ୟାଗ କରୁଥିଲେ କିଛି ଆଶା, ଆକାଂକ୍ଷା
ଓ ଅନଭିଜ୍ଞ ଅନ୍ଧାରମାନେ
ବିଛାଡ଼ି ହେଉଥିଲା ସମସ୍ତ କଳଙ୍କିଲଗା ଅଭିଶାପର
ଚିତ୍ରଗୁପ୍ତ ପାଞ୍ଜିରୁ ପୃଷ୍ଠାଏ...

ଖାଁ ଖାଁ ଜୀବନମାନଙ୍କୁ
ବାଣ୍ଟୁଥିଲି ମନ୍ତୁରା ପାଣିର ମୁଠାଏ ଫୋଟକା
ବାପର କାନ୍ଧରେ ଉଠୁଥିଲା
ଭେଣ୍ଡାଭେଣ୍ଡା ଆଶା ଭରସାର କୋକେଇ
ଛାଇ ଭଳି କିଛି, ଅନ୍ଧାରୁଆରେ କେହି ଜଣେ!
ବାଟ କଢ଼ାଉଥିଲା ଆଗରେ ଆଗରେ
ଏବେ ଜାଣିଲି, ସେ ଆଉ କିଏ ନୁହେଁ
ମୋ' ନିର୍ବାଣମୁହାଁ ପରମାୟୁ ଫଳକର
ଅସରାଏ 'ଅସରାଏ ଅପରାହ୍ଣ'...

ମୋ: ୯୬୬୮୬୮୮୪୭୪

## ମୁଖା

ସନ୍ତୋଷ କୁମାର ମିଶ୍ର

ଆସ
ନିଜ ଇଚ୍ଛାରେ ମୁଁ ମାଖିଦିଏ
ମନଲାଖି ରଙ୍ଗ ତୁମ ଚେହେରାରେ
ତେବେ ନିଶ୍ଚୟ ଲୁଚିଯିବ ତୁମ 'ମୁଁ'
ସନ୍ଦେହୀ ସବୁ ଆଖି ସାମ୍ନାରୁ
କିଛି ସମୟ ପାଇଁ
ଅନେକ ପବିତ୍ର ପାପର ଚାନ୍ଦୁଆ ଭିତରେ।

କିଏ ଜାଣେ ?
ତା' ପରେ ତୁମେ କେମିତି ଯେ ଦିଶିବ,
ନର କି ବାନ୍ଦର ?
ଯାହା ବି ଦିଶ, ଯେମିତି ବି ଦିଶ, କିନ୍ତୁ
ତୁମ ବ୍ୟଭିଚାରକୁ କିଛି ସମୟ ଲୁଚେଇ ଦେବାକୁ
ସେତିକି ନିଶ୍ଚୟ ଯଥେଷ୍ଟ।

ତୁମେ ଜାଣିରଖ
ମୋ' ପାଖରେ ମୁଁ ରଖିଥିବା ରଙ୍ଗ
ଜମା ଏମିତି ସେମିତି ରଙ୍ଗ ନୁହେଁ ଯେ
ଏ ଓଳି ମାଖିଦେଲେ ଆର ଓଳିକୁ ଧୋଇଯିବ
ତୁମର ଘର୍ମାକ୍ତ ବିଦ୍ରୋହରେ,
ବରଂ, ଏ ରଙ୍ଗ ରହିଥିବ କାଳକାଳକୁ
କୃତ୍ରିମ ମୁଖାଟିଏ ପରି
ଚପେଇ ଛପେଇ ପାରୁଥିବ ତୁମ କଳା କର୍ମମାନ
ଦୁନିଆଦାରିର ଆଢୁଆଳରେ।

ଅବଶ୍ୟ ବ୍ୟବହାର କଲେ ତୁମେ ବିଶ୍ୱାସ କରିବ
ଏ ରଙ୍ଗର କିଛି ଖାସ୍ ଧର୍ମକୁ
ମାଖିଲାବାଲା ବି ଖୁସି, ମଖେଇଲାବାଲା ବି ଖୁସି
ଶୁଖିଲା ମରୁଭୂମିରେ
ଜୁଳୁଜୁଳୁ ଚାହିଁ ଜଳର ସନ୍ଧାନ କରୁଥିବା ଓଟର
ତୃଷ୍ଣା ଭରା ଆଖି ପରି
କୋରଡ଼ିଆ ଆଖିମାନଙ୍କରେ ସ୍ୱପ୍ନ ଖୁନ୍ଦି ଦେବା ପାଇଁ
ଏତିକି କଅଣ ଯଥେଷ୍ଟ ନୁହେଁ।

ତେବେ ଆସ ଡେରି କାହିଁକି,
ନିଜ ଇଚ୍ଛାରେ ମୁଁ ମାଖିଦିଏ
ମନଲାଖି ରଙ୍ଗ ତୁମ ଚେହେରାରେ।

ଓଗାଳପଡ଼ା, ଜାଆଁଳା, ଖୋର୍ଦ୍ଧା

ଗୀତି-କବିତା

## ନୂଆବର୍ଷ

ଧନଞ୍ଜୟ ସ୍ୱାଇଁ

କେଉଁ ନବାଗତ ଅତିଥି ପରି ଏ
ନୂଆବର୍ଷ ଆସିଲାଣି
ଫୁକିଆ ତାରାର ଫିକା ହସ ପରି
ସାତ ଦୀପ ଜଳିଲାଣି ।।୦।।

ପଉଷର କେଉଁ ପୋରୁହାଁ ତିଥି ସେ
ମାଈ କାକରରେ ମୁହଁ ଧୋଇ ଆସେ
ତା' ଲାଗି କନକ କେଣ୍ଡାରେ କେଣ୍ଡାରେ
ନୂଆ ଧାନ ହସିଲାଣି
ନୂଆବର୍ଷ ଆସିଲାଣି... ।।୧।।

ଗେରୁଆ ଗେଣ୍ଡୁର ମାଳା ହାତେ ଧରି
କୁହୁଡ଼ି-କାନ୍ଥରେ ଝୋଟିଚିତା ପାରି
ତା'ଲାଗି ତୋରଣ ତଳେ କିଏ
ଆଠ କଳସ ବସେଇଲାଣି ?
ନୂଆବର୍ଷ ଆସିଲାଣି... ।।୨।।

ଅରୁଣ ଉଷାର ପରାଚୀ ତୁଠରେ
ମଙ୍ଗଳ-ମହୁରି ବିହଗ କଣ୍ଠରେ
ତା' ଲାଗି ପଉଷ ପ୍ରଭାତୀ ପ୍ରଣାମ
ମଥାନୂଆଁ ବାଢ଼ିଲାଣି
ନୂଆବର୍ଷ ଆସିଲାଣି... ।।୩।।

ମୋ: ୯୪୩୭୦୦୦୬୩୬

ପୁସ୍ତକ ପରିଚୟ

ସୀତାକାନ୍ତ ମହାପାତ୍ରଙ୍କ ଶ୍ରେଷ୍ଠ ଗଦ୍ୟକୃତି

## ଅକ୍ଷରରେ ପୁନର୍ଜନ୍ମ




**ସଂପାଦନା:** ପ୍ରମୋଦ ସର
**ପ୍ରକାଶକ :** ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
**ପ୍ରଥମ ପ୍ରକାଶ :** ୨୦୧୯, **ମୂଲ୍ୟ :** ଟ. ୩୫୫/-

ଆଲୋଚ୍ୟ ଗ୍ରନ୍ଥରେ ପରିଶିଷ୍ଟକୁ ବାଦ୍ ଦେଇ ରହିଛି ୭ଟି ବିଭାଗ। ବିଭାଗଗୁଡ଼ିକର ଶୀର୍ଷକ ରହିଛି– ୧. କବିତାର ଇଲାକା (୮ଟି ପ୍ରବନ୍ଧ), ୨. ସାହିତ୍ୟ: ସ୍ୱପ୍ନ ଓ ସାହସ (୬ଟି ପ୍ରବନ୍ଧ), ୩. ବିଶ୍ୱ-ସାହିତ୍ୟ ଚର୍ଚ୍ଚା (୪ଟି ପ୍ରବନ୍ଧ), ୪. ଓଡ଼ିଆ ସାହିତ୍ୟ ଚିନ୍ତା (୪ଟି ପ୍ରବନ୍ଧ), ୫. କଳା, ସଂସ୍କୃତି ଓ ସମାଜ (୫ଟି ପ୍ରବନ୍ଧ), ୬. ଆଦିବାସୀ ସାହିତ୍ୟ ଓ ସଂସ୍କୃତି (୪ଟି ପ୍ରବନ୍ଧ) ଓ ୭. ଭ୍ରମଣ-ଅନୁଭୂତି (୫ଟି ପ୍ରବନ୍ଧ)। ପରିଶିଷ୍ଟରେ ରହିଛି- ମୁଁ କାହିଁକି ଲେଖେ, ଭାଷଣ (କାଳିସୀ ଓ ପଡ଼ୋଶୀ, ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା, ସାହିତ୍ୟର ଅଭିଯାତ୍ରା: ନିର୍ଭୀକ ଅନୁସନ୍ଧିତ୍ସା)। ଦୁଇଟି ଚିଠି (ସଂସାର ଦୁର୍ଜ୍ଜୟ ଦୁଃଖ ଓ ଭିତରର କାବ୍ୟ ପୁରୁଷକୁ)। ସମ୍ପାଦକ ଗ୍ରନ୍ଥାରମ୍ଭରେ 'ଅକ୍ଷରରେ ପୁନର୍ଜନ୍ମ' ଶୀର୍ଷକ ଗଦ୍ୟଲେଖରେ ଲେଖିଛନ୍ତି: ''ଶବ୍ଦଙ୍କୁ ନେଇ ସେ (କବି) ଭାଗ୍ୟ ସହ ଲଢ଼ିଛନ୍ତି, ଶବ୍ଦ ଭିତରେ ଆନନ୍ଦ ଓ କଲ୍ୟାଣର ସ୍ୱପ୍ନ ଦେଖିଛନ୍ତି, ସୃଜନର ଫୁଲ ଫୁଟାଇଛନ୍ତି। ଶବ୍ଦରୁ ସମ୍ପର୍କ, ସମ୍ପର୍କରୁ ସ୍ମୃତି, ସ୍ମୃତିରୁ ସ୍ୱପ୍ନ, ସ୍ୱପ୍ନରୁ ସାହସ ଓ ସାହସରୁ ସୃଜନ।'' ଗଦ୍ୟ ରଚନା କ୍ଷେତ୍ରରେ ସୀତାକାନ୍ତଙ୍କ ପାରଦର୍ଶିତାର ପ୍ରମାଣ ହେଉଛି ଏ ବହି। 'ସାହିତ୍ୟର ଅଭିଯାତ୍ରା: ନିର୍ଭୀକ ଅନୁସନ୍ଧିତ୍ସା' ଶୀର୍ଷକ ଭାଷଣରେ ସୀତାକାନ୍ତ କହନ୍ତି: ''ମୋର ମନେହୁଏ, ଯେ କୌଣସି ସୃଜନଶୀଳ କଳାକାର ସୃଜନଶୀଳ ହୋଇ ରହେ, ଯେ ପର୍ଯ୍ୟନ୍ତ ପିଲାଟିଏ ତା' ଭିତରେ ଜିଇ ରହିଛି। ଯେଉଁଦିନ ତା'ର ସେହି ପିଲାଦିନ ମରିଯାଏ, ସୃଜନଶୀଳ କଳା ତା'ଠୁ ଅପହୃତ ହୋଇଯାଏ।'' ବହିଟିର ଜନାଦୃତି ନିଃସନ୍ଦେହ।

## ସବୁଠି କବିତା




**କବି :** ପ୍ରଭାକର ଶତପଥୀ
**ପ୍ରକାଶକ :** ପେନ୍ ଇନ୍ ବୁକ୍ସ
**ପ୍ରଥମ ପ୍ରକାଶ :** ୨୦୨୧, **ମୂଲ୍ୟ:** ଟ.୧୯୯/-

ମୋଟ ୯୩ଟି କ୍ଷୁଦ୍ର କବିତା ଏଥିରେ ସ୍ଥାନିତ। କବିତାଗୁଡ଼ିକ ଆକାରରେ କ୍ଷୁଦ୍ର, କିନ୍ତୁ ଶକ୍ତିଶାଳୀ ଭାବାବେଗରେ ପରିପୂର୍ଣ୍ଣ। 'ଆଃ, କବିତା: ସବୁଠି କବିତା' ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି: ''ସବୁ ବୁଝି ହେଉଥିବା କବିତା ଭଲ କବିତା ହୁଏ ନାହିଁ। ଶବ୍ଦର ଅର୍ଥ କବିତାର ଅର୍ଥ ହୁଏ ନାହିଁ। ସେଇଠି କବିତା ଶବ୍ଦଠୁଁ, ଅର୍ଥଠୁଁ ଊର୍ଦ୍ଧ୍ୱକୁ ଉଠିଯାଏ। ସେଇ ଊର୍ଦ୍ଧ୍ୱରେତା କବିତା ପରିବେଶକୁ କେବଳ ନୁହେଁ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ କାହିଁ କେଉଁ ଉଚ୍ଚତାକୁ ନେଇଯାଏ।'' (ପୃ: ୦୯)। ପ୍ରତିଟି କବିତାର ପ୍ରାୟ ଧାଡ଼ି ନାନା ଅର୍ଥର ଭରନ୍ତ ବିଭବରେ ଟିଣ୍ଟିଣ୍ ହେଇ ରହିଛି। 'ବେଶ୍ୟା'କୁ ସଂଜ୍ଞାୟିତ କରୁଛନ୍ତି କବି: 'ନା ଅତୀତ ନା ଭବିଷ୍ୟତ/କିଛି ନ ଥିବା ବର୍ତ୍ତମାନଟିଏ।' ('ବେଶ୍ୟା': ପୃ: ୯୫)। ନର୍ତ୍ତକୀକୁ ପଚାରୁଛନ୍ତି କ୍ୱଚିତ୍ ଉତ୍ତର ଥିବା ପ୍ରଶ୍ନ: 'ତୁମ ଘୁଙ୍ଗୁରର ଆଦ୍ୟ ମୂର୍ଚ୍ଛନାରେ/ଲୁଚାଇ ପାରିବ ମଣିଷର ଆର୍ତ୍ତନାଦ?' ('ନର୍ତ୍ତକୀକୁ', ପୃ : ୧୦୭)। 'ପ୍ରତ୍ୟୟ' ବଡ଼ କଥା କବିତାରେ। ପ୍ରଭାକର କହନ୍ତି ତାଙ୍କର 'ସୂର୍ଯ୍ୟାସ୍ତ' କବିତାରେ: ''ପ୍ରତ୍ୟେକଟି ସୂର୍ଯ୍ୟାସ୍ତ ପରେ/ ମୋ' ପତ୍ର କୁଡ଼ିଆରେ/ ଜାଳିଦିଏ ଲଣ୍ଠନ, ମୋର ମନେହୁଏ/ ମୋ' କୁନିହାତରେ/ ମୁଁ ଜାଳିଦିଏ/ ଆଉ ଏକ ସୂର୍ଯ୍ୟ।'' (ପୃ: ୪୨)। 'ମଣିଷକୁ ମଣିଷ ହେଇ ରହିବାର ମନ୍ତ୍ର' ବୋଲି କବିତାକୁ ବିଚାର କରୁଥିବା ଏହି ବହିଟି ଓଡ଼ିଆ କବିତାଭଣ୍ଡାରକୁ ଶ୍ରୀସମ୍ପନ୍ନ କରିବ ବୋଲି ଆଶା କରାଯାଏ।

କାଳକାଳକୁ

''ଜୀବନ ବଞ୍ଚିବା ଖେଳଘର ନୁହେଁ।
ଆଗ ପଛକୁ ଚାହିଁ ବଞ୍ଚ,
ଯେମିତି ବଞ୍ଚେ ଗୁଣ୍ଡୁଚିମୂଷା।
ବଞ୍ଚିବା ଏକ ପୂର୍ଣ୍ଣ ପେସା।''

– ନାଜିମ୍ ହିକ୍‌ମତ୍



**ନାଜିମ୍ ହିକ୍‌ମତ୍‌**ଙ୍କ ଜନ୍ମ ୧୫ ଜାନୁୟାରୀ ୧୯୦୨ରେ, ଗ୍ରୀସ୍‌ର ଥେସାଲୋନିକିରେ ଓ ପରଲୋକ ୩ ଜୁନ୍ ୧୯୬୩ରେ, ରୁଷ୍‌ର ମସ୍କୋରେ। ସେ ଏକାଧାରରେ ଥିଲେ କବି, ନାଟ୍ୟକାର, ଔପନ୍ୟାସିକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ। ତାଙ୍କ କବିତା ୫୦ଟିରୁ ଊର୍ଦ୍ଧ୍ୱ ଭାଷାରେ ଅନୂଦିତ। ନିଜର ରାଜନୈତିକ ମତବାଦ ପାଇଁ ସେ ବାରବାର ରାଜ ଆକ୍ରୋଶର ଶିକାର ହୋଇ ଗିରଫ ହୋଇଥିଲେ ଓ ତାଙ୍କ ଜୀବନର ଦୀର୍ଘକାଳ ଜେଲ୍ ଭିତରେ କଟିଥିଲା। ବକ୍ତବ୍ୟ ପ୍ରକାଶରେ ଗୀତିମୟତା ପାଇଁ 'ରୋମାଣ୍ଟିକ୍ କମ୍ୟୁନିଷ୍ଟ' ଭାବେ ସେ ପାଠକ ମହଲରେ ପରିଚିତ ଥିଲେ।

# କାଲି ଥିଲି କଳ୍ପନାବିଳାସୀ, ଆଜି ବାସ୍ତବବାଦୀ

ସୃଜନ-ସ୍ମୃତି



ବୈକୁଣ୍ଠନାଥ ସାହୁ

କବି ବୈକୁଣ୍ଠନାଥ ସାହୁଙ୍କ ଜନ୍ମ ଅବିଭକ୍ତ କଟକ ଜିଲ୍ଲାର ଆଳି ବ୍ଲକ୍ ଅନ୍ତର୍ଗତ ମାନପୁର ଗାଁରେ, ୧୯୪୮ରେ। ଏକାଧାରରେ ସେ କବିତା, ଗଳ୍ପ ଓ ନାଟକ ରଚନାକରି ଓଡ଼ିଆ ପାଠକଙ୍କ ମଧ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରକାଶିତ କବିତାଗ୍ରନ୍ଥ 'ସତ୍ୟପାଠ', 'ସମୟର ଛବିଦେଖା', 'ପାଣିରେ ଘର ଓ ଗାଁ', 'କୁତବମୀନାର କାନ୍ଦିପାରେନା', 'ବାଟବଣା ନଦୀ', 'ମୁଁ ଖଣ୍ଡେ ଭାସମାନ ମେଘ', 'ହୃଦୟକୁଞ୍ଜ' ଓ 'ତାରିଖ ବଦଳିଯାଏ'।

କଜଳଲୋଚନା ନଈ, ପତ୍ରଗହଳରେ ମୁହଁ ଲୁଚୋଉଥିବା ଗାଁ, ସୀମାହୀନ ଜଳସ୍ରୋତ, ନୌକାର ନକ୍ସା, ସାଧାରଣ ମଣିଷର ସଜଳ ମୁହଁ ମୋତେ ମନ୍ତ୍ରମୁଗ୍ଧ କରେ। ପିଲାଦିନର ସରଳ ନିରାଡ଼ମ୍ବର ଜୀବନ ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପଡ଼ୋଶୀଙ୍କର ସ୍ନେହଶ୍ରଦ୍ଧା ଉତ୍ସାହବାଣୀ ମୋତେ ସେଇଠିକି ନେଇଯାଏ, ଯେଉଁଠି ଗୋଟିଏ ସ୍ୱପ୍ନ, ସୁଷମାଭରା ଏକ ପୃଥିବୀ ମୋତେ ଅପେକ୍ଷା କରିଥାଏ ଅନେକ ଦିନରୁ! ମୁଁ ଯେପରି ଏକ ଅନାବିଳ କଳ୍ପନାମୟ ଭୂସ୍ୱର୍ଗରେ ମୋର କୈଶୋର ବାଲ୍ୟ ଜୀବନ ଅତିବାହିତ କରେ। ତା'ରି ଭିତରେ ଅନେକ ସାଧାରଣ ଚିତ୍ର, ଚରିତ୍ର ଓ ସାଧାରଣ ମଣିଷର ଅସାଧାରଣ ବ୍ୟକ୍ତିତ୍ୱକୁ ଚିହ୍ନିବାକୁ ଆରମ୍ଭ କରେ।

ଉଚ୍ଚଶିକ୍ଷା ପାଇଁ କଟକ ଆସିଲି। କଟକରେ ରେଭେନ୍ସା କଲେଜ ମୋର କଳ୍ପନାର ପୃଥିବୀକୁ ବହୁଗୁଣରେ ବିସ୍ତାରିତ କରିଦେଲା। ଜୀବନର କଳ୍ପନା, ସ୍ୱପ୍ନ, ଆବିଷ୍କାର, ଉଦ୍ଭାବନ ପ୍ରଭୃତି ଅବଲୋକନ କରି ଏକ ବିରାଟ ଲେଖକୀୟ ଜୀବନ ମୋ ଆଗରେ ଉନ୍ମୋଚିତ ହେଇଗଲା।

ତା'ପରେ ମୁଁ ଯୋଗଦିଏ ଓଡ଼ିଶା ପ୍ରଶାସନିକ ସେବାରେ; ସ୍ୱଚ୍ଛନ୍ଦରେ ମିଳିଗଲା ଗୋଟିଏ ପ୍ରଦେଶର ଏକାଧିକ ଜିଲ୍ଲା, ସହର, ନଗର, ଗାଁ, ବ୍ଲକ୍, ତହସିଲ୍, ସବ୍‌ଡିଭିଜନ ଇତ୍ୟାଦି ଭ୍ରମଣ କରିବାର ଅପର୍ଯ୍ୟାପ୍ତ ସୁଯୋଗ। ଏଇ ଅବସରରେ ଓଡ଼ିଶାର ନରନାରୀ, ସାଧାରଣ ମଣିଷ, ଆଦିବାସୀ ଚଳଣି, ଆଭିଜାତ୍ୟପୂର୍ଣ୍ଣ ଜୀବନ, ଅର୍ଥନୈତିକ ଅନଗ୍ରସର ସମାଜର ନିଛକ ଚିତ୍ର ମୋ ଭିତରେ ଏକ ଲେଖକୀୟ ସତତାର ଶିଳାନ୍ୟାସ କଲା। ରେଭେନ୍ସା କଲେଜରେ ପଢ଼ିଲାବେଳେ ପ୍ରାୟ ଶହେ ଗଳ୍ପ ଲେଖିଥିଲି; ଓ. ଏ. ଏସ୍. ରେ ଯୋଗଦେଇ ପ୍ରାୟ ତିରିଶଟି ନାଟକ ଲେଖିଲି ଏବଂ ସେଗୁଡ଼ିକ ବିଭିନ୍ନ ସ୍ଥାନରେ ମଂଚସ୍ଥ ହେବା ସଂଗେ ସଂଗେ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରସାରିତ ହେଲା।




୧୯୮୦ ମସିହାରୁ କବିତା କ୍ଷେତ୍ରକୁ ଆସିଲି। ମୋର ପ୍ରଥମ କବିତା 'କନ୍ୟାଦାନ', ତା'ପରେ ଲେଖିଲି ରାଜପୁତ୍ର: ଲୁହ, ଲେଖିଲି ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ମୀନାର ଆଖିରେ ଲୁହ, ପାଣିରେ ଘର ଓ ଗାଁ, ବାଟବଣା ନଦୀ, ହେ ରାମ, ଇତିହାସର ପ୍ରଥମ ପୃଷ୍ଠା, ହେ ଗାନ୍ଧୀ ବିଦାୟ ଆଦି।

ଓଡ଼ିଶାକୁ ଦେଖିଲି ପାଖରୁ, ଭେଟିଲି ତା'ର ସାଧାରଣ ମଣିଷକୁ, ଛୁଇଁଲି ତା'ର ପ୍ରାଚୁର୍ଯ୍ୟ ଓ ଦାରିଦ୍ର୍ୟକୁ। ବେଳେବେଳେ ମୁଁ ମୁଗ୍ଧ ହେଇଗଲି ତା'ର ଶୁଭ୍ର, ସୁନ୍ଦର, ସମୃଦ୍ଧ, ପ୍ରାଚୁର୍ଯ୍ୟଭରା ଜୀବନରେ ତ ତା'ର ନଗ୍ନ ଦରିଦ୍ର ଅଶ୍ରୁଭରା ରୂପଦେଖି ଅନେକ ସମୟରେ ମର୍ମାହତ ହେଲି। ପ୍ରିୟ ଓଡ଼ିଶାକୁ ନେଇ ଲେଖିଲି ଅନେକ ଦରଦଭରା କବିତା: ସେଥିରେ କଳ୍ପନା ବିଳାସର ଲେଶମାତ୍ର ଛଟା ନଥାଏ, ଥାଏ ବାସ୍ତବତାଭରା ସମବେଦନାରେ ଜଡ଼ିତ ମୋ' କବି ଜୀବନର ଅନାବିଳ ସ୍ୱର ଓ ସ୍ୱାକ୍ଷର।

ମୋ: ୯୪୩୭୧୪୮୮୫୫

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୦,୨୧,୨୦,୪୮୬ | ୫୪,୯୩,୭୮୫ | ୨୫,୮୦,୦୯,୧୯୬ |
| ଭାରତ | ୩,୫୨,୨୬,୩୮୬ | ୪,୮୩,୧୭୮ | ୩,୪୩,୭୧,୮୪୫ |
| ଓଡ଼ିଶା | ୧୦,୬୨,୪୭୬ | ୮୪୬୮(+୫୩) | ୧୦,୪୫,୯୭୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଗଡ଼ିଲା ବାଲେଶ୍ୱର-ଭୁବନେଶ୍ୱର ମେମୁ ଟ୍ରେନ୍

## ନୀଳଗିରି, ବସ୍ତା, ଜଳେଶ୍ୱର ରେଳଷ୍ଟେଶନ ଆଧୁନିକୀକରଣ ଶିଳାନ୍ୟାସ




ଭୁବନେଶ୍ୱରରେ ମେମୁ ଟ୍ରେନ୍

**ବାଲେଶ୍ୱର ଅଫିସ/ସଜନାଗଡ/ବସ୍ତା/ଜଳେଶ୍ୱର, ୭।୧(ଡି.ଏନ.ଏ.)**

ବାଲେଶ୍ୱରୁ ଭୁବନେଶ୍ୱରକୁ ଗଡିଛି ମେମୁ ଟ୍ରେନ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବାଲେଶ୍ୱର ଜିଲା ଗସ୍ତରେ ଆସି ସ୍ଥାନୀୟ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପତାକା ଦେଖାଇ ଟ୍ରେନ ଚଳାଚଳର ଶୁଭାରମ୍ଭ କରିଛନ୍ତି। ଏହାସହ ସେ ନୀଳଗିରି ରେଳଷ୍ଟେଶନର ଆଧୁନିକୀକରଣ ଶିଳାନ୍ୟାସ, ବସ୍ତା ରେଳଷ୍ଟେଶନର ଆଧୁନିକୀକରଣ ସହ ନୂତନ ଷ୍ଟେଶନ ଗୃହ ଓ ଜଳେଶ୍ୱରଠାରେ ନୂଆ ଷ୍ଟେଶନ ଗୃହର ଶିଳାନ୍ୟାସ କରିଛନ୍ତି।

ରେଳବାଇ ପକ୍ଷରୁ ବାଲେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀଙ୍କ ସହ କେନ୍ଦ୍ର ଆଦିବାସୀ ଉନ୍ନୟନ ଓ ଜଳଶକ୍ତି ବିଭାଗ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସ୍ୱରୂପ କୁମାର ଦାସ, ମୟୂରଭଞ୍ଜ ଜିଲା ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇଥିଲେ। ବାଲେଶ୍ୱରରେ ରେଳବାଇ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଟୁଡୁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସମସ୍ୟା ସମ୍ପର୍କରେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି କହିଥିଲେ।

ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ମେମୁ ଟ୍ରେନ ଚଳାଚଳ ଓ ନୀଳଗିରିରେ ନୂତନ ରେଳ ଷ୍ଟେଶନ ନିର୍ମାଣ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଏହା ସମ୍ଭବ ହୋଇପାରିଛି ସେ କହିଥିଲେ। ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲାର ଥିବା ବିବିଧ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନରେ ରେଳମନ୍ତ୍ରୀ ନୀଳଗିରିର ଗୋପୀନାଥପୁର ରେଲୱେ ଷ୍ଟେଶନରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଭାଜପାର ଏକ ପ୍ରତିନିଧି ଦଳ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ନୀଳଗିରି ମାଟି ଏକ ଗଡ଼ଜାତ ମାଟି, ଏଠାରୁହିଁ ଫକୀରମୋହନ ସେନାପତିଙ୍କ କାଳଜୟୀ ଗଳ୍ପ ଛ'ମାଣ ଆଠଗୁଣ୍ଠ ଅୟମାରମ୍ଭ ହୋଇଥିଲା ବୋଲି କହିଥିଲେ। ସେହିପରି ରେଳଲାଇନ୍ ତଳେ ବିଛାଇବା ପାଇଁ ପୂର୍ବରୁ ନୀଳଗିରିରେ ଥିବା ସ୍ଲିପର କାରଖାନାର ପୁନରୁଦ୍ଧାର ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା ଜାରି ରହିଥିବାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

ନୀଳଗିରି ପରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବସ୍ତା ଷ୍ଟେଶନର ଆନୁଷଙ୍ଗିକ ବିକାଶ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ଏଠାକାର ନୂତନ ଷ୍ଟେଶନ ଭବନ ମଧ୍ୟରେ ସମସ୍ତ ଅତ୍ୟାଧୁନିକ ସେବା ମିଳିପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଦକ୍ଷିଣ ପୂର୍ବ ରେଳ ପଥ ଜେନେରାଲ ମ୍ୟାନେଜର ଅର୍ଚ୍ଚନା ଜୋଷୀ, ଡିଭିଜନାଲ ମ୍ୟାନେଜର ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଳେଶ୍ୱରଠାରେ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ଯୋଗ ଦେଇ ନୂତନ ରେଳ ଷ୍ଟେଶନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାସହିତ ଆଗକୁ ପାର୍ସଲ କାର୍ଯ୍ୟାଳୟ, ଶୌଚାଳୟ, ବରିଷ୍ଠ ଓ ଦିବ୍ୟାଙ୍ଗଙ୍କ ଲାଗି ଲିଫ୍ଟ, ପାଦଚଲା ସେତୁ ସମ୍ପ୍ରସାରଣ, ପ୍ଲାଟଫର୍ମ ଉଚ୍ଚତା ବଢାଇବା, ପ୍ଲାଟଫର୍ମ ଛାଉଣୀ, ସିସିଟିଭି କ୍ୟାମେରା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ ରେଳ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜଳେଶ୍ୱରର କେତେକ ସଙ୍ଗଠନ ପକ୍ଷରୁ ରେଳବାଇ ବିକାଶ ଲାଗି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ମନେ ପକାଇଲେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'**

## ସଂକ୍ଷେପରେ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କରୋନା



**ଭୁବନେଶ୍ୱର, ୭।୧(ବ୍ୟୁରୋ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ଲକ୍ଷଣ ବିହୀନ ଥିଲେ। ତେବେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ହୋମ୍ ଆଇସୋଲେଶନରେ ରହିଛନ୍ତି। ଏ ନେଇ ମନ୍ତ୍ରୀ ନିଜେ ଶୁକ୍ରବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଗୁରୁବାର ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ବାହାରିଥିବା ସେ ଜଣାଇଛନ୍ତି। ଏଥିସହିତ ଗତ ୩ ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କରୋନା ଟେଷ୍ଟ କରାଇ ନେବାକୁ ମନ୍ତ୍ରୀ ଦାସ ପରାମର୍ଶ ଦେଇଛନ୍ତି।

### ସସ୍ମିତ ପାତ୍ରଙ୍କୁ କରୋନା



**ଭୁବନେଶ୍ୱର, ୭।୧(ବ୍ୟୁରୋ):** ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କରୋନା ପଜେଟିଭ ଚିହ୍ନଟ ହୋଇଥିବା ନେଇ ସୂଚନା ଦେଇଛନ୍ତି। ସସ୍ମିତ ଟୁଇଟ୍ କରି କହିଛନ୍ତି, ସେ କୋଭିଡ-୧୯ ପରୀକ୍ଷା କରିବା ପରେ ସଂକ୍ରମିତ ଥିବା ଜାଣିବାକୁ ପାଇଛନ୍ତି। ଗତ କିଛିଦିନ ମଧ୍ୟରେ ଯେଉଁମାନେ ତାଙ୍କ ସହ ସିଧାସଳଖ ଯୋଗାଯୋଗରେ ଆସିଛନ୍ତି ସେମାନେ ନିଜର କୋଭିଡ ପରୀକ୍ଷଣ କରିବାକୁ ସସ୍ମିତ ପରାମର୍ଶ ଦେଇଛନ୍ତି।

### ୧୦ ସୁଦ୍ଧା ଜବାବ ତଲବ କରିବାକୁ ନିର୍ଦ୍ଦେଶ

**ପଞ୍ଚାୟତ ସଂରକ୍ଷଣ ମାମଲା**

**କଟକ ଅଫିସ,୭।୧:** ପଞ୍ଚାୟତ ସଂରକ୍ଷଣ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ସୋନପୁର ଓ ଖୋର୍ଦ୍ଧା ଜିଲାପାଳ, ରାଜ୍ୟ ନିର୍ବାଚନ କମିଶନ ଏବଂ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବଙ୍କୁ ଜବାବ ତଲବ କରିଛନ୍ତି। ଆସନ୍ତା ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହି ତାରିଖ ସୁଦ୍ଧା ସେମାନେ ନିଜର ଉତ୍ତର ସତ୍ୟପାଠ ଆକାରରେ ହାଇକୋର୍ଟରେ ଦାଖଲ କରିବେ। ମାମଲାର ବିବରଣୀରୁ ପ୍ରକାଶ, ସୋନପୁର ଜିଲାରେ ମୋଟ୍ ୧୦୯ ଓ ଖୋର୍ଦ୍ଧା ଜିଲାରେ ୧୯୦ଟି ପଞ୍ଚାୟତ ରହିଛି। କିନ୍ତୁ ସରକାରଙ୍କ ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲେ ମଧ ଉକ୍ତ ଜିଲା ସମେତ ରାଜ୍ୟର ୨୩ ଜିଲାରେ ଆଦିବାସୀଙ୍କ ନିମନ୍ତେ ସରପଞ୍ଚ ପଦବୀ ପାଇଁ କୌଣସି ସଂରକ୍ଷିତ ସ୍ଥାନ ନାହିଁ। ଫଳରେ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବାରୁ ଉକ୍ତ ସଂରକ୍ଷଣ ତାଲିକାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ସୋନପୁର ଜିଲାର ବଳଭଦ୍ର କଅଁର, ଖୋର୍ଦ୍ଧା ଜିଲାର ଟୁକୁ ମାଝି ଓ ଅନ୍ୟ ୫ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ ଦଳେଇ, ନିରଞ୍ଜନ ହୋତା ଓ ଶାନ୍ତନୁ ଷଡଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

### ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ବ୍ରଜକିଶୋର ସାହୁଙ୍କ ପରଲୋକ

**ଭୁବନେଶ୍ୱର, ୭।୧(ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ବ୍ରଜ କିଶୋର ସାହୁଙ୍କର ବୁଧବାର ଭୁବନେଶ୍ୱରସ୍ଥିତ ଆମ୍ରୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ୧୯୭୧ ମସିହାରେ ସେ ଭାରତୀୟ ରାଜସ୍ୱ ସେବା ପାଇବା ପରେ ଆୟକର ବିଭାଗର ବିଭିନ୍ନ ପଦପଦବୀରେ କୋଲକାତା, ଭୁବନେଶ୍ୱର, ହାଇଦ୍ରାବାଦ, ବମ୍ବେ, କୋଚି ଆଦି ସ୍ଥାନରେ କାର୍ଯ୍ୟ କରି ଜଣେ ଦକ୍ଷ ଅଧିକାରୀ ଭାବରେ ସୁନାମ ଅର୍ଜନ କରିଥିଲେ। ଖୋର୍ଦ୍ଧା ଜିଲା ବାଣପୁର ନିକଟ କହ୍ନେଇପୁରରେ ଜନ୍ମଗ୍ରହଣ କରିଥିବା ବ୍ରଜକିଶୋର ଜଣେ ମେଧାବୀ ଛାତ୍ର ଥିଲେ। ୧୯୬୫ରେ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେ ଜଣେ ଅମାୟିକ ତଥା ବଳିଷ୍ଠ ବ୍ୟକ୍ତିତ୍ୱର ସମନ୍ୱୟ ଥିଲେ। ତାଙ୍କ ବିୟୋଗରେ ଆୟକର ବିଭାଗ ତଥା ଜନ୍ମସ୍ଥାନ କହ୍ନେଇପୁରରେ ଶୋକର ଛାୟା ଖେଳିଯାଇଛି।

# ସରିଲା ଦଶମ ସମେଟିଭ ଥିଓରି

- କପିକରି ଧରାପଡ଼ିଲେ ୧୩
- ଆଜି ପ୍ରାକ୍ଟିକାଲ, ମଧମା ପରୀକ୍ଷା

**କଟକ ଅଫିସ, ୭।୧:** ଦଶମ ସମେଟିଭ ଥିଓରି ପରୀକ୍ଷା ଶୁକ୍ରବାର ଶେଷ ହୋଇଛି। ରାଜ୍ୟର ୩୦୯୩ କେନ୍ଦ୍ରରେ ୩ ଦିନ ଧରି ଏହି ପରୀକ୍ଷା ହୋଇଥିଲା। ମୋଟ୍ ୫ ଲକ୍ଷ ୭୬ ହଜାର ୨୨୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ଶନିବାର ପ୍ରାକ୍ଟିକାଲ ଏବଂ ମଧ୍ୟମା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର ପ୍ରଥମ ଦିନରେ ୨, ଦ୍ୱିତୀୟ ଦିନରେ ଜଣେ ଏବଂ ତୃତୀୟ ଦିନରେ ୧୦ ଜଣ କପି କରି ଧରା ପଡିଥିବା ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି। ସେହିପରି ତୃତୀୟ ଦିନରେ ଜିଲାର ୩୨,୩୭୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦,୨୨୩ ପରୀକ୍ଷା ଦେଇଥିଲେ ବୋଲି ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ପିଜି ବଳକା ସିଟ୍ ପାଇଁ ହେବ ସ୍ୱତନ୍ତ୍ର ସ୍ପଟ୍ ନାମଲେଖା

**ଭୁବନେଶ୍ୱର, ୭।୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ଖାଲି ପଡ଼ିଥିବା ପିଜି ସିଟ୍‌ରେ ନାମଲେଖା ପାଇଁ ସ୍ୱତନ୍ତ୍ର ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି ଚେୟାରମ୍ୟାନ ଓ କଲେଜ(ଯେଉଁଠାରେ ପିଜି ଶିକ୍ଷାଦାନ ହେଉଛି) ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଯେଉଁ ଛାତ୍ରୀଛାତ୍ର କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୧ରେ ଉତ୍ତୀର୍ଣ୍ଣ ହୋଇଥିବେ, କିନ୍ତୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଏବଂ ପ୍ରଥମ ଓ ଦ୍ୱିତୀୟ ସ୍ପଟ୍‌ରେ ନାମଲେଖାଇ ନ ଥିବେ, ସେମାନଙ୍କର ଏକ ଚୂଡ଼ାନ୍ତ ତାଲିକା(ମାଷ୍ଟର ଲିଷ୍ଟ) ପ୍ରସ୍ତୁତ କରିବାକୁ କୁହାଯାଇଛି। ବିଷୟ ଅନୁସାରେ ଏହି ଚୂଡ଼ାନ୍ତ ତାଲିକାକୁ ସାମ୍ନା ପ୍ରସ୍ତୁତ କରିବ ଏବଂ ୧୧ ତାରିଖ ଅପରାହ୍ନ ୨ଟା ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜରେ ଉପଲବ୍ଧ ହେବ। ତେବେ ପୂର୍ବ ନାମଲେଖା ପର୍ଯ୍ୟାୟରେ ଯେଉଁ ଛାତ୍ରୀଛାତ୍ରଙ୍କ ପାଖକୁ ଇଣ୍ଟିମେଶନ ଲେଟର ଯାଇଥିଲା ଓ ସେମାନେ ନାମ ଲେଖାଇ ନାହାନ୍ତି, ସେମାନଙ୍କୁ ଏହି ପର୍ଯ୍ୟାୟ ନାମଲେଖାରେ ବିଚାରକୁ ନିଆଯିବ ନାହିଁ। ସେହି ଚୂଡ଼ାନ୍ତ ତାଲିକାରୁ ବିଶ୍ୱବିଦ୍ୟାଳୟ/କଲେଜଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରିବେ ଏବଂ ନାମ ଲେଖାଇବେ। ଯଦି ଚୂଡ଼ାନ୍ତ ତାଲିକାରେ ଥିବା ଛାତ୍ରୀଛାତ୍ରଙ୍କ ସହିତ ଯୋଗାଯୋଗ ହୋଇ ନ ପାରେ, ତେବେ ବିଶ୍ୱବିଦ୍ୟାଳୟ/କଲେଜଗୁଡ଼ିକ ସେମାନଙ୍କ ଉଦ୍ୟମରେ ଓଜେଇଇ ମେରିଟ୍ ଲିଷ୍ଟ/ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା କିମ୍ବା ଜାତୀୟ ସଂସ୍ଥା ଦ୍ୱାରା ପରିଚାଳିତ ଯେକୌଣସି ପରୀକ୍ଷାର ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରି ନାମ ଲେଖାଇ ପାରିବେ।

# କୋଡ଼ିଙ୍ଗାରେ ଦୋକାନ ବଜାର ବନ୍ଦ

**ରିଲେ ଅନଶନ କରିବ କୋଡ଼ିଙ୍ଗା ଅଞ୍ଚଳ ବିକାଶ ପରିଷଦ**



**କୋଡ଼ିଙ୍ଗା,୭।୧(ଡି.ଏନ୍.ଏ.)**

୮ଦଫା ଦାବି ନେଇ ଶୁକ୍ରବାର ରିଲେ ଅନଶନରେ ବସିଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଅଞ୍ଚଳ ବିକାଶ ପରିଷଦ ସଦସ୍ୟ। ଦାବି ପୂରଣ ନ ହେବା ଯାଏ ହଟିବେ ନାହି ବୋଲି ଚେତାଇ ଦେଇଛି ବିକାଶ ପରିଷଦ। ଦୋକାନ ବଜାର ସାଙ୍ଗକୁ ଚକଅଖ ସବୁ ବନ୍ଦ ରହିଛି।

କୋଡ଼ିଙ୍ଗାଠାରେ ସବ୍‌ଟ୍ରେଜେରି, +୩ କଲେଜ, ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜେଏମ୍ଏଫ୍‌ସି କୋର୍ଟ, ନୂତନ ବ୍ଲକ୍ ଗଠନ, ଏକଲବ୍ୟ ଆବାସିକ ବିଦ୍ୟାଳୟ, ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ, ଷ୍ଟେଟ ବ୍ୟାଙ୍କ ଶାଖା ନିର୍ମାଣ ଦାବି ନେଇ ପରିଷଦ ଧର୍ମଘଟ ଡାକରା ଦେଇଥିଲା। ଏହାକୁ ବଣିକ ସଂଘ ସମର୍ଥନ ଜଣାଇ ଦୋକାନ ବଜାର ବନ୍ଦ କରିଛି। ପରିଷଦର ସଭ୍ୟମାନେ ନ ଖାଇ ୨୪ଘଣ୍ଟିଆ ରିଲେ ଅନଶନରେ ବସିଛନ୍ତି। ୪ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୫ମ ଦିନରୁ ଆମରଣ ଅନଶନ ହେବ ବୋଲି ପରିଷଦ ଚେତାବନୀ ଦେଇଛି। ଜରୁରିକାଳୀନ ସେବା ଓ ପରୀକ୍ଷାର୍ଥୀଙ୍କୁ ଛାଡ଼ିଦେଲେ ସକାଳ ୭ରୁ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଛି। ପୂର୍ବାହ୍ନରେ ପରିଷଦ ତରଫରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ସେବା ବନ୍ଦ କରାଯାଇଛି। କୋଡ଼ିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଷାଗୁମୁଡ଼ା ଥାନାଧିକାରୀ ଗୋବିନ୍ଦ ବୃନ୍ଦା, କୋଡ଼ିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଗାମାଧବ ବାଗ ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଧର୍ମଘଟ ଉଗ୍ରରୂପ ଧାରଣ କରିବ ବୋଲି କୋଡ଼ିଙ୍ଗା ଅଞ୍ଚଳ ବିକାଶ ପରିଷଦ ଚେତାବନୀ ଦେଇଛି। ଏଥିସହ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଅଞ୍ଚଳ ବିକାଶ ପରିଷଦ କର୍ମକର୍ତ୍ତା ଅନନ୍ତରାମ ମାଝି, ବଦ୍ରିନାରାୟଣ ସିଂ, ଧରମ ସିଂ, ବାବୁଲା ଦାସ, ବାବୁଲି ବାଘ, ପଦମସାଏ ମାଳୀ, ସାହେବ ଚାଲାଣ, ଡମାଇ ଭତରା, ଜଗନ୍ନାଥ ନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# ଏମ୍‌ପିଙ୍କ ଚାଳଘରେ ଖାଇଲେ ରେଳମନ୍ତ୍ରୀ



ବାଲେଶ୍ୱର ଏମ୍‌ପିଙ୍କ ଗୋପୀନାଥପୁରସ୍ଥିତ ଚାଳଘରେ ଦୁଇ କେନ୍ଦ୍ର ମନ୍ତ୍ରୀ ଓ ଅନ୍ୟମାନେ ଭୋଜନ କରୁଛନ୍ତି।

**ସଜନାଗଡ଼,୭।୧(ଡି.ଏନ.ଏ.)**

ବାଲେଶ୍ୱର ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଷ୍ଟେଶନରେ ମେମୁ ଟ୍ରେନ ଚଳାଚଳ ଶୁଭାରମ୍ଭ ଓ ନୀଳଗିରି ଗୋପୀନାଥପୁରରେ ଷ୍ଟେଶନ ଶିଳାନ୍ୟାସ କରିବା ପରେ ଅପରାହ୍ନରେ ଏମ୍‌ପି ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ଗାଁ ଗୋପୀନାଥପୁରରେ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ଏହାପରେ ରେଳମନ୍ତ୍ରୀ ଅଶ୍ୱିନୀ ଏମ୍‌ପିଙ୍କ ଚାଳଘରେ କଦଳୀପତ୍ରରେ ଭୋଜନ କରିଥିଲେ। ଏମ୍‌ପି ଷଡଙ୍ଗୀଙ୍କ ସାନ ଭଉଣୀ ଓ ପଡୋଶୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭାତ, ଡାଲି, ଘାଣ୍ଟ, ମିକ୍ସ ତରକାରୀ, ଦହି ବାଇଗଣ, ବିଲାତି ଖଟା, ବୋଇତାଳୁ ଫୁଲ ବଡ଼ା, କାନିକା, ମଣ୍ଡା ପିଠା, ପୋଡ଼ ପିଠା, ଜହ୍ନି ଆଳୁ ପୋସ୍ତ, ଶାଗ, ଫୁଟ୍‌ଗୁଡ଼ି-ଆଳୁ ଭଜା, କଦଳୀ ଚୋପା ପତୁଆ, କଦଳୀ ଚିମ୍ବ, ଶିମ୍ବ ଭଜା, ବଡ଼ିଚୁରା, ଇଅଁଡ଼ ତରକାରୀ, ପନିର ତରକାରୀ ଆଦି ମନ୍ତ୍ରୀଙ୍କୁ ପରସା ଯାଇଥିଲା। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ତଳେ ବସି ବେଶ୍ ଆଗ୍ରହର ସହ ଖାଇବା ସହ ନଳକୂପରୁ ପାଣି ମଧ ପିଇଥିଲେ। ରେଳମନ୍ତ୍ରୀଙ୍କ ସହିତ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ଅନ୍ୟ ଭାଜପା ନେତୃବୃନ୍ଦ ଭୋଜନରେ ସାମିଲ ଥିଲେ।

# ଶାଶୁ, ଶାଳୀଙ୍କୁ ତାଲା ପକାଇ ପିଟିଲେ ଜ୍ୱାଇଁ

**ନୟାଗଡ଼ ଅଫିସ,୭।୧:** ନୟାଗଡ଼ ଟାଉନ ଥାନା ରାଜବଗିଚା ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ଶାଶୁ ଓ ଶାଳୀଙ୍କ ସମେତ ୫ଜଣଙ୍କୁ ଏକ ଘରେ ତାଲା ପକାଇ ରଖିଥିଲେ। ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଏହି ଘଟଣାର ୩ ଘଣ୍ଟା ପରେ ସେମାନଙ୍କୁ ଉଦ୍ଧାର କରିଛି। ଭୁବନେଶ୍ୱରର ଇପ୍ସିତା ଦାସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବଡ ଭଉଣୀ ନୟାଗଡ଼ ରାଜବଗିଚାରେ ବାହା ହୋଇଛନ୍ତି। ବଡ଼ ଭଉଣୀଙ୍କୁ ଶାଶୁଘର ଲୋକେ ଅଧିକ ୨ ଲକ୍ଷ ଟଙ୍କା ବାପାଘରୁ ଆଣିବାକୁ କହିଥିଲେ। ଦାବି ମୁତାବକ ଟଙ୍କା ନ ମିଳିବାରୁ ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକମାନେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଖବର ପାଇ ଇପ୍ସିତା ତାଙ୍କ ମା, ଭିଣୋଇ, ପୁତୁରା, ସମ୍ପର୍କୀୟ ଭଉଣୀଙ୍କ ସହ ନୟାଗଡ଼ ଆସିଥିଲେ। ଇପ୍ସିତାଙ୍କୁ ଦେଖି ଭିଣୋଇ ଓ ପରିବାର ସଦସ୍ୟମାନେ ଉତ୍ତେଜିତ ହୋଇ ସେମାନଙ୍କୁ ଘରେ ତାଲା ପକାଇ ମାରପିଟ୍ କରିଥିଲେ। ଇପ୍ସିତା କୁହନ୍ତି,ଏନେଇ ମୁଁ ଟାଉନ ଥାନାରେ ଅଭିଯୋଗ କରିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆଇଆଇସି ପ୍ରଜ୍ଞା ପାରମିତା ଜେନା ଘଟଣାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀକୁ ଚାଲିଲା ସରକାରୀ ବସ୍



ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଅମରପାଲି,୭।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ଶୁକ୍ରବାରଠାରୁ ସରକାରୀ ବସ୍ ଚଳାଚଳର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସବୁଜ ପତାକା ଦେଖାଇ ବସ୍‌ସେବାର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପାଢ଼ୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ବସ୍ ପାତାଳୀ ଶ୍ରୀକ୍ଷେତ୍ରରୁ ବାହାରି ଯାଲୋଏ, ଉଲୁଣ୍ଡା, ବିନିକା, ସୋନପୁର ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଚାଲିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ସୁବର୍ଣ୍ଣପୁର ଜିଲା ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅତିରିକ୍ତ ପରିବହନ ଅଧିକାରୀ ଶିବାଶିଷ ସାହୁ, ପାତାଳୀ ଟ୍ରଷ୍ଟର ସମସ୍ତ ସଦସ୍ୟ ଏବଂ ଦଳୀୟ କର୍ମୀମାନେ ଉପସ୍ଥିତ ରହିଥିଲେ। ପୁରୀକୁ ବସ ସେବା ଆରମ୍ଭ ପରେ ପାତାଳୀ ଶ୍ରୀକ୍ଷେତ୍ର କୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି।




ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ- ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ । ତା'ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ । -ଶ୍ରୀମା



# କି ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସରକାରଙ୍କ ଦ୍ୱାରା ସଚିବସ୍ତରୀୟ ଅଦଳବଦଳ କରାଯାଇଛି । ଏଥିରେ ୯ଟି ମନ୍ତ୍ରଣାଳୟ ଓ ବିଭାଗକୁ ମିଳିଛି ନୂଆ ସଚିବ । କେନ୍ଦ୍ରରେ ଏ ପ୍ରକାର ପଦୋନ୍ନତି ଲାଗି ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀମାନେ ଦୀର୍ଘଦିନ ଧରି ଚାହିଁ ବସିଥିଲେ । ଉକ୍ତ ଅଦଳବଦଳ ବା ପରିବର୍ତ୍ତନକୁ କେତେକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଯା ଭିତରେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ପରିସ୍ଥିତି ବଦଳିଛି । ତେଣୁ କେନ୍ଦ୍ରରେ ଏଭଳି ପରିବର୍ତ୍ତନ ଆବଶ୍ୟକ ଥିଲା । ଏହି ଅଦଳବଦଳରେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ପଞ୍ଜାବର ପୂର୍ବତନ ମୁଖ୍ୟ ଶାସନସଚିବ ବିନି ମହାଜନଙ୍କ ନୂଆ ନିଯୁକ୍ତି । ତାଙ୍କୁ ଏବେ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ପଦରେ ନିଯୁକ୍ତ କରାଯାଇଛି । ୨୦୨୦ରେ ସେତେବେଳର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ମୁଖ୍ୟ ଶାସନ ସଚିବ ପଦରେ ଭିନି ମହାଜନଙ୍କୁ ନିଯୁକ୍ତ କରିଥିଲେ । ତାଙ୍କ ସରକାର ଭାଙ୍ଗିଯିବା ପରେ ଗତବର୍ଷ ସେପ୍ଟେମ୍ବରରେ ବିନି ଏହି ପଦରୁ ଇସ୍ତଫା ଦେଇଥିଲେ । କିନ୍ତୁ ଅମରିନ୍ଦର ଭାଜପା ସହ ହାତ ମିଳାଇଥିବାରୁ ତାଙ୍କୁ ପୁନଃ ଥଇଥାନ କରାଯାଇଛି । ଠିକ୍ ଏହିଭଳି ତାଙ୍କ ସ୍ୱାମୀ ଦୀନକର ଗୁପ୍ତାଙ୍କୁ ମଧ୍ୟ ପଞ୍ଜାବର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନି ପୋଲିସ ଡିଜି ପଦରୁ ହଟାଇ ଦେଇଛନ୍ତି । ଖୁବ୍‌ଶୀଘ୍ର ତାଙ୍କୁ ଦିଲ୍ଲୀରେ କୌଣସି ପାରାମିଲିଟାରୀ ସଂଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିପାରେ ବୋଲି କୁହାଯାଉଛି । ଠିକ୍ ଏହିଭଳି ଭାରତୀୟ ବନସେବା (ଆଇଏଫ୍ଏସ୍) ଅଧିକାରୀ ଭରତ ଲାଲ୍‌ଙ୍କୁ ଲୋକପାଳ ସଚିବ ଭାବେ ନିଯୁକ୍ତ କରାଯାଇଛି । ଅନେକେ ଆଶା କରୁଥିଲେ ଯେ ତାଙ୍କୁ ପାନୀୟ ଜଳ ଓ ପରିମଳ ବିଭାଗ ମିଳିପାରେ (ଯାହା ଏବେ ବିନି ମହାଜନଙ୍କୁ ମିଳିଛି) । କାରଣ ପୂର୍ବରୁ ସେ ପାନୀୟ ଜଳ ପାଇପ୍ ଲାଇନ୍ ପ୍ରକଳ୍ପରେ ଅତିରିକ୍ତ ସଚିବ ଭାବେ କାମ କରିଥିଲେ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ପାନୀୟଜଳ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରାଇଥିଲେ । ଏବେ ବ୍ୟୁରୋକ୍ରାଟ୍‌ମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି ଯେ, ଏହା ନିଜ ସୁରକ୍ଷା ଲାଗି ପରିବର୍ତ୍ତନ ନା ହୃଦୟର ପରିବର୍ତ୍ତନ ଏବଂ ଆଗକୁ କ'ଣ ହେବ ?

### କୋଭିଡ୍ ମୁକାବିଲାରେ ବରୁଣ

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସମୟରେ ବଢ଼ିଛି ଓମିକ୍ରନ ସଂକ୍ରମଣ । ଏଭଳି ସ୍ଥିତିରେ ପିଲିଭିଟ୍‌ରୁ ତୃତୀୟ ଥର ପାଇଁ ଭାଜପା ସାଂସଦ ବରୁଣ ଗାନ୍ଧୀ ଏକ ପ୍ରଶଂସନୀୟ କାର୍ଯ୍ୟ ସହିତ ନୂଆବର୍ଷ ଆରମ୍ଭ କରିଛନ୍ତି । ତାଙ୍କ ନିର୍ବାଚନମଣ୍ଡଳୀ ବର୍ତ୍ତମାନର କୋଭିଡ୍ ସ୍ଥିତି ମୁକାବିଲା ନେଇ କିଭଳି ପ୍ରସ୍ତୁତ ହୋଇଛି ସେନେଇ ସେ ଜିଲାପାଳ ପୁଲକିତ ଖରେ ଏବଂ ଅନ୍ୟାନ୍ୟ ଜିଲା ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞଙ୍କ ସହ ବୈଠକ କରି ସମୀକ୍ଷା କରୁଛନ୍ତି । ତୃଣମୂଳ ସ୍ତରରେ ଅନେକ ସମୟରେ ବାବୁମାନେ ରାଜନେତା ତଥା ଜନସାଧାରଣଙ୍କ ଦ୍ୱାରା ହଇରାଣ ହରକତ ହୁଅନ୍ତି । ତେଣୁ ଜିଲ୍ଲାରେ କୋଭିଡ୍ ସ୍ଥିତିର ମୁକାବିଲା ପାଇଁ ସେମାନଙ୍କୁ ସାଂସଦଙ୍କ ସକ୍ରିୟ ସହଯୋଗ ଓ ତଦାରଖ ଅଧିକ ଉତ୍ସାହିତ କରିବ ନିଶ୍ଚୟ । ଗତ ବର୍ଷ କୋଭିଡ୍‌ର ଦ୍ୱିତୀୟ ଲହର ବିପଦ ସୃଷ୍ଟି କରିଥିଲା ତା'ର ଯେପରି ପୁନରାବୃତ୍ତି ନ ହେବ ସେ ଦୃଷ୍ଟିରୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଉତ୍ତମ ନେତୃତ୍ୱ ଏବଂ ଭଲ ଟିମ୍ ନେଇ କାମ କରିବାରେ ଅନେକ ଲାଭ ମିଳିପାରେ । ଏଥର ମହାମାରୀ ସମୟରେ ବରୁଣ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିପାରିଛନ୍ତି । ଉତ୍ତରପ୍ରଦେଶ ଏବଂ କେନ୍ଦ୍ରର ଅନ୍ୟ ପ୍ରତିନିଧିମାନେ ସେମାନଙ୍କ କ୍ଷେତ୍ରରେ ତାଙ୍କୁ ଅନୁକରଣ କରିପାରିବେ ବୋଲି ଆଶା କରାଯାଉଛି ।

### ସ୍କୁଲରେ ବାବୁ

ହିମାଚଳ ପ୍ରଦେଶର ସରକାରୀ ସ୍କୁଲରେ ଶିକ୍ଷାର ମାନ ବଢ଼ାଇବା ଲାଗି ରାଜ୍ୟ ସରକାର ନୂଆ ପଦକ୍ଷେପ ନେଇଛନ୍ତି । ସ୍କୁଲ୍ ପରିସରରେ ଆଇଏଏସ୍ ଏବଂ ରାଜ୍ୟ ପ୍ରଶାସନିକ ସେବା ଅଧିକାରୀମାନେ ଅଚାନକ ପହଞ୍ଚିବା ଦ୍ୱାରା ଛାତ୍ର ଏବଂ ଶିକ୍ଷକମାନଙ୍କ ଉତ୍ସାହ ବୃଦ୍ଧି କରିବ ବୋଲି କୁହାଯାଉଛି । ମୁଖ୍ୟ ଶାସନ ସଚିବ ରାମ ସୁଭଗ ସିଂ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ଏକ ନିର୍ଦ୍ଦେଶ ଜାରି କରିଛନ୍ତି । ବାବୁମାନଙ୍କୁ ନିଜ ଅଧିକାର କ୍ଷେତ୍ରରେ ଥିବା ସ୍କୁଲଗୁଡ଼ିକରେ ଅତି କମ୍‌ରେ ୧୫ ଦିନରେ ଥରେ ପଢ଼ାଇବା ଲାଗି ଏଥିରେ କୁହାଯାଇଛି । ବାବୁମାନେ ଛାତ୍ରମାନଙ୍କୁ ପଢ଼ାଇବେ ଏବଂ ସେମାନଙ୍କ ଅଭିଜ୍ଞତାକୁ ଶେୟାର କରିବା ସହ ଛାତ୍ରମାନଙ୍କୁ କ୍ୟାରିୟର ପସନ୍ଦ କରିବା ଲାଗି ପଥ ପ୍ରଦର୍ଶନ କରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ବାବୁମାନଙ୍କୁ ସ୍କୁଲ୍ ପଠାଇବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଅଭିଭାବକମାନଙ୍କର ସରକାରୀ ସ୍କୁଲ୍ ଉପରେ ବିଶ୍ୱାସ ସୃଷ୍ଟି କରିବା ଓ ଅଭାବ ରହିଥିବା ଭିତ୍ତିଭୂମିର ସମୀକ୍ଷା କରି ପୂରଣ କରିବା । ବାବୁମାନେ ଶିକ୍ଷଣ ଅନୁଭବର ନିୟମିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବା ଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ଶିକ୍ଷା ସଚିବ ରାଜୀବ ଶର୍ମା କହିଛନ୍ତି । ତେବେ ସରକାରଙ୍କ ଏହି ଉତ୍ତମ ପଦକ୍ଷେପକୁ ସ୍କୁଲ ଶିକ୍ଷକମାନେ ସମର୍ଥନ କରୁନାହାନ୍ତି । ତେବେ ସରକାର ଆଶା କରୁଛନ୍ତି ଯେ, ଏହି ପଦକ୍ଷେପ କେନ୍ଦ୍ର ଓ ରାଜ୍ୟ ସେବାଗୁଡ଼ିକୁ କ୍ୟାରିୟର ଭାବେ ଚୟନ କରିବା ଲାଗି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରିବ । ସ୍ପଷ୍ଟତଃ, ହିମାଚଳରେ ଆଇଏଏସ୍ ଏବଂ ଆଇପିଏସ୍ ଆଶାୟୀଙ୍କ ସଂଖ୍ୟା ବହୁତ କମ୍ । ଆଶା କରାଯାଏ, ଏହି ପଦକ୍ଷେପ ଏହି ସଂଖ୍ୟା ବଢ଼ାଇବା ଲାଗି ସାହାଯ୍ୟ କରିବ ।

Email: dilipcherian@gmail.com

# ରାଜନୀତିର ଊର୍ଦ୍ଧ୍ୱରେ ପାଇକ ସଂଗ୍ରାମ



ଅନିଲ ବିଶ୍ୱାଳ

ଅନେକ ଦିନର ବ୍ୟବଧାନ ପରେ ଏବେ ପୁଣି ଚର୍ଚ୍ଚାକୁ ଫେରିଛି ପାଇକ ସଂଗ୍ରାମ । ପାଇକ ସଂଗ୍ରାମକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ମାନ୍ୟତା ନେଇ ରାଜ୍ୟ ସଭାରେ ପଚରାଯାଇଥିବା ପ୍ରଶ୍ନରେ କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀଙ୍କ ନାସ୍ତିବାଚକ ଉତ୍ତର ଆମକୁ ଆଘାତ ଦେଇଛି । ଏହାକୁ ନେଇ ସ୍ୱାଭାବିକ ଭାବରେ ଯାହା ପ୍ରତିକ୍ରିୟା ସୃଷ୍ଟି ହେବା କଥା ତାହା ହେଉଛି । ବ୍ରିଟିଶ ବିରୋଧରେ ୧୮୧୭ରେ ହୋଇଥିବା ପାଇକ ସଂଗ୍ରାମକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ପାଇଁ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି । ରାଜ୍ୟ ସଂସ୍କୃତି ମନ୍ତ୍ରୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖିଛନ୍ତି ଏପ୍ରସଙ୍ଗରେ । ସେହିପରି ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦାବିରେ ରାଜଧାନୀରେ ପାଇକ ସମାବେଶ ମଧ୍ୟ ହୋଇଥିଲା । ହେଲେ ପ୍ରଶ୍ନ ଉଠୁଛି ବିଧାନସଭାରେ ଦୁଇ ପୃଷ୍ଠାର ସଂକଳ୍ପ, ମନ୍ତ୍ରୀଙ୍କର ଚିଠି, ଭୁବନେଶ୍ୱରରେ ସମାବେଶ, ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା, ଏସବୁ ଯଥେଷ୍ଟ କି ଆମର ସେହି ଦାବିକୁ ହାସଲ କରିବାରେ ? ଆମେ ଏହି ପ୍ରସଙ୍ଗରେ ଓଡ଼ିଆ ଅସ୍ମିତାକୁ ନେଇ ସ୍ୱଳ୍ପକାଳୀନ ଭାବପ୍ରବଣତାରେ ଅଛେ ନା ବାସ୍ତବରେ ଆମେ ଏହାକୁ ନେଇ ଗମ୍ଭୀରଭାବରେ ପ୍ରୟାସରତ ଏହା ଆଜିର ଦିନର ବଡ଼ ପ୍ରଶ୍ନ । ପାଇକ ସଂଗ୍ରାମ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଏହାକୁ ନେଇ ସାରା ଓଡ଼ିଶାରେ କୌଣସି ଦ୍ୱିମତ ନାହିଁ । ହେଲେ ଯେଉଁ ଦ୍ୱନ୍ଦ୍ୱ ରହିଛି ଜାତୀୟ ସ୍ତରରେ ଏହାକୁ ଆମେ କେମିତି ଦୂର କରିବା, ଏହା ଉପରେ ଆମର ଉଦ୍ୟମ କେତେ ହୋଇଛି, ଏହାକୁ ନେଇ ଅନାସକ୍ତ ଓ ବିନା ପକ୍ଷପାତିତାରେ ଆଲୋଚନା କରିବାର ଆବଶ୍ୟକତା ରହିଛି । କାରଣ ଏହା ଆମର ଅସ୍ମିତା ଓ ସ୍ୱାଭିମାନର ପ୍ରସଙ୍ଗ ।

ପାଇକ ସଂଗ୍ରାମ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଐତିହାସିକ ପ୍ରାମାଣିକତା ଆଧାରରେ ଜାତୀୟ ସ୍ତରରେ ସିଦ୍ଧ କରିବା ପାଇଁ ଆମେ କେତେ ଯତ୍ନବାନ ହୋଇଛେ, ଦେଶର କେତେ ବିଶ୍ୱବିଦ୍ୟାଳୟରେ ଆମେ ଏହା ଉପରେ ଗବେଷଣାତ୍ମକ ସନ୍ଦର୍ଭ ଲେଖାଇଛେ, ଏହି ପ୍ରସଙ୍ଗରେ ଦେଶର ଐତିହାସିକ, ଲେଖକମାନଙ୍କୁ ନେଇ ଆମେ କେତେଟା ଆଲୋଚନାଚକ୍ର କରାଇଛେ, କେତୋଟି ଅନ୍ତର୍ଜାତୀୟ ଐତିହାସିକ ପତ୍ରପତ୍ରିକାରେ ଏହା ଉପରେ ଲେଖା ପ୍ରକାଶ କରାଇଛେ ଆମେ ହିସାବ କରିବା ଉଚିତ୍ । କାରଣ ଏହି ପ୍ରସଙ୍ଗରେ ସରକାରୀ ନିଷ୍ପତ୍ତି ହେବା ପାଇଁ ଜାତୀୟସ୍ତରରେ ବୁଦ୍ଧିଜୀବୀ, ଐତିହାସିକକାରମାନଙ୍କର ମାନ୍ୟତା ବେଶି ଗୁରୁତ୍ୱ ବହନ କରେ । ଅନେକ ରାଜ୍ୟ ସେମାନଙ୍କ ଅଞ୍ଚଳରେ ହୋଇଥିବା ସ୍ୱାଧୀନତା ସଂଗ୍ରାମକୁ ପ୍ରଥମ ବୋଲି ଦାବି କରୁଛନ୍ତି । ତେଣୁ ସମୟ ଆସିଛି ଯେ ପାଇକ ସଂଗ୍ରାମ ହେଉଛି ଭାରତର ପ୍ରଥମ ସଙ୍ଗଠିତ ଗଣ ଆନ୍ଦୋଳନ ଏହାକୁ ଜାତୀୟ ସ୍ତରରେ ସର୍ବସମ୍ମତ କରାଇବାର ।

୧୮୧୭ ମାର୍ଚ୍ଚ ୨୯ରେ ବାଣପୁରରୁ ଆରମ୍ଭ ହୋଇଥିବା ପାଇକମାନଙ୍କର ଏହି ରଣ ବହ୍ନି ୧୮୨୭ର ତାପଙ୍ଗ ଲଢ଼େଇ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଚାଲିଥିଲା । ଭାରତରେ ଇଂରେଜମାନଙ୍କ ବିରୋଧରେ ଯେତେ ସଂଗ୍ରାମ ହୋଇଛି ଏହା ହେଉଛି ସବୁଠାରୁ ଲମ୍ବା । କେବଳ ସେତିକି ନୁହେଁ ଯଦି ଆମେ ୧୮୦୪ ରୁ ଜୟୀ ରାଜଗୁରୁଙ୍କଠାରୁ ହିସାବ କରିବା ତାହେଲେ ୨୩ବର୍ଷର ଏହି କ୍ରମାଗତ ସଂଗ୍ରାମ କେବଳ ଦେଶର ନୁହେଁ ବରଂ ବିଶ୍ୱ ଇତିହାସରେ ଅନ୍ୟତମ ଲମ୍ବା ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ଆଖ୍ୟା ପାଆନ୍ତା । କିନ୍ତୁ ଆମେ ତାହା କରିପାରିଛେ କି? ଆମେ ତ ୨୦୧୭ ରୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପାଇଥିବା ପାଇକ ସ୍ମାରକୀ ନିର୍ମାଣ କରିବା ପାଇଁ ଆବଶ୍ୟକ ହେଉଥିବା ଜମି ଯୋଗାଇ ଦେଇପାରିନେ । କେବଳ ଚିହ୍ନଟ କରିଛେ । ଆମର ଓଡ଼ିଆ ସ୍କୁଲ ପାଠ୍ୟକ୍ରମର ଇତିହାସ ବିଷୟରେ ପାଇକ ସଂଗ୍ରାମକୁ ମାତ୍ର ୫ ପୃଷ୍ଠାରେ (କେବଳ ୮ମ ଶ୍ରେଣୀର ଇତିହାସ ବହିର ୨୩-୨୮ ପୃଷ୍ଠା) ସୀମିତ କରିଦେଇଛେ । ବିଶ୍ୱଯୁଦ୍ଧ, ମୋଗଲ, ଔପନିବେଶକତା, ମେସୋପଟାମିଆ ଆଦି ବିଷୟରେ ପିଲାଙ୍କୁ ପୃଷ୍ଠା ପୃଷ୍ଠା ପଢ଼ାଉଛେ । ପିଲାଙ୍କ ପାଠ ବହିରେ ଏହି ବିଷୟରେ କେଉଁଠି ବି ଧାଡିଏ ଲେଖିନେ ଯେ ପାଇକ ସଂଗ୍ରାମ ହେଉଛି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି । ପାଇକ ସଂଗ୍ରାମରେ ମୋଟ ୧୭୧ ଜଣ ମୃତ୍ୟୁଦଣ୍ଡ ପାଇଥିଲେ । ଅନେକ ପାଇକଙ୍କୁ ଦେଶାନ୍ତର, କାରାଦଣ୍ଡରେ ଦଣ୍ଡିତ କରିଥିଲେ ବ୍ରିଟିଶ । ସେମାନଙ୍କର ତାଲିକା ଆମ ପାଖରେ ଅଛି କି? 'ଖୋର୍ଦ୍ଧା' ହେଉଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ ଏ କଥା ଦେଶରେ ସର୍ବସମ୍ମତ । କିନ୍ତୁ ଏହି ଗୌରବମୟ କଥାଟିକୁ ଆମେ ଆମ ପିଲାଙ୍କୁ ସ୍କୁଲର ଇତିହାସରେ ବହିରେ କାହିଁକି ପଢ଼ାଉନାହେଁ ? ବୋଧହୁଏ ସେଇଥିପାଇଁ ଏ ଜାତିଟାର ଅସ୍ମିତା ପିଢ଼ିକୁ ପିଢ଼ି କମିଯାଉଛି । କେବଳ ସେତିକି ନୁହେଁ ମୋଗଲମାନେ ମଧ୍ୟ ଓଡ଼ିଶାକୁ ସବାଶେଷରେ ଅକ୍ତିଆର କରିପାରିଥିଲେ । ସେହିପରି ଅନ୍ୟ ଅଞ୍ଚଳରେ ଯେମିତି ପ୍ରତ୍ୟକ୍ଷ ସୁଲତାନ ଶାସନ ଥିଲା ଓଡ଼ିଶାରେ ତାହା ହୋଇପାରି ନଥିଲା । କାରଣ ସେମାନେ ଜାଣିଥିଲେ ସ୍ୱାଧୀନଚେତା ପାଇକମାନଙ୍କୁ ଶାସନ କରିବା କଷ୍ଟକର । ଆମେ କିନ୍ତୁ ସେହି ଅନାଲୋଚିତ ଦୃଷ୍ଟିଭଙ୍ଗୀ ଉପରେ ଆଦୌ ଧ୍ୟାନ ଦେଉ ନାହେଁ । ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଦୁର୍ଦ୍ଧର୍ଷ ନେତୃତ୍ୱ ନେତାଜୀ ସୁଭାଷ ବୋଷଙ୍କର ପ୍ରେରଣା ନିଶ୍ଚୟ ଭାବରେ ଏହି ପାଇକ ସଂଗ୍ରାମ ହୋଇଥିବ । ନ ହେଲେ କଟକ ଭଳି ଛୋଟିଆ ସହରରେ ଜନ୍ମ ହୋଇ କାହିଁ କେତେ ଦୂରରେ ଥିବା ଜାପାନ, ଜର୍ମାନୀର ସହାୟତାରେ ବ୍ରିଟିଶ ବିରୋଧରେ ସିଧାସଳଖ ଯୁଦ୍ଧ କରିବାର ସେ ଯେଉଁ ମାନସିକତା, ତାହା ଆସିବା କ'ଣ ଏତେ ସହଜ କି? ପାହାଡ଼ ପର୍ବତଘେରା ଶେରଗଡ଼ରେ ରାଜା ଅଦ୍ୱୈତ୍ୟ ସିଂହଦେଓ ୧୮୦୦ରେ ବ୍ରିଟିଶ ବିରୋଧରେ ଯୁଦ୍ଧ ଲଢୁଥିବା ବେଳେ ବ୍ରିଟିଶ ଗୁଳିରେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପ୍ରଥମ ଶହୀଦ ହୋଇଥିଲେ । ଆଜି ତାଙ୍କର ଗୋଟିଏ ପ୍ରତିମୂର୍ତ୍ତି ରାଜଧାନୀରେ ଅଛି କି?

ପାଇକ କହିଲେ କୌଣସି ନିର୍ଦ୍ଦିଷ୍ଟ ଜାତିର ଲୋକ ନୁହନ୍ତି । ବ୍ରିଟିଶ ବିରୋଧରେ ହୋଇଥିବା ପାଇକ ସଂଗ୍ରାମରେ ସବୁ ଜାତିର, ସବୁ ବର୍ଗର ଲୋକେ ଭାଗ ନେଇଥିଲେ । ପାଇକମାନଙ୍କର ଏହି ସଶସ୍ତ୍ର ଆନ୍ଦୋଳନରେ ସାଧାରଣ କୃଷକ, ଲୁଣ ମାରୁଥିବା ମଲାଙ୍ଗୀ, ଜମି ହରାଇଥିବା ଜମିଦାର, ମନ୍ଦିରର ପୂଜକ, କନ୍ଧ, ଭୁୟାଁ, ହରିଜନ, ଆଦିବାସୀ ସମସ୍ତେ ସାମିଲ ହୋଇଥିଲେ । ଏଥିରେ କେବଳ ଓଡ଼ିଆମାନେ ସାମିଲ ନ ଥିଲେ ବରଂ ତେଲୁଗୁମାନେ ବି ସାମିଲ ଥିଲେ । ଏଥିରେ କେବଳ ହିନ୍ଦୁମାନେ ଲଢ଼ି ନ ଥିଲେ ବରଂ ସେମାନଙ୍କ ସହିତ କେରଙ୍ଗ, ତାପଙ୍ଗ, କାଇପଦର, ମାଣିତିରି ଭଳି ଅଞ୍ଚଳର ମୁସଲମାନମାନେ ମଧ୍ୟ ଯୁଦ୍ଧରେ ସାମିଲ ଥିଲେ । ହେଲେ ଚତୁର ବ୍ରିଟିଶମାନେ ପାଇକମାନଙ୍କର ସଂଗ୍ରାମକୁ କେବଳ କିଛି ନିର୍ଦ୍ଦିଷ୍ଟ ବର୍ଗର ବୋଲି ଦେଖାଇବା ପାଇଁ ପ୍ରୟାସ କରିଲେ । ଇଂରେଜ ଐତିହାସିକମାନେ ବକ୍ସି ଜଗବନ୍ଧୁଙ୍କ ଭଳି ମହାନ ଯୋଦ୍ଧାଙ୍କୁ ଜଣେ ପେନସନ ଭୋଗୀ ଭାବରେ ଦେଖାଇଲେ । ସେମାନେ ଜାଣିଶୁଣି ଜୟୀ ରାଜଗୁରୁଙ୍କ ଲଢ଼େଇକୁ ଇତିହାସରେ ଲେଖିଲେ ନାହିଁ, କାରଣ ଜୟୀ ରାଜଗୁରୁଙ୍କୁ ସେମାନେ ଫାଶୀ ଦେଇଥିଲେ । ଜୟୀ ରାଜଗୁରୁଙ୍କୁ ଯେଉଁଭଳି ଭାବରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ଔପନିବେଶକତାବାଦର କଳା ଇତିହାସରେ ବିଶ୍ୱର ଅନ୍ୟତମ ବର୍ବର କାଣ୍ଡ । ଆମେ ସେହି ବ୍ରିଟିଶର ବ୍ୟାଖ୍ୟାନର ପ୍ରଭାବ ରହିଯାଇ ରାଜଗୁରୁଙ୍କୁ ଟିକିଏ କମ୍ ଗୁରୁତ୍ୱ ଦେଲେ ।

ପାଇକ ହେଉଛି ଏକ ଭାବନା । ଏକ ନିଆରା ଭାବପ୍ରବଣତା । ଓଡ଼ିଆ ଅସ୍ମିତା, ଓଡ଼ିଆ ବୀରତ୍ୱର ଏକ ଅଭିନବ ଧାରା । ଆମେ କ'ଣ ପାଇକମାନଙ୍କର ସେହି ପାରମ୍ପରିକ ସାମରିକ କୌଶଳକୁ ଆଧୁନିକ ବଜାରକୁ ନେଇପାରନ୍ତେ ନାହିଁ କି? ଚାଇନାର କରାଟେ ଆଜି ସାରା ବିଶ୍ୱରେ ପ୍ରସିଦ୍ଧ । ଚାଇନାର ସେହି କରାଟେଠାରୁ ପାଇକଆଖଡା ବେଶି ସମୃଦ୍ଧ, ବେଶି କୌଶଳଯୁକ୍ତ । ଆମେ କ'ଣ ପାଇକ କରିଡରର ଯୋଜନା କରିପାରନ୍ତେ ନାହିଁ, ଯେଉଁଥିରେ ଆମର ପିଲାମାନେ ଶାରୀରିକ ତାଲିମ ପାଆନ୍ତେ, ଯାହା ପରବର୍ତ୍ତୀ ସମୟରେ ଦେଶର ସୈନ୍ୟବାହିନୀରେ ଓଡ଼ିଶାର ପ୍ରତିନିଧିତ୍ୱକୁ ବଢାନ୍ତା । ବିଜୁ ବାବୁଙ୍କର ଦାବିଥିଲା ଏକ କଳିଙ୍ଗ ରେଜିମେଣ୍ଟର । ଯେମିତି ଶିଖ୍ ରେଜିମେଣ୍ଟ ହେଉଛି ପଞ୍ଜାବର ପରିଚୟ ସେମିତି କଳିଙ୍ଗ ରେଜିମେଣ୍ଟ ଭିତରେ ରହିପାରନ୍ତା ଓଡ଼ିଆମାନଙ୍କର ଅସ୍ମିତା ।

ପାଇକ ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣାରେ ଯେଉଁ କେତୋଟି ଘଟଣାବଳୀ ଆମର ପ୍ରତିବନ୍ଧକ ସେଥିରୁ ଭେଲୋର ସଂଗ୍ରାମ, ତାମିଲନାଡୁରେ ୧୮୦୨ରେ ହୋଇଥିବା ଥୁଥୁକୋଡି ଲଢ଼େଇ ହେଉଛି ପ୍ରମୁଖ । ହେଲେ ସେହି ଦୁଇଟି ଯାକ ଲଢେଇ ପାଇକ ସଂଗ୍ରାମ ତୁଳନାରେ କ୍ଷୁଦ୍ର ଓ ସାଧାରଣ ଜନତାଙ୍କର ଲଢେଇ ନ ଥିଲା । ଭେଲୋର ସଂଗ୍ରାମର ଅବଧି ମାତ୍ର ଗୋଟିଏ ଦିନର । ତେଣୁ ପାଇକ ସଂଗ୍ରାମ ହିଁ ହେଉଛି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଏହା ଦିନେ ନା ଦିନେ ଦେଶ ସ୍ୱୀକାର କରିବ । ଦେଶମାତୃକାର ସୁରକ୍ଷା ପାଇଁ ପାଇକମାନଙ୍କର ତ୍ୟାଗ, ତିତୀକ୍ଷା, ବିରତ୍ୱକୁ ଏ ଦେଶ କେବେବି ଭୁଲି ପାରିବ ନାହିଁ । ସତ କେବେ ଲୁଚି ରହି ନାହିଁ କି ସତକୁ ଯେତେ ଦବାଇଲେ ବି ଲୋକମାନେ ସବୁବେଳେ ସତକୁ ହିଁ ବିଶ୍ୱାସ କରନ୍ତି । ଉଦାହରଣ ସ୍ୱରୂପ ନେତାଜୀ ସୁଭାଷ ବୋଷଙ୍କର ମୃତ୍ୟୁ ବିମାନ ଦୁର୍ଘଟଣାରେ ହୋଇଛି ବୋଲି ବ୍ରିଟେନ ସରକାର ଘୋଷଣା କରିଲେ । ପରେ ଭାରତ ସରକାର ବି ଏହାକୁ ସ୍ୱୀକାର କରିଲେ । ହେଲେ ଲୋକମାନେ ଏହାକୁ ବିଶ୍ୱାସ କରୁଛନ୍ତିକି? ଆଜିବି ଲୋକଙ୍କର ବିଶ୍ୱାସ ଯେ ନେତାଜୀଙ୍କର ମୃତ୍ୟୁ ସେହି ବିମାନ ଦୁର୍ଘଟଣାରେ ହୋଇ ନ ଥିଲା ବୋଲି । ତେଣୁ ସବୁ ପ୍ରସଙ୍ଗରେ ମାନ୍ୟତା, ସରକାରଙ୍କ ସ୍ୱୀକାରୋକ୍ତି ପୂର୍ବରୁ ଆମେ ଆମର ଦାବିକୁ ଠିକ ଢଙ୍ଗରେ ଉପସ୍ଥାପିତ କରିବା ବହୁତ ପ୍ରାସଙ୍ଗିକ । ବୋଧହୁଏ ସେହିଥିରେ ଆମେ ପଛରେ ପଡ଼ିଯାଉଛେ । ରସଗୋଲାକୁ ନେଇ ଯେତେବେଳେ ଓଡ଼ିଶା-ବଙ୍ଗ ଟଣାଓଟରା ଚାଲିଲା ସେତେବେଳେ ବଙ୍ଗଳା ଭାଷାରେ ଏକ ସୁପର ହିଟ୍ ଚଳଚ୍ଚିତ୍ର ବଙ୍ଗାଳରେ ମୁକ୍ତିଲାଭ କରିଲା ରସଗୋଲାର ଉଦ୍ଭାବନକୁ ନେଇ । ଆଉ ସେମାନେ ନେଇଗଲେ ଭୌଗୋଳିକ ମାନ୍ୟତା । ଅବଶ୍ୟ ଆମେ ପରେ ଓଡ଼ିଆ ରସଗୋଲାକୁ ନେଇ ପାଇଲେ, କିନ୍ତୁ କେଉଁଠି ନା କେଉଁଠି ଆମେ ପଛରେ ରହିଗଲେ । ମହାନଦୀ, କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗରେ ଆମେ ଆମର ଅଧିକାର ହରାଉଛେ ଏହାର କାରଣ ହେଉଛି ଆମେ ସବୁବେଳେ ସ୍ୱଳ୍ପକାଳୀନ ରାଜନୈତିକ ଉନ୍ମାଦନାରେ ବାନ୍ଧିହୋଇ ରହିବା ପାଇଁ ଚାହୁଁଛେ । ଆମେ ଲମ୍ବା ଓ ପ୍ରଭାବୀଶୈଳୀରେ ଆମର ଦାବିକୁ ଆଗେଇ ନେଇପାରୁନେ ।

**ହରିରାଜପୁର, ପୁରୀ**
**ମୋ- ୮୨୪୯୮୬୮୯୬୧**

# ମହାକାଶ ପର୍ଯ୍ୟଟନର ସମ୍ଭାବନା



ନଗେନ୍ଦ୍ର ନାଥ ପଟ୍ଟନାୟକ

ଏବେ ମହାକାଶ ପର୍ଯ୍ୟଟନ ବାସ୍ତବତାରେ ପରିଣତ ହୋଇଛି । ଅରବପତି ରିଚାର୍ଡ ବ୍ରାନ୍‌ସନ୍‌ଙ୍କ ଘରୋଇ କମ୍ପାନୀ ଭର୍ଜିନ ଗେଲୋକ୍ଟିକ ମହାକାଶରେ ଯାତ୍ରା କରିବାର ସ୍ୱପ୍ନକୁ ସାକାର କରି ଦେଖାଇଛି । ବ୍ରାନ୍‌ସନ୍‌ଙ୍କ ବ୍ୟତୀତ ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ ମଧ୍ୟ ସଫଳତାର ସହ ମହାକାଶ ଯାତ୍ରାକରି ନିରାପଦରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି । ଅତଏବ ଏଣିକି ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ପୃଥିବୀ ଅତିକ୍ରମ କରି ମହାକାଶରେ ମାନବସମାଜ ଯାତ୍ରା କରିବ ବୋଲି ଆଶା ସଞ୍ଚାର ହେଲାଣି । ଉଲ୍ଲେଖଯୋଗ୍ୟ, ଏକବିଂଶ ଶତାବ୍ଦୀରେ ବିତଶାଳୀ ଦେଶଗୁଡିକରେ ଧନାଢ୍ୟ ଲୋକଙ୍କ ନୂତନ ବୃତ୍ତି ଏବେ ସ୍ପେସ୍ ଟୁରିଜମ୍ ବା ମହାକାଶ ପର୍ଯ୍ୟଟନ ପାଲଟି ଯାଇଥିବାବେଳେ ସମଗ୍ର ବିଶ୍ୱବାସୀ ଏବେ କୋଭିଡ୍-୧୯ ମହାମାରୀ ସହ ମୁକାବିଲା କରୁଛନ୍ତି । ଏହି ଅଦୃଶ୍ୟ ଭୂତାଣୁ ସଂକ୍ରମଣର ଶିକାର ହୋଇ ଲକ୍ଷ ଲକ୍ଷ ଲୋକ ଅକାଳରେ ଟଳିପଡ଼ିଛନ୍ତି । ତେବେ ଏକଥା ସତ୍ୟ ଯେ ବିଶ୍ୱ ସମୁଦାୟରେ ଜନସଂଖ୍ୟାର ୨୨ପ୍ରତିଶତ ଲୋକଙ୍କୁ ଖାଇବାକୁ ମୁଠେ ଦାନା ନାହିଁ, ମୁଣ୍ଡ ଉପରେ ଚାଳ ନାହିଁ ଏବଂ ପିନ୍ଧିବାକୁ କନା ଖଣ୍ଡେ ବି ନାହିଁ । ମୁକୁଳା ଆକାଶ ତଳେ ଭୀଷଣ ଖରା, ପ୍ରବଳ ବର୍ଷା ଓ ହାଡ଼ଭଙ୍ଗା ଶୀତ ସହି ଜୀବନ ବିତଉଛନ୍ତି । ମାତ୍ର ମନୁଷ୍ୟର ଆକାଂକ୍ଷା ଓ ଲାଳସା ମହାକାଶଠୁ ଉତ୍ତୁଙ୍ଗ ଓ ବିରାଟ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ସେମାନେ ଏହି ଯାତ୍ରାକରି ଭରପୂର ମଜା ଉଠାଉଛନ୍ତି, ଯାହାକି ଏକଦା ଆମକୁ କଳ୍ପନା ତଥା ସ୍ୱପ୍ନରାଇଜ ପରି ଲାଗୁଥିଲା । ଯାହାକୁ ଆମେ ପରୀ କଥାରେ ଶୁଣି ଆମେ ଏଡେରୁ ଏଡୁଟିଏ ହୋଇଛେ ।

ଟଙ୍କା ଖର୍ଚ୍ଚକରି ମହାକାଶରେ କିଛି ମୁହୂର୍ତ୍ତ ଯାତ୍ରା କରିବାର ରୋମାଞ୍ଚ ଏବେ ବିଶ୍ୱ ଭ୍ରମଣଠାରୁ କାହିଁ କେତେଗୁଣା ଅଧିକ ଅନୁଭବ କରିହୁଏ । ଏହା ଏମିତି ଏକ ରୋମାଞ୍ଚଭରା ଯାତ୍ରା ଯାହା ପହିଲେ ରେଳଗାଡ଼ିରେ ବସିଲା ବେଳେ ଆମେ ଅନୁଭବ କରୁ । ବିଗତ ୫୧ ବର୍ଷ ଭିତରେ ବୈଜ୍ଞାନିକ କାରଣ ଓ ମନୁଷ୍ୟର ପୃଥିବୀ ଉପରେ ଅନ୍ୱେଷଣର ଅଦମ୍ୟ ଇଚ୍ଛା ହେତୁ ମହାକାଶ ଯାତ୍ରୀ ସୁଦୂର ମହାକାଶରେ ଭ୍ରମଣ କରୁଛନ୍ତି । ହଜାର ହଜାର ବର୍ଷର ସୌନ୍ଦର୍ଯ୍ୟ ତଥା ଶୀତଳତାର ପ୍ରତୀକ ଚନ୍ଦ୍ରପୃଷ୍ଠରେ ଅଧ ଶତାବ୍ଦୀ ଆଗରୁ ନିଲ୍ ଆର୍ମଷ୍ଟ୍ରଙ୍ଗ ଅବତରଣ କରିଥିଲେ ଏବଂ ସେତେବେଳେ ମନୁଷ୍ୟର ପାଦ ପ୍ରଥମଥର ଲାଗି ପଡ଼ିଥିଲା । ଏଥିସହିତ ବିଶାଳ ବ୍ରହ୍ମାଣ୍ଡକୁ ସଶରୀରେ ପଦାଚାରଣ କରିବାର ବିରାଟ ସ୍ୱପ୍ନ ସାକାର ହେଲା ଭଳି ଲାଗିଥିଲା, ଯାହା ଏବେ ବ୍ୟବସାୟିକ ରୂପ ଧାରଣ କରିଛି । ଏହି ଦୃଷ୍ଟିରୁ ବିଶ୍ୱର ତଥାକଥିତ ଧନାଢ଼୍ୟ ମହାକାଶ ପର୍ଯ୍ୟଟକ କମ୍ପାନୀ କାର୍ଯ୍ୟକ୍ଷମ ହୋଇଛି । ଏଥିରେ ସର୍ବପ୍ରଥମେ ଅରବପତି ବ୍ୟବସାୟୀ ସାର୍ ରିଚାର୍ଡ ବ୍ରେନ୍‌ସନଙ୍କ ଭର୍ଜିନ ଗେଲୋକ୍ଟିକ ସାମିଲ ହୋଇ ଅନ୍ତରୀକ୍ଷରେ ଇତିହାସ ସୃଷ୍ଟି କରିସାରିଛି । ମହାକାଶକୁ ପର୍ଯ୍ୟଟନ ନିମନ୍ତେ ବ୍ୟବହାର କରିବାକୁ ପ୍ରଥମେ ଘୋର ବିରୋଧ କରୁଥିବା ନାସା ଏବେ ଏଭଳି ଏକ ଘରୋଇ ଉଡ଼ାଣକୁ ଦୃଢ଼ ସମର୍ଥନ କରୁଛି । ବହୁ ପୁରାତନ କାଳରୁ ମହାକାଶରେ ଯାତ୍ରା କରିବାକୁ ମନୁଷ୍ୟ ମହତ ଅଭିଳାଷ ପୋଷଣ କରିଥିଲା । ଆମେରିକା ସ୍ଥିତ ସ୍ପେସ୍ ଏଜେନ୍ସି ନାସା ଦୀର୍ଘ ସମୟ ଧରି ମହାକାଶ ପର୍ଯ୍ୟଟକଙ୍କୁ ଆତିଥେୟତା ପ୍ରଦାନ କରିବାରେ ସଂକୋଚ କରୁଥିଲା । ସେଥିପାଇଁ ରୁଷିଆ ୧୯୯୦ ଓ ୨୦୦୦ ଦଶକରେ ଶୀତଳ ଯୁଦ୍ଧର ପରବର୍ତ୍ତୀ ସମୟରେ ଧନ ଉତ୍ସର ଅନ୍ୱେଷଣରେ କେତେକ ଧନିକ ଲୋକଙ୍କୁ ପଇସା ବଦଳରେ ମହାକାଶରେ ଯାତ୍ରା କରାଇଥିଲା ।

ଦୁଇ ଅତି ଧନୀଙ୍କ ମହାକାଶ ଯାତ୍ରା ସଫଳ ହେବା ପରେ ଏବେ ମହାକାଶ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ହେବାର ସମ୍ଭାବନା ବେଶ୍ ଉଜ୍ଜ୍ୱଳ ଜଣାପଡୁଛି । ଅନ୍ତରୀକ୍ଷରେ ଯାତ୍ରା କରିବାର ଗୌରବ ହାସଲ କରିବା ଲାଗି ରୋମାଞ୍ଚିତ ଅରବପତି ଲକ୍ଷଲକ୍ଷ ଡଲାର ଖର୍ଚ୍ଚ କରିବାରେ ଦ୍ୱିଧା ପ୍ରକାଶ କରନ୍ତି ନାହିଁ । ଧନିକଙ୍କ ପାଇଁ ଏହା ଏକ ବୈଶ୍ୱିକ ଷ୍ଟାଟସ ସିମ୍ବଲ ହାସଲ କରିବା ଭଳି ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ସ୍ପେସ୍ ଟୁରିଜମ ବା ମହାକାଶ ପର୍ଯ୍ୟଟନ ଅରବପତିମାନଙ୍କର ପେସା ଅଥବା ସେମାନଙ୍କ ବିରାଟ ବ୍ୟବସାୟ ବନିଯିବ କି ? ତେବେ ସେ ଯାହାହେଉ ଏଥିରେ ଲେଶ୍‌ମାତ୍ର ସନ୍ଦେହ ନାହିଁ ଯେ ଆଗକୁ ଅନ୍ତରୀକ୍ଷ ଦୃଶ୍ୟପଟ ନିଶ୍ଚିତ ରୂପେ ବଦଳିଯିବ । ଘରୋଇ ସ୍ପେସ୍ କମ୍ପାନୀଙ୍କ ଅଭ୍ୟୁଦୟରେ ଧଡ଼ୀ ଲୋକଙ୍କୁ ଅନ୍ତରୀକ୍ଷ ଯାତ୍ରାର ଆନନ୍ଦ ଅନୁଭବ କରାଇବା ବେଶ୍ ସହଜ ମନେହୁଏ । ତେବେ ସ୍ପେସ୍ ଟୁରିଜମ୍‌କୁ ନେଇ ତୀବ୍ର ମତଭେଦ ସୃଷ୍ଟି ହୋଇଛି । ପରିବେଶବିତ୍ ଓ ମହାକାଶ ବିଜ୍ଞାନୀଙ୍କ କହିବା କଥା ହେଲା, ଅରବପତିମାନେ ସ୍ପେସ୍ କମ୍ପାନୀ ବିଜ୍ଞାନକୁ ଆଗେଇ ନେବାରେ ମାନବଜାତିର ସୀମାକୁ ବିସ୍ତାର ତଥା ସେମାନଙ୍କ କଲ୍ୟାଣ କରିବା ଲାଗି ଧନ ବ୍ୟୟ କରନ୍ତି ନାହିଁ । ବରଂ ନିଜ ଧନକୁ ଏଭଳି ଭାବରେ ଖର୍ଚ୍ଚ କରନ୍ତି ଯାହା ଅନ୍ତରୀକ୍ଷରେ ମଧ୍ୟ ଜଳବାୟୁକୁ ନଷ୍ଟ କରିଦିଅନ୍ତି । କମ୍ପାନୀଗୁଡ଼ିକ ଜଳବାୟୁ ପରିବର୍ତ୍ତନର ବାସ୍ତବ ସମସ୍ୟାକୁ ନଜରଅନ୍ଦାଜ କରିଥାନ୍ତି । ଅନ୍ତରୀକ୍ଷ ଟୁରିଜମର ଉଦ୍ଦେଶ୍ୟ-ଅମିରମାନଙ୍କୁ ମୋହିତ କରି ଅର୍ଥରାଶି ଉପାର୍ଜନ କରିବା । ଏପର୍ଯ୍ୟନ୍ତ ଆମର ଜ୍ଞାନମଣ୍ଡଳରେ କେବଳ ଧରିତ୍ରୀ କୋଳରେ ହିଁ ମଣିଷ ଜୀବନ ଜିଇପାରିବ । ଆଜିକାଲି ଆମେ ସୁବିଧାଜନକ ତଥା ସୁରକ୍ଷିତ ଜୀବନ ଜିଇବାର ବୈଷୟିକ କଳାକୌଶଳ ହାସଲ କରିଛେ । ପରନ୍ତୁ ପରିବର୍ତ୍ତିତ ସାମାଜିକ ଓ ପାରିପାର୍ଶ୍ୱିକ ସ୍ଥିତିରେ ବିଶ୍ୱ ଉତ୍‌ଥାନ ପତନ ଦେଇ ଗତିକରୁଛି । ମହାକାଶ ଯାତ୍ରା ମନୁଷ୍ୟର ସପନକୁ ସାକାର କରିପାରେ ସିନା ହେଲେ ମାନବଜାତି ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତାର ବିନାଶ, ପରମାଣୁ ଯୁଦ୍ଧର ଆଶଙ୍କା ଘେରରେ ରହିଛି । ଆଶଙ୍କା କରାଯାଉଛି ମହାକାଶ ଯାତ୍ରା ସରକାରୀ ନିୟନ୍ତ୍ରଣରୁ ଧୀରେ ଧୀରେ ଅପସରିଯିବ ଏବଂ ଘରୋଇ କମ୍ପାନୀଗୁଡ଼ିକ ସକ୍ରିୟ ହୋଇଯିବେ । ଆଉ ନାସାକୁ ନିଜ କମ୍ପାନୀ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବ ।

**ମୋ: ୯୪୩୮୩୩୨୧୩୮**

## ଏଇ ଭାରତରେ

ଗୋଟିଏ କି ଦୁଇଟି ପ୍ରକାର ଧାନ ନୁହେଁ, ୬୫୦ ପ୍ରକାର ଧାନ ଚାଷ କରୁଛନ୍ତି କେରଳର ସତ୍ୟନାରାୟଣନ ବେଲେରି । କସାରଗଡର ନେତିନେଗେ ଗାଁ ନିବାସୀ ସତ୍ୟନାରାୟଣନ ଅଭିନବ ପଦ୍ଧତିରେ କମ୍ ଜମିରେ ତାର୍‌ପୋଲିନ ଓ ଗ୍ରୋ ବ୍ୟାଗ୍ ବ୍ୟବହାର କରି ଧାନଚାଷ କରୁଛନ୍ତି । ତାର୍‌ପୋଲିନରେ ପାଣି ଜମାକରି ତା'ଉପରେ ଗ୍ରୋ ବ୍ୟାଗ ରଖି ଏହି ଚାଷ କରାଯାଉଛି । ସେ କେରଳ, କର୍ନାଟକ, ଆସାମ , ମଣିପୁରରୁ ଧାନ ବିହନ ସଂଗ୍ରହ କରୁଛନ୍ତି । ଏପରିକି ଫିଲିପାଇନ୍ସ ଏବଂ ଜାପାନରୁ ମଧ୍ୟ ବିହନ ମଗାଉଛନ୍ତି । ୧୫ ବର୍ଷ ତଳୁ ସେ ଧାନ ବିହନ ସଂଗ୍ରହ କରିବା ଆରମ୍ଭ କରିଥିଲେ । ଔଷଧୀୟ ଗୁଣରେ ଭରପୁର ବହୁ କିସମ ଧାନ ମଧ୍ୟ ତାଙ୍କ ପାଖରେ ଉପଲବ୍ଧ । କେବଳ ଏତିକି ନୁହେଁ,ସତ୍ୟନାରାୟଣନ ଧଳା, କଳା, ଲାଲ, ବାଇଗଣି ଓ ସବୁଜ ରଙ୍ଗ ଧାନ ଉତ୍ପାଦନ କରୁଛନ୍ତି । ପ୍ରତ୍ୟେକ ଗ୍ରୋ ବ୍ୟାଗ୍‌ରେ ୩୦୦ ଗ୍ରାମ୍ ଧାନ ଫଳୁଛି । ସେ ମଧ୍ୟ ବହୁ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଉଛନ୍ତି । ଧାନ ଚାଷ ପାଇଁ ତାଙ୍କୁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ସମ୍ମାନିତ କରାଯାଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜାନୁୟାରୀ ୧୯୯୭

- ବ୍ରାଜିଲର ଦକ୍ଷିଣ ପଶ୍ଚିମାଞ୍ଚଳରେ ପ୍ରବଳ ବର୍ଷା ଓ ଝଡ଼ ଯୋଗୁ ୭୧ ଜଣଙ୍କ ମୃତ୍ୟୁ ।
- ଚୀନର ଦକ୍ଷିଣ ପଶ୍ଚିମାଞ୍ଚଳ ସିଚୁଆଁ ପ୍ରଦେଶ ତୁଅଦିଆଁ ନଦୀରେ ନୌକା ବୁଡ଼ି ୩୩ ମୃତ ।
- ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁପ୍ରିମ୍‌କୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କୁଲଦୀପ ସିଂଙ୍କୁ ପରିବେଶ ପୁରସ୍କାର ପ୍ରଦାନ ।

## ଚିରନ୍ତନୀ

ଜମିଦାର ପିଆଦାକୁ
ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା
ସତାରିବ ମାସେ ଖାଲି !
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 8 | | 5 | | | |
| | | | 9 | 1 | | | 2 | |
| 1 | | | | | | 8 | 7 | |
| | 7 | | | 5 | | | | |
| | 2 | | | | | | | |
| 8 | 3 | 5 | | 2 | | | | |
| | | | 4 | | | 6 | | 2 |
| | | 3 | | | | 1 | 8 | |
| | | | | | 6 | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 3 | 6 | 8 | 2 | 1 | 9 |
| 6 | 1 | 8 | 4 | 2 | 9 | 3 | 5 | 7 |
| 9 | 3 | 2 | 7 | 5 | 1 | 8 | 6 | 4 |
| 7 | 2 | 5 | 6 | 8 | 3 | 4 | 9 | 1 |
| 3 | 8 | 1 | 9 | 7 | 4 | 5 | 2 | 6 |
| 4 | 9 | 6 | 5 | 1 | 2 | 7 | 3 | 8 |
| 8 | 6 | 9 | 2 | 3 | 7 | 1 | 4 | 5 |
| 1 | 5 | 3 | 8 | 4 | 6 | 9 | 7 | 2 |
| 2 | 4 | 7 | 1 | 9 | 5 | 6 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନୀତିର ପୁନର୍ବିଚାର ହେଉ

ମହାଶୟ,

ପ୍ରଧାନମନ୍ତ୍ରୀ ନଗଦରାଶି କାରବାର ବଦଳରେ ଅଣନଗଦ ବା କ୍ୟାଶଲେସ୍ କାରବାରକୁ ଉତ୍ସାହିତ କରୁଥିବା ବେଳେ ଆମ ଦେଶର ବ୍ୟାଙ୍କ ଶିଳ୍ପ ଭାରତୀୟ ରିଜର୍ଭ ବ୍ୟାଙ୍କ ( ଆର୍‌ବିଆଇ) ପ୍ରଣୀତ ନିୟମାନୁସାରେ ଜାନୁୟାରୀ ପହିଲାରୁ ଗ୍ରାହକମାନେ ନଗଦ ବିତରକ ଯନ୍ତ୍ର (ଏଟିଏମ୍) କାରବାରରେ ନିର୍ଦ୍ଦିଷ୍ଟ ସୀମାରେ କାରବାର କରିବେ । ଅନ୍ୟଥା ସେମାନଙ୍କୁ ପ୍ରତିଟି ଅତିରିକ୍ତ କାରବାର ପାଇଁ ୨୧ ଟଙ୍କା ଏବଂ ସେବାକର ସହିତ ଶୁଳ୍କ ଦେବାକୁ ପଡ଼ିବ । ନୂତନ ବ୍ୟବସ୍ଥାରେ ନିଜ ଖାତା ଥିବା ବ୍ୟାଙ୍କ ଏଟିଏମ୍‌ରେ ସର୍ବାଧିକ ମାସିକ ପାଞ୍ଚଥର ନିଃଶୁଳ୍କ ସେବା ଉପଲବ୍ଧ ଥିବାବେଳେ ଖାତା ନ ଥିବା ବ୍ୟାଙ୍କର ଏଟିଏମ୍‌କୁ ସର୍ବାଧିକ ମାସିକ ତିନିଥର ନିଃଶୁଳ୍କ ବ୍ୟବହାର କରାଯାଇପାରିବ । ଏତାଦୃଶ ବ୍ୟବହାର ସଂଖ୍ୟାରେ କଟକଣା ଲୋକମାନଙ୍କୁ ଅଧିକ ସଂଖ୍ୟାରେ ବାରମ୍ବାର ବ୍ୟାଙ୍କ ଶାଖାକୁ ଯିବା ଲାଗି ବାଧ କରିବ । ଆର୍‌ବିଆଇ ଏହି ନୀତିର ପୁନର୍ବିଚାର କରିବା ଆବଶ୍ୟକ ।

**-ବନ୍ଦିତା ମହାନ୍ତି, ବାଲୁଅ, ରାମକୃଷ୍ଣପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୮/୨୦୨୨ Bhubaneswar, Saturday, January 8/ 2022



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ସତ୍ୟପ୍ରକାଶ ନନ୍ଦଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ପ୍ରଭାତ କୁମାର ବକ୍ସିଙ୍କୁ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରୁଛନ୍ତି।

# ଇଂଲଣ୍ଡର ସଂଘର୍ଷ ଜାରି

**ସିଡ୍‌ନୀ,୭।୧**

ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଭ୍ରମଣକାରୀ ଇଂଲଣ୍ଡ ଜନି ବେୟାରଷ୍ଟୋଙ୍କ ଅପରାଜିତ ଶତକ ସହାୟତାରେ ପ୍ରତ୍ୟାବର୍ତ୍ତନ କରିବା ପାଇ ସଂଘର୍ଷ ଜାରି ରଖିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୮ ଉଇକେଟ ହରାଇ ୪୧୬ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୭ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ୩ ଉଇକେଟ ହାତରେ ଥାଇ ଇଂଲଣ୍ଡ ଏବେ ୧୫୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଜନି ବେୟାରଷ୍ଟୋ ୧୦୩ ଓ ଜ୍ୟାକ ଲିଚ୍ ୪ ରନ କରି ଅପରାଜିତ ରହିଛନ୍ତି। ବେୟାରଷ୍ଟୋ ୧୪୦ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ମାରିଥିଲେ। ଏହି ସିରିଜରେ ୭ଟି ଇନିଂସ ମଧ୍ୟରୁ ଇଂଲଣ୍ଡ ତରଫରୁ ବେୟାରଷ୍ଟୋ ପ୍ରଥମ ଶତକ ହାସଲ କରିଛନ୍ତି। ସେ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି।



ଶତକ ହାସଲ ପରେ ଜନି ବେୟାରଷ୍ଟୋ।

ଓଭରନାଇଟ୍ ସ୍କୋର ୧୩/୦ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ୩୬ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର ହାସିବ ହମିଦ ଓ ଜ୍ୟାକ କ୍ରଲି ଯଥାକ୍ରମେ ୬ ଓ ୧୮ ରନକରି ଆଉଟ ହୋଇଥିଲେ। ଅଧିନାୟକ ଜୋ ରୁଟ୍ ଖାତା ଖୋଲିବା ପୂର୍ବରୁ ଦ୍ୱିତୀୟ ସ୍ଲିପ୍‌ରେ ଷ୍ଟିଭ୍ ସ୍ମିଥଙ୍କୁ କ୍ୟାଚ୍ ଦେଇ ବୋଲାଣ୍ଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଦାଉିଦ ମଲନ ୩ ରନ କରିଥିଲେ। ଏହାପରେ ପଞ୍ଚମ ଉଇକେଟରେ ବେୟାରଷ୍ଟୋ ଓ ଷ୍ଟୋକ୍ସ ୧୨୮ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ଷ୍ଟୋକ୍ସ ୬୬ ରନ କରିଥିବା ବେଳେ ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟର ଜୋଶ ବଟଲର ବିନା ସ୍କୋରରେ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ଖ୍ୱାଜାଙ୍କୁ କ୍ୟାଚ୍ ଦେଇଥିଲେ। ମାର୍କ ଉଡ୍ ୪୧ ବଲରୁ ୨ ଚୌକା ଓ ୩ ଛକା ସହ ଦ୍ରୁତ ୩୯ ରନର ଇନିଂସ ଖେଳି ପଏଣ୍ଟରେ ଲିୟନଙ୍କୁ କ୍ୟାଚ୍ ଦେଇ କମିନ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ବୋଲିଂରେ କମିନ୍ସ ଓ ବୋଲାଣ୍ଡ ୨ଟି ଲେଖାଏ, ଷ୍ଟାର୍କ, ଗ୍ରୀନ୍ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ୩ଟି ଟେଷ୍ଟ ଜିତି ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହୋଇ ଆଗୁଆ ସିରିଜ ଜିତିବା ସହ ଆଶେସ ବଜାୟ ରଖିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୩୪ ଓଭରରେ ୪୧୬/୮ ଇନିଂସ ଘୋଷଣା। ଇଂଲଣ୍ଡ ପ୍ରଥମ ଇନିଂସ- ୭୦ ଓଭରରେ ୨୫୮/୭ (ବେୟାରଷ୍ଟୋ- ୧୦୩*, ଜ୍ୟାକ ଲିଚ୍- ୪*, ଷ୍ଟୋକ୍ସ- ୬୬, ଉଡ୍- ୩୯, କମିନ୍ସ- ୨/୬୮, ବୋଲାଣ୍ଡ- ୨/୨୫)।

# ଉତ୍କଳ ଓପନ ଟେନିସ ଆରମ୍ଭ

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ୮ମ ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ମାରିକ, ଉତ୍କଳ ବିଲ୍ଡର୍ସର ସିଇଓ ସୁଭାଷ ଭୁରା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୩୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଟେନିସର ବିକାଶ ପାଇଁ ସମର୍ଥନ ଜଣାଇ ଆସୁଥିବା ସତ୍ୟପ୍ରକାଶ ନନ୍ଦ ଓ ପ୍ରଭାତ କୁମାର ବକ୍ସିଙ୍କୁ ଯଥାକ୍ରମେ ମୁଖ୍ୟ ଶାସନ ସଚିବ ଓ କ୍ରୀଡ଼ା ସଚିବ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିଥିଲେ।

# ଟି୨୦ କ୍ରିକେଟରେ ନୂଆ ନିୟମ

**ଦୁବାଇ,୭।୧**

କ୍ରିକେଟର ଛୋଟ ଫର୍ମାଟ ଟି୨୦ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନୂଆ ନିୟମ ଲାଗୁ କରିଛି। ମନ୍ଥର ବୋଲିଂ କଲେ ଏଥର କଡ଼ା ଦଣ୍ଡ ମିଳିବ। ଟି୨୦ ମ୍ୟାଚ୍‌ରେ ଏବେ ଡ୍ରିଙ୍କ୍ସ ଅଣାଯାଇପାରିବ। ୨୦୨୨ ଜାନୁୟାରୀରେ ଏହି ନିୟମ ଲାଗୁ ହେବ। ନୂଆ ନିୟମ ଅନୁସାରେ ଯଦି କୌଣସି ଦଳ ଓଭର ରେଟ୍ ଅନୁସାରେ ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ପଛରେ ପଡିଥିବ ତେବେ ବାକି ଥିବା ଓଭରଗୁଡିକରେ ୩୦ ୟାର୍ଡ ସର୍କଲ ବାହାରେ ଜଣେ ଫିଲ୍ଡରଙ୍କ ସଂଖ୍ୟା ହ୍ରାସ କରିବ। ଅର୍ଥାତ୍ ମନ୍ଥର ବୋଲି କଲେ ବାକି ଥିବା ଓଭରଗୁଡିକରେ ସମ୍ପୃକ୍ତ ଦଳକୁ ସର୍କଲ ବାହାରୁ ଜଣେ ଫିଲ୍ଡରଙ୍କୁ ହଟାଇ ୩୦ ୟାର୍ଡ ସର୍କଲ ଭିତରକୁ ଆଣିବାକୁ ହେବ। ନୂଆ ନିୟମ ଲାଗୁ ହେବା ପରେ ମଧ୍ୟ ମନ୍ଥର ବୋଲିଂ ପାଇଁ ପୁରୁଣା ଦଣ୍ଡବିଧି ନିୟମ ଜାରି ରହିବ। ମନ୍ଥର ବୋଲିଂ ପାଇଁ ପୂର୍ବରୁ ଖେଳାଳିମାନଙ୍କ ପାଉଣା ଜରିମାନା ଆକାରରେ କଟାଯାଉଥିଲା।

**ମନ୍ଥର ବୋଲିଂ କଲେ ସର୍କଲ ବାହାରୁ ଜଣେ ଫିଲ୍ଡର କମିବେ**

ଏଥିସହ ଅଧିନାୟକଙ୍କ ଉପରେ ଡିମେରିଟ୍ ପଏଣ୍ଟ ଲାଗୁ ହେଉଥିଲା। ଜାନୁୟାରୀ ୧୬ ତାରିଖରେ ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଟି୨୦ ମ୍ୟାଚ୍‌ରେ ଏହି ନୂଆ ନିୟମ ପ୍ରଥମଥର ପାଇଁ ଲାଗୁ ହେବ ବୋଲି ଶୁକ୍ରବାର ଆଇସିସି ତରଫରୁ ପ୍ରକାଶ କରାଯାଇଛି। ସେହିପରି ୧୮ ତାରିଖରେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ମହିଳା ଟି୨୦ ମ୍ୟାଚ୍‌ରେ ମଧ୍ୟ ଏହି ନିୟମ ପ୍ରଥମଥର ପାଇଁ ଲାଗୁ ହେବ। ନିୟମ ଅନୁସାରେ ମ୍ୟାଚ୍‌ର ପ୍ରଥମ ୬ ଓଭର ପରେ ସର୍କଲ ବାହାରେ ୫ଜଣ ଖେଳାଳିଙ୍କୁ ଫିଲ୍ଡିଂ କରିବାକୁ ଅନୁମତି ଦିଆଯାଉଥିଲା। ଆଇସିସି କ୍ରିକେଟ କମିଟି ନୂଆ ନିୟମ ଲାଗୁ ନେଇ ସୁପାରିସ କରିଥିଲା। ଆଇସିସି ମଧ୍ୟ ଏନେଇ ତା'ର ମତ ରଖିଛି। ଓଭର ରେଟ୍‌ର ନିୟମ ପୂର୍ବରୁ ଲାଗୁ ହୋଇଛି। ଫିଲ୍ଡିଂ କରୁଥିବା ଦଳ ଯଦି ନିର୍ଦ୍ଧାରିତ ସମୟ ସୁଦ୍ଧା ଅନ୍ତିମ ଓଭର ପ୍ରଥମ ବଲ୍ ପକାଇ ନ ଥିବ ତା'ହେଲେ ବାକିଥିବା ଓଭରରେ ଦଳକୁ ସର୍କଲ ବାହାରୁ ଜଣେ ଫିଲ୍ଡରଙ୍କ ସଂଖ୍ୟା କମାଇବାକୁ ହେବ। ସେହିପରି ଡ୍ରିଙ୍କ୍ସ ଇଣ୍ଟରଭାଲ ଅଢେଇ ମିନିଟ ବିଶିଷ୍ଟ ହେବ ବୋଲି କୁହାଯାଇଛି।

# ରଣପୁର, ଛତ୍ରପୁର ହକି ଗ୍ରାସ୍‌ରୁଟ୍ ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୧ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟରେ ହକି ପ୍ରତିଭାଙ୍କୁ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଟାଟା ହକିର ଉଦ୍ୟମ କ୍ରମେ ଶୁକ୍ରବାର ଦୁଇଟି ନୂଆ ଗ୍ରାସ୍‌ରୁଟ୍ ସେଣ୍ଟର ଗଞ୍ଜାମ ଓ ନୟାଗଡ଼ ଜିଲାରେ ଖୋଲାଯାଇଛି। ଉଦ୍‌ଘାଟନୀ ଉତ୍ସବ ଭର୍ଚୁଆଲ ଜରିଆରେ ହୋଇଥିଲା। ଏହି ଅବସରରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ପଦ୍ମଶ୍ରୀ ଦିଲୀପ ତିର୍କୀ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣା, ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଓ ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରଣପୁରଠାରେ ଓଡ଼ିଶା ଟାଟା ହକି ଗ୍ରାସ୍‌ରୁଟ୍ ସେଣ୍ଟରକୁ ଦିଲୀପ ତିର୍କୀ ଏବଂ ଗଞ୍ଜାମର ଛତ୍ରପୁରଠାରେ ନିର୍ମିତ ଗ୍ରାସ୍‌ରୁଟ୍ ସେଣ୍ଟରକୁ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ,ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ଗ୍ରାସ୍‌ରୁଟ୍ କାର୍ଯ୍ୟକ୍ରମ ୨୦୧୯ ଡିସେମ୍ବର ୧ରେ ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଦ୍ୱାରା ଗତବର୍ଷ ସୁନ୍ଦରଗଡ଼ରେ ୮ଟି ଏବଂ ସମ୍ବଲପୁରରେ ଦୁଇଟି (୨୦୨୧ ଜାନୁୟାରୀ ୨୨ରେ) ବ୍ୟତୀତ ଦୁଇଟି ନୂଆ ଗ୍ରାସ୍‌ରୁଟ୍ ସେଣ୍ଟର ଢେଙ୍କାନାଳ ଓ ଦେଓଗଡ଼ରେ ଉଦ୍‌ଘାଟିତ ହୋଇଥିଲା।

**ଅକ୍ଷୟ ମଲ୍ଲିକ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

# ପ୍ରତାପ କ୍ଲବ ଚାମ୍ପିୟନ



ଚାମ୍ପିୟନ ଟ୍ରଫି ସହ ଅତିଥି ଓ ପ୍ରତାପ କ୍ଲବର ଖେଳାଳି।

**ଟିଗିରିଆ, ୭।୧ (ଡି. ଏନ୍. ଏ.):** ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ୍‌ରେ ଦିବ୍ୟଜ୍ୟୋତି ଆସୋସିଏଶନ ପକ୍ଷରୁ ୪ର୍ଥ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାନ୍ଦ କ୍ଲବ କେନ୍ଦ୍ରାପଡ଼ାକୁ ପରାସ୍ତ କରି ପ୍ରତାପ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ପ୍ରତାପ କ୍ଲବର ୧୪ ନଂ. ଖେଳାଳି ବାପୁନି ବିନ୍ଧାଣି ଓ ଚାନ୍ଦ କ୍ଲବର ୧୩ ନଂ. ଖେଳାଳି ଟାଙ୍କୁ ଖାଁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହା ପରଠାରୁ ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଟାଇବ୍ରେକର ଜରିଆରେ ମ୍ୟାଚ୍‌ର ଫଳାଫଳ ବାହାରିଥିଲା। ଏଥିରେ ପ୍ରତାପ କ୍ଲବ ୫-୪ ଗୋଲରେ ବିଜୟୀ ହୋଇଛି। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କଟକ ସିଡିଏର ରାଜସ୍ୱ ନିରୀକ୍ଷକ ଗୁରୁଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସେନା କର୍ମଚାରୀ ବରୁଣ ରାଜ, ରଘୁନାଥ ଗୁରୁ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଚାନ୍ଦ କ୍ଲବର ନନ୍ଦୁ ଖାଁ ବିବେଚିତ ହୋଇଥିଲେ। ଅତିଥିମାନେ ପ୍ରତାପ କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୩୦ ହଜାର ଓ ଚାନ୍ଦ କ୍ଲବକୁ ରନର୍ସଅପ୍ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ରେଫରି ଭାବେ ସଞ୍ଜୀବ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ।

# ପଞ୍ଚାନନ ଜେନା ମେମୋରିଆଲ ଟ୍ରଫି ୧୦ରୁ

**ଭୁବନେଶ୍ୱର,୭।୧ (ସ୍ପୋର୍ଟ୍ସ ବ୍ୟୁରୋ)**



ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟ ଓ ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ କେଶୁରାର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ ଦ୍ୱିତୀୟ ପଞ୍ଚାନନ ଜେନା ମେମୋରିଆଲ କ୍ରିକେଟ ଟ୍ରଫି- ୨୦୨୨ ଆରମ୍ଭ ହେବ। ସ୍ୱର୍ଗତ ପଞ୍ଚାନନ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ କେଶୁରା ଗ୍ରାମ ଖେଳ ପଡିଆରେ ଆୟୋଜନ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର ଓ କଟକର ବଛାବଛା ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ଟ୍ୱିନ ସିଟିର ଏମ୍‌ସିସି, ସୋଲାର କ୍ଲବ, ପାରାମାଉଣ୍ଟ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ, ରାମେଶ୍ୱର ସ୍ପୋର୍ଟିଂ, ସହିଦ ସ୍ପୋର୍ଟିଂ, ପ୍ରଗତି ସ୍ପୋର୍ଟିଂ ଓ ଜୁଭେନାଇଲ କ୍ଲବ ଏଥିରେ ଭାଗ ନେବେ। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲକୁ ମିଶାଇ ଟୁର୍ନାମେଣ୍ଟରେ ମୋଟ ଉପରେ ୭ଟି ମ୍ୟାଚ୍ ଖେଳାଯିବ।

ଚାମ୍ପିୟନ ଦଳକୁ ପୁରସ୍କାର ସ୍ୱରୂପ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ରନର୍ସଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଦିଆଯିବ। ମ୍ୟାଚ୍‌ଗୁଡିକ କେଶୁରା ଗ୍ରାମ ଖେଳ ପଡିଆରେ ଖେଳାଯିବ। ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ବିଜ୍ଞାନ ଓ କାରିଗର କୌଶଳ ତଥା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଡା ସମ୍ମାନନୀୟ ଅତିଥି ରୂପେ ଯୋଗ ଦେବେ। ଆଗାମୀ ଦିନରେ ଏହି ଟୁର୍ନାମେଣ୍ଟ କେବଳ ଟ୍ୱିନସିଟିରେ ସୀମିତ ହୋଇ ରହିବ ନାହିଁ। ଏଥିରେ ବିଭିନ୍ନ ଜିଲାର ବଛା ବଛା ଦଳକୁ ନେଇ ଆଗକୁ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ପଞ୍ଚାନନ ଜେନା ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା, ଉପାଧ୍ୟକ୍ଷ ପ୍ରମୋଦ କୁମାର ଜେନା, ଫ୍ରେଣ୍ଡ୍ସ କ୍ରିକେଟ କ୍ଲବର ସଭାପତି କୃତାର୍ଥ ପ୍ରଧାନ ଏ ନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସହିଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ, ସହିଦ ସ୍ପୋର୍ଟିଂ ପୂର୍ବତନ କୋଚ୍ ରାଧେଶ୍ୟାମ ନାୟକ ଓ ପ୍ରସନ୍ନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାରବାଟୀରେ ବିସିସିଆଇ ପ୍ରତିନିଧି

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଫେବୃୟାରୀ ୧୫ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାର କାର୍ଯ୍ୟସୂଚୀ ରହିଛି। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବ୍ରଡ୍‌କାଷ୍ଟିଂ ଟିମ୍‌ର ପ୍ରତିନିଧି ପ୍ରଶାନ୍ତ ବିସ୍ତ ଶୁକ୍ରବାର କଟକ ଆସି ବାରବାଟୀ ଷ୍ଟାଡିୟମରେ ପ୍ରସାରଣ ପାଇଁଥିବା ସୁବିଧା ସୁଯୋଗ ଅନୁଧ୍ୟାନ କରିଛନ୍ତି।

# ଖୋ ଖୋ ଚାମ୍ପିୟନ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)**

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଦ୍ୱାରା ଚଳିତ ବର୍ଷ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ପୁରୁଷ ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ କ୍ରୀଡ଼ା ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳସଚିବ ଅଭୟ କୁମାର ନାୟକ, ବିତ୍ତୀୟ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ସନ୍ତରଣରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ପ୍ରତ୍ୟାଶା ରାୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମଟି କ୍ରୀଡ଼ା ପରିଷଦର ବିଭାଗୀୟ ଅଧିକାରୀ ଶକ୍ତିରଞ୍ଜନ ସେନାପତି ଓ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ସମ୍ବର୍ଦ୍ଧିତ ହେବା ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଖୋଖୋ ଦଳ।

# ଭଦ୍ରକ ୟୁନିକ୍ ଇଲେଭେନ ଚାମ୍ପିୟନ




ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ଯାଜପୁର ଟାଉନ, ୭।୧ (ଡି.ଏନ.ଏ.):** ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭଦ୍ରକ ୟୁନିକ୍ ଇଲେଭେନ ଚାମ୍ପିୟନ ହୋଇଛି। ଭଦ୍ରକ ୟୁନିକ୍ ଇଲେଭେନ ଓ ରାଞ୍ଚି ରେଲୱେ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ୟୁନିକ୍ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୧୭୧ରନ୍ କରି ଅଲ୍‌ଆଉଟ ହୋଇଥିଲା। ରାମଚନ୍ଦ୍ର ବେହେରା ୭୪ ଓ ଅଜୟ ରାଉତ ୩୫ ରନ୍ କରିଥିଲେ। ବିପକ୍ଷ ଦଳର ତନୟ ଖଣ୍ଡେଲୱାଲ ଓ ସୁପ୍ରିୟ ଚକ୍ରବର୍ତ୍ତୀ ୩ ଉଇକେଟ ଲେଖାଏ ପାଇଥିଲେ। ଜବାବରେ ରାଞ୍ଚି ରେଲୱେ ୨୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ କରିବାକୁ ସକ୍ଷମ ହୋଇଥିଲା। ସଚିନ୍ ତିୱାରୀ ୩୮ ଓ ଅର୍ନବ ସିହ୍ନା ୩୩ରନ କରିଥିଲେ। ୟୁନିକ୍ ଇଲେଭେନର ସତ୍ୟକାମ ଭରଦ୍ୱାଜ ୩ଟି ଓ କ୍ଷମା ସାଗର ବଳ ୨ ଉଇକେଟ ଅକ୍ତିଆର କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବଟକୃଷ୍ଣ ମହାପାତ୍ର, ପଦାରବିନ୍ଦ ପରିଡ଼ା, ଜ୍ଞାନଚାନ୍ଦ ଦାସ, ଓସିଏ କାଉନ୍‌ସିଲ ମେମ୍ବର ସନ୍ତୋଷ ଦାସ ଓ ଅଭୟ ବଲ୍ଲଭ ପଣ୍ଡା ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥରାଶି ଶହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରାମଚନ୍ଦ୍ର ବେହେରା ଓ ମ୍ୟାନ୍ ଅଫ୍ ଦି ସିରିଜ କ୍ଷମା ସାଗର ବଳ ବିବେଚିତ ହୋଇଥିଲେ। ବେଷ୍ଟ ବ୍ୟାଟର ସଚିନ ତିୱାରୀ ଓ ବେଷ୍ଟ ବୋଲର ଭାବେ କିସାନ୍ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

# ସେମିରେ ବୋପାନ୍ନା-ରାମକୁମାର

**ଆଡିଲେଡ, ୭।୧:** ଏଠାରେ ଚାଲିଥିବା ଆଡିଲେଡ ଇଣ୍ଟରନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟରେ ଭାରତର ରୋହନ ବୋପାନ୍ନା ଓ ରାମକୁମାର ରାମନାଥନ ପୁରୁଷ ଡବଲ୍ସ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ମହିଳା ଡବଲ୍ସରେ ଭାରତୀୟ ଅଭିଜ୍ଞ ଖେଳାଳି ସାନିଆ ମିର୍ଜା ଓ ତାଙ୍କ ୟୁକ୍ରେନ୍ ପାର୍ଟନର ନାଡିଆ କିଚେନୋକ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋପାନ୍ନା- ରାମକୁମାର ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ଓ ମୋନେଗାସ୍କେର ବେଞ୍ଜାମିନ ବୋଞ୍ଜି ଓ ହୁଗୋ ନିସ୍‌ଙ୍କୁ ୬-୧, ୬-୩ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ଅନ୍ୟପଟେ ସାନିଆ ଓ ନାଡିଆ ସେମିଫାଇନାଲରେ ସ୍ଥାନୀୟ ଯୋଡି ଆଶଲେ ବାର୍ଟି ଓ ଷ୍ଟୋର୍ମ ସାଣ୍ଡର୍ସଙ୍କଠାରୁ ୧-୬, ୬-୨, ୮-୧୦ ସେଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ଏସ୍‌ଆର୍‌ଏମ୍, କାଲିକଟ ଚାମ୍ପିୟନ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ**

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)**

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ଭଲିବଲ ଟୁର୍ନାମେଣ୍ଟରେ ଏସ୍‌ଆର୍‌ଏମ୍ ମହିଳା ଓ କାଲିକଟ ବିଶ୍ୱବିଦ୍ୟାଳୟ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ କେରଳର କାଲିକଟ ବିଶ୍ୱବିଦ୍ୟାଳୟ ୩-୧ (୨୧-୨୫, ୨୫-୧୮, ୨୫-୨୦, ୨୫-୨୨) ସେଟ୍‌ରେ ହରିୟାଣାର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଚେନ୍ନାଇର ଏସଆରଏମ୍ ବିଶ୍ୱବିଦ୍ୟାଳୟ ୩ୟ ଓ କର୍ନାଟକର ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ସେହିପରି ମହିଳା ବିଭାଗ ଫାଇନାଲରେ ଏସଆରଏମ୍ ବିଶ୍ୱବିଦ୍ୟାଳୟ ଶିମଲାର ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟକୁ ୩-୨(୨୫-୨୦, ୧୯-୨୫, ୨୫-୨୨, ୨୩-୨୫, ୧୫-୭) ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛି। କୋଟାୟାମର ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ତୃତୀୟ ଓ କର୍ନାଟକର ୟୁନିଭର୍ସିଟି ଅଫ୍ ମହୀଶୂର ୪ର୍ଥ ସ୍ଥାନରେ ରହିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳର ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ମହିଳା ବିଭାଗ ଚାମ୍ପିୟନ ଏସ୍‌ଆର୍‌ଏମ୍ ଓ ପୁରୁଷ ବିଭାଗରେ ଟାଇଟଲ ବିଜୟୀ କାଲିକଟ ବିଶ୍ୱବିଦ୍ୟାଳୟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୮/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 8/2022 | ପୃଷ୍ଠା-୧



**ୱେବ୍ ସିରିଜ୍‌ରେ ନଜର ଆସିବେ ମନିଷା**

ବହୁ ବର୍ଷ ପରେ ଅଭିନେତ୍ରୀ ମନିଷା କୋଇରାଲା ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଂସାଲିଙ୍କ ଅପକମିଂ ୱେବ୍ ସିରିଜ 'ହିରା ମଣ୍ଡି'ରେ ନଜର ଆସିବେ। ୦୪

୦୨ **ଲୋକଙ୍କ ଜୀବନ ନେଉଛି ଓମିକ୍ରନ୍**

ଓମିକ୍ରନ୍ ଭାରିଆଣ୍ଟ ଲୋକଙ୍କ ଜୀବନ ନେଉଛି। ନୂଆ ଭାରିଆଣ୍ଟକୁ ସାମାନ୍ୟ ଭାବି ଅବହେଳା ନ କରିବା ଲାଗି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।






# ରେଡ୍ ଜୋନ୍‌ରେ ଖୋର୍ଦ୍ଧା

**ଦିନକରେ ୨,୭୦୩ ପଜିଟିଭ୍ ଚିହ୍ନଟ**
- ଦୈନିକ ସଂକ୍ରମଣ ହାର ୩.୯୨%କୁ ବୃଦ୍ଧି
- ସୁନ୍ଦରଗଡ଼ରେ ସର୍ବାଧିକ ୧୦.୮%

ଭୁବନେଶ୍ୱର, ୭।୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଛି। ଦୈନିକ ସଂକ୍ରମଣ ୨ହଜାର ଡେଇଁ ତିନି ହଜାର ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୮,୯୭୦ ନମୁନା ପରୀକ୍ଷା କରାଯାଇଥିବା ବେଳେ ୨,୭୦୩ ଜଣ ପଜିଟିଭ୍ ବାହାରିଛନ୍ତି। ରାଜ୍ୟର ସମସ୍ତ ୩୦ଜିଲ୍ଲାରୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୩.୯୨%କୁ ବଢ଼ିଯାଇଛି। ତେବେ ସୁନ୍ଦରଗଡ଼ ଜିଲାରେ ଦୈନିକ ସଂକ୍ରମଣ ହାର ସର୍ବାଧିକ ରହିଛି। ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟ ଅନୁସାରେ, ଏହି ଜିଲାରେ ସଂକ୍ରମଣ ହାର ୧୦.୮% ଥିବାବେଳେ ଖୋର୍ଦ୍ଧାରେ ୯.୯%, ଦେବଗଡ଼ ୬.୧, ସମ୍ବଲପୁର ୫.୪, ଝାରସୁଗୁଡ଼ା ୪.୭, ବରଗଡ଼ ୩.୬, କଟକ ୩.୧ ଓ ଯାଜପୁରରେ ୩% ରହିଛି। ଏଥିସହ ଖୋର୍ଦ୍ଧା ଜିଲା ରେଡ୍ ଜୋନ୍‌କୁ ଓ ସୁନ୍ଦରଗଡ଼ ୟେଲୋ ଜୋନ୍‌କୁ ଚାଲିଆସିଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନାନୁସାରେ, ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୨୬ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୪୫୪, କଟକ ୧୯୧, ସମ୍ବଲପୁର ୧୭୯, ଝାରସୁଗୁଡ଼ା ୧୦୬, ଯାଜପୁର ୭୮, ବରଗଡ଼ ୭୫, ବାଲେଶ୍ୱର ୭୩, ବଲାଙ୍ଗୀର ୫୪, ପୁରୀ ୫୪ଜଣ ଏବଂ ବାକି ସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳେ ଥିବାବେଳେ ମାଲକାନଗିରିରେ ସର୍ବନିମ୍ନ ଜଣେ ପଜିଟିଭ୍ ବାହାରିଛନ୍ତି। ତେବେ ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନା ଆକ୍ରାନ୍ତ ସଂଖ୍ୟା ୧୦,୬୨,୪୭୬କୁ ବୃଦ୍ଧି ପାଇଛି।

ସେପଟେ ଶୁକ୍ରବାର ରାଜ୍ୟରେ ଆଉ ୨୫୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୦,୪୫,୯୭୧ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ୭,୯୮୪ଜଣ ସକ୍ରିୟ ରୋଗୀ ରହିଛନ୍ତି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୯୧୪ଜଣ ରହିଥିବାରୁ ଏହି ଜିଲା ରେଡ୍ ଜୋନ୍‌କୁ ଚାଲି ଆସିଛି। ସେହିଭଳି ୧,୦୧୦ଜଣ ସକ୍ରିୟ ରୋଗୀ ସହ ସୁନ୍ଦରଗଡ଼ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଗ୍ରୀନ୍ ଜୋନ୍‌ରୁ ୟେଲୋ ଜୋନ୍‌କୁ ଚାଲି ଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଖୋର୍ଦ୍ଧା ଜିଲାର ଜଣେ ୭୮ ବର୍ଷୀୟା ମହିଳା। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୪୬୮ରେ ପହଞ୍ଚିଛି।

## ନିଶା ଇଞ୍ଜେକ୍ସନ ଦେଇ ନାବାଳିକାଙ୍କୁ ଗଣବଳାତ୍କାର

ଭଦ୍ରକ ଅଫିସ, ୭।୧

ଭଦ୍ରକ ଜିଲା ଧାମନଗର ଏନ୍ଏସି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ନିଶା ଇଞ୍ଜେକ୍ସନ ଦେଇ ଗଣବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଭଦ୍ରକର ଜଣେ ହୋଟେଲ ବୟଙ୍କ ସମେତ ୪ ଜଣଙ୍କୁ ଅଟକ ରଖିଛି।

ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଗତ ମାସ ୨୪ ତାରିଖରେ ଧାମନଗର ଥାନା ଛକରୁ ତାଙ୍କ ଝିଅକୁ ଅପହରଣ କରାଯାଇଥିଲା। ବହୁ ଖୋଜାଖୋଜି ପରେ ୩୧ ତାରିଖରେ ସେହି ଅଞ୍ଚଳର ଜଣେ ଯୁବକଙ୍କ ଘରୁ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏକ ଅଟୋରିକ୍ସାରେ ନାବାଳିକାଙ୍କୁ ଅପହରଣ କରାଯାଇ ଭଦ୍ରକର ଏକ ହୋଟେଲରେ ନିଶା ଇଞ୍ଜେକ୍ସନ ଦେଇ ଗଣବଳାତ୍କାର କରାଯାଇଥିବା ସେ ଜଣାଇଥିଲେ। ଗତ ୫ରେ ଧାମନଗର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଉକ୍ତ ହୋଟେଲରେ ଚଢ଼ାଉ କରିଥିଲେ। ଶୁକ୍ରବାର ୪ ଯୁବକଙ୍କୁ ଉଠାଇ ଆଣି ଅଧିକ ତନାଘନା ଚଳାଇଛନ୍ତି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି।

# ଲକର କାଟି ୯ ଲକ୍ଷ ଚୋରି



ସାଇଣ୍ଟିଫିକ୍ ଟିମ୍ ବ୍ୟାଙ୍କ ଭିତରୁ ନମୁନା ସଂଗ୍ରହ କରୁଛି।

**ବାରମ୍ବାର ଚୋରି ସତ୍ତ୍ୱେ ବ୍ୟାଙ୍କରେ ହେଉନି ଜଗୁଆଳି ନିଯୁକ୍ତି**

ବଇଣ୍ଡା,୭।୧(ଡି.ଏନ.ଏ.)

ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ବଇଣ୍ଡା ଶାଖାରୁ ଗୁରୁବାର ରାତିରେ ହୋଇଛି ବଡ଼ଧରଣର ଚୋରି। ପଛପଟ ଝରକା ଭାଙ୍ଗି ଦୁର୍ବୃତ୍ତ ଭିତରେ ପଶିବା ସହ ଲକର କାଟି ୮ ଲକ୍ଷ ୯୧ ହଜାର ୧ ଟଙ୍କା ଚୋରି କରିଛନ୍ତି। ଶୁକ୍ରବାର ଏ ନେଇ ବ୍ୟାଙ୍କ ଆକାଉଣ୍ଟାଣ୍ଟ ଜିତାଂଶୁ ମିଶ୍ର ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଏହି ବ୍ୟାଙ୍କରୁ ବାରମ୍ବାର ଚୋରି, ଚୋରି ଉଦ୍ୟମ ହୋଇଥିଲେ ହେଁ ରାତ୍ରିଜଗୁଆଳି ନିଯୁକ୍ତ କରା ନ ଯିବା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି।

ଅଭିଯୋଗ ଅନୁଯାୟୀ, କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ସଂଯୁକ୍ତ ସମବାୟ ବ୍ୟାଙ୍କ ଶାଖାରେ ଧାନ ଚାଷୀଙ୍କୁ ପଇଠ କରିବା ପାଇଁ ୮ ଲକ୍ଷ ୯୧ ହଜାର ୧ ଟଙ୍କା ଲକରରେ ରଖାଯାଇଥିଲା। ଗୁରୁବାର ରାତିରେ ଝରକା ଭାଙ୍ଗି ପଶିଥିବା ଦୁର୍ବୃତ୍ତ ଲକର କାଟି ସମସ୍ତ ଟଙ୍କା ଚୋରି କରିବା ସହ ୪ଟି କମ୍ପ୍ୟୁଟର ଓ ସିସିଟିଭି ହାର୍ଡଡିସ୍କ ନେଇ ପଳାଇଛନ୍ତି। ଆକାଉଣ୍ଟାଣ୍ଟଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ନଂ. ୯/୨୨ରେ ମାମଲା ରୁଜୁ କରିଛି। ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସ୍‌ପି ପ୍ରଶ୍ନ ବିଶ୍ୱାଳ, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ପ୍ରଦୀପ ପ୍ରଧାନ, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ ପଣ୍ଡା, ସାଇଣ୍ଟିଫିକ ଟିମ୍ ଅଫିସର ତପନ ପ୍ରଧାନ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଥିଲେ ହେଁ ଦୁର୍ବୃତ୍ତଙ୍କ ସନ୍ଧାନ ମିଳିପାରି ନାହିଁ। ଉକ୍ତ ବ୍ୟାଙ୍କରୁ ୨୦୦୯ରେ ୩ ଲକ୍ଷ ୫୬ ହଜାର ଟଙ୍କା ଚୋରି ହୋଇଥିଲା। ୨୦୧୨ରେ ଚୋରି ବେଳେ ୨ ଆନ୍ତଃରାଜ୍ୟ ଦୁର୍ବୃତ୍ତ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ୨୦୧୬ରେ ପୁଣି ଚୋରି ଉଦ୍ୟମ କରାଯାଇଥିଲା। ଏହାସତ୍ତ୍ୱେ କର୍ତ୍ତୃପକ୍ଷ ରାତ୍ରି ଜଗୁଆଳି ବ୍ୟବସ୍ଥା କରୁ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଶାଖା ପରିଚାଳକ ମନୋରଞ୍ଜନ ସିଂ କହିଛନ୍ତି, ଗୁରୁବାର କାରବାର ପରେ ସମସ୍ତ ଟଙ୍କା ଲକରରେ ରଖାଯାଇଥିଲା। ସକାଳେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ହଣ୍ଡପା ଆଇଆଇସି ପ୍ରଦୀପ ପ୍ରଧାନ କହିଛନ୍ତି, ଏକ ଦୋକାନ ବାହାରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଛି। ରାତି ପ୍ରାୟ ୧୨ଟାରେ ଜଣେ ଦୁର୍ବୃତ୍ତ ଉକ୍ତ ଦୋକାନରୁ ଏକ କାଠ ନେଇ ବ୍ୟାଙ୍କ ଝରକା ଭାଙ୍ଗିବା ପାଇଁ ଚେଷ୍ଟା କରିଛନ୍ତି। ପରେ ଭିତରେ ପଶି ଟଙ୍କା ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି।

# ୩ ମହାନଗରର ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶିତ

**ପୌର ନିର୍ବାଚନ**
- ୧୦ଦିନ ମଧ୍ୟରେ ଆପତ୍ତି, ଅଭିଯୋଗ ଗ୍ରହଣ
- ୧୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ତାଲିକା

ଭୁବନେଶ୍ୱର,୭।୧(ବ୍ୟୁରୋ)

ପୌର ନିର୍ବାଚନ ପାଇଁ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମର ୬୭, କଟକର ୫୯ ଏବଂ ବ୍ରହ୍ମପୁର ମହାନଗର ନିଗମର ୪୨ଟି ୱାର୍ଡର ସୀମା ନିର୍ଦ୍ଧାରଣ ଓ ୫୦% ଆସନ ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଏ ନେଇ ଆପତ୍ତି ଅଭିଯୋଗର ଶୁଣାଣି କରାଯିବ। ଆସନ୍ତା ୧୬ ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଭୁବନେଶ୍ୱର ମହାନଗର ନିଗମର ୩୮ଟି, କଟକର ୩୩ ଏବଂ ବ୍ରହ୍ମପୁର ମହାନଗର ନିଗମର ୨୩ ଆସନ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳାମାନଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ଭୁବନେଶ୍ୱର ମହାନଗର ନିଗମର ୩୪, ୧୩ ଓ ୨ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଥିବାବେଳେ ୩୬, ୧୮ ଏବଂ ୨୧ ନମ୍ବର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ୨୨ ଓ ୨୬ ଅନୁସୂଚିତ ଜନଜାତି ମହିଳା, ୮ ନମ୍ବର ଅନୁସୂଚିତ ଜନଜାତି, ୪୧, ୩୫, ୪୦,୧୭, ୪୭, ୩୮, ୬୩, ୫୮, ୩୭,୧୧, ୬୨, ୧୫, ୪୮, ୫୩, ୯, ୩୯,୧୫, ୩, ୪୬, ୬୭, ୨୮,୧୯,୪୯, ୫, ୨୩,୧୨, ୩୩, ୬୬ ଏବଂ ୬୪ ନମ୍ବର ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

ସେହିପରି କଟକ ମହାନଗର ନିଗମର ୪୮, ୪୦, ୨୦ ଓ ୩୭ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ୬, ୧୬ ଓ ୩୦ ନମ୍ବର ଅନୁସୂଚିତ ଜାତି, ୪୯ ନମ୍ବର ଅନୁସୂଚିତ ଜନଜାତି ମହିଳା, ୩୪, ୪୧, ୧୮, ୧୫, ୧୨, ୨୮, ୧୯, ୪୨, ୩୩, ୫୫, ୧୧, ୫୬, ୫୭, ୪, ୨୪, ୩୬, ୫୯, ୧୦, ୬, ୫୨, ୫, ୩୧, ୯ ଏବଂ ୧୭ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି।

ବ୍ରହ୍ମପୁର ମହାନଗର ନିଗମର ୪୨ଟି ୱାର୍ଡରୁ ୨୩ଟିକୁ ସଂରକ୍ଷିତ ରଖାଯାଇଛି। ସେଥିରୁ ୧୯, ୨୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ୯, ୨୫ ଅନୁସୂଚିତ ଜାତି, ୧ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ସେହିପରି ୫, ୩୦, ୬, ୧୦, ୧୫, ୪, ୩୧, ୧୬, ୩୯, ୩, ୨୦, ୧୪, ୧୩, ୩୩, ୨୮, ୩୭, ୩୬ ଏବଂ ୩୮ ନମ୍ବର ୱାର୍ଡ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

# ବିକ୍ଷୋଭକାରୀଙ୍କୁ ଗୁଳି କର

## ସୈନ୍ୟଙ୍କୁ କାଜାଖସ୍ତାନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ



କାସ୍ୟାମ ଜୋମାର୍ଟ ତୋକାୟେଭ୍



ଆଲମାଟି,୭।୧

ଗ୍ୟାସ୍ ଦର ବୃଦ୍ଧିକୁ ବିରୋଧ କରି କାଜାଖସ୍ତାନରେ ଉତ୍ତେଜନା ସୃଷ୍ଟି ହୋଇଛି। ସରକାର ଏଲ୍‌ପିଜି ଦର ଦ୍ୱିଗୁଣିତ କରିବା ପରେ ସାଧାରଣ ଜନତା ଏହାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ସରକାରୀ ଅଫିସଗୁଡ଼ିକୁ ଧସେଇ ପଶି ଟାର୍ଗେଟ କରିଥିବାବେଳେ ସୁରକ୍ଷା ବାହିନୀ ବଳ ପ୍ରୟୋଗ କରିଛି। ପୋଲିସ-ଜନତା ଖଣ୍ଡଯୁଦ୍ଧରେ ଉଭୟ ପକ୍ଷର ଅନେକେ ମୃତାହତ ହେଲେଣି। ବିକ୍ଷୋଭକାରୀଙ୍କୁ ଗୁଳି ଚଳାଇବାକୁ ଶୁକ୍ରବାର କାଜାଖସ୍ତାନ ରାଷ୍ଟ୍ରପତି କାସ୍ୟାମ ଜୋମାର୍ଟ ତୋକାୟେଭ୍ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ବିଶୃଙ୍ଖଳା ସୃଷ୍ଟି ହେଲେ କୌଣସି ସୂଚନା ନ ଦେଇ ଗୁଳି ଚଳାଇବାକୁ ସେ ନିର୍ଦ୍ଦେଶ ଦେଇଥିବା ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ୨୦ ହଜାର ଦସ୍ୟୁ ଦେଶର ସର୍ବବୃହତ୍ ସହର ଆଲ୍‌ମାଟି ଉପରେ ଆକ୍ରମଣ କରିଛନ୍ତି ଓ ଉକ୍ତ ସହରକୁ ଧ୍ୱଂସ କରିଦେବାକୁ ପ୍ରତିଜ୍ଞା କରିଥିବା ରାଷ୍ଟ୍ରପତି କାସ୍ୟାମ କହିଛନ୍ତି। ସେ ବିକ୍ଷୋଭକାରୀମାନଙ୍କୁ ଦସ୍ୟୁ ଓ ଆତଙ୍କବାଦୀ ବୋଲି ଦର୍ଶାଇଛନ୍ତି। ଆତଙ୍କବାଦୀ ଦେଶର ସମ୍ପତ୍ତି ନଷ୍ଟ କରିବା ସହ ସାଧାରଣ ନାଗରିକଙ୍କ ବିରୋଧରେ ଅସ୍ତ୍ର ଉଠାଉଛନ୍ତି। ସେଥିପାଇଁ ସେମାନଙ୍କୁ ଗୁଳି କରିଦେବାକୁ ନିର୍ଦ୍ଦେଶ ଦେଇଥିବା ରାଷ୍ଟ୍ରପତି କହିଛନ୍ତି। ୨୬ ସଶସ୍ତ୍ର ଅପରାଧୀ ନିହତ ହେବା ସହ ଅନ୍ୟ ୧୮ ଜଣ ଆହତ ହୋଇଥିବା କାଜାଖସ୍ତାନ ଗୃହମନ୍ତ୍ରୀ ଏକ ବିବୃତିରେ କହିଛନ୍ତି। ୩,୦୦୦ ବିକ୍ଷୋଭକାରୀଙ୍କୁ ଗିରଫ କରାଗଲାଣି। ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ୭୦ ଚେକ୍‌ପଏଣ୍ଟରେ ସୁରକ୍ଷା ବଳ ୨୪ ଘଣ୍ଟା ଜଗି ରହିଛନ୍ତି। ବିକ୍ଷୋଭକାରୀଙ୍କ ଆକ୍ରମଣରେ ୧୮ ସୁରକ୍ଷା କର୍ମୀ ଆହତ ହୋଇଥିଲେ। ବିକ୍ଷୋଭକାରୀ ଜଣେ ସୁରକ୍ଷା କର୍ମୀଙ୍କ ମୁଣ୍ଡକାଟ କରିଥିଲେ। ତେବେ ସରକାରୀ ଭାବେ ଦର୍ଶାଯାଇଥିବା ସଂଖ୍ୟାଠାରୁ ଯଥେଷ୍ଟ ଅଧିକ ଲୋକ ପ୍ରାଣ ହରାଇଥିବା ଜଣେ ସ୍ଥାନୀୟ ଖବରଦାତା କହିଛନ୍ତି। ସାରା ଦେଶରେ ଆତଙ୍କବାଦୀ ନିରୋଧୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

# ବୋହୂ ଆସିଲେ, ଶ୍ୱଶୁର ଘର ଛାଡ଼ିଲେ

ବ୍ରହ୍ମପୁର ଅଫିସ,୭।୧

ଡାକ୍ତର ସୁମିତ ସାହୁ-ତପସ୍ୱିନୀ ଦାଶ ପାରିବାରିକ ବିବାଦ ନୂଆମୋଡ଼ ନେଇଛି। ଜିଲାଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ରାତିରେ ତପସ୍ୱିନୀ ବ୍ରହ୍ମନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ଶାଶୁଘରେ ପ୍ରବେଶ କରିଥିଲେ। ଏହାର କିଛି ସମୟ ପରେ ଶ୍ୱଶୁର ପ୍ରମୋଦ ସାହୁ ଘର ଛାଡ଼ିଛନ୍ତି। ନିଜକୁ ଅସୁରକ୍ଷିତ ମନେ କରୁଥିବାରୁ ସେ ଘର ଛାଡ଼ିଥିବା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀମାନେ ତାଙ୍କ ଅନିଚ୍ଛା ସତ୍ତ୍ୱେ ତପସ୍ୱିନୀଙ୍କୁ ଘରେ ପ୍ରବେଶ କରାଇଛନ୍ତି ବୋଲି ପ୍ରମୋଦ କହିଛନ୍ତି।

ଶ୍ୱଶୁର ପ୍ରମୋଦ କହିଛନ୍ତି, କୋର୍ଟଙ୍କ ରାୟରେ କିଛି ଦ୍ୱନ୍ଦ୍ୱ ଥିଲା। ତାହାକୁ ଭଲଭାବେ ବୁଝାଶୁଝା ନ କରି ପ୍ରଶାସନିକ ଅଧିକାରୀମାନେ ତପସ୍ୱିନୀଙ୍କୁ ଘରେ ପୂରାଇଲେ। ଏ ଦିଗରେ ପୋଲିସକୁ ଅବଗତ କରିଛି। ଘର ତଦାରଖ କରି ସୁରକ୍ଷା ବ୍ୟବସ୍ଥା କରିବାକୁ ଜଣାଇଛି। ପୂର୍ବରୁ ବୋହୂ ମୋ' ନାମରେ ଏବଂ ପରିବାରବର୍ଗଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଥିଲେ। ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରିଥିଲେ। ତେଣୁ ଭୟଭୀତ ହୋଇ ରାତାରାତି ଘର ଛାଡ଼ି ଚାଲିଆସିଛି। ଯେ କୌଣସି ଜାଗାରେ ରହିବି ଓ ପରେ ଘରକୁ ଫେରିବି ବୋଲି ଶ୍ୱଶୁର ପ୍ରମୋଦ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି। ଅନ୍ୟପକ୍ଷରେ ଡା. ସୁମିତ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଶୁକ୍ରବାରଠାରୁ ଆଉ ୧୫ଦିନ ଛୁଟି ନେଇଥିବା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ ଉନ୍ନୟନ ଅଧିକାରୀ ଏମ.ଭି.କେ. ଅଶୋକ ସୂଚନା ଦେଇଛନ୍ତି। ତାଙ୍କ ଓକିଲ ସୁରେନ୍ଦ୍ର ବେହେରା କହିଛନ୍ତି, ଗତ ୪ ତାରିଖରେ ଜିଲାଜଜ୍ ଯେଉଁ ରାୟ ଦେଇଥିଲେ ସେଥିରେ ସୁମିତ ମାସିକ ୧୭ହଜାର ଟଙ୍କା ଭରଣପୋଷଣ ବାବଦରେ ଦେବେ ବୋଲି ଉଲ୍ଲେଖ ରହିଥିଲା। ତପସ୍ୱିନୀ ଶାଶୁଘରେ ରହିବେ ବୋଲି କୌଣସି ନିର୍ଦ୍ଦେଶ ନ ଥିଲା। କିନ୍ତୁ ପ୍ରଶାସନିକ ଅଧିକାରୀମାନେ ଜୋରଜବରଦସ୍ତ ତପସ୍ୱିନୀଙ୍କୁ ଶାଶୁଘରେ ରଖିଛନ୍ତି। ପୂର୍ବରୁ ତପସ୍ୱିନୀ ମାମଲା ରୁଜୁ କରିଥିବାରୁ ଶ୍ୱଶୁର ନିଜକୁ ଅସୁରକ୍ଷିତ ମନେ କରି ଘର ଛାଡ଼ିଥିବା ଓକିଲ ବେହେରା କହିଛନ୍ତି।



ତପସ୍ୱିନୀ ଦାଶ



ପ୍ରମୋଦ ସାହୁ

**ପୁଣି ୧୫ଦିନ ଛୁଟିରେ ସୁମିତ**



ସୁମିତ ସାହୁ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୮ ଜାନୁୟାରୀ, ୨୦୨୨



## ସଂକ୍ଷେପରେ

### ଲୋକଙ୍କ ଜୀବନ ନେଉଛି ଓମିକ୍ରନ୍



**ଜେନେଭା,୭।୧:** କରୋନା ଭୂତାଣୁର ଓମିକ୍ରନ୍ ଭାରିଆଣ୍ଟ ସାରା ବିଶ୍ୱରେ ଲୋକଙ୍କ ଜୀବନ ନେଉଛି। ତେଣୁ ନୂଆ ଭାରିଆଣ୍ଟକୁ ସାମାନ୍ୟ ଭାବି ଅବହେଳା ନ କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ବହୁସଂଖ୍ୟାରେ ଲୋକ ନୂଆ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହେଉଛନ୍ତି। ବିଭିନ୍ନ ଦେଶରେ ଏହା ଡେଲ୍ଟା ସଂକ୍ରମଣକୁ ଅତିକ୍ରମ କରିଗଲାଣି। ହସ୍ପିଟାଲଗୁଡ଼ିକରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଓମିକ୍ରନ୍ ଭାରିଆଣ୍ଟ ଟିକା ନେଇଥିବା ରୋଗୀଙ୍କୁ ଡେଲ୍ଟା ଭଳି ଗୁରୁତର କରୁ ନାହିଁ। ସେଥିପାଇଁ ଏହାକୁ ସାମାନ୍ୟ ଭାବିବା ଠିକ୍ ନୁହେଁ ବୋଲି ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି।

### ବର୍ଷର ପ୍ରଥମ ସପ୍ତାହରେ କଶ୍ମୀରରେ ୧୧ ଆତଙ୍କବାଦୀ ନିହତ

**ଶ୍ରୀନଗର,୭।୧:** ନୂଆବର୍ଷ ୨୦୨୨ର ପ୍ରଥମ ସପ୍ତାହରେ ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ୧୧ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜୈଶ ଆତଙ୍କବାଦୀ ଅଛନ୍ତି। ୧୧ ଜଣଙ୍କ ମଧ୍ୟରୁ ୬ ଜଣ ବିଦେଶୀ ଆତଙ୍କବାଦୀ ବୋଲି କଶ୍ମୀର ଜୋନ୍ ପୋଲି ଆଇଜି ବିଜୟ କୁମାର କହିଛନ୍ତି। ଶ୍ରୀନଗରରୁ ୪ ଆତଙ୍କବାଦୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଶୁକ୍ରବାର ଶ୍ରୀନଗରରେ ପୋଲିସ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହେବା ସହ ଗୁଳି ବିନିମୟ ସ୍ଥଳରୁ ୩ଟି ଏକେ-୫୬ ରାଇଫଲ, ୮ ମାଗାଜିନ୍ ଓ କେତେକ କାଗଜପତ୍ର ମିଳିଛି। ଚଳିତ ସପ୍ତାହରେ ଅନ୍ୟ ଏନ୍‌କାଉଣ୍ଟର ପୁଲ୍‌ୱାମା, କୁଲ୍‌ଗାମ ଏବଂ ଶ୍ରୀନଗରରେ ହୋଇଥିଲା।

### ନୂଆ ଗାଇଡ୍‌ଲାଇନ
### ବିଦେଶୀଙ୍କ ଲାଗି ୭ ଦିନ ସଙ୍ଗରୋଧ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୭।୧:** କେନ୍ଦ୍ର ସରକାର ବିଦେଶୀ ଯାତ୍ରୀମାନଙ୍କ ଲାଗି ଶୁକ୍ରବାର ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛନ୍ତି। ବିଦେଶରୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ଲାଗି ୭ ଦିନ ହୋମ୍ କ୍ୱାରାଣ୍ଟାଇନ (ସଙ୍ଗରୋଧ) ବାଧ୍ୟତାମୂଳକ କରାଯାଇଛି। ଜାନୁୟାରୀ ୧୧ରୁ ଏହା ଲାଗୁ ହେବ। ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ଯାତ୍ରୀଙ୍କୁ ବିମାନ ଯାତ୍ରା ପୂର୍ବରୁ ସ୍ୱଘୋଷିତ ଫର୍ମରେ ସମ୍ପୂର୍ଣ୍ଣ ତଥା ବାସ୍ତବିକ ତଥ୍ୟ ଏବଂ ୧୪ ଦିନର ଟ୍ରାଭେଲ ହିଷ୍ଟ୍ରି ଅନ୍‌ଲାଇନ ଏୟାର ସୁବିଧା ପୋର୍ଟାଲରେ ଦାଖଲ କରିବାକୁ ହେବ। କୋଭିଡ୍ ପରୀକ୍ଷା ବିମାନ ଯାତ୍ରା କରିବାର ପୂର୍ବ ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆବଶ୍ୟକ। ଭାରତରେ ପହଞ୍ଚିବା ପରେ ସେମାନଙ୍କର ପରୀକ୍ଷା କରାଯିବ। ଏଥିପାଇଁ ସେମାନଙ୍କୁ ଏୟାର ସୁବିଧା ପୋର୍ଟାଲରେ ଅନ୍‌ଲାଇନରେ ପୂର୍ବରୁ ବୁକିଂ କରିବାକୁ ହେବ। ସମସ୍ତ ଯାତ୍ରୀ ୭ ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବେ ଏବଂ ଅଷ୍ଟମ ଦିନରେ ଆର୍‌ଟି-ପିସିଆର୍ ପରୀକ୍ଷା କରାଇବେ। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନେ ପରବର୍ତ୍ତୀ ୭ ଦିନ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ନେଗେଟିଭ୍ ଥିଲେ କ୍ୱାରାଣ୍ଟାଇନରେ ରହିବେ ଏବଂ ପଜିଟିଭ୍ ହୋଇଥିଲେ କଠୋର ଆଇସୋଲେଶନ ନିୟମ ମାନିବାକୁ ପଡ଼ିବ।

# ଟେକ୍ ଫଗ୍: ଘୃଣା ବିସ୍ତାର ଅସ୍ତ୍ର

**ନୂଆଦିଲ୍ଲୀ,୭।୧**

## ଟାର୍ଗେଟରେ ମହିଳା ଖବରଦାତା, ସମାଲୋଚକ, ବିରୋଧୀ




ଇସ୍ରାଏଲ୍‌ର ପେଗାସସ୍ ସ୍ପାଏୱେର ଜରିଆରେ ଗୁପ୍ତଚରଗିରି ବିବାଦ ଥମି ନ ଥିବାବେଳେ ଭାଜପା ଆଇଟି ସେଲ୍ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଶାସକ ଦଳର ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାଣ୍ଡେଲ କରୁଥିବା ଏହି ଶାଖା ଗୈରିକ ଦଳର କୃତ୍ରିମ ଲୋକପ୍ରିୟତା ବୃଦ୍ଧି ଓ ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ ଏକ ଅଭିନବ କୌଶଳ ଆପଣାଇଛି। ଆଇଟି ସେଲ୍ 'ଟେକ୍ ଫଗ୍' ଶୀର୍ଷକ ଏକ ସ୍ୱତନ୍ତ୍ର ଆପ୍ଲିକେଶନ ବିକଶିତ କରିଛି। ଉକ୍ତ ଆପ୍ ଜରିଆରେ ଫେସ୍‌ବୁକ୍ ଓ ଟୁଇଟର ସମେତ ଅନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ଭାଜପାକୁ ଅତ୍ୟଧିକ ଲୋକପ୍ରିୟ କରାଉଛି। କେବଳ ଏତିକି ନୁହେଁ, ଭାଜପାକୁ ସମାଲୋଚନା କରୁଥିବା ୟୁଜର୍ସ ବିଶେଷକରି ମହିଳା ଖବରଦାତାଙ୍କୁ ଧମକ ଦେଇ ହଇରାଣ କରିବା ପାଇଁ ଟେକ୍ ଫଗ୍ ଏକ ଅସ୍ତ୍ର ପାଲଟିଛି। ଏଥିରେ ରାଜନୈତିକ ବିରୋଧୀ, ସମାଲୋଚକ ଓ ନିର୍ଦ୍ଦିଷ୍ଟ ସମୁଦାୟକୁ ଟାର୍ଗେଟ କରାଯାଉଛି। ଦକ୍ଷିଣପନ୍ଥୀ ନିର୍ବାଚନୀ ଏଜେଣ୍ଡା ପାଇଁ ଘୃଣା ବିସ୍ତାର କରାଯାଉଛି। ଉକ୍ତ ଆପ୍ ଜିଓ ରେପ୍ଲିକେଟେଡ୍ ସର୍ଭର ଜରିଆରେ ପରିଚାଳିତ ହେଉଥିବାରୁ ଏହାକୁ ଠାବ କରିବା ସମ୍ଭବ ନୁହେଁ। କେନ୍ଦ୍ରରେ କ୍ଷମତାସୀନ ଦଳ, ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ୍) ଏବଂ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହାକୁ ଆକ୍ସେସ୍ କରୁଛନ୍ତି। ଏକ ପ୍ରମୁଖ ଜାତୀୟ ୱେବ୍‌ସାଇଟ୍ ପକ୍ଷରୁ ୨ ବର୍ଷ ଧରି ଅନୁସନ୍ଧାନ କରାଯିବା ପରେ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ ହୋଇଛି। ତେବେ ବିଜେୱାଇଏମ୍ ଏହାକୁ ଆକ୍ସେସ୍ କରିଥିବା ଅଭିଯୋଗକୁ ଖଣ୍ଡନ କରିଛି।

ରିପୋର୍ଟ ଅନୁସାରେ ତଦନ୍ତରୁ ଜଣାପଡ଼ିଛି ଯେ, ଟେକ୍ ଫଗ୍ ଆପ୍ଲିକେଶନ ଟୁଇଟର ହ୍ୟାଶ୍‌ଟ୍ୟାଗ୍‌କୁ ହାଇଜ୍ୟାକ୍ କରିବାରେ ସକ୍ଷମ। ଏହା ସକ୍ରିୟ ନ ଥିବା ହ୍ୱାଟ୍ସଆପ୍ ଆକାଉଣ୍ଟଗୁଡ଼ିକୁ କବ୍‌ଜା କରି ସେଥିରେ ଭାଜପା ପାଇଁ ପ୍ରୋପାଗାଣ୍ଡା (ଜନମତକୁ ପ୍ରଭାବିତ କରିବା ସକାଶେ ପ୍ରଚାର) ବିସ୍ତାର କରୁଛି। ଏଥିସହ ଭାଜପାକୁ ସମାଲୋଚନା କରୁଥିବା ମହିଳା ଖବରଦାତାମାନଙ୍କୁ ଅନ୍‌ଲାଇନ୍‌ରେ ହଇରାଣ କରୁଛି। ସେମାନଙ୍କ ବିରୋଧରେ ଯୌନ ଉତ୍ପୀଡ଼ନକାରୀ ଟିପ୍ପଣୀ ଓ ଧମକ ଦିଆଯାଉଛି। ଟେକ୍ ଫଗ୍ ଜରିଆରେ ଏହାର ୟୁଜର୍ସ ଇ-ମେଲ୍ ଏବଂ ଟେକ୍ସଟ୍ ମେସେଜ୍ ଭେରିଫିକେଶନ ବିନା ଟୁଇଟର୍ ତଥା ଫେସ୍‌ବୁକ୍ ଆକାଉଣ୍ଟକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଆନ୍ତି। ଟେକ୍ ଫଗ୍ ହ୍ୱାଟ୍ସଆପ୍‌ରେ ଲୋକଙ୍କ ନିଷ୍କ୍ରିୟ ଆକାଉଣ୍ଟଗୁଡ଼ିକୁ ଆୟତ୍ତ କରି କଣ୍ଟାକ୍ଟରେ ଥିବା ଲୋକଙ୍କ ନିକଟକୁ ମେସେଜ୍ ପଠାଇଥାଏ। ରାଜନୈତିକ ଅଭିଯାନ ପାଇଁ ଅନ୍ୟମାନଙ୍କୁ ଅନ୍‌ଲାଇନ୍‌ରେ ଟ୍ରୋଲ କରିବାରେ ଏହା ବିଶେଷଭାବେ ସହାୟକ ହୋଇଥାଏ ବୋଲି ଉକ୍ତ ରିପୋର୍ଟରେ ଦାବି କରାଯାଇଛି।



ଟୁଇଟରରେ ଦେବାଙ୍ଗ ଦବେଙ୍କ ପ୍ରୋଫାଇଲ୍ ଫଟୋ

ଟେକ୍ ଫଗ୍ ମ୍ୟାନେଜର ଦେବାଙ୍ଗ ଦବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଅଫିସରେ କାମ କରୁଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କେତେକ ଆକାଉଣ୍ଟକୁ ପରିଚାଳନା କରିଥାଆନ୍ତି। ଏପରି କି ନିର୍ବାଚନ କମିଶନ ମଧ୍ୟ ଦେବାଙ୍ଗଙ୍କୁ କେତେକ କାମ ଠିକାରେ ଦେଇଥିବା କୁହାଯାଉଛି। ତେବେ ଟେକ୍ ଫଗ୍ ସହିତ ନିଜ ସମ୍ପୃକ୍ତିକୁ ଦେବାଙ୍ଗ ଖଣ୍ଡନ କରିଛନ୍ତି।

## ସଂସଦୀୟ କମିଟି ତଦନ୍ତ କରୁ: ଓ'ବ୍ରାଏନ୍

**ନୂଆଦିଲ୍ଲୀ,୭।୧**



ଭାଜପା ଆଇଟି ସେଲ୍ ଟେଣ୍ଡ୍‌ସରେ ଜାଲିଆତି କରି କେତେକ ଅଚଳ ହ୍ୱାଟ୍ସଆପ୍ ଆକାଉଣ୍ଟ ଜରିଆରେ ମେସେଜ ପଠାଉଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ସ୍ୱରାଷ୍ଟ୍ର ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ଏହାର ତଦନ୍ତ କରୁ ବୋଲି ସେ ପ୍ୟାନେଲ ଅଧ୍ୟକ୍ଷ ଆନନ୍ଦ ଶର୍ମାଙ୍କ ନିକଟକୁ ପତ୍ର ଲେଖିଛନ୍ତି।

ରାଜ୍ୟ ସଭାରେ ଟିଏମ୍‌ସି ନେତା ଓ'ବ୍ରାଏନ୍ ସ୍ୱରାଷ୍ଟ୍ର ବ୍ୟାପାର ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆନନ୍ଦ ଶର୍ମାଙ୍କୁ ଗୁରୁବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, 'ଟେକ୍ ଫଗ୍' ନାମରେ ଏକ ଗୁପ୍ତ ଆପ୍‌କୁ ଭାଜପା ଆଇଟି ସେଲ୍ ବ୍ୟବହାର କରୁଥିବା ସାମ୍ନାକୁ ଆସିଛି। ଏହି

### ବିପଦରେ ଜାତୀୟ ସୁରକ୍ଷା

ଆପ୍ଲିକେଶନ ଏନ୍‌କ୍ରିପ୍ଟେଡ୍ ମେସେଜିଂ ପ୍ଲାଟ୍‌ଫର୍ମଗୁଡ଼ିକ ଭିତରକୁ ପ୍ରବେଶ କରି ସାମାଜିକ ଗଣମାଧ୍ୟମରେ ହେଉଥିବା କଥୋପକଥନର ତଥ୍ୟ ହାସଲ କରିବାରେ ସକ୍ଷମ। ଏହା ଜାତୀୟ ସୁରକ୍ଷା ଓ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବା ସହ ନାଗରିକଙ୍କ ପ୍ରିଭେସି ନିରାପତ୍ତାକୁ ଗମ୍ଭୀର ଭାବେ ପ୍ରଭାବିତ କରିପାରେ। ତେଣୁ ତୁରନ୍ତ ଏହାର ତଦନ୍ତ ଜରୁରୀ ବୋଲି ଷ୍ଟାଣ୍ଡିଂ କମିଟି ସଦସ୍ୟ ଥିବା ଓ'ବ୍ରାଏନ୍ ଦାବି କରିଛନ୍ତି।

କଂଗ୍ରେସ ମୁଖପାତ୍ର ପବନ ଖେରା ଟୁଇଟରରେ ହ୍ୟାଶ୍‌ଟ୍ୟାଗ୍ ଟେକ୍ ଫଗ୍ ବ୍ୟବହାର କରି ଲେଖିଛନ୍ତି, ମୋଦି ସରକାର କିପରି ନିଜ ବିଭାଜନକାରୀ ପ୍ରୋପାଗାଣ୍ଡା ପାଇଁ ଘୃଣିତ ଓ କୃତ୍ରିମ ସହାୟତା ନେଉଛନ୍ତି ଏହା ହେଉଛି ତାହାର ଉଦାହରଣ।



ପବନ ଖେରା




୨୦୨୦ରେ କରୋନା ମୁକାବିଲା ପାଇଁ କେନ୍ଦ୍ର ସରକାର ଲକ୍‌ଡାଉନ୍ ଜାରି କରିଥିବାବେଳେ ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ସହରରେ ଜୀବିକା ହରାଇ ଗାଁକୁ ମୁହାଁଇଥିଲେ। ସେମାନେ ଚାଲିଚାଲି ଯାଉଥିବା ଦୃଶ୍ୟ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଥିଲା। ଏହାକୁ ନେଇ ମେ' ୪ରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଘୋଷଣା କରିଥିଲେ, ଦାଦନ ଶ୍ରମିକମାନଙ୍କ ଟ୍ରେନ୍ ଯାତ୍ରା ଖର୍ଚ୍ଚ ପ୍ରତ୍ୟେକ ରାଜ୍ୟର ପ୍ରଦେଶ କଂଗ୍ରେସ କମିଟି ବହନ କରିବ। ଏହାର ଜବାବରେ ଟେକ୍ ଫଗ୍‌କୁ ବ୍ୟବହାର କରାଯାଇଥିଲା। ସେହିଦିନ ରାତି ୮ଟା ୨୫ରେ 'ହ୍ୟାଶଟ୍ୟାଗ୍ ଶ୍ରମିକଙ୍କ ବିରୋଧରେ କଂଗ୍ରେସ' ସୋସିଆଲ ମିଡିଆରେ ଟ୍ରେଣ୍ଡ କରିଥିଲା।

## ଫିରୋଜପୁରରେ କେନ୍ଦ୍ରୀୟ ଟିମ୍

**ଚଣ୍ଡିଗଡ଼/ଫିରୋଜପୁର,୭।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ନେଇ ତଦନ୍ତ କରୁଥିବା କେନ୍ଦ୍ରୀୟ ଟିମ୍ ଶୁକ୍ରବାର ଫିରୋଜପୁର ଗସ୍ତ କରିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଗଠିତ ତଦନ୍ତକାରୀ ଟିମ୍‌ର ନେତୃତ୍ୱ କ୍ୟାବିନେଟ ସେକ୍ରେଟାରିଏଟ୍ ସୁରକ୍ଷା ସଚିବ ସୁଧୀର କୁମାର ସାକ୍ସେନା ନେଉଥିବାବେଳେ ଏଥିରେ ଗୋଇନ୍ଦା ବ୍ୟୁରୋ ଯୁଗ୍ମ ନିର୍ଦ୍ଦେଶକ ବଲବୀର ସିଂ ଏବଂ ସ୍ପେଶାଲ ଅପରେଶନ ଗ୍ରୁପ୍ ଆଇଜି ଏସ୍. ସୁରେଶ ସଦସ୍ୟ ଅଛନ୍ତି। ଯଥାଶୀଘ୍ର ସମ୍ଭବ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ୩ ଜଣିଆ ତଦନ୍ତକାରୀ ଟିମ୍ ମୋଦିଙ୍କ ଜାନୁୟାରୀ ୫ ଗସ୍ତ ବେଳେ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କିତ ବିସ୍ତୃତ ବିବରଣୀ ହାସଲ ଲାଗି ଶୁକ୍ରବାର ଫିରୋଜପୁର ଗସ୍ତ କରିଥିଲା। ଶୀଘ୍ରୁଆ ପାଗରେ ଟିମ୍ ସଦସ୍ୟମାନେ ଫିରୋଜପୁର ନିକଟସ୍ଥ ପ୍ୟାରାୟାନା ଫ୍ଲାଏଓଭରରେ ପଞ୍ଜାବର ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। କିପରି ଓ କେଉଁ ପରିସ୍ଥିତିରେ ସୁରକ୍ଷାରେ ତ୍ରୁଟି ହେଲା, ଯଦ୍ୱାରା ପ୍ରଧାନମନ୍ତ୍ରୀଙ୍କ କାର୍‌କେଡ୍ ଫ୍ଲାଏଓଭର ଉପରେ ୧୫-୨୦ ମିନିଟ ଧରି ଫସିରହିଥିଲା ସେନେଇ ଟିମ୍ ସଦସ୍ୟମାନେ ପଚରାଉଚରା କରିଥିଲେ। ଫ୍ଲାଏଓଭର ଉପରେ ସେମାନେ ୪୫ ମିନିଟ ରହିବା ପରେ ବିଏସ୍‌ଏଫ୍ ସେକ୍ଟର ହେଡ୍‌କ୍ୱାର୍ଟର୍ସକୁ ଯାଇ ଅଧିକ ତଦନ୍ତ କରିଥିଲେ। ରାଜ୍ୟ ସରକାରଙ୍କ କେତେଜଣ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ କେନ୍ଦ୍ରୀୟ ଟିମ୍ ସମନ କରିଥିବା ଜଣାପଡ଼ିଛି। ଇତିମଧ୍ୟରେ ପଞ୍ଜାବ ମୁଖ୍ୟ ଶାସନ ସଚିବ ଅନିରୁଦ୍ଧ ତିୱାରୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପତ୍ର ଲେଖି ଘଟଣା ଉପରେ ଏଫ୍‌ଆଇଆର୍ କରାଯାଇଥିବା ଅବଗତ କରାଇଛନ୍ତି।

ବୁଧବାର ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ବେଳେ ବିକ୍ଷୋଭରତ ଅଜ୍ଞାତ ଚାଷୀମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଏଥିରେ କୁହାଯାଇଛି।



ମୁମ୍ବାଇର ଦାଦର ରେଳ ଷ୍ଟେଶନରେ ଶୁକ୍ରବାର ଜଣେ ସ୍ୱାସ୍ଥ୍ୟକର୍ମୀ ଯାତ୍ରୀଙ୍କ କୋଭିଡ୍ ପରୀକ୍ଷା ଲାଗି ନମୁନା ସଂଗ୍ରହ କରୁଛନ୍ତି।

## ୧୫୦ କୋଟି ଟପିଲା ଟିକାକରଣ

**ନୂଆଦିଲ୍ଲୀ,୭।୧**

ଭାରତରେ କୋଭିଡ୍ ଟିକାକରଣ ଶୁକ୍ରବାର ୧୫୦ କୋଟି ଡୋଜ୍ ଅତିକ୍ରମ କରିଛି। ଏହା ଏକ ଐତିହାସିକ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କୋଲକାତାରେ ଚିତ୍ତରଞ୍ଜନ ନ୍ୟାଶନାଲ କ୍ୟାନସର ଇନ୍‌ଷ୍ଟିଚ୍ୟୁଟ୍ (ସିଏନ୍‌ସିଆଇ)ର ଦ୍ୱିତୀୟ କ୍ୟାମ୍ପସ୍ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୨ ବର୍ଷ ଆମେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ଟିକାକରଣ ସହ ଆରମ୍ଭ କରିଥିଲୁ। ୫ ଦିନ ମଧ୍ୟରେ ୧.୫ କୋଟିରୁ ଅଧିକ ପିଲା କୋଭିଡ୍ ଟିକା ନେଲେଣି। ସାବାଳକ ଜନସଂଖ୍ୟାର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। କୋଭିଡ୍ ପରୀକ୍ଷାଠାରୁ ଟିକାକରଣ ପର୍ଯ୍ୟନ୍ତ କୋଭିଡ୍ ମହାମାରୀ ବିରୋଧୀ ଲଢ଼େଇରେ ଭାରତ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ୧୦ ଲକ୍ଷ ଛୁଇଁପାରେ ଦୈନିକ ସଂକ୍ରମଣ

**ନୂଆଦିଲ୍ଲୀ,୭।୧**

ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଦେଶରେ କୋଭିଡ୍‌ର ତୃତୀୟ ଲହର ଆସିଯାଇଛି। ଏହା ଜାନୁୟାରୀ ଶେଷ ସୁଦ୍ଧା ଶୀର୍ଷ ଛୁଇଁବ ଏବଂ ଦୈନିକ ସଂକ୍ରମଣ ୧୦ ଲକ୍ଷରେ ପହଞ୍ଚିବ ବୋଲି ବେଙ୍ଗାଲୁରୁର ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆ।ଇଆ।ଇଏସ୍‌ସି) ଏବଂ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏସ୍‌ଆଇ) ପକ୍ଷରୁ କୁହାଯାଇଛି। ନୂଆ ମଡେଲ ଅଧ୍ୟୟନ ଅନୁଯାୟୀ ବିଭିନ୍ନ ରାଜ୍ୟରେ ଜାନୁୟାରୀ ମଧ୍ୟଭାଗରୁ ଫେବୃୟାରୀ ୧୫ ମଧ୍ୟରେ ସଂକ୍ରମଣ ପିକ୍ ହୋଇ ମାର୍ଚ୍ଚରୁ କମିବା ଆରମ୍ଭ ହେବ ବୋଲି ଏଥିରେ କୁହାଯାଇଛି। ଦିଲ୍ଲୀରେ ଜାନୁୟାରୀ ମଧ୍ୟଭାଗରେ ସଂକ୍ରମଣ ଶୀର୍ଷରେ ପହଞ୍ଚିବାକୁ ଥିବାବେଳେ ଫେବୃୟାରୀ ପ୍ରଥମ ସପ୍ତାହରେ ତାମିଲନାଡୁରେ ପିକ୍‌ରେ ପହଞ୍ଚିବ। ବିଭିନ୍ନ ସ୍ଥାନରେ ଗହଳି ଯୋଗୁ ଓମିକ୍ରନ୍ ସଂକ୍ରମଣ ଅତିମାତ୍ରାରେ ବଢ଼ିଚାଲିଛି। ଆଇଆଇଟି କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲଙ୍କ ମତରେ ଜାନୁୟାରୀ ଶେଷ ଭାଗରେ ତୃତୀୟ ଲହର ପିକ୍‌ରେ ପହଞ୍ଚିବ। ସେତେବେଳକୁ ଦୈନିକ ସଂକ୍ରମଣ ୪ରୁ ୮ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ନୂଆଦିଲ୍ଲୀ ଓ ମୁମ୍ବାଇରେ ଆଗାମୀ ୧୦ ଦିନ ମଧ୍ୟରେ ସଂକ୍ରମଣ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ।

### ଜାନୁୟାରୀ ଶେଷରେ ତୃତୀୟ ଲହର ଶୀର୍ଷ

ତେବେ ତୃତୀୟ ଲହର ମାର୍ଚ୍ଚ ପରେ ରହି ନ ପାରେ ବୋଲି ଅଗ୍ରୱାଲ ଆଶାବ୍ୟକ୍ତ କରିଛନ୍ତି। ଲକ୍‌ଡାଉନ କଟକଣା କଠୋର କଲେ ତୃତୀୟ ଲହର ବିଳମ୍ବ ହେବା ସହ ଏହା ଅଧିକ ଦିନ ରହିପାରେ। ତେବେ ଏହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବୋଝ ହେବ ନାହିଁ ବୋଲି ଆଇଆଇଟି ପ୍ରଫେସର କହିଛନ୍ତି।

### ଏବେ ଲକ୍ଷେ ଉପରେ

ଭାରତରେ ଦୈନିକ କୋଭିଡ୍ ସଂକ୍ରମଣ ଲକ୍ଷେ ଟପିଛି। ଶୁକ୍ରବାର ୧,୧୭,୧୦୦ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା ପୂର୍ବଦିନ ମାମଲା ତୁଳନାରେ ୨୮.୮ ପ୍ରତିଶତ ଅଧିକ। ଏଥିସହିତ ଦିନକରେ ୩୦୨ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏହାକୁ ମିଶାଇ ଦେଶରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୪,୮୩,୧୭୮ରେ ପହଞ୍ଚିଛି। କେରଳରେ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୨୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପଶ୍ଚିମବଙ୍ଗରେ ୧୯ ଜଣଙ୍କ ଜୀବନ ଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୬ରେ ଭାରତରେ ପ୍ରଥମ ଥର ପାଇଁ ଦୈନିକ ସଂକ୍ରମଣ ୧ ଲକ୍ଷ ଅତିକ୍ରମ କରିଥିଲା। ଦେଶରେ ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୩,୦୦୭ରେ ପହଞ୍ଚିଛି।





### ଭାରତରେ କୋଭିଡ୍ ମୃତ୍ୟୁସଂଖ୍ୟା ୬-୭ ଗୁଣ ଅଧିକ

**ନୂଆଦିଲ୍ଲୀ,୭।୧(ପି.ଟି.):** ଭାରତରେ ଗତବର୍ଷ ସେପ୍ଟେମ୍ବରେ ସୁଦ୍ଧା କୋଭିଡ୍ ମହାମାରୀରେ ପ୍ରାୟ ୩୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥାଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି, ଯାହା କି ସରକାରୀ ଭାବେ ଦର୍ଶାଯାଉଥିବା ସଂଖ୍ୟାଠାରୁ ୬-୭ ଗୁଣ ଅଧିକ। ଏକ ନିରପେକ୍ଷ ଏବଂ ଦୁଇଟି ସରକାରୀ ତଥ୍ୟ ସୂତ୍ରକୁ ଆଧାର କରି ଉକ୍ତ ଅଧ୍ୟୟନ କରାଯାଇଥିଲା। ସାଇନ୍ସ ପତ୍ରିକାରେ ପ୍ରକାଶିତ ଗବେଷଣା ଅନୁଯାୟୀ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁଲାଇ ମଧ୍ୟରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧,୩୭,୨୮୯ ଲୋକଙ୍କୁ ନେଇ ସର୍ଭେ କରାଯାଇଥିଲା। କେବଳ ୨୦୨୧ ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ମୃତ୍ୟୁସଂଖ୍ୟା ୨୭ ଲକ୍ଷ ଥିଲା।

ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଥିବାରୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର କୋଲକାତାରେ ତ୍ରାଣକର୍ତ୍ତା ଯିଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିରେ ମାସ୍କ ପିନ୍ଧାଯାଇଛି।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ୫ ଗୋଦାମରେ ଜିଏସ୍‌ଟି ଚଢ଼ାଉ

**୨ ଗୋଦାମ ସିଲ୍, କାଗଜପତ୍ର ଜବତ**

**ନିମାପଡ଼ା, ୭।୧(ଡି.ଏନ୍.ଏ.):** ନିମାପଡ଼ା ଏନ୍‌ଏସି ଅଧୀନ ପାଟପୁର ଗ୍ରାମର ଜଣେ ମୃଦୁପାନୀୟ, ପାନମସଲା ଓ ଗୁଟ୍‌ଖା ବ୍ୟବସାୟୀ ଜିଏସ୍‌ଟି ଫାଙ୍କି ଚାଲିଥିବା ସମ୍ପର୍କରେ ବାରମ୍ୱାର କର୍ମସିଆଲ ଟ୍ୟାକ୍ସ (ସିଟି) ଜିଏସ୍‌ଟି କମିଶନରଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ଭିତ୍ତିକରି ସିଟି ଓ ଦ୍ରବ୍ୟ ସେବାକର ବିଭାଗ କମିଶନର ସୁଶୀଲ ଲୋହାନୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଭୁବନେଶ୍ୱର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟର ଯୁଗ୍ମ କମିଶନର ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଡେପୁଟି କମିଶନର(ଏନ୍‌ଫୋର୍ସମେଣ୍ଟ) ପୁରୀର ଦାମୋଦର ପାତ୍ର ଏବଂ ଭୁବନେଶ୍ୱର ସିଟି ଅଫିସର ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ୨ଟି ଟିମ୍ ଉକ୍ତ ବ୍ୟବସାୟୀଙ୍କ ୫ଟି ଗୋଦାମ ଉପରେ ଏକାକାଳୀନ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ପ୍ରାୟ ୪/୫ଘଣ୍ଟା ଧରି ଚାଲିଥିଲା। ବ୍ୟବସାୟୀଙ୍କର ୨ଟି ଗୋଦାମ ସିଲ୍ କରାଯିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ସହକାରୀ ସିଟିଓ ଅତୁଲ୍ୟ ଜେନା ଓ ରଣଜିତ ସ୍ୱାଇଁ ସହାୟତା କରିଥିଲେ।

**୧.୩୪ ଲକ୍ଷ ଲୁଟ୍ ଘଟଣା**

### ଲୁଟ୍ ନାଟକ ରଚିଥିବା ଡ୍ରାଇଭର ଗିରଫ

**ଚୌଦ୍ୱାର,୭।୧(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ନିକଟ ମଧୁସେତୁ ପାଖରେ ହୋଇଥିବା ଟଙ୍କା ଲୁଟ୍ ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି। ଉକ୍ତ ଘଟଣାର ନାଟକ ରଚିଥିବା କାର ଚାଳକ ଖୁଣ୍ଟୁଣୀ ଥାନା ଅଧୀନ ମହାଲକ୍ଷ୍ମୀପୁର ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୧ଲକ୍ଷ ୩୩ ହଜାର ୯୩୪ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କୃଷ୍ଣଚନ୍ଦ୍ର ସିଡିଏ ଅଞ୍ଚଳରେ ରହୁଥିବା କଖଡ଼ି ମହାଲପଡା ଗ୍ରାମର ବିଭୂତି ଭୂଷଣ ସାହୁଙ୍କର କାର ଡ୍ରାଇଭର ଭାବେ କାମ କରୁଥିଲେ। ବିଭୂତିଙ୍କର ଧବଳେଶ୍ୱର ନୂଆପାଟଣା ରାସ୍ତାପାର୍ଶ୍ୱରେ ଏକ ପେଟ୍ରୋଲ ପମ୍ପ ରହିଛି। ବୁଧବାର ତାଙ୍କର ହଠାତ୍ ଟଙ୍କା ଦରକାର ହେବାରୁ ସେ ପେଟ୍ରୋଲ ପମ୍ପରୁ ଟଙ୍କା ଆଣିବା ପାଇଁ କୃଷ୍ଣଚନ୍ଦ୍ରଙ୍କୁ ପଠାଇଥିଲେ। ପରେ କୃଷ୍ଣଚନ୍ଦ୍ର ପେଟ୍ରୋଲ ପମ୍ପରୁ ଟଙ୍କା ଆଣି କାରରେ ଆସିବା ପରେ ବାଟରେ ଏକ ବୁଦାମୂଳରେ ଲୁଚାଇ ରଖିଥିଲେ। ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ଆକ୍ରମଣ କରି ଟଙ୍କା ଲୁଟି ନେଇଥିବା ସେ ବିଭୂତିଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।





କମିଶନରେଟ ପୋଲିସ ପକ୍ଷରୁ ଶୁକ୍ରବାର ରାତି ୯ଟାରେ ନାଇଟ୍ କର୍ଫ୍ୟୁ ଲାଗୁ ହେବା ପରେ ଭୁବନେଶ୍ୱରର ଜୟଦେବ ବିହାର ଓ ମାଷ୍ଟରକ୍ୟାଣ୍ଟିନ୍‌ଛକରେ ଗାଡ଼ିମୋଟର ଅଟକାଇ ଯାଞ୍ଚ ସହ ଲୋକଙ୍କୁ ସଚେତନ କରାଯାଉଛି।

# ସହରରେ ଲାଗୁହେଲା ନାଇଟ୍ କର୍ଫ୍ୟୁ

**ସ୍ଥିତି ଅନୁଧ୍ୟାନ କଲେ ପୋଲିସ କମିଶନର**

ଭୁବନେଶ୍ୱର,୭।୧(ବ୍ୟୁରୋ)

କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ୁଥିବାବେଳେ ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଜାନୁୟାରୀରୁ ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏହି ଗାଇଡ୍‌ଲାଇନ୍ ଅନୁସାରେ, ସହରାଞ୍ଚଳକୁ ପୁଣି ନାଇଟ୍ କର୍ଫ୍ୟୁ ଫେରିଛି। ରାତି ୯ଟାରୁ ସକାଳ ୫ଟା ଯାଏ ଏହି କଟକଣା ବଳବତ୍ତର ରହିବ। ଶୁକ୍ରବାର ପ୍ରଥମ ଦିନରେ ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କମିଶନରେଟ ପୋଲିସ ପକ୍ଷରୁ ନାଇଟ୍ କର୍ଫ୍ୟୁ ଲାଗୁ କରାଯାଇଛି। ନିୟମକୁ କଡ଼ାକଡ଼ି କରିବା ପାଇଁ ଦୁଇ ସହରରେ ୨୫ ପ୍ଲାଟୁନ ଫୋର୍ସ ଓ ୧୦୦ଜଣ ପୋଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି। କର୍ଫ୍ୟୁ ଲାଗୁ ପୂର୍ବରୁ ଅର୍ଥାତ୍ ସନ୍ଧ୍ୟାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ରାଜଧାନୀର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ରାତି ୯ଟା ପୂର୍ବରୁ ଦୋକାନବଜାର ବନ୍ଦ କରିବାକୁ ବ୍ୟବସାୟୀଙ୍କୁ ନିବେଦନ କରିଥିଲେ। ଏଥିସହ ଯେଉଁମାନେ ନିୟମକୁ ଅବମାନନା କରିବେ, ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର କଡ଼ା ଚେତାବନୀ ଶୁଣାଇଥିଲେ। ପୋଲିସ ଟିମ୍ ରାଜଧାନୀର ବିଭିନ୍ନ ଛକ, ମାର୍କେଟ୍ ଓ ରାସ୍ତାଘାଟ ବୁଲି ଦୋକାନବଜାର ବନ୍ଦ କରିଥିଲା। ୯ଟାରୁ ଯାତାୟାତ କରୁଥିବା ଯାନବାହନକୁ ଅଟକାଇ ଯାଞ୍ଚ କରାଯାଇ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। କେବଳ ଜରୁରିକାଳୀନ ସେବାରେ ନିୟୋଜିତ କର୍ମଚାରୀଙ୍କୁ ଯିବାକୁ ଅନୁମତି ଦିଆଯାଇଥିଲା। କେବଳ ଜରୁରୀ କାମରେ ଲୋକମାନେ ବାହାରକୁ ଯାଇପାରିବେ। ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରେ ମାଲିକମାନେ କରୋନା ନିୟମକୁ ମାନିବାକୁ ଗୁରୁତ୍ୱ ଦେବେ। ନଚେତ ସର୍ବନିମ୍ନ ୭ଦିନ ଦୋକାନକୁ ସିଲ୍ କରିଦିଆଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।





ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସହରର ସ୍ଥିତିକୁ ନେଇ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

## 'ନିର୍ବାଚନ ପାଇଁ ଲୋକଦେଖାଣିଆ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ବଣ୍ଟନ'

**ପ୍ରଶ୍ନ ଉଠାଇଲେ ପଞ୍ଚାନନ କାନୁନ୍‌ଗୋ**

ଭୁବନେଶ୍ୱର,୭।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟକାର୍ଡ ସାରା ରାଜ୍ୟରେ ବଣ୍ଟନ କରାଯାଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାକୁ ଗସ୍ତ କରି ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଗସ୍ତ ତଥା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କେବଳ ପ୍ରହସନ। ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସରକାର ଏଭଳି ଲୋକଦେଖାଣିଆ ପଦକ୍ଷେପ ଗ୍ରହଣ କରିଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଅଭିଯୋଗ କରିଛନ୍ତି। ଏ ନେଇ କାନୁନ୍‌ଗୋ ପ୍ରେସ ବିବୃତି ଜରିଆରେ କହିଛନ୍ତି, ଏହି ସହାୟତା ପାଇଁ ରାଜ୍ୟରେ ୯୬.୫ ଲକ୍ଷ ପରିବାରକୁ ଚୟନ କରାଯାଇଛି। ଏମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ସମୁଦାୟ ୧୫୦କୋଟି ବ୍ୟୟବରାଦ ରଖାଯାଇଛି। ସବୁଠାରୁ ଉଦ୍‌ବେଗର କଥା ହେଉଛି, ସରକାର କେବଳ ବିଜ୍ଞାପନରେ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି। ପ୍ରତି ପରିବାର ପିଛା ଧାର୍ଯ୍ୟ କରାଯାଇଥିବା ୭.୫୦ ଲକ୍ଷ ଟଙ୍କାରେ କେବଳ ୨ପ୍ରତିଶତ ହିତାଧିକାରୀ ଯଦି ଚିକିତ୍ସିତ ହେବେ, ତେବେ ବି ୧୪, ୫୦୦ କୋଟି ଟଙ୍କା ଆବଶ୍ୟକ। ତେଣୁ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ବର୍ତ୍ତମାନର ସ୍ୱାସ୍ଥ୍ୟ ବଜେଟକୁ ୩ ଗୁଣ କରାଯିବା ଆବଶ୍ୟକ। ଏହିସବୁ ସରକାର କରିପାରିବେ କି? ଏହି କାର୍ଡଧାରୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଏହାର ସମାଧାନ ପାଇଁ ସରକାର କ'ଣ ଚିନ୍ତା କରିଛନ୍ତି ବୋଲି ପଞ୍ଚାନନ ପ୍ରଶ୍ନ କରିଛନ୍ତି। ଏଥିସହ ସେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟଧାରାକୁ ନେଇ ସେ ସମାଲୋଚନା କରିଛନ୍ତି।

## 'ଲେଫ୍ଟ ଫ୍ରି' ନିୟମ କଡ଼ାକଡ଼ି ନିର୍ଦ୍ଦେଶ

ଭୁବନେଶ୍ୱର,୭।୧(ବ୍ୟୁରୋ)

**ଟ୍ରାଫିକ୍ ପୋଷ୍ଟରେ ନୂଆ ଡିସିପି**
- ଭୁବନେଶ୍ୱରରେ ସ୍ଥିତି ପରଖିଲେ
- ନବୀକରଣ ହେବ ଜେବ୍ରା କ୍ରସିଂ, ଲାଗିବ ନୂଆ ଉପକରଣ

କଟକ-ଭୁବନେଶ୍ୱର କମିଶନରେଟ ପୋଲିସରେ ନୂଆ ଟ୍ରାଫିକ ଡିସିପି ଭାବେ ଏସ୍. ସୁଶ୍ରୀ ଯୋଗଦେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ସୁଶ୍ରୀ ସହରର ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ପାଇଁ ନିଜେ ରାସ୍ତାକୁ ଓହ୍ଲାଇବା ସହ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସେ ସହକର୍ମୀଙ୍କ ସହ ସହର ବୁଲି ସ୍ଥିତି ପରଖିଥିଲେ। ରାଜଧାନୀ ଭୁବନେଶ୍ୱରର ଏଜି, ମାଷ୍ଟରକ୍ୟାଣ୍ଟିନ, ରବୀନ୍ଦ୍ରମଣ୍ଡପ, କିଟ୍, ନାଲ୍‌କୋ ଛକକୁ ଯାଇ ଟ୍ରାଫିକ ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ମାଷ୍ଟରକ୍ୟାଣ୍ଟିନ ଟ୍ରାଫିକ ପୋଷ୍ଟରେ ଚଢ଼ି ଟ୍ରାଫିକ ପରିଚାଳନାକୁ ନିରୀକ୍ଷଣ କରିଥିଲେ। ଟ୍ରାଫିକ୍ ବ୍ୟବସ୍ଥାରେ କେଉଁଠି ଅସୁବିଧା ରହିଛି, କେଉଁ ଉପକରଣ ଆବଶ୍ୟକ, ସେନେଇ ଉପସ୍ଥିତ ଅଧିକାରୀଙ୍କ ସହ ଡିସିପି ଆଲୋଚନା କରିଥିଲେ। ଏପରି କି ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଟ୍ରାଫିକ୍ ନିୟମ ମାନିବାକୁ ସେ ସଚେତନ କରାଇଥିଲେ। ରାସ୍ତାରେ ଲୋକେ କିପରି ବିପଦମୁକ୍ତ ହୋଇ ଯାତାୟାତ କରିପାରିବେ ସେ ନେଇ ସେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଟ୍ରାଫିକ ଛକରେ ଲେଫ୍ଟ ଫ୍ରି ନିୟମକୁ କଡ଼ାକଡ଼ି କରାଯିବା ସହ ଜେବ୍ରା କ୍ରସିଂର ନବୀକରଣ କରାଯିବ। ଜନସାଧାରଣ ଏହି ନିୟମକୁ ପାଳନ କରନ୍ତୁ, ନଚେତ୍ ପ୍ରଥମ ପର୍ଯ୍ୟାୟରେ ୫୦୦ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

ବିଭିନ୍ନ ଟ୍ରାଫିକ ଛକରେ ରହିଥିବା ଜେବ୍ରା କ୍ରସିଂ ଚିହ୍ନ ସବୁ ଲିଭିଗଲାଣି। ଏହା ଡିସିପି ସୁଶ୍ରୀଙ୍କ ନଜରକୁ ଆସିବା ପରେ ସେଗୁଡିକ ରଙ୍ଗ ବା ନବୀକରଣ କରିବା ପାଇଁ ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗ ସହ ଯୋଗାଯୋଗ କରାଯାଇଛି। ଏଥିସହ ଏଜି ଛକରେ କିଛି ନୂଆ ଉପକରଣ ଲଗାଇବା ପାଇଁ ମଧ୍ୟ ଯୋଜନା କରାଯାଇଛି। ସେହିପରି ଟ୍ରାଫିକ୍ ପୋଷ୍ଟରେ ରେଡ୍ ସିଗ୍‌ନାଲ ବେଳେ ରାସ୍ତାରେ ଧାଡି ଧାଡି କରି ବିଭିନ୍ନ ଯାନବାହନ ଅଟକି ରହୁଛି। ସେହି ସମୟରେ ଉକ୍ତ ରାସ୍ତା ଦେଇ ବାମ ପଟକୁ ଯିବାକୁ ଥିବା ଗାଡିଗୁଡିକ ଅନେକ ସମୟ ଧରି ଅଟକି ରହୁଛି। ବାମପଟକୁ ଯିବାକୁ ସବୁଜ ସିଗ୍‌ନାଲ୍ ଦିଆଯାଉଥିଲେ ମଧ୍ୟ ପ୍ରବଳ ଭିଡ଼ ଯୋଗୁ ଲୋକେ ଆଗକୁ ଯାଇପାରୁନାହାନ୍ତି। ଟ୍ରାଫିକ୍ ବ୍ୟବସ୍ଥାରେ ଏହା ଏକ ବଡ଼ ସମସ୍ୟା ପାଲଟିଥିବା ଡିସିପି ଦେଖିବା ପରେ ନିୟମକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନ ଧାରା ୨୮ ଅନୁଯାୟୀ, ଏଣିକି ରାଜଧାନୀର ଟ୍ରାଫିକ ପୋଷ୍ଟ ନିକଟରେ ପାଦଚଲା ରାସ୍ତାକୁ ଲାଗିକି ଥିବା ବାମପାର୍ଶ୍ୱ ରାସ୍ତାରେ ତଥା ଫ୍ରି-ଲେଫ୍ଟରେ କୌଣସି ଗାଡ଼ି ରହିପାରିବ ନାହିଁ। ଗାଡିଗୁଡ଼ିକ କେବଳ ମଝି ରାସ୍ତାରେ ଛିଡ଼ା ହୋଇ ସିଗନାଲ୍‌କୁ ଅପେକ୍ଷା କରିବେ। ଉକ୍ତ ବାମପଟ ରାସ୍ତା ଜରୁରିକାଳୀନ ଯାନବାହନ ଯଥା ଆମ୍ବୁଲାନ୍ସ, ଫାୟାର ଓ ପୋଲିସ ଗାଡ଼ି ପାଇଁ ସବୁ ସମୟରେ ଖାଲି ରହିବ ବୋଲି ସୂଚନା ଦିଆଯାଇଛି।



ଟ୍ରାଫିକ୍ ଡିସିପି ଏସ୍.ସୁଶ୍ରୀ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ଟ୍ରାଫିକ୍ ପୋଷ୍ଟ ଉପରେ ରହି ସ୍ଥିତି ନିରୀକ୍ଷଣ କରୁଛନ୍ତି।

## ଗଞ୍ଜେଇ ଭର୍ତ୍ତି କାର ଧରାପଡ଼ିଲା

ଭୁବନେଶ୍ୱର,୭।୧(ବ୍ୟୁରୋ)

**୩ ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍**



କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱରରେ ଚଢ଼ାଉ କରି ୩ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ତ୍ରିଲୋଚନ ମଙ୍ଗରାଜ ମହାପାତ୍ର(୨୮), ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା କାଭିଟି ଥାନା ଅଞ୍ଚଳର କେ. ରମେଶ ସେଠୀ ଓ ଭରତପୁର ଥାନା ଅଞ୍ଚଳର ସଚିନ୍ ଦିଗଲ(୨୨)। ଏମାନଙ୍କଠାରୁ ୪ ଲକ୍ଷ ଟଙ୍କାର ୪୪ କେଜି ଗଞ୍ଜେଇ ସହ ଗୋଟିଏ କାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଏସ୍‌ଟିଏଫ୍ ନୟାପଲ୍ଲୀ ଥାନାକୁ ହସ୍ତାନ୍ତର କରିଥିଲା। ପୋଲିସ ଏମାନଙ୍କ ନାମରେ ଏନ୍‌ଡିପିଏସ୍ ଆକ୍ଟରେ ଏକ (ନଂ.୭/୨୨) ମାମଲା ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ଦକ୍ଷିଣ ଓଡିଶାରୁ ଗଞ୍ଜେଇ ଆଣି ବାଲେଶ୍ୱର ଓ ଭଦ୍ରକକୁ ଚାଲାଣ କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏନେଇ ଏସ୍‌ଟିଏଫ୍ ଓ ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ଏକ କାରରେ ଗଞ୍ଜେଇ ଚାଲାଣ କରୁଥିବା ସଂକ୍ରାନ୍ତରେ ଏସ୍‌ଟିଏଫ୍ ଜାଣିବା ପରେ ଧରିବାକୁ ଯୋଜନା ହୋଇଥିଲା। ଅଭିଯୁକ୍ତମାନେ କାର୍ ନେଇ ଦ୍ରୁତ ଗତିରେ ପଳାଇ ଯାଉଥିବା ସମୟରେ ଏସ୍‌ଟିଏଫ୍ ଟିମ୍ ନୟାପଲ୍ଲୀ ଥାନା କ୍ରାଉନ୍ ହୋଟେଲ୍ ସାମ୍ନାରେ ଅଟକାଇ କାବୁ କରିଥିଲା। ଯାଞ୍ଚବେଳେ ଗଞ୍ଜେଇ ଚାଲାଣ ଧରାପଡିଥିଲା।

## ୧୪୦ ଗ୍ରାମ ବ୍ରାଉନସୁଗାର ଜବତ: ୫ ଗିରଫ

ପୁରୀ ଅଫିସ, ୭।୧

ପୁରୀ ସହରରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଏହା ବିରୋଧରେ ପୋଲିସ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଶୁକ୍ରବାର ବାସେଳିସାହି ଥାନା ପୋଲିସ ବ୍ରାଉନସୁଗାର କାରବାର ଅଭିଯୋଗରେ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିର ରବି ନାୟକ, ଚୂଡ଼ଙ୍ଗ ସାହିର ବୁଦ୍ଧିଆ ସ୍ୱାଇଁ, ଗଡ଼ିଶାଗଦା ଥାନା ଅନ୍ତର୍ଗତ ସୁନାଖଳା ଅଞ୍ଚଳର ଅନିରୁଦ୍ଧ ଜୟସିଂ, ବ୍ରହ୍ମଗିରି ଥାନା ଅଧୀନ ରାୟବିଧାର ଅଞ୍ଚଳର ଜୟ ପ୍ରକାଶ ଦାସ ଏବଂ ବିଜିପୁରର ଦୀପୁ ରଞ୍ଜନ ପ୍ରଧାନ। ଏମାନଙ୍କଠାରୁ ୧୪୦ ଗ୍ରାମ ବ୍ରାଉନସୁଗାର, ୫୦ହଜାର ୧୦୦ ଟଙ୍କା, ୫ଟି ମୋବାଇଲ ଫୋନ, ଏକ କାର୍ ଓ ବାଇକ୍ ଜବତ କରାଯାଇଛି। ଅନିରୁଦ୍ଧ ହେଉଛନ୍ତି ମୁଖ୍ୟ ଯୋଗାଣକାରୀ। ଏନେଇ ଧାରା ୨୧(ବି), ୨୯ ଏନ୍‌ଡିପିଏସ୍ ଆକ୍ଟରେ ଏକ କେସ୍ (ନଂ. ୮/୨୨) ରୁଜୁ ହୋଇଛି ବୋଲି ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।



**୫୦ହଜାର ଟଙ୍କା, ୫ ମୋବାଇଲ, କାର୍ ଓ ବାଇକ୍ ଜବତ**

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପଣ୍ଡା କହିଛନ୍ତି, ଶଙ୍କରେଶ୍ୱର ମାତାମଠ ଅଞ୍ଚଳରେ ବ୍ରାଉନ ସୁଗାର କାରବାର ହେଉଥିବା ନେଇ ପୋଲିସ ଖବର ପାଇଥିଲା। ବାସେଳି ସାହି ଥାନାର ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରିଥିଲା। ଏକ ଧଳା ରଙ୍ଗର କାର୍ (ନଂ. ଓଡି ୦୨ଏଭି ୭୧୩୩)କୁ ଅଟକାଇ ତଲାସି କରିଥିଲା। କାର୍‌ରୁ ୧୪୦ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଏହାକୁ ଜବତ କରାଯିବା ସହ ୪ଜଣ ବ୍ରାଉନସୁଗାର ବେପାରୀ ଓ ସେମାନଙ୍କ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। କାର୍ ସମେତ ୟାମାହା ବାଇକ (ନଂ. ଓଡି ୧୩ ପି-୪୮୭୩) ଜବତ କରାଯାଇଥିଲା। ଅନିରୁଦ୍ଧ ପୂର୍ବରୁ ମଧ୍ୟ ଗିରଫ ହୋଇଥିଲେ। ତାଙ୍କ ନାମରେ ହତ୍ୟା ମାମଲା ରହିଛି। ଉକ୍ତ ର୍ୟାକେଟ୍‌ରେ ଆଉ କେଉଁମାନେ ସାମିଲ ଅଛନ୍ତି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି ବୋଲି ପଣ୍ଡା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଏବଂ ବାସେଳି ସାହି ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠୀ ଉପସ୍ଥିତ ଥିଲେ।

## ୨୨ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୪ ଗିରଫ

**ବାରଙ୍ଗ,୭।୧(ଡି.ଏନ୍.ଏ.):** ନନ୍ଦନକାନନ ଥାନା ପୋଲିସ ବାରଙ୍ଗ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବାବେଳେ ଏକ କାର୍‌ରୁ ୮୯ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ଯୁବକମାନେ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁରର ଅକ୍ଷୟ କୁମାର ମାଝୀ, ଢେଙ୍କାନାଳ ବଳରାମ ପ୍ରସାଦ ଗ୍ରାମର ସୁଶାନ୍ତ କୁମାର ସାହୁ, ନନ୍ଦନକାନନ ଥାନା ଅନ୍ତର୍ଗତ ପଦାସାହି ଗ୍ରାମର ସନ୍ତୋଷ କୁମାର ଦାସ, ଫତେଗଡ ଥାନା ଅନ୍ତର୍ଗତ ଗୋପାଳପ୍ରସାଦ ଗ୍ରାମର ଚିତ୍ତରଞ୍ଜନ ବେହେରା। ଏ ନେଇ ପୋଲିସ ଏକ ମାମଲା(ନଂ.୧/୨୨) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଞ୍ଚଳରେ ପୋଲିସ ବୁଧବାର ରାତିରେ ପାଟ୍ରୋଲିଂ କରୁଥିଲେ। ତ୍ରିଶୂଳିଆ ପଟୁ ପଟିଆ ଅଞ୍ଚଳ ଆଡ଼କୁ ଏକ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେବାର ଖବର ବିଶ୍ୱସ୍ତ ସୂତ୍ରରୁ ପାଇଥିଲେ। ଏହାପରେ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍‌କୁ ପଠାଇ କଡ଼ା ଯାଞ୍ଚ କରିଥିଲେ। ଏହି ସମୟରେ ଗୋଟିଏ ବାଇକ୍ ଆସୁଥିବାରୁ ପୋଲିସ ତାକୁ ଅଟକାଇ ପଚରାଉଚରା କରୁଥିଲା। ବାଇକ୍ ପଛେ ପଛେ ଏକ ମାରୁତି କାର୍ ନଂ. ଓଆର୍‌୦୧ଏସ୍-୨୦୯୩ ଦ୍ରୁତ ଗତିରେ ଆସୁଥିବାରୁ ପୋଲିସ ଟିମ୍ ତାକୁ ମଧ୍ୟ ଅଟକାଇଥିଲା। ଯାଞ୍ଚ କରିବା ସମୟରେ କାର୍‌ର ପଛ ସିଟ୍ ଓ ଡିକିରେ ୪ଟି ଅଖା ବସ୍ତାରେ ୮୯ କେଜି ୬୫୦ ଗ୍ରାମ ଗଞ୍ଜେଇ ମିଳିଥିଲା। ବାଇକ୍‌ରେ ଆସୁଥିବା ଅଭିଯୁକ୍ତ ସେମାନଙ୍କୁ ଏସ୍କର୍ଟ କରି ଆଣୁଥିବାର ମଧ୍ୟ ସ୍ୱୀକାର କରିଥିଲା। ଏକ ବାଇକ୍, କାର୍‌ରୁ ଗଞ୍ଜେଇ, ୫୮୮୦ଟଙ୍କା, ୭ଟି ମୋବାଇଲ ଫୋନ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଥିଲେ।




# ଭଂସାଲିଙ୍କ ୱେବ୍ ସିରିଜ୍‌ରେ କାମ କରିବେ ମନୀଷା

**ମୁମ୍ବାଇ:** ବହୁ ବର୍ଷ ଧରି ବଡ଼ ପରଦାଠାରୁ ଦୂରେଇ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ମନିଷା କୋଇରାଲା। ଏବେ ସେ ପୁଣିଥରେ ଧମାକାଦାର ଏଣ୍ଟ୍ରି କରିବାକୁ ଯାଉଥିବା ଜଣାପଡିଛି। ଏକ ୱେବ୍ ସିରିଜରେ ମନିଷା କାମ କରିବେ। ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଂସାଲିଙ୍କ ଅପକମିଂ ୱେବ୍ ସିରିଜ 'ହିରା ମଣ୍ଡି'ରେ ମନିଷା ନଜର ଆସିବେ। ଏଥିପାଇଁ ତାଙ୍କୁ ଆପ୍ରୋଚ କରାଯାଇଛି। ଏହି ସିରିଜକୁ ଦର୍ଶକେ ଉତ୍ସାହର ସହ ଅପେକ୍ଷା ରଖିଛନ୍ତି । ବହୁଦିନ ହେବ ଏହାକୁ ନେଇ କାମ ଚାଲିଛି। ଏବେ ଖବର ଆସୁଛି କି ମନିଷା ଏଥିରେ ତାଙ୍କର ଦମ୍ ଦେଖାଇବେ। ଏହା ଏକ ସାନଦାର ୱେବ ସିରିଜ ହେବାକୁ ଯାଉଥିବା ବେଳେ ସଞ୍ଜୟ ଲିଲା ଭଂସାଲି ଲଗାତାର ଏଥିପାଇଁ କାଷ୍ଟିଂ କରି ଚାଲିଛନ୍ତି । ମନିଷା କୁଆଡେ ଏଥିପାଇଁ ହଁ ଭରିଥିବା କୁହାଯାଉଛି। ଯଦି ଏହା ହେଲା, ତେବେ ଦୀର୍ଘ ୨୫ ବର୍ଷ ପରେ ମନିଷା ସଞ୍ଜୟ ଲିଲା ଭଂସାଲିଙ୍କ ସହ କାମ କରିବେ। ଏହା ପୂର୍ବରୁ ସେ ଫିଲ୍ମ 'ଖାମୋସି'ରେ ସଞ୍ଜୟଙ୍କ ସହ ଏକାଠି କାମ କରିଥିଲେ। ତେବେ ଭଂସାଲିଙ୍କ ୱେବ୍ ସିରିଜ ପାଇଁ ହୁମା କୁରେସି ଓ ସୋନାକ୍ଷୀ ସିହ୍ନାଙ୍କୁ ସାଇନ କରାଯାଇ ସାରିଛି। ଏହି ୱେବ୍ ସିରିଜ ଏକ ଭିନ୍ନ କାହାଣୀ ଉପରେ ଆଧାରିତ। ସ୍ୱାଧୀନତା ପୂର୍ବରୁ ଲାହୋରର ଏକ ଜିଲାରେ ଲୁଚି ରହିଥିବା ସାଂସ୍କୃତିକ ବାସ୍ତବିକତା, ଦରବାରରେ ଥିବା ବ୍ୟକ୍ତିବିଶେଷଙ୍କ କାହାଣୀ ଉପରେ ଏହା ଆଲୋକପାତ କରିବ।

# ମହିଳାଙ୍କ ଚୁଟିରେ ଛେପ ପକାଇ ବିବାଦରେ ହବିବ

ମୁଜାଫରନଗର

ଖ୍ୟାତନାମା ହେୟାର ଷ୍ଟାଇଲିଷ୍ଟ ଜାୱେଦ୍ ହବିବ ଜଣେ ମହିଳା ଗ୍ରାହକଙ୍କ ଚୁଟିରେ ଛେପ ପକାଉଥିବାର ଭିଡିଓ ଭାଇରାଲ ପରେ ମୁଜାଫରନଗର ପୋଲିସ ତାଙ୍କ ବିରୋଧରେ ମାମଲା ଦାଏର କରିଛି। ମହିଳାଙ୍କ ଅଭିଯୋଗ କ୍ରମେ ହବିବଙ୍କ ବିରୋଧରେ ଆକ୍ରମଣ କରିବା, ଆପରାଧିକ ବଳପ୍ରୟୋଗ, ଶାନ୍ତି ଭଙ୍ଗ କରିବା ଏବଂ ମହାମାରୀ ଆଇନ ଉଲ୍ଲଂଘନ ଅଭିଯୋଗରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ଅଭିଯୁକ୍ତ ହବିବ ସୋସିଆଲ ମିଡିଆ ଜରିଆରେ କ୍ଷମା ମାଗିଛନ୍ତି। ବେଳେବେଳେ ଆମେ ଶୋ'କୁ କୌତୂହଳପ୍ରଦ କରିଥାଉ। ଏହା କାହାକୁ ଆଘାତ ଦେଇଥିଲେ, ସେଥିପାଇଁ କ୍ଷମା ମାଗୁଛି ବୋଲି ହବିବ ଏକ ଭିଡିଓରେ କହିଛନ୍ତି। ଆଇପିସିର ଧାରା ୩୫୫, ୫୦୪ ଏବଂ ମହାମାରୀ ଆଇନରେ ମାମଲା ରୁଜୁ ହୋଇଛି। ଏକ ହିନ୍ଦୁ ସଂଗଠନର ସଦସ୍ୟମାନେ ହବିବଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାକୁ ଓହ୍ଲାଇଥିଲେ।



# ବିନାଶ ଆଡ଼କୁ ମୁହାଁଉଛି ପୃଥିବୀ

ୱାଲର୍ଡ ୱାଇଡ ପାଣ୍ଠି (WWF) ବିଶ୍ୱକୁ ଏକ ବଡ଼ ଚେତାବନୀ ଦେଇଛି। ଡବ୍ଲ୍ୟୁଡବ୍ଲ୍ୟୁଏଫ କହିଛି, ଆସନ୍ତା ଦଶନ୍ଧିରେ ପୃଥିବୀ ବିନାଶ ଆଡ଼କୁ ମୁହାଁଇବ। ପରିବେଶ ଏବଂ ପଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ବିଶ୍ୱର ଜଣାଶୁଣା ସଂଗଠନ କହିଛି ଯେ, ଡାଇନୋସର ବିଲୁପ୍ତ ହେବା ପରେ ଏହା ହେଉଛି ସବୁଠାରୁ ବଡ଼ ବିପଦ। ଏହି କାରଣରୁ ଲକ୍ଷ ଲକ୍ଷ ଗଛ ଓ ପ୍ରାଣୀ ବିଲୁପ୍ତ ହୋଇଯିବେ। ସଂଗଠନ କହିଛି, ହାତୀ, ମେରୁ ଭାଲୁ, ସାର୍କ, ବେଙ୍ଗ, ମାଛ ପରି ୧୦ ଲକ୍ଷ ଜୀବ ବିପଦରେ ଅଛନ୍ତି। ଆସନ୍ତା ଦଶନ୍ଧି ମଧ୍ୟରେ ପ୍ରାୟ ୧ ଲକ୍ଷ ଜୀବ ବିଲୁପ୍ତ ହୋଇଯିବେ। ବର୍ତ୍ତମାନ ସଂରକ୍ଷଣର ରେଡ ତାଲିକାରେ ୧୪୨,୫୦୦ ପ୍ରଜାତି ଅନ୍ତର୍ଭୁକ୍ତ। ସେଥିମଧ୍ୟରୁ ୪୦ ହଜାର ପ୍ରଜାତି



ବିପଦରେ ଅଛନ୍ତି। ଆଫ୍ରିକା ଜଙ୍ଗଲର ହାତୀବଂଶ ବିଲୁପ୍ତ ହେବାର ଅଧିକ ସମ୍ଭାବନା ରହିଛି। ଗତ ୩୧ ବର୍ଷ ମଧ୍ୟରେ ହାତୀ ସଂଖ୍ୟା ୮୬ ପ୍ରତିଶତ ହ୍ରାସ ପାଇଛି। ଜଳବାୟୁ ସଙ୍କଟ ଏବଂ ସମୁଦ୍ରରେ ଅତ୍ୟଧିକ ମତ୍ସ୍ୟଜୀବୀ ହେତୁ ସାର୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି। ସେହିପରି ଜର୍ମାନୀ ବେଙ୍ଗ ମଧ୍ୟ ବିନାଶ ହେବା ଆଶଙ୍କା କରାଯାଉଛି।

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1 No.CAD-2740

**TENDER CALL NOTICE**

**Tender Notice No.83/OSIC/MKT** **Dt.06.01.2022**

OSIC invites sealed bids from experienced Manufacturers/ Suppliers / MSMEs/ Dealers / Distributor for supply of Smart Interactive Board & other IT peripherals to different Schools under High School Transformation Programme under 5T Initiative of Jagatsinghpur District. The detail specification and quantity of the items along with terms and conditions is available in OSIC website. Any corrigendum/ changes/ modifications will only appear in the website i.e. **www.osicltd.in** .

**By order of MD**
**Sd/-Manager(Mktg)**
OIPR-14073/11/0094/2122

## DISTRICT SOCIAL WELFARE OFFICER, KEONJHAR

**NOTICE**

**No.58/DSWO** **Dt.07.01.2022**

No. g-67: The advertisement published vide this office Advertisement No. 58 / Dtd.07.01.2022 inviting applications from eligible experienced organisations/agencies for submission of proposal for "Selection and Management of Crechers in Keonjhar district under DMF, Keonjhar.

The detail, terms and conditions along with the RFP documents can be downloaded from the district website **www.kendujhar.nic.in**.

The proposal complete in all respect should reach the undersigned before 31.01.2022 by 5 P.M. via means of Courier/ Speed Post only.

The undersigned reserves the right to reject or cancel any or all the tenders, without assigning any reason thereof.

**Sd./- District Social Welfare Officer,**
**Keonjhar, Odisha**
OIPR-24046/11/0013/2122

## OFFICE OF THE CHIEF ENGINEER & BASIN MANAGER, BRAHMANI BASIN, SAMAL

**No. A-821** **Dist.: Angul, Odisha, PIN - 759037**
**Tel. No.- (06760) 266333, E-mail: cebmbbs@gmail.com**

**TENDER CANCELLATION NOTICE**

No. A-821: The tender called vide Bid Identification No. BBS-HID-08 of 2021-22 of CE&BM, Brahmani Basin, Samal with e-Procurement Notice No. CEBBS-HID-08/2021-22 is hereby cancelled.

**Sd./- Chief Engineer & Basin Manager**
**Brahmani Basin, Samal**
OIPR-32046/11/0010/2122

## BHUBANESWAR MUNICIPAL CORPORATION

**Auction Sale Notice for Package of / Individual Parking lots in BMC area**
**No. 1137/BMC/Date: 06.01.2022**
**XXII (L)-39/2019 (Pt.)**

No. C-1824:- Sealed tenders are invited by Registered Post /Speed Post/ Courier only addressed to the Commissioner, BMC Bhubaneswar from intending parties in prescribed tender form along with EMD mentioned against the **3 Packages consisting of 9 parking lots and Individual 32 parking lots for One year** as in the Notice and in the website. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tenders are available in BMC/Zone Office notice boards and BMC Website - http://bmc.gov.in.

**The important dates & information are as follows:-**

| | | |
|---|---|---|
| 1. | Date of Issue of Tender Paper: | **06.01.2022** |
| 2. | Last date for sale of Tender Paper at BMC Office: | **28.01.2022 (During Office hour)** |
| 3. | Last Date of submission of written queries for clarification: | **17.01.2022** |
| 4. | Pre-bid Meeting: | **18.01.2022 at 12.00 Noon** |
| 5. | Last date for submission of Tender Paper: | **28.01.2022 up to 4.00 P.M.** |
| 6. | Earnest Money Deposit (EMD): | **10% of Upset Price** |
| 7. | Tender Cost (Non-refundable) : | **Rs. 500/- (Rupee Five hundred only)** |
| 8. | Opening of tender papers: | **28.01.2022 at 5.00 P.M.** |

**Sd./- Deputy Commissioner (Revenue)**
OIPR-13002/11/0128/2122 **Bhubaneswar Municipal Corporation**

## OFFICE OF THE MUNICIPALITY, NABARANGPUR
**NABARANGPUR (ODISHA), PIN - 764059**
**Tel./Fax No. 06858-222031, E-mail ID: municipalityngpr@gmail.com**
**No. 39/NM/2022** **Date: 07.01.2022**

**EXPRESSION OF INTEREST**

No. C-1835: Executive Officer, on behalf of Nabarangpur Municipality, Dist.- Nabarangpur invites sealed quotation in plain paper from Registered/Experienced/Reputed Consultants/ Architects having valid Income Tax and GST Registration Certificate for the work.

1. **Preparation of DPR for Construction of Swimming Pool with Indoor Stadium and various developmental activities to be taken up by this Municipality.**

**The quotationer should furnish their rates in % of rate over the cost of DPR.**

Preference shall be given to those consultant who have already rendered similar type of Swimming Pool with Indoor Stadium Development work in any urban local body of Odisha State Government. The quotation paper along with all documents shall be received in the office of the Executive Officer, Nabarangpur Municipality through Regd. Post/Speed Post or by Person on or before date 20.01.2022 upto 5.00 P.M. and the same will be opened on 21.01.2022 at 11.00 A.M. in the presence of the quotationer or their authorized representative. The quotation received beyond the schedule date and time will not be considered at all.

The undersigned reserves the right to accept/cancel/reject any or all the quotations without assigning any reason thereof.

**Sd./- Executive Officer**
OIPR-13065/11/0006/2122 **Nabarangpur Municipality**

## OFFICE OF THE BARIPADA MUNICIPAL COUNCIL, BARIPADA
**Phone:- 06792-252703, Fax:- 06792-252703,**
**Email: baripadam.hud@nic.in; Website- www.baripadamunicipality.in**
**No. 105/Date: 04.01.2021**

**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

**No. C-1834:-** The Executive Officer on behlf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN).

All Govt. of Odisha registered contractors are eligible to participate in this 'e' procurement. If any bidder becomes L1 who is not enlisted with Baripada Municipality, then he/she will have to get his/her name enlisted with Baripada Municipality before issue of Work Order.

Bid Documents consisting of Work, Estimated Cost, Cost of Tender Paper and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No. **BPDM-13 of 2021-2022**

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender Inviting Autority / Bids | Executive Officer, Baripada Municipality, Baripada |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt.**10/01/2022** (11.00 A.M.) to Dt. **19/01/2022** (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. **19/01/2022** (5.00 P.M.) |
| (iii) | Date & time of opening of Bids received on-line | Dt. **20/01/2022** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

5. Detailed Tender Call Notice (DTCN) may also be seen from the Baripada Municipality Website i.e. **www.baripadamunicipality.in**
Further details can be seen from the procurement portal i.e. **www.tendersorissa.gov.in**

**Sd./- Executive Officer, Baripada Municipality**
OIPR-13078/11/0039/2122

## GOVERNMENT OF ODISHA
## DEPARTMENT OF WATER RESOURCES
### Office of the Superintending Engineer
**Bhanjanagar Irrigation Division, Bhanjanagar**
**Phone No. 06821- 291004, e-mail ID: bnjirrigation2010@gmail.com**
**e-Procurement Notice No. e-BNID-10/2021-22**

No.A- 822:- Bid documents consisting of work, estimated cost, cost of tender paper, time of completion, class of contractor, the set of terms and conditions of contract and other necessary documents can be seen in e-procurement portal www.tendersodisha.gov.in.

| | | |
|---|---|---|
| 1. | Name of the work | Canal Work |
| 2. | No. of works | 02 (Two) Nos. of work |
| 3. | Class of contractor | Varies from 'D' Class or 'C' class |
| 4. | Bid Identification No. | BNID-145/2021-22 & 146/2021-22 |
| 5. | Estimated cost put to tender | Rs.5.20 lakh to 11.50 lakh |
| 6. | Period of completion | 03 (Three) months |
| 7. | Date & time of availability of bid documents in the portal | 11.01.2022 to 20.01.2022 upto 5.00 P.M. |
| 8. | Last date / time for receipt of bids in the portal | 20.01.2022 upto 5.00 P.M. |
| 9. | Date of opening of bid | 21.01.2022 at 11.00 A.M. in the Office of the Superintending Engineer, Bhanjanagar Irrigation Division, Bhanjanagar |
| 10. | Date of lottery | 28.01.2022 at 11.00 A.M. in the Office of the Superintending Engineer, Bhanjanagar Irrigation Division, Bhanjanagar (If situation arises) |
| 11. | Submission of affidavit | The bidder should mention his full present Postal Address, e-Mail ID, valid mobile number in his original affidavit for each work during uploading of tender. |

12. Submission of Original Licence (For Engineering Contractor) at the time of verification of documents.

Further details can be seen from the e-Procurement portal www.tendersodisha.gov.in.

**Sd./- Superintending Engineer, Bhanjanagar Irrigation, Division**
OIPR-32010/11/0012/2122

## Bhubaneswar Municipal Corporation
*Progress through Partnership for better Bhubaneswar*
**XXII(L)-33/17**

**RFP No. 1695** **Date: 07.01.2022**

**RFP for "Advertisement Rights on Government Land for North Zone and under 3 different packages of South West Zone in BMC"**

No. C-1826: Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking advertising rights on Government Land for North Zone and under 3 different packages of South West Zone in BMC. The detailed RFP document shall be made available in the website **bmc.gov.in** from 10.01.2022 at 12.00 Noon onwards. The last date of receipt of application is till 5.00 P.M. on 07.02.2022. For any clarification, an e-mail may be sent on **bmcpmu@bmc.gov.in**.

By Order
**Sd./- Dy. Commissioner (Revenue)**
**Bhubaneswar Municipal Corporation**
OIPR-13002/11/0130/2122

## OFFICE OF THE CHIEF EXECUTIVE OFFICER, WATCO
**Ground Floor, Unnati Bhawan,**
**H.B. Colony, Satyanagar, Bhubaneswar-751007, Odisha, India**
**Telefax:- +91-674-2391444;**
**E-mail- mail@watcoodisha.in, md@watcoodisha.in**
WATCO
No. C-1841

**INVITATION FOR BID (IFB)**
**BID Identification No. WATCO (W) - 33/2021-22 Dtd. 05.01.2022**
**WATCO No. 48 Date 05.01.2022**

| | | |
|---|---|---|
| 1. | Name of the work:- | **Implementation of 24x7 water supply-under Sujala at Ashok Nagar area in Ward No.-41 of BMC, Bhubaneswar. Construction of 4.50 Lakh Ltr capacity Elevated Storage reservoir** |
| 2. | Estimated Cost | :- Rs.112.50 Lakh |
| 3. | Period of completion | :- 06 (Six) Months |
| 4. | Date & time of availability of bid document in the portal | :- From 11.00 AM of Dt.10.01.2022 to 5.00 PM of 19.01.2022 |
| 5. | Last date/time of receipt of bids in the portal | :- 5.00 PM of 19.01.2022 |
| 6. | Date & time of opening of technical bids | :- 12.30 PM of 20.01.2022. |
| 7. | Name and address of the Officer Inviting Bid | :- CEO, WATCO, Telefax:- 0674-2391444, E-mail: mail@watcoodisha.in md@watcoodisha.in |

8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

OIPR-13194/11/0007/2122 **Sd./- CEO, WATCO**




## GOVERNMENT OF ODISHA
**OFFICE OF THE EXECUTIVE ENGINEER, P.H. DIVISION, BALASORE**
**Phone : 9437086137, e-mail-eephbls@gmail.com**
**NATIONAL COMPETITIVE BIDDING THROUGH e-Procurement (Online Mode)**
**Bid-Identification No.EEPHBLS-52 of 2021-22 dt.05.01.2022**

No. C-1840:- The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.

| Sl. No. | Name of the work | Bid Identification No. | Value of work (Rs. lakh) | Period of completion | Availability of bid documents for online bidding: From | Availability of bid documents for online bidding: To | Last date and time of seeking clarification | Date & time of opening of technical bid |
|---|---|---|---|---|---|---|---|---|
| 1 | Shifting of Water Supply Pipeline from the Seragarh-Nilagiri-Jharanaghati PWD road from 5/00 KM to 11/00 KM within Municipal limit of Nilagiri NAC. | EEPHBLS - 52 Dt.05.01.2022 | 87.55 | 06 (Six) calendar months | 11.00 hrs. of dt.10.01.2022 | 17.00 hrs. of dt.25.01.2022 | 17.00 hrs. of 21.01.2022 | 11.00 hrs. of 27.01.2022 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

**Name and Address of the officer inviting bid :- The Executive Engineer, P.H. Division, Balasore, At- Samalpur, Post-Balia, Dist.- Balasore, Pin-756056, Odisha, Phone: 9437086137.**

OIPR-13053/11/0006/2122 **Sd./- Executive Engineer, P.H. Division, Balasore**

## ତହସିଲଦାରଙ୍କ କାର୍ଯ୍ୟାଳୟ, କୁଆଁରମୁଣ୍ଡା
## OFFICE OF THE TAHASILDAR PANPOSH AT KUARMUNDA
**Dist. Sundargarh, State of Odisha**
**Email id- tah.panp-od@nic.in, Ph. No.0661-2618307**
**ବିଜ୍ଞପ୍ତି ସଂ. 63/ତା07.01.2022**

**(ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାୟୀ)**

No. F-292:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ଦୁମାଙ୍ଗଦିରି ପଥର ଖାଦାନ-3 ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ପାଇଁ ତହସିଲଦାର କୁଆଁରମୁଣ୍ଡାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ରେ ଫାରମ- 'ଡ' (Form-M) ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉମୁଦଦିଆ ଲଫାପାରେ ତହସିଲଦାର କୁଆଁରମୁଣ୍ଡାଙ୍କ କାର୍ଯ୍ୟାଳୟରେ ଥିବା Tender Box-ରେ ଆସନ୍ତା ତା24.01.2022ରିଖ ଦିନ 12.00 ଘଟିକା ପର୍ଯ୍ୟନ୍ତ ପକାଇପାରିବେ । ଧାର୍ଯ୍ୟ ତାରିଖର ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖିବା ଆବଶ୍ୟକ । ତା24.01.2022 ଦିବା 3.00 ଘଟିକା ସମୟରେ ଲିଜ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯିବ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇପାରିଲେ ପରବର୍ତ୍ତୀ ନିଲାମ 25.01.2022ରିଖ (ଦିନ 3.00 ଘଟିକା) ସମୟରେ ଅନୁଷ୍ଠିତ ହେବ ।

**ଆବଶ୍ୟକୀୟ ଦସ୍ତାବିଜ**

1. ଦରଖାସ୍ତ ଫି ବାବଦକୁ ଟ.୧୦୦୦ (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ ଦାଖଲ କରିବେ (Head of Accounts - 0853- Non-Ferrous Mining and Metallurgical Industries-102- Mining Concession Fees, Rents and Royalties)
2. ଦରଖାସ୍ତକାରୀଙ୍କ ନାମରେ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ।
3. ଆବେଦନକାରୀ ରୟାଲଟି (Royalty) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡ଼ା 5% ହାରରେ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟର ପରିମାଣ ଉପରେ ଅମାନତ ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ସ୍ୱରୂପ Tahasildar, Panposh Kuarmundaଙ୍କ ନାମରେ Demand Draft କରି ପଇଠ କରିବେ ।
4. ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାବର ସମ୍ପତ୍ତିର ବିବରଣୀ ଏବଂ solvency certificate (କେବଳ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା) କିମ୍ବା 18 ମାସ ପର୍ଯ୍ୟନ୍ତ ବୈଧ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି (Bank Guarantee) ଯାହାର ମୂଲ୍ୟ ବାର୍ଷିକ ସ୍ଥିରୀକୃତ ହୋଇଥିବା ଲଘୁଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ଓ ପ୍ରଦାନ କରୁଥିବା Additional Chargeର ମୂଲ୍ୟଠାରୁ କମ୍ ହେଉନଥିବ ଏବଂ ଦାଖଲ କରାଯାଇଥିବା solvency certificateଟିକୁ ଦରଖାସ୍ତକାରୀ ନିକଟ ଅତୀତରେ ପାଇଥିବା (ଜିତିଥିବା) ଅନ୍ୟ କୌଣସି ସୈରାତ ଲିଜ୍ ପାଇଁ ବ୍ୟବହାର କରି ନ ଥିବେ ।
5. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦିର ବିବରଣୀ ଦାଖଲ କରିବେ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ (www.sundargarh.nic.in)ରେ ଉପଲବ୍ଧ ହେବ ।

OIPR-24112/11/0004/2122 **ସ୍ୱା./- ତହସିଲଦାର, କୁଆଁରମୁଣ୍ଡା**

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 04/OMC/CIVIL/2022**

No. CAD-2754:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work (in month) | Class of Contractor | EMD (Rs.) online | Cost of Bid document (Rs.) Online |
|---|---|---|---|---|---|---|
| 1. | Renovation of 16 units substation along with construction of 8 units control room at Railway siding Baliparbat & Township at Daitari in the dist of Keonjhar. | 154.90 | 06 (Six) | B & A | 1,54,900/- | 10,000/- +18% GST |
| 2. | Development of infrastructure at Inchinda Parking Yard of Gandhamardan Iron Ore Mines in the district of Keonjhar. | 73.23 | 04 (Four) | B & A | 73,300/- | 10,000/- +18% GST |
| 3. | Special repair to 24 nos F type quarter at New OMC Colony, Serenda of Barbil Region in the district of Keonjhar. | 93.14 | 06 (Six) | B & A | 93,200/- | 10,000/- +18% GST |
| 4. | Construction of Chemical Laboratory Building at Daitari Mines in the district of Keonjhar | 31.47 | 04 (Four) | C & B | 31,500/- | 6,000/- + 18% GST |
| 5. | Construction of Chemical Laboratory Building at Chirigunia Prospecting Camp in the district of Jajpur. | 40.14 | 04 (Four) | B & A | 40,200/- | 6,000/- + 18% GST |
| 6. | Provision of Fencing and washing arrangement to solar panel at Central Township Kaliapani and substation repair at Kathpal and Koiposi in the district of Jajpur. | 19.40 | 03 (Three) | D & C | 19,400/- | 6,000/- + 18% GST |

1. Availability of Bid document in Govt. portal from dtd 25.01.2022 to 08.02.2022 up to 5.00 PM.
2. Last date of on-line submission of tender in the portal is dtd 08.02.2022 up to 5.00 PM.
3. Date of opening of Technical Bid is dt 09.02.2022 at 11.00 AM.

All other details can be seen from bid documents available at Govt. web site **www.tendersodisha.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0187/2122 **CGM (Civil)**

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 03/OMC/CIVIL/2022**

No. CAD-2752:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work (in month) | Class of Contractor | EMD (Rs.) online | Cost of Bid document (Rs.) Online |
|---|---|---|---|---|---|---|
| 1. | Construction of internal road, compound wall, drain, main gate, renovation of office, canteen building and landscaping to COB plant at South Kaliapani Mines in the district of Jajpur. | 561.82 | 06 (Six) | A & Special | 5,61,900/- | 10,000/- +18% GST |
| 2. | Construction of Office Building (1st Floor) of Khandbandh Mines of Barbil Region in the dist of Keonjhar. | 46.02 | 06 (Six) | B & A | 46,100/- | 6,000/- +18% GST |

1. Availability of Bid document in Govt. portal from dt 11.01.2022 to 25.01.2022 up to 5.00 PM.
2. Last date of on-line submission of tender in the portal is dt 25.01.2022 up to 5.00 PM.
3. Date of opening of Technical Bid is dt 27.01.2022 at 11.00 AM.

All other details can be seen from bid documents available at Govt. web site **www.tendersodisha.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0186/2122 **CGM (Civil)**

**ହିତାଧିକାରୀଙ୍କୁ ମିଳିଲା ସହାୟତା**

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କୁ ୩ହଜାର ଟଙ୍କା ଲେଖାଏ ସହାୟତା ଶୁକ୍ରବାର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏକାମ୍ର ନିର୍ବାଚନମଣ୍ଡଳୀରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅର୍ଥରେ ହିତାଧିକାରୀମାନେ ଘର ମରାମତି କରିବେ। କାର୍ଯ୍ୟକ୍ରମରେ ବିଡିଓ ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟ ଦୀପ୍ତିମୟୀ ସୁନ୍ଦରାୟ, ସରପଞ୍ଚ ନର୍ମଦା ଚନ୍ଦ୍ରମା ସାହୁ, ସଂଘମିତ୍ରା ପାଲ, ଗଜେନ୍ଦ୍ର ବେହେରା, ସୁବାସ ସୁନ୍ଦରାୟ, ଆଲୋକ ସାହୁ, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ମାମଲାରେ ୨ ଯୁବକ କୋର୍ଟ ଚାଲାଣ

ବାରଙ୍ଗ,୭।୧(ଡି.ଏନ୍.ଏ.): ବାରଙ୍ଗ ଥାନା ପୋଲିସ ୨ଟି ପୃଥକ ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗୋଡ଼ି ସାହିର ମୋହନ ସାହୁ ଓ ମଧୁପୁର ଗ୍ରାମର ସୁବ୍ରତ ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ଗତମାସରେ ମଧୁବନ ଗ୍ରାମମୁଣ୍ଡରେ ୨ ବିଲ୍ଡରଙ୍କ ସମର୍ଥକଙ୍କ ମଧରେ ଉପୁଜିଥିବା ବିବାଦରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୨୮୯/୨୧) ରୁଜୁ କରି ଉକ୍ତ ଗ୍ରାମର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ସୁବ୍ରତ ଫେରାର ଥିବାବେଳେ ଶୁକ୍ରବାର ପୋଲିସ ତାଙ୍କୁ ଗିରଫ କରିଛି। ସେହିଭଳି ଅନ୍ୟ ଏକ ଘଟଣା ନରାଜ ଆର୍‌ଟିଓ ଟେଷ୍ଟିଂ ସେଣ୍ଟର ପାଖରେ ଗତ ମାସରେ ଏକ ବାଇକ୍‌ରୁ ପଡି କଟକର ଆନନ୍ଦ ବେହେରା ଓ ବାଙ୍କୀର ପ୍ରଶାନ୍ତ ସାହୁ ଆହତ ହୋଇଥିଲେ। ଏହି ବାଟରେ ଆସୁଥିବା ମୋହନ ସାହାଯ୍ୟ କରିବା ଆଳରେ ଆହତ ବ୍ୟକ୍ତିଙ୍କର ମନପର୍ସ ଲୁଟି ନେଇ ଫେରାର ହୋଇଯାଇଥିବାର ଥାନାରେ ପରେ ଅଭିଯୋଗ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ କରି ଶୁକ୍ରବାର ମୋହନଙ୍କୁ ଗିରଫ କରିଥିଲେ।

### ପୁରୁଣା ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର

ପୁରୁଣା ଭୁବନେଶ୍ୱର,୭।୧(ଡି.ଏନ୍.ଏ.): ଜେମାଦେବୀ ହାଇସ୍କୁଲର ୧୯୮୭ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗଙ୍ଗୋତ୍ରୀ ଫାର୍ମ ହାଉସ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ଜଣ ଛାତ୍ରୀଛାତ୍ରଙ୍କ ସମେତ ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ପୁରୁଣା ସ୍ମୃତିକୁ ମନେପକାଇବା ସହ ଗୁରୁଜୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜେମାଦେବୀ ସ୍କୁଲ ପରିସରରେ ଏକ ବୃକ୍ଷରୋପଣ କରାଯାଇଥିଲା। ଲିଙ୍ଗରାଜ ସାହୁ, ବୃନ୍ଦାବନ ସାହୁ, ଚିନ୍ମୟୀ ମହାନ୍ତି, ରମେଶ ଗୋଚ୍ଛାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୬ ଦଫା ଦାବି ନେଇ ଗଣଧାରଣା

ବାଲିଅନ୍ତା,୭।୧(ଡି.ଏନ୍.ଏ.): ୬ ଦଫା ଦାବି ନେଇ ଉତ୍ତର-ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ୪ ନମ୍ବର ୱାର୍ଡ ଅଧୀନ ହଂସପାଳ ଛକରେ ଗଣଧାରଣା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉନ୍ନୟନ ପରିଷଦର ମୁଖ୍ୟ ଦାବିଗୁଡ଼ିକ ଭିତରେ କୁଆଖାଇ ନଦୀରେ ବୃହତ ଆନିକଟ ନିର୍ମାଣ ରହିଛି। ଏଥିସହିତ ନଦୀର ଉଭୟ ପାର୍ଶ୍ୱରେ ଉନ୍ନତ ରାସ୍ତା ନିର୍ମାଣ ସହିତ ନଦୀର ଖନନ, ସ୍ୱପ୍ନେଶ୍ୱର ମନ୍ଦିରଠାରୁ କାଚରାମାଳ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ, ପୁରୀ ମୁଖ୍ୟ କେନାଲର ଉଭୟ ପାର୍ଶ୍ୱ ରାସ୍ତାର ପ୍ରଶସ୍ତୀକରଣ, ୪ ନଂ. ୱାର୍ଡରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ଓ ବିଏମ୍‌ସି ରାସ୍ତାର ଉନ୍ନତୀକରଣ, ନହରକଣ୍ଟା ଡାକ୍ତରଖାନାରେ ଉନ୍ନତୀକରଣ ଓ ଡାକ୍ତର ନିଯୁକ୍ତ ଓ ହଂସପାଳରେ ୧୦ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ, ବିବାହ ମଣ୍ଡପ ଓ ବୃହତ ସଭା ଗୃହ ନିର୍ମାଣ ଆଦି ଦାବି ରହିଛି। ଗଣଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ପରିଷଦର ସଭାପତି ପ୍ରଭାତ ଦାସ କହିଛନ୍ତି।

# ୩ଦିନ ପରେ ଖୋଲିଲା ମାର୍କେଟ ବିଲ୍ଡିଂ

**ଭୁବନେଶ୍ୱର, ୭।୧ (ବ୍ୟୁରୋ)**



ଭୁବନେଶ୍ୱରର ୟୁନିଟ୍-୨ସ୍ଥିତ ମାର୍କେଟ ବିଲ୍ଡିଂ ୩ ଦିନ ଧରି ବନ୍ଦ ରହିବା ପରେ ଶୁକ୍ରବାର ଅପରାହ୍ନରେ ଖୋଲିଛି। ଦୁଇଦିନ ଧରି ବିଏମ୍‌ସି ଓ ପୋଲିସ ସହିତ ବ୍ୟବସାୟୀ ସଂଘର ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲେ ମଧ କୌଣସି ସମାଧାନ ହୋଇପାରି ନ ଥିଲା। ତେବେ ଶୁକ୍ରବାର ପୂର୍ବାହ୍ନରେ ବ୍ୟବସାୟୀ ସଂଘ ଲିଖିତ ପ୍ରତିଶ୍ରୁତି ପାଇଁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲା। ପରେ ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ସହ ଆଲୋଚନା ହୋଇଥିଲା। ମାର୍କେଟ୍ ବିଲ୍ଡିଂରେ ଉଠାଦୋକାନୀ ପ୍ରବେଶ ନିଷିଦ୍ଧ କରାଯିବା ନେଇ କ୍ୟାପିଟାଲ ଥାନାକୁ ଅବଗତ କରାଯାଇଥିବା ଆଲୋଚନାରେ କୁହାଯାଇଥିଲା। ଚିଠିର ଏକ ନକଲ ବ୍ୟବସାୟୀ ସଂଘକୁ ପ୍ରଦାନ କରାଯିବା ପରେ ସଂଘ ଆନ୍ଦୋଳନରୁ ଓହରିଛି। ଅପରାହ୍ନରୁ ସ୍ୱାଭାବିକ ଭାବେ ମାର୍କେଟ ବିଲ୍ଡିଂରେ ଦୋକାନ ଖୋଲାଯାଇଥିବା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ସୂଚନା ଦେଇଛନ୍ତି। ଭବିଷ୍ୟତରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ସଂଘର କର୍ମକର୍ତ୍ତା ଉଠା ଦୋକାନୀକୁ ମାର୍କେଟ ବିଲ୍ଡିଂ ପରିସରରୁ ହଟାଇବା ପାଇଁ ଦାବିକରି ଆସୁଥିଲେ ବୋଲି ସେ କହିଛନ୍ତି।

**ଉଠାଦୋକାନୀଙ୍କ ପ୍ରବେଶ ନିଷିଦ୍ଧ ନେଇ ମିଳିଲା ଲିଖିତ ପ୍ରତିଶ୍ରୁତି**

ସୂଚନା ଥାଉକି, ଗତ ୪ ତାରିଖରେ ଜଣେ ମହିଳା ଉଠାଦୋକାନୀ ମାର୍କେଟ ବିଲ୍ଡିଂର ଜଣେ ବ୍ୟବସାୟୀଙ୍କ ଗାଡ଼ି ଭାଙ୍ଗିବା ସହ ଗାଳି ଗୁଲଜ କରିଥିଲେ। ଏହାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ପୂର୍ବରୁ ଉଠା ଦୋକାନୀମାନେ ଏପରି ଘଟଣା ଘଟାଇବା ସହ ନାନା ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ କରି ସେମାନଙ୍କୁ ସେଠାରୁ ସମ୍ପୂର୍ଣ୍ଣ ଉଠାଇବା ଦାବି କରି ଉକ୍ତ ଦିନ ଅପରାହ୍ନରୁ ବ୍ୟବସାୟୀ ସଂଘ ପକ୍ଷରୁ ମାର୍କେଟ ବିଲ୍ଡିଂ ବନ୍ଦ କରାଯାଇଥିଲା। ମାର୍କେଟରେ ସାଧାରଣଲୋକଙ୍କ ପାଇଁ ତିଆରି ହୋଇଥିବା ଚୌକି ଏପରିକି ରାସ୍ତା ମଝିରେ ଉଠା ଦୋକାନୀମାନେ ସେମାନଙ୍କ ପସରା ପକାଇବା ଫଳରେ ଅଯଥା ଭିଡ଼ ହେଉଥିଲା। ଏଥିସହ ମାର୍କେଟର ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହେଉଥିଲା। ଅନ୍ୟପକ୍ଷରେ ଉଠା ଦୋକାନୀଙ୍କ ପାଇଁ ସେଠାରେ ଦୋକାନ ଭଡ଼ା ନେଇଥିବା ବ୍ୟବସାୟୀଙ୍କର ବେପାର ପ୍ରଭାବିତ ହେଉଥିବା ଅଭିଯୋଗରେ ଦର୍ଶାଯାଇଥିଲା।

### ଆଇନ୍ ଅନୁଯାୟୀ ଉଠାଦୋକାନୀଙ୍କୁ କେହି ଉଚ୍ଛେଦ କରିପାରିବେ ନାହିଁ

**ଭୁବନେଶ୍ୱର, ୭।୧ (ବ୍ୟୁରୋ)**

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟର ଏକ ଜରୁରୀକାଳୀନ ବୈଠକ ଶୁକ୍ରବାର ଉପଦେଷ୍ଟା ତଥା ଏମ୍‌ପି ସୁବାସ ସିଂଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ପି ସିଂ କହିଲେ, ଉଠାଦୋକାନୀମାନେ ହେଉଛନ୍ତି ସହରର ଏକ ଅଙ୍ଗ। ଆଇନ୍ ଅନୁଯାୟୀ ସେମାନଙ୍କୁ କେହି ଉଚ୍ଛେଦ କରିପାରିବେ ନାହିଁ। ଯଦି ଦରକାର ପଡ଼େ, ପ୍ରଥମେ ଦୋକାନୀ ବା ସଂଘ ସହିତ ଆଲୋଚନା କରି ସର୍ଭେ କରାଯାଇ ଥଇଥାନ କରିବା ପରେ ଉଚ୍ଛେଦ କରାଯାଇପାରେ। ଏ ସମ୍ପର୍କରେ ବିଏମ୍‌ସି କମିଶନରଙ୍କ ସହିତ ସେ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ପିପୁଲ୍ସ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଡେରାଡୁନ୍‌ର ନିର୍ଦ୍ଦେଶକ ଡ. ଦେବାଶିଷ ସେନ୍ ଯୋଗଦେଇ ସମାଜରେ ଉଠାଦୋକାନୀ ଓ ବସ୍ତିବାସିନ୍ଦାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱର ମହାନଗର ନିଗମ ମଧ ଏହା ଉପରେ ଧ୍ୟାନ ଦେବା ଦରକାର ବୋଲି ସେ କହିଥିଲେ। କରୋନାରେ ମୃତ ଉଠାଦୋକାନୀଙ୍କ ପରିବାରକୁ ତୁରନ୍ତ ଭେଣ୍ଡିଂଜୋନ ଯୋଗାଇଦେବା ପାଇଁ ସଂଘର ସାଧାରଣ ସମ୍ପାଦକ ସୁରେଶ ପଟ୍ଟନାୟକ ଦାବି କରିଥିଲେ। ଉପଦେଷ୍ଟା ବିପିନ ବିହାରୀ ଦାସ, ନିରଞ୍ଜନ ପାଣ୍ଡେ, ସୁଦର୍ଶନ ପୃଷ୍ଟି ପ୍ରମୁଖ ଯୋଗଦେଇଥିବାବେଳେ ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱରସ୍ଥିତ ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର କମ୍ପାନୀର ୪୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

## ନାଲ୍‌କୋ ପକ୍ଷରୁ କାଳିଦାସ, ଖାରବେଳ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ୪୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ସ୍ଥାନୀୟ ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ନିର୍ଦ୍ଦେଶକ (ପି ଆଣ୍ଡ ଟି) ଏବଂ ନିର୍ଦ୍ଦେଶକ (ଅର୍ଥ) ଅତିରିକ୍ତ ଦାୟିତ୍ୱ ମନସା ପ୍ରସାଦ ମିଶ୍ର, ନିର୍ଦ୍ଦେଶକ (ଉତ୍ପାଦନ) ଏବଂ ନିର୍ଦ୍ଦେଶକ (ବାଣିଜ୍ୟ) ଅତିରିକ୍ତ ଦାୟିତ୍ୱ ବିଜୟ କୁମାର ଦାସ ଏବଂ ମୁଖ୍ୟ ସତର୍କତା ଅଧିକାରୀ ସୋମନାଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଏବଂ ସାହିତ୍ୟ ଓ ସଂସ୍କୃତି ପ୍ରଚାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ନାଲ୍‌କୋ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ନାଲ୍‌କୋର କାଳିଦାସ ସମ୍ମାନ ଲେଖକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ନାଲ୍‌କୋ ଖାରବେଳ ସମ୍ମାନ (ଗୁରୁ) ପ୍ରଦାନ କରାଯାଇଥିଲା। ଓଡ଼ିଶୀନୃତ୍ୟ କ୍ଷେତ୍ରରେ ମମତା ଓଝା ଏବଂ ହରେକୃଷ୍ଣ ଧଳଙ୍କୁ ନାଲ୍‌କୋ ଖାରବେଳ (ନୃତ୍ୟଶିଳ୍ପୀ) ସମ୍ମାନରେ ସମ୍ମାନିତ କରାଯାଇଛି। ବିଶେଷ କରି କୋଭିଡ୍-୧୯ ମହାମାରୀ ସମୟରେ କର୍ମଚାରୀମାନଙ୍କର ନିଷ୍ଠାପର ପରିଶ୍ରମ ତଥା ହିତାଧିକାରୀମାନଙ୍କର ନିରବଚ୍ଛିନ୍ନ ସହଯୋଗ, ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି କରାଇବାରେ ସହାୟକ ହୋଇପାରିଛି ବୋଲି ଅଧକ୍ଷ ପାତ୍ର କମ୍ପାନୀ କର୍ମଚାରୀ ଏବଂ ହିତାଧିକାରୀଙ୍କ ପ୍ରଶଂସା କରିଥିଲେ।

## ଅଭିଭାବକ ସଂଘର ଏଡିଏମ୍ କାର୍ଯ୍ୟାଳୟ ଆଗରେ ଅନଶନ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

କରୋନା ମହାମାରୀରେ ଆର୍ଥିକ ସମସ୍ୟା କାରଣରୁ ଘରୋଇ ସ୍କୁଲରେ ଫି' ଆଦାୟ ସଂକ୍ରାନ୍ତରେ ଉଚ୍ଚତମ ଓ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଉପରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ଅଭିଭାବକ ମହାସଂଘ ତରଫରୁ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କ୍ୟାମ୍ପ ଅଫିସ ତଥା ଏଡିଏମ୍ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ସଂଘର କହିବାନୁସାରେ, ରାଜଧାନୀର ବିଭିନ୍ନ ସ୍କୁଲ ଫି' ଛାଡ଼ କରିବା ବଦଳରେ ବର୍ଦ୍ଧିତ ହାରରେ ଅଭିଭାବକଙ୍କଠାରୁ ଜୋର ଜବରଦସ୍ତ ଟଙ୍କା ଆଦାୟ ସହ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏହାବ୍ୟତୀତ ବହୁ ସ୍କୁଲ ମନଇଚ୍ଛା ଅଭିଭାବକମାନଙ୍କୁ ବିଭ୍ରାନ୍ତି କଲା ଭଳି ସ୍ଲାବ ତିଆରି କରି ଜବରଦସ୍ତ ସ୍କୁଲ ଫି' ଆଦାୟ କରୁଛନ୍ତି। ପୂର୍ବରୁ ବହୁବାର ମଧ ଏହି ଦାବି ଉପରେ ଆନ୍ଦୋଳନ ହୋଇଛି। ଏପରିକି ଡିଇଓ ଏବଂ ବିଇଓ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ସୁଫଳ ମିଳି ନାହିଁ। ତେଣୁ ଶୁକ୍ରବାର ପୁଣି ସଂଘ ପକ୍ଷରୁ ଆମରଣ ଅନଶନ କରାଯାଇଥିଲା। ଜିଲାପାଳଙ୍କ ହସ୍ତକ୍ଷେପ ପରେ ଅପରାହ୍ନରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ସ୍ୱାଇଁଙ୍କ ଅଫିସରେ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ସହ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ଏବଂ ଭୁବନେଶ୍ୱର ବ୍ଲକ ଶିକ୍ଷାଧିକାରୀଙ୍କ ଉପସ୍ଥିତରେ ଏକ ବୈଠକ ହୋଇଥିଲା। ଖିଲାପକାରୀ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ସଂଘକୁ ନେଇ ଆସନ୍ତା ୯ ତାରିଖରେ ମିଳିତ ବୈଠକ ଅନୁଷ୍ଠିତ ହେବ। ଫି' ଛାଡ଼ ନିର୍ଦ୍ଦେଶକୁ ଠିକ କାର୍ଯ୍ୟକାରୀ ହେବା ସହିତ ଖିଲାପକାରୀ ସ୍କୁଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ସଂଘ ଅନଶନକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଏହି ଅନଶନରେ ମହାସଂଘର ଅଧକ୍ଷ ବାସୁଦେବ ଭଟ୍ଟ, ସହଅଧକ୍ଷ ପ୍ରସନ୍ନ ବିଶୋଇ, ଭୂମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର ମହୋତ୍ସବ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ବାଲେଶ୍ୱର ସଂସ୍କୃତି ସମିତି, ଭୁବନେଶ୍ୱର ଆନୁକୂଲ୍ୟରେ ସୂଚନା ଭବନ ପରିସରରେ 'ବାଲେଶ୍ୱର ମହୋତ୍ସବ ଓ ବନ୍ଧୁମିଳନ' ଅନୁଷ୍ଠିତ ହୋଇଯାଇଛି। ସମିତିର ଭୁବନେଶ୍ୱର ସଭାପତି ବିଶ୍ୱନାଥ ମହାନ୍ତି କହିଲେ, ବ୍ରିଟିଶ ଶାସନ କାଳରେ ବାଲେଶ୍ୱରର ଲୁଣମରା ସ୍ଥାନ ଇଞ୍ଚୁଡ଼ି, ଶହୀଦ ମାଟି ଇରମ, ପୌରାଣିକ ଧାର୍ମିକ ପୀଠ, ମାଧବେନ୍ଦ୍ରପୁରୀଙ୍କ ପାଇଁ କ୍ଷୀରଚୋରା ଗୋପୀନାଥ, ଚାନ୍ଦିପୁର, ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ରଷ୍ଟା ଫକୀର ମୋହନ, ରାଧାନାଥ, ସୋର, କେଦାରପୁର ଓ ଦୀନକୃଷ୍ଣ ଅନ୍ୟତମ। ସୌନ୍ଦର୍ଯ୍ୟଭରା ନଦ, ନଦୀ, କାନନ, କାନ୍ତାର, ସୁବର୍ଣ୍ଣପୁର, ବୁଢାବଳଙ୍ଗ ଶଯ୍ୟାରେ ଚିର ପ୍ରତିଷ୍ଠିତ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର, ବାବା ଚନ୍ଦନେଶ୍ୱର, ବାବା ଲଙ୍ଗଳେଶ୍ୱର ଏବଂ ଏସିଆ ମହାଦେଶର ସର୍ବବୃହତ୍ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ଅମ୍ଳାନ ସୃଷ୍ଟି, ପଦ୍ମଶ୍ରୀ ମନୋଜ ଦାଶ, ମନ୍ମଥନାଥ ଦାଶ ସୁବିଦିତ ଥିବାବେଳେ ସାମୁଦ୍ରିକ ବେଳାଭୂମି, ଚାନ୍ଦିପୁର, ତଳସରି ଓ ଚଉମୁଖ, ଧାମରା ବନ୍ଦର ତଥା ବ୍ରିଟିଶ ସମୟର କଲିକତାକୁ ଜଳପଥ କୋଷ୍ଟ କେନାଲ ଆଦି ବଲେଶ୍ୱରର ବିଶେଷତ୍ୱ। ଶୁକ୍ରବାର ସେହି ମାଟିର ଗୌରବ ଓ ସୌରଭକୁ ସ୍ମରଣ କରି ନିଜକୁ 'ବାଲେଶ୍ୱର ବନ୍ଧୁ' ବୋଲି ସମ୍ବୋଧନ କରି ରାଜଧାନୀ ମାଟିରେ ନିଜର ଭାଇଚାରା ପ୍ରତିଷ୍ଠା କରି ଶାନ୍ତି, ମୈତ୍ରୀ, ପ୍ରଗତିକୁ ଲକ୍ଷ୍ୟ ରଖି ଏକତା ଦିଗରେ ଆମ୍ଭେ ଏକ ବୋଲି ସେ ସମ୍ବୋଧନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହରେକୃଷ୍ଣ ସାହୁ, ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର, ଡ.ଦୀନବନ୍ଧୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

### ଚାଷୀଙ୍କ ଉତ୍ପାଦନ ୨ଗୁଣା ବୃଦ୍ଧି ନେଇ ଆଲୋଚନା

**ବାଲିଅନ୍ତା,୭।୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ପରାମର୍ଶଦାତା କମିଟି ଆତ୍ମାର ବାର୍ଷିକ ସଭା ଶୁକ୍ରବାର ଭିଙ୍ଗାରପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆତ୍ମା ଅଧକ୍ଷ ବିରଞ୍ଚି ନାରାୟଣ କରଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲା କୃଷି ଅଧିକାରୀ ରମାକାନ୍ତ ପରିଡ଼ା ଯୋଗଦେଇ ଚାଷୀଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋକପାତ କରିଥିଲେ। କିଭଳି ବିଭିନ୍ନ ବର୍ଗର ଚାଷୀଙ୍କ ଉତ୍ପାଦନ ୨ଗୁଣା ବୃଦ୍ଧି ନେଇ ବିଭାଗୀୟ ଅଧିକାରୀମାନେ ମତ ରଖିଥିଲେ। ବିଟିଏମ୍ ପ୍ରଶାନ୍ତ କୁମାର ମିଶ୍ର ବିବରଣୀ ପାଠ ଓ ସହକାରୀ କୃଷି ଅଧିକାରୀ ଜି.ଶ୍ୱେତା ପରିଚାଳନା କରିଥିଲେ। କୃଷି,ମତ୍ସ୍ୟ,ପଶୁପାଳନ ଓ ଉଦ୍ୟାନ କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ




**ଭୁବନେଶ୍ୱର,୭।୧(ବ୍ୟୁରୋ)**

ସାରସ୍ୱତ ଅନୁଷ୍ଠାନ ଭଞ୍ଜ ଭାରତୀ ପକ୍ଷରୁ ସୂଚନା ଭବନରେ ୬ତାରିଖରେ ଦ୍ୱିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗୀତି ସାହିତ୍ୟ ସାମ୍ରାଜ୍ୟର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ଓ ଦୃଷ୍ଟିରେ ପୂରି ରହିଛି ବିଭୁ ଚେତନାର ଚିନ୍ମୟ ଚିତ୍ର ବୋଲି କୁହାଯାଇଛି। ରାମତାରକ ମନ୍ତ୍ରସିଦ୍ଧ ଉପେନ୍ଦ୍ର ମହାପ୍ରଭୁ ରଘୁନାଥ ଓ ଶ୍ରୀଜଗନ୍ନାଥଙ୍କ ଏକାତ୍ମତାକୁ ବ୍ୟକ୍ତ କରି ସୃଷ୍ଟି କରିଛନ୍ତି ରାଶି ରାଶି କାବ୍ୟ, ଯାହାକି ପାଠକୀୟ ଅନ୍ତରାତ୍ମାକୁ ବିଭୋର କରିଥାଏ। ଅନୁଷ୍ଠାନ ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସୂଚନା-ଆୟୁକ୍ତ ବାଳକୃଷ୍ଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ସାହିତ୍ୟ ଜଗତରେ କବି ଉପେନ୍ଦ୍ରଙ୍କ ସ୍ଥାନ ଉଚ୍ଚକୋଟିର ଓ ସେ ରାଜାରୁ ପ୍ରଜା ସମସ୍ତଙ୍କ ପାଖରେ ଆଦୃତ ମହାକବି ବୋଲି କହିଛନ୍ତି। ସାହିତ୍ୟ ଗବେଷକ ଡ. ସନ୍ତୋଷ କୁମାର ପାଣିଗ୍ରାହୀ ଉପେନ୍ଦ୍ର ଭଞ୍ଜଙ୍କ କାର୍ଯ୍ୟାବଳୀରେ ଥିବା ମାନବୀୟ ଆବେଗ ଓ ଶୃଙ୍ଖଳାର ବାର୍ତ୍ତାକୁ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ଡ. କେଶବ ଷଡ଼ଙ୍ଗୀ କବି ସମ୍ରାଟଙ୍କ ସୃଷ୍ଟ ସମୂଳରେ ଥିବା ବିଭୁଚେତନାର ବିଶ୍ଳେଷଣ କରିଥିଲେ। ଏହି ସଭାକୁ ଅନୁଷ୍ଠାନ ସଦସ୍ୟ ଡ.ମୃତ୍ୟୁଞ୍ଜୟ ରଥ ସଂଯୋଜିତ କରିଥିଲେ ଓ ନନ୍ଦକିଶୋର ଜେନା ଧନ୍ୟବାଦ ଦେଇଥିଲେ।

### ଓରେରା, ବିଡିଏ ଅନୁମୋଦନ ବାଧ୍ୟତାମୂଳକ

**ପୁରୁଣା ଭୁବନେଶ୍ୱର,୭।୧(ଡି.ଏନ୍.ଏ.)**

ରାଜସ୍ୱ ବିଭାଗର ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ନିୟମ ଅନୁଯାୟୀ ଜମି ବିକ୍ରି କରିବାକୁ ଲେଆଉଟ ଅନୁମୋଦନ ବାଧ୍ୟତାମୂଳକ କରାଯାଇଛି। ୫୦୦ବର୍ଗମିଟର ଓ ଊର୍ଦ୍ଧ୍ୱ ଘରବାଡ଼ି ଜମି ଲେଆଉଟ ଅନୁମୋଦନ ନ ଥାଇ କିଣାବିକା ନ ହେବାକୁ ଉଲ୍ଲେଖ ରହିଛି। ପ୍ରକାଶ ଯେ ସାଧାରଣ ଚାଷୀ, କ୍ରେତାଙ୍କ ସ୍ୱାର୍ଥ ଅପେକ୍ଷା ଜମି ମାଲିକ ଓ ବିଲ୍ଡରଙ୍କୁ ସୁହାଇଲା ଭଳି କାର୍ଯ୍ୟ ସବ୍‌ରେଜିଷ୍ଟ୍ରାର କରୁଥିଲେ। ଏନେଇ ରାଜସ୍ୱ ବିଭାଗର ପ୍ରମୁଖ ସଚିବ, ଓରେରା ଚେୟାରମ୍ୟାନ, ଜିଲାପାଳ ଓ ଉପଜିଲାପାଳଙ୍କୁ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯିବାରୁ ୩୮୨୦/୨୧ରେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ କରାଯାଇଥିଲା। ଏହାର ଶୁଣାଣି ହୋଇ ନ ଥିବା ବେଳେ ଗୁରୁବାର ଠାରୁ ଖୋର୍ଦ୍ଧା ଜିଲାର ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସରେ ଓରେରା ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ଅନୁମୋଦନ ନ ଥାଇ କୌଣସି ଘରବାଡ଼ି ଜମି ବିକ୍ରି କରା ନ ଯିବା ନେଇ ନୋଟିସ ଲଗାଯାଇଛି।

## ମାନସିକ ସ୍ତରରେ ସ୍ୱଚ୍ଛତା ଆବଶ୍ୟକ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଏବଂ ସ୍କୁଲ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶର ବିକାଶ ପାଇଁ ପରିବେଶର ସ୍ୱଚ୍ଛତା ସହ ମାନସିକ ସ୍ତରରେ ମଧ ସ୍ୱଚ୍ଛତା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଧାପକ ସୁପ୍ରିୟା ପଟ୍ଟନାୟକ ଯୋଗଦେଇ ପ୍ରତ୍ୟେକ ମନୁଷ୍ୟ ଦେଶର ସ୍ୱଚ୍ଛତା ପାଇଁ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ସେହିଭଳି ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହା ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ସ୍ୱଚ୍ଛତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଉଭୟ ସ୍ତ୍ରୀ ଓ ପୁରୁଷ ଏହାକୁ ଗୁରୁଦାୟିତ୍ୱ ଭାବି ସମାନ ଭାବେ ଦାୟିତ୍ୱ ବହନ କରିବା ଉଚିତ ବୋଲି କହିଛନ୍ତି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଡିନ ଡ. ଉମାକାନ୍ତ ନାୟକ ସ୍ୱଚ୍ଛତାର ଉପାଦେୟତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏମ୍‌ବିଏ ଛାତ୍ରୀ ସୁନନ୍ଦା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହକାରୀ ପ୍ରଧାପକ ଡ. ମଧୁମିତା ଦାସ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସହରର ଆଉ ୧୧ ସ୍ଥାନ ହେଲା କଣ୍ଟେନ୍‌ମେଣ୍ଟ

**ଭୁବନେଶ୍ୱର, ୭।୧ (ବ୍ୟୁରୋ)**

ରାଜଧାନୀରେ ଦୈନିକ ସଂକ୍ରମଣ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରୁ ଏକାଧିକ ପଜିଟିଭ୍ ଚିହ୍ନଟ ହେଉଥିବାରୁ ସହରରେ କଣ୍ଟେନ୍‌ମେଣ୍ଟ ମଧ ବଢ଼ି ଚାଲିଛି। ଶୁକ୍ରବାର ସହରର ଉତ୍ତର ଜୋନ୍‌ର ୪ଟି ସ୍ଥାନ ଓ ଦକ୍ଷିଣ ପୂର୍ବ ଜୋନ୍‌ର ୭ଟି ମୋଟ ୧୧ଟି ସ୍ଥାନକୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଇଛି। ଏଠାରୁ ଏକାଧିକ ସଂକ୍ରମିତ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ସମ୍ପୃକ୍ତ ଅଞ୍ଚଳଗୁଡିକ ହେଉଛି ଉତ୍ତର ଜୋନ୍‌ର ୱାର୍ଡ ନଂ.୧୪ ଅନ୍ତର୍ଗତ ନୀଳାଦ୍ରି ବିହାରର ବୁଦ୍ଧ ପାର୍କ ନିକଟସ୍ଥ ପ୍ଲଟ ନଂ. ଜେ-୨୦୮, ପ୍ଲଟ୍ ନଂ. ଏସ୍-୫/୧୬୬, ୱାର୍ଡ ନଂ. ୧୮ ଅନ୍ତର୍ଗତ ସତ୍ୟ ବିହାରରର ପ୍ଲଟ୍ ନଂ. ୧୦୯୪, ୱାର୍ଡ ନଂ. ୧୨ ଅନ୍ତର୍ଗତ ଗଜପତି ନଗର ଶିବ ପ୍ଲାଜାର ଫ୍ଲାଟ ନଂ. ୧୦୩ ଏବଂ ଦକ୍ଷିଣ ପୂର୍ବ ଜୋନ୍‌ର ୱାର୍ଡ ନଂ. ୩୧ ଅନ୍ତର୍ଗତ ବମିଖାଲ ଅଞ୍ଚଳର ପ୍ଲଟ ନଂ. ୨୨୩/୧୭୫୨, ଶହୀଦ ନଗର ଅଞ୍ଚଳର ଆଙ୍ଗନ ରେଷ୍ଟୁରାଣ୍ଟ ନିକଟସ୍ଥ ପ୍ଲଟ ନଂ. ୨୦ ଏବଂ ୨୧, ଖାରବେଳନଗରସ୍ଥିତ ୟାମାହା ଶୋ'ରୁମ ନିକଟସ୍ଥ ପ୍ଲଟ ନଂ. ୯, ବଡ଼ଗଡ଼ ଅଞ୍ଚଳର ପତିତପାବନ ନଗର ଲେନ୍-୧ର ପ୍ଲଟ ନଂ. ୧୧୬୪/୮୫୮୮, ଟଙ୍କପାଣି ରୋଡସ୍ଥିତ ରତ୍ନ ନିବାସର ୧୯-ବି, ପୁରୁଣାଭୁବନେଶ୍ୱରସ୍ଥିତ ଆକାରପୁରୀ ହାଉସିଂବୋର୍ଡର ପ୍ଲଟ୍ ନଂ. ୧୪ ଏବଂ ଗଙ୍ଗାଯମୁନା ରୋଡସ୍ଥିତ ପ୍ଲଟ୍ ନଂ. ୩୩୧୪/୪୭୩୬କୁ କଣ୍ଟେନମେଣ୍ଟ କରାଯାଇଛି। ଏହି ସମସ୍ତ ଅଞ୍ଚଳକୁ ବାହାର ଲୋକଙ୍କ ଯିବା ଆସବା ଉପରେ କଟକଣା ଜାରି କରାଯାଇଛି। କଣ୍ଟେନ୍‌ମେଣ୍ଟ ସମୟରେ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ୨୪ ଘଣ୍ଟାରେ ୬୩୮ ପଜିଟିଭ୍

ରାଜଧାନୀ ଭୁବନେଶ୍ୱରରେ କରୋନା ସ୍ଥିତି ବେକାବୁ ହେବାରେ ଲାଗିଛି। ଗତ ୨୪ ଘଣ୍ଟାରେ ଆଉ ୬୩୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ୫୪ ଜଣ ସଙ୍ଗରୋଧରୁ ଥିବାବେଳେ ୫୮୪ ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ପଟିଆରୁ ସର୍ବାଧିକ ୬୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱରରୁ ୨୯ ଜଣ, ପାତ୍ରପଡ଼ାରୁ ୨୧, ନୟାପଲ୍ଲୀରୁ ୨୦, ଡୁମାଡୁମା ଓ ଶହୀଦ ନଗରରୁ ୧୯ ଜଣ ଲେଖାଏ, ଖଣ୍ଡଗିରିରୁ ୧୭ଜଣ, ନୀଳାଦ୍ରି ବିହାରରୁ ୧୫, ଚନ୍ଦ୍ରଶେଖରପୁରରୁ ୧୩, ଶୈଳଶ୍ରୀ ବିହାର, ମଞ୍ଚେଶ୍ୱର, ରସୁଲଗଡ଼, ଆଚାର୍ଯ୍ୟ ବିହାର, ଆଇଆର୍‌ସି ଭିଲେଜ ଓ ବମିଖାଲରୁ ୧୨ଜଣ ଲେଖାଏ, ଜାଗମରା, ଭୀମଟାଙ୍ଗୀ, ସୁନ୍ଦରପଦା ଓ ଖାରପଡ଼ା ଅଞ୍ଚଳରୁ ୧୦ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବାଦ୍ ରାଜଧାନୀର ଅଧିକାଂଶ ସ୍ଥାନରୁ ଏକାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ସହରରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୫୪ ହଜାର ୪୯୨ରେ ପହଞ୍ଚିଛି। ସେହିପରି ୨୪ଘଣ୍ଟାରେ ୯୪ଜଣ ସୁସ୍ଥ ହୋଇଥିବାରୁ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧୨ ଲକ୍ଷ ୨ ହଜାର ୪୮୧କୁ ବୃଦ୍ଧି ପାଇଛି। ଏବେ ସୁଦ୍ଧା ୧୮୮୭ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ କରୋନାରେ ମୋଟ ମୃତ୍ୟୁ ସଂଖ୍ୟା ୧୧୦୩ ରହିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଭାଷା ସମ୍ମାନ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- କର ଫାଉଣ୍ଡେଶନର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ, ଗୀତ ଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ମନନ ନାଟ୍ୟ ସଂସ୍ଥାର ପ୍ରତିଷ୍ଠା ଉତ୍ସବରେ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଶ୍ରୀପତିତପାବନ ଦେବଙ୍କ ପହିଲି ଭୋଗ ନୀତି, କାକରୁଦ୍ରପୁରସ୍ଥିତ ପତିତପାବନ ମନ୍ଦିର, ପୂର୍ବାହ୍ନ ୧୦ଟା।

**କଟକ**

- ଚଳଚ୍ଚିତ୍ର ଜଗତ ପକ୍ଷରୁ ୪୫ତମ ବାର୍ଷିକ ଉତ୍ସବ ଓ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା।
- କଟକ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ଶାରଳା ଭବନ, ସନ୍ଧ୍ୟା ୬ଟା।

# ନନ୍ଦନକାନନ: ଅନ୍‌ଲାଇନ ଟିକେଟ କଳାବଜାର

**ବାରଙ୍ଗ,୭।୧(ଡି.ଏନ୍.ଏ.)**

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନଙ୍କୁ ଦୃଷ୍ଟିରେ ରଖି ନନ୍ଦନକାନନରେ ଶୁକ୍ରବାରଠାରୁ ପର୍ଯ୍ୟଟକମାନେ କେବଳ ଅନ୍‌ଲାଇନରେ ଟିକେଟ କରି ବୁଲିବାକୁ ଯାଇପାରିବେ ବୋଲି ଗୁରୁବାର ଘୋଷଣା କରିଥିଲେ। ଶୁକ୍ରବାର ବହୁ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିଲେ ମଧ୍ୟ ନନ୍ଦନକାନନ ପକ୍ଷରୁ ହୋଇଥିବା ନିଷ୍ପତ୍ତି ବିଷୟରେ ନ ଜାଣିପାରି ହଇରାଣ ହୋଇଥିଲେ। ଅଫ୍‌ଲାଇନ ଟିକେଟ ବନ୍ଦ ଥିବାର ସୁଯୋଗରେ କେତେଜଣ ଅସାଧୁ ଯୁବକ କଳାବଜାର କରିଥିଲେ। କିଏ ମୋବାଇଲ, କିଏ ଲାପ୍‌ଟପ୍ ଧରି ଅନ୍‌ଲାଇନ୍ ଟିକେଟ ପାଇଁ ଡାକୁଥିଲେ। ଫଳରେ ୫୦ଟଙ୍କା


ନନ୍ଦନକାନନ ପରିସରରେ ପର୍ଯ୍ୟଟକଙ୍କ ଭିଡ଼।

ଟିକେଟକୁ ପର୍ଯ୍ୟଟକମାନେ ବାଧ ହୋଇ ୧୦୦ଟଙ୍କାରେ କିଣିଥିବାର ମଧ୍ୟ ଅଭିଯୋଗ ହୋଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ ପାଇଁ ନନ୍ଦନକାନନ ପକ୍ଷରୁ କୁହାଯାଇଥିବା ବେଳେ ଦିନତମାମ ପ୍ରାଣୀ ଉଦ୍ୟାନ ପ୍ରବେଶ ପଥ, ଗାଇଡ୍ କାର୍ଯ୍ୟାଳୟ ଓ ଟିକେଟ କାଉଣ୍ଟର ମୁଖ୍ୟ ଫାଟକ ଆଗରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ତେବେ ୨୦୨୦ରେ କୋଭିଡ୍ ପାଇଁ ନନ୍ଦନକାନନ ବନ୍ଦଥିଲା। ନନ୍ଦନକାନନ ଅକ୍ଟୋବରରେ ଖୋଲିବା ପାଇଁ ରାଜ୍ୟ ସରକାର ଏକ ମାର୍ଗଦର୍ଶିକା ଜାରି କରିଥିଲେ। ନନ୍ଦନକାନନ ବୁଲିବାକୁ ଦୈନିକ ଅତିବେଶିରେ ୧୫୦୦ ଲୋକଙ୍କୁ ଟିକେଟ ଉଭୟ ଅଫ୍‌ଲାଇନ ଓ ଅନଲାଇନ ଜରିଆରେ ମିଳିବ ବୋଲି ଅନୁମତି ଦେଇଥିଲେ। ଏଭଳି କିଛି ନିୟମ ଚଳିତବର୍ଷ ମଧ୍ୟ କରିଥିଲେ ଏଭଳି ଅସୁବିଧା ହୁଅନ୍ତା ନାହିଁ ବୋଲି ପର୍ଯ୍ୟଟକମାନେ କହିଥିଲେ। ଅନ୍ୟପଟେ ନନ୍ଦନକାନନକୁ ଶୁକ୍ରବାର ୬୩୬୫ ଓ ବଟାନିକାଲ ଗାର୍ଡେନକୁ ୧୬୯ଜଣ ପର୍ଯ୍ୟଟକ ଆସିଥିଲେ। ଏ ନେଇ ନନ୍ଦନକାନନ ଉପନିର୍ଦ୍ଦେଶ ଡ. ସଞ୍ଜିତ କୁମାର କହିଛନ୍ତି, ଅନ୍‌ଲାଇନ ବ୍ୟବସ୍ଥା ସୁରୁଖୁରୁରେ ହେବା ପାଇଁ ଦିନେ ଦୁଇଦିନ ସମୟ ଲାଗିବ। ଟେକ୍‌ନିକାଲ ଅବ୍ୟବସ୍ଥାକୁ ସୁଧାରିବା ପାଇଁ ସଜାଗ ହୋଇ ରହିଛୁ। ତେଣୁ ପର୍ଯ୍ୟଟକ ପୂର୍ବରୁ ଟିକଟ କରି ଆସିବା ଆବଶ୍ୟକ ବୋଲି କହିଥିଲେ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ 'ମନନ' ପକ୍ଷରୁ ଚାଲିଥିବା ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନାଟକ 'ଉଲପି'ର ଏକ ଦୃଶ୍ୟ।

## ନାଗବଂଶୀ, ଚନ୍ଦ୍ରବଂଶୀଙ୍କ କାହାଣୀ ବଖାଣିଲା 'ଉଲପି' ୪ଜଣଙ୍କୁ 'ମନନ' ସମ୍ମାନ

**ଭୁବନେଶ୍ୱର,୭।୧(ବ୍ୟୁରୋ)**

ନାଟ୍ୟ ସଂସ୍ଥା 'ମନନ' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନାଟକ ମହୋତ୍ସବରେ ଶୁକ୍ରବାର ନାଟକ 'ଉଲପି' ପରିବେଷିତ ହୋଇଥିଲା। ନାଗବଂଶୀ ଏବଂ ଚନ୍ଦ୍ରବଂଶୀଙ୍କ ଶତ୍ରୁତା ଓ ମିତ୍ରତା ସହ ନାଗବଂଶୀ ରାଜକୁମାରୀଙ୍କ ପ୍ରେମ କାହାଣୀ ଏଥିରେ ପରିବେଷଣ ହୋଇଥିଲା। ମିରର୍ ଥିଏଟର୍ ପ୍ରଯୋଜିତ ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ତଥା ନିର୍ଦ୍ଦେଶିତ ଏହି ନାଟକକୁ ଦର୍ଶକ ଉପଭୋଗ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ବନ୍ଦନା ସେଠୀ, ସସ୍ମିତା ସାହୁ, ସନାତନ ବାରିକ ଓ ପ୍ରୀତମ ସାହୁଙ୍କୁ 'ମନନ ସମ୍ମାନ' ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ନବୀନ କୁମାର ପରିଡ଼ା, ବରିଷ୍ଠ ଖବରଦାତା ଅଶୋକ ପାଲିତ, ନାଟ୍ୟ ସଂସ୍ଥା ଉପସଭାପତି ବଙ୍କିମ ଚନ୍ଦ୍ର ନାୟକ, ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୋନିଆ ବେହେରା, ସନ୍ତୋଷ ସାହୁ, କାହ୍ନା ବଗାର, ଗୌରୀଶଙ୍କର କୁମ୍ଭାର, ସବିତା ଦାସ ଅଭିନୟ କରିଥିଲେ।

## ୨୨ ଥାନାରେ ଡିସେମ୍ବରରେ ୭୯୨ ମାମଲା ରୁଜୁ

**ଭୁବନେଶ୍ୱର,୭।୧(ବ୍ୟୁରୋ):** କମିଶନରେଟ ପୋଲିସର ଭୁବନେଶ୍ୱର ସହରାଞ୍ଚଳ ଜିଲାର ୨୨ଟି ଥାନାରେ ଗତ ବର୍ଷ ଡିସେମ୍ବରରେ ମୋଟ ୭୯୨ଟି ମାମଲା ରୁଜୁ ହୋଇଛି। କ୍ୟାପିଟାଲ ଥାନାରେ ସର୍ବାଧିକ ୭୪ଟି ମାମଲା କରାଯାଇଛି। ତେବେ ଏହି ସବୁ ଥାନାରେ ପୂର୍ବରୁ ବାକିଥିବା ୯୫୧ଟି ମାମଲାର ତଦନ୍ତ ଗତ ମାସରେ ଶେଷ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଡିସିପି ଅଫିସରେ ଥିବା 'କେସ୍ କ୍ଲୋଜର୍ ୟୁନିଟ' ତଦନ୍ତକାରୀ ଅଫିସରଙ୍କ ଉପରେ ନ୍ୟସ୍ତ ଥିବା ମାମଲାର ସମୀକ୍ଷା କରୁଛି। ଏହି ୟୁନିଟ୍‌ର ଉଦ୍ୟମରେ ଡିସେମ୍ବରର ବିଭିନ୍ନ ଥାନାରେ ୯୫୧ ମାମଲା ମଧ୍ୟରୁ ୩୩୦ ମାମଲା ସମୀକ୍ଷା କରାଯାଇଛି।

## 'ଡାଲଚିନି' ଶ୍ରେଷ୍ଠ ରୋମାଣ୍ଟିକ ଚଳଚ୍ଚିତ୍ର




**ଭୁବନେଶ୍ୱର, ୭।୧ (ବ୍ୟୁରୋ):** ରିତୁପ୍ରିୟା ପ୍ରଡକ୍ସନ୍ସର ଓଡ଼ିଆ ଚଳଚ୍ଚିତ୍ର 'ଡାଲଚିନି'କୁ ମିଳିଛି ଆଉ ଏକ ସଫଳତା। ଅତିଶ କୁମାର ରାଉତଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ର ୧୪ତମ ଜୟପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ ରୋମାଣ୍ଟିକ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି। ପୂର୍ବରୁ 'ଡାଲଚିନି' ସିମ୍‌ଲା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଜାତୀୟ ବିଭାଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଥିଲା। ସେହିପରି ଇନ୍ଦସଭାଲି ଅନ୍ତର୍ଜାତୀୟ ମହୋତ୍ସବରେ ଶ୍ରେଷ୍ଠ ଚିତ୍ରଉତ୍ତୋଳନ ପୁରସ୍କାର ମଧ ମିଳିଥିଲା। କୋଭିଡ୍ ନିୟମ ମାନି ଶୁକ୍ରବାର ଜୟପୁରର ମହାରଣା ପ୍ରତାପ ପ୍ରେକ୍ଷାଳୟରେ ବିନା ମୋଦାରୀଙ୍କଠାରୁ ପ୍ରଯୋଜକ ନିର୍ଦ୍ଦେଶକ ଶିଶିର ସାହୁ, ପିନାକୀ ସିଂହ, କାହାଣୀକାର ଜିତେନ୍ଦ୍ରୀୟ ପ୍ରଧାନ ଓ ନାୟକ ପାର୍ଥସାରଥୀ ରାୟ ପୁରସ୍କାର ଗ୍ରହଣ କରିଥିଲେ। ଜାନୁୟାରୀ ୧୧ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ୫୨ ଦେଶରୁ ୧୫୦୦ରୁ ଅଧିକ ଚଳଚ୍ଚିତ୍ର ଭାଗ ନେଇଥିଲେ। ଏ ସମ୍ପର୍କରେ କାହାଣୀକାର ଜିତେନ୍ଦ୍ରୀୟ କୁହନ୍ତି, ଏହା ଓଡ଼ିଆ ସିନେମା ପାଇଁ ନୂତନ ଦିଗନ୍ତ ଓ ଗର୍ବର ବିଷୟ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ପାର୍ଥସାରଥୀ ଓ ସୂର୍ଯ୍ୟମୟୀ ଅଭିନୟ କରିଛନ୍ତି।

# ଅତ୍ୟାଧୁନିକ ମୋବାଇଲ ସ୍ୱାସ୍ଥ୍ୟସେବା ରଥ ଲୋକାର୍ପିତ

**ଖୁଣ୍ଟୁଣୀ, ୭।୧(ଡି.ଏନ.ଏ.)**

କଟକ ଜିଲା ଆଠଗଡ଼ ବ୍ଲକ ଅଧୀନ ମାଧବପୁରସ୍ଥିତ ଗୋପବନ୍ଧୁ ଚିକିତ୍ସାଳୟ ପରିସରରେ ଅତ୍ୟାଧୁନିକ ମୋବାଇଲ ସ୍ୱାସ୍ଥ୍ୟସେବା ରଥ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଲୋକାର୍ପଣ କରି କହିଥିଲେ, ଏହି ସ୍ୱାସ୍ଥ୍ୟସେବା ରଥରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଆଠଗଡ଼, ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳରେ ଗୁରୁତର ରୋଗୀଙ୍କ ସମ୍ପର୍କରେ ଖବର ମିଳିବା ପରେ ଏହି ଗାଡ଼ି ତୁରନ୍ତ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଇବ ବୋଲି ସେ କହିଥିଲେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଜିମ୍‌ସାର ଅଧ୍ୟକ୍ଷ ନିରଞ୍ଜନ ରଥ, ଡା. ପଦ୍ମଚରଣ ଦାଶ, ଇଷ୍ଟକୋଷ୍ଟ ରେଲୱେର ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ, ଖୋର୍ଦ୍ଧା ରୋଡ ରେଳମଣ୍ଡଳର ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆଠଗଡ଼ ଉପଖଣ୍ଡର ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘଣ୍ଟିଖାଲଠାରୁ ଫୁଲବାଣୀ ପର୍ଯ୍ୟନ୍ତ ରେଳ ସଂଯୋଗ କରିବାକୁ ଆଠଗଡ଼ର ସ୍ୱେଚ୍ଛାସେବୀ ସଙ୍ଗଠନ ଗଡ଼ଜାତ ପରିକ୍ରମା ପକ୍ଷରୁ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ଉପରେ ବିଚାର କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଆଠଗଡ଼ ନୂଆପାଟଣା ରାସ୍ତାର ନିଧିପୁରଠାରେ ରେଳ ଅଣ୍ଡର ବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ତୁରନ୍ତ ଏହାର ସର୍ଭେ କରି କାର୍ଯ୍ୟ ଆରମ୍ଭ ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଭାରତର ଖବରଦାତାମାନଙ୍କୁ ୫୦ ପ୍ରତିଶତ ରିହାତିରେ ଟ୍ରେନ୍ ଟିକଟ ଯୋଗାଇ ଦେବା ପାଇଁ କଟକ ଜିଲା ଓ ଆଠଗଡ଼ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ନିଶ୍ଚିତ ଭାବେ ଏହି ଦାବି ଉପରେ ଗୁରୁତ୍ୱ ଦେବେ ବୋଲି ମନ୍ତ୍ରୀ କହିଥିଲେ।


ଅତ୍ୟାଧୁନିକ ମୋବାଇଲ୍ ସ୍ୱାସ୍ଥ୍ୟସେବା ରଥକୁ ଉଦ୍‌ଘାଟନ କରାଯାଉଛି।

## ଗୋପରେ ଖୋଲିଲା କାଫେ

**ଗୋପ,୭।୧(ଡି.ଏନ୍.ଏ.)**

ଗୋପ ବ୍ଲକ ପରିସରରେ ମିଶନ ଶକ୍ତି ଦ୍ୱାରା ଏକ କାଫେ ଖୋଲିଛି। ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ଯୋଗଦେଇଥିଲେ। ଏହି କାଫେରେ ୩୯ ପ୍ରକାରର ସୁସ୍ୱାଦୁ ଖାଦ୍ୟ ମିଳିବ ବୋଲି ଗୋପ ମହିଳା ମହାସଂଘର ସଭାପତି ମୀନାକ୍ଷୀ ପୁଷ୍ଟି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ଦୀପ୍ତିରାଣୀ ଦାସ, ଜିଲା ପ୍ରକଳ୍ପ ସଂଯୋଜକ ଆରତି ଦାସ, ଟିକିନା ବେହେରା, ଜ୍ୟୋତ୍ସ୍ନାରାଣୀ ସେନାପତି, ରେଣୁବାଳା ନାୟକ, ନିର୍ମଳା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଡଲ୍‌ଫିନ୍ ସୁରକ୍ଷା ପାଇଁ ସାଇକେଲରେ ସାତପଡ଼ା ଯାତ୍ରା

**ଡେଲାଙ୍ଗ,୭।୧(ଡି.ଏନ୍.ଏ.)**

ଡଲଫିନ୍‌ର ସୁରକ୍ଷା ବାର୍ତ୍ତା ନେଇ ପ୍ରକୃତି ବନ୍ଧୁ ତଥା ସେଭ୍ ଦି ଆର୍ଥ ଫାଉଣ୍ଡେଶନର ଆବାହକ ବିଶ୍ୱଜିତ ପରିଡ଼ା ସାତପଡ଼ା ଅଭିମୁଖେ ସାଇକେଲରେ ଯାତ୍ରା ଆରମ୍ଭ କରିଛନ୍ତି। ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତସ୍ଥିତ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ବିଦେଶାଗତ ପକ୍ଷୀ, ମାଛ, କଙ୍କଡା ଓ ଡଲଫିନ୍ ଚିଲିକାର ଗୌରବ। ସାତପଡ଼ା ଅଞ୍ଚଳରେ ଏହାକୁ ଖେରା, ମଗରମାଛ, ଭୁଆଶୁଣୀ ମାଛ ବୋଲି କହିଥାନ୍ତି। ସାତପଡ଼ାଠାରେ ବହୁଳ ମାତ୍ରାରେ ଏହାକୁ ଦେଖିବା ପାଇଁ ଦେଶ ବିଦେଶରୁ ପ୍ରତିଦିନ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ମୋଟରଚାଳିତ ଡଙ୍ଗା, ଫାଇବର ଡଙ୍ଗା ଓ ଖାଦ୍ୟାଭାବ ଯୋଗୁ ଡଲଫିନ ଆଜି ବିଲୁପ୍ତ ହେବାକୁ ବସିଲେଣି। ଦିନକୁ ଦିନ ଡଲଫିନ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ବହୁ ବ୍ୟକ୍ତି ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏହା ବିଲୁପ୍ତ ହେଲେ ଅନେକେ ରୋଜଗାର ହରାଇବେ। ଏହାର ସୁରକ୍ଷା ନିହାତି ଆବଶ୍ୟକ। ଏହି ସୁରକ୍ଷା ବାର୍ତ୍ତା ନେଇ ଡେଲାଙ୍ଗ ବୋଲକଣା ଗ୍ରାମର ବିଶ୍ୱଜିତ ଶୁକ୍ରବାର ମୁନିନ୍ଦାରୁ ସାତପଡ଼ା ସାଇକେଲ ଯାତ୍ରା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ବଳିଆରସିଂହ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଡଲଫିନ ସୁରକ୍ଷା ଦିଗରେ ଏକ ସଭା ହୋଇଥିଲା। ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା, ମିହିର ପରିଡା, ରମେଶ ଚନ୍ଦ୍ର ପରିଡା, ବୈଜୟନ୍ତୀମାଳା ହରିଚନ୍ଦନ, ଅଜିତ ରାୟ, ପ୍ରବୀର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡଲଫିନ, ବନ୍ୟପ୍ରାଣୀ, ବିଦେଶାଗତ ବିହଙ୍ଗଙ୍କ ସୁରକ୍ଷା ଦିଗରେ ଆଲୋଚନା ହେବା ସହ ପଲିଥିନମୁକ୍ତ ପାଇଁ ଶପଥ କରିଥିଲେ। ଘୋରଡିଆ, କଣାସ, ବିଜିପୁର, ଖଜୁରିଆ, ବ୍ରହ୍ମଗିରି, ପଣସପଦା ପ୍ରଭୃତି ଜନଗହଳି ସ୍ଥାନରେ ଜନସାଧାରଣଙ୍କୁ ଡଲଫିନର ସୁରକ୍ଷା ନେଇ ସଚେତନ କରିବେ ବୋଲି ବିଶ୍ୱଜିତ୍ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଭାଗ୍ୟଲକ୍ଷ୍ମୀ


@ ପ୍ରଭାସ


@ ବିକାଶ



@ ମନୋଜ


@ କୈଳାସ

## ହୃଷୀକେଶ ମଲ୍ଲିକଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୭।୧(ବ୍ୟୁରୋ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହୃଷୀକେଶ ମଲ୍ଲିକଙ୍କୁ ତାଙ୍କ ଜନ୍ମଭୂମି ଭଦ୍ରକ ମାଟିରେ ଶୁକ୍ରବାର ଭଦ୍ରକ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଛନ୍ତି, ହୃଷୀକେଶ ଗତ ଶତାବ୍ଦୀର ଅଶୀ ଦଶକରେ ଓଡ଼ିଆ କବିତାର ନବନିର୍ମାଣ କରିଛନ୍ତି। ଜଗଜ୍ଜନନୀ ପତ୍ରିକାର ସମ୍ପାଦକ ସୁଧାକର ନନ୍ଦ ସଭାରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ ପଣ୍ଡିତ ଦୈତାରି ମହାପାତ୍ର ଯୋଗଦେଇଥିଲେ। ନାଟ୍ୟକାର ନିର୍ମଳ ରାଉତ ସ୍ୱାଗତ ଭାଷଣ ଓ ଗ୍ରନ୍ଥକାର ଅଭୟ ସୂତାର ଅତିଥି ପରିଚୟ ଦେଇଥିଲେ। ଭଦ୍ରକର ବିଭିନ୍ନ ସାରସ୍ୱତ ଓ ସାମାଜିକ ଅନୁଷ୍ଠାନ ତଥା ଶତାଧିକ ସାହିତ୍ୟିକ ଯୋଗଦେଇ ପୁଷ୍ପଗୁଚ୍ଛ, ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ କବି ହୃଷୀକେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କବି ହୃଷୀକେଶ ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି, ଭଦ୍ରକର ମାଟି ପାଣି ପବନରେ ତାଙ୍କ କବିତ୍ୱର ଅଙ୍କୁରୋଦଗମ ହୋଇଛି। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଏ ମାଟିର ଋଣ, ମୋର ପ୍ରତିଟି କାଳିବିନ୍ଦୁ ଦେଇ ଶୁଝିବି ବୋଲି କହିଛନ୍ତି। ନୀହାର ରଞ୍ଜନ କର ଧନ୍ୟବାଦ ଦେଇଥିଲେ।



ପୁରୀ ବାଳାଶ୍ରମର ଅନ୍ତେବାସୀଙ୍କୁ ଶୁକ୍ରବାର କରୋନା ହାଇଜେନିକ କିଟ୍ ପ୍ରଦାନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।



ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତସ୍ଥିତ କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଚେତନତା ସାଇକେଲ ଯାତ୍ରାରେ ବାହାରିଥିବା ବିଶ୍ୱଜିତ ପରିଡ଼ାଙ୍କୁ ସ୍ୱାଗତ କରାଯାଉଛି।


ଭଦ୍ରକ ଜିଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ଭଦ୍ରକରେ ଶୁକ୍ରବାର ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ୩ ମାସରେ ୨.୪ ଲକ୍ଷ ନିଯୁକ୍ତି ସୃଷ୍ଟି

**ଭୁବନେଶ୍ୱର,୭।୧:** କୋଭିଡ୍ ସମୟ ମଧ୍ୟରେ ବି ଦେଶର ଅର୍ଥନୈତିକ ସୁଧାର ଜାରି ରହିଛି। ଏଭଳିସ୍ଥଳେ ୯୦ ଦିନରେ ୫ ଲକ୍ଷରୁ ଅଧିକ ସାକ୍ଷାତ୍କାର ସହିତ ପେସାଦାରମାନଙ୍କ ଲାଗି ଭୁବନେଶ୍ୱର ଦେଶର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ସହର ଭାବେ ଉଭା ହୋଇଛି। ଭାରତର ସର୍ବବୃହତ ପେସାଦାର ଓ ନିଯୁକ୍ତି ପ୍ଲାଟଫର୍ମ ଅପ୍‌ନା ଡଟ୍ କମ୍ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଗତ ତିନି ମାସରେ ଭୁବନେଶ୍ୱରରେ ୨.୪ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ଏହି ପ୍ଲାଟ୍‌ଫର୍ମ ରେକର୍ଡ କରିଛି। ଭୁବନେଶ୍ୱର ହେଉଛି ପୂର୍ବ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପେଣ୍ଠସ୍ଥଳ, ଯେଉଁଥିରେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେଉଛି।

### ବିକାଶରେ ସହଯୋଗ କରୁଛି ଏମ୍‌ଏଫ୍‌ଆଇଏନ

**ମୁମ୍ବାଇ,୫।୧:** ମାଇକ୍ରୋଫାଇନାନ୍ସ ଶିଳ୍ପ ଅର୍ଥ ଲଗାଣ କ୍ଷେତ୍ରରେ ରହୁଥିବା ତାରତମ୍ୟ ଦୂର କରିଆସୁଛି ଏବଂ ବନ୍ଧକମୁକ୍ତ ସହଜ ଋଣ ଯୋଗାଇଦେଇ ଅର୍ଥନୀତିର ସର୍ବନିମ୍ନ ସ୍ଥାନରେ ବାସ କରୁଥିବା ଲୋକଙ୍କ ନିକଟରେ ପହଞ୍ଚିଛି। ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିଶେଷକରି ଗ୍ରାମାଞ୍ଚଳ ପରିବ୍ୟବସ୍ଥାରେ ଉନ୍ନତି ସହିତ ସ୍ଥିରତା ଆଣିବା କ୍ଷେତ୍ରରେ ଜଳାଭାବ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଥିବାବେଳେ ମାଇକ୍ରୋଫାଇନାନ୍ସ ଶିଳ୍ପ ୱାଶ (ଡବ୍ଲୁଏସଏଚ) ଋଣକୁ ଉତ୍ସାହିତ କରୁଛି। ପରିବାରଗୁଡିକର ପରିସର ମଧ୍ୟରେ ନିରାପଦ ଜଳ ଏବଂ ଉନ୍ନତ ପରିମଳ ବ୍ୟବସ୍ଥା ସମୟ ବଢାଇବା ସହିତ ନିମ୍ନ ଆୟକାରୀ ପରିବାରଗୁଡିକ ନିମନ୍ତେ ଉକ୍ତ ସମୟକୁ ଆୟ ସୃଷ୍ଟିକାରୀ ଉଦ୍ଦେଶ୍ୟରେ ଉପଯୋଗ କରିଥାଏ।

# ଚଳିତ ବର୍ଷ ୯.୨% ବୃଦ୍ଧି ପାଇବ ଭାରତୀୟ ଅର୍ଥନୀତି

ନୂଆଦିଲ୍ଲୀ,୭।୧




ଭାରତୀୟ ଅର୍ଥନୀତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଭାବେ ନିଜର ସ୍ଥିତିକୁ ଫେରାଇ ଆଣିବା ପାଇଁ ଟ୍ରାକ୍‌ରେ ରହିଆସିଛି। ଶୁକ୍ରବାର ସରକାରୀ ଆକଳନ ଅନୁଯାୟୀ ଜିଡିପି ସମ୍ପ୍ରସାରଣକୁ ୯.୨% ହ୍ରାସ କରିବା ପରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୯.୨% ଅଭିବୃଦ୍ଧି ସ୍ତର ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ଦ୍ୱାରା ଏହାର ପ୍ରଥମ ଅଗ୍ରିମ ଆକଳନରେ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୨ ଆର୍ଥିକ (୨୦୨୧-୨୨ ଆର୍ଥିକ ବର୍ଷ) ବର୍ଷର ୯.୫% ବିସ୍ତାର ପୂର୍ବାନୁମାନ ସହିତ ତୁଳନା କରାଯାଇଛି। ଏନ୍‌ଏସ୍‌ଓ ଦ୍ୱାରା ଏହାର ପ୍ରଥମ ଅଗ୍ରିମ ଆକଳନ ଏପ୍ରିଲ ୨୦୨୧ରୁ ମାର୍ଚ୍ଚ ୨୦୨୨ ଆର୍ଥିକ (୨୦୨୧-୨୨ ଆର୍ଥିକ ବର୍ଷ) ବର୍ଷର ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଦ୍ୱାରା କରାଯାଇଛି। ପୂର୍ବ ଆର୍ଥିକ ବର୍ଷରେ ମଧ୍ୟ ଅର୍ଥନୀତି ୭.୩% ଚୁକ୍ତି କରିଥିଲା। ଆର୍ଥିକ ବର୍ଷରେ ଏକଚତୁର୍ଥାଂଶ ବାକିଥିବା ବେଳେ ଓମିକ୍ରନ୍ ଭାରିଆଣ୍ଟ ଦ୍ୱାରା ଚାଳିତ ଦୈନିକ କୋଭିଡ୍-୧୯ ମାମଲାରେ ବୃଦ୍ଧି ଘଟିଛି, ଯାହା ଡେଲ୍ଟାକୁ ପ୍ରାଧାନ୍ୟ ବିସ୍ତାର କରିବାକୁ ଯାଉଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୯.୨% ଅଭିବୃଦ୍ଧି ସହିତ ଅର୍ଥନୀତି ମୁଖ୍ୟତଃ କୃଷି, ଖଣି ଏବଂ ଉତ୍ପାଦନ କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ହେତୁ ପ୍ରକୃତ କ୍ଷେତ୍ରରେ ପ୍ରି- କୋଭିଡ୍ ସ୍ତରକୁ ଅତିକ୍ରମ କରିବ। ୨୦୨୧-୨୨ ରେ କନ୍‌ଷ୍ଟାଣ୍ଟ ପ୍ରାଇସ୍ (୨୦୨୧-୨୨) ରେ ପ୍ରକୃତ ଜିଡିପି କିମ୍ବା ଜିଡିପି (ମୋଟ ଘରୋଇ ଉତ୍ପାଦ) ୧୪୭.୫୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଯେପରିକି ୨୦୨୦-୨୧ ବର୍ଷର ଜିଡିପିର ପ୍ରୋଭିଜନାଲ ଆକଳନ ତୁଳନାରେ ୧୩୫.୧୩ ଲକ୍ଷ କୋଟି ଟଙ୍କା ୩୧ ମେ ୨୦୨୧ରେ ଅତିକ୍ରମ କରିଥିଲା। ୨୦୨୧-୨୨ ମଧ୍ୟରେ ପ୍ରକୃତ ଜିଡିପିର ଅଭିବୃଦ୍ଧି ୨୦୨୦-୨୧ ରେ ୭.୩% ସଂକୋଚନ ତୁଳନାରେ ୯.୨% ହେବ ବୋଲି ଏନ୍‌ଏସ୍‌ଓ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଏବଂ ଏସ୍ ଆଣ୍ଡ ପି ଦ୍ୱାରା ୯.୫%ର ପୂର୍ବାନୁମାନଠାରୁ କମ୍ ଥିବାବେଳେ ମୁଡି ଇନ୍‌ଭେଷ୍ଟର୍ସ ସର୍ଭିସ ଗତ ସପ୍ତାହରେ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ୯.୩ % ରେ ରଖିଛି। ଫିଚ୍ ରେଟିଂ ୮.୭% ବିସ୍ତାରର ଆକଳନ କରିଛି। ବିଶ୍ୱ ବ୍ୟାଙ୍କ ସର୍ବାଧିକ ୮.୩ % ଅଭିବୃଦ୍ଧି ହାରକୁ ପ୍ରୋଜେକ୍ଟ କରିଥିବା ବେଳେ ଓଇସିଡି ଏହାକୁ ୯.୭% ରେ ରଖିଛି।

# ଯଜ୍ଞ ଦ୍ୱାରା ପରିବେଶର ସୁନ୍ଦରତା ଆସିଥାଏ

ନୂଆଦିଲ୍ଲୀ,୭।୧

ଦେଶର ପ୍ରମୁଖ ଅନୁଷ୍ଠାନ ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକଙ୍କ ଦ୍ୱାରା ଏକ ସରଳ ଅଧ୍ୟୟନ ଜରିଆରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ମୁଖକୁ ଆସିଛି। ଆମ ପରିବେଶର ବିଭିନ୍ନ ପାଥୋଜେନିକ୍ ବ୍ୟାକ୍ଟେରିଆ ଉପରେ ଯଜ୍ଞର ପ୍ରଭାବ ରହିଛି। ଫଳରେ ଆଣ୍ଟିମାଇକ୍ରୋବାୟଲର ପ୍ରଭାବ କିପରି ରହିଛି ତାହାର ପ୍ରମାଣ କରାଯାଇଛି। ପଏହାର ପ୍ରଭାବ ହ୍ରାସ କରିବା ପାଇଁ ଯଜ୍ଞ ହେଉଛି ଏକ ନିରାପଦ ଓ ପରିବେଶ ଅନୁକୂଳ ପ୍ରତିକାର। ପରିବେଶକୁ ସୁସ୍ଥ ରଖିବାର ଉପାୟ ଯଜ୍ଞ ଦ୍ୱାରା ବେଶ୍ ପ୍ରଭାବଶାଳୀ ହୋଇପାରେ। ଜୀବାଣୁ ଏବଂ କବକ ପରି ମାଇକ୍ରୋବାୟଲ ପାଥୋଜେନ୍ ଦ୍ୱାରା ହେଉଥିବା ସଂକ୍ରାମକ ରୋଗ ବିରୋଧରେ ଏହା ବୋଧହୁଏ ବେଶ୍ ଉପାଦେୟ ହୋଇଛି। ପରିବେଶ ସମ୍ପର୍କରେ ଅଧ୍ୟୟନ କରାଯାଇଥିବା ଏକ ପ୍ରମାଣ ଆଧାରିତ ପତ୍ରିକାରେ ଏହା ପ୍ରକାଶ ପାଇଛି। ଇଣ୍ଟିଗ୍ରେଟିଭ୍ ମେଡିସିନ, ଏକ ପ୍ରତିଷ୍ଠିତ ଆମେରିକୀୟ ବୈଜ୍ଞାନିକ ପତ୍ରିକାର ସୂଚନା ଏହା ପାଇଁ ବେଶ୍ ଉପଲବ୍ଧ।

ପତଞ୍ଜଳି
ପ୍ରକୃତିକୋ ଆଶୀର୍ବାଦ

### ପତଞ୍ଜଳିର ଆୟୁର୍ବେଦ ଉପାୟ

ଏ ସମ୍ପର୍କରେ ଆଚାର୍ଯ୍ୟ ବାଲକ୍ରିଷ୍ଣ କହିଛନ୍ତି, ପ୍ରାଚୀନ ପ୍ରଥା ଅନୁସାରେ ପରିବେଶକୁ ଶୁଦ୍ଧ କରିବାର ଯଜ୍ଞ ଏକ ଉପାୟ। ଉକ୍ତ ଉପାୟ ବିଷୟରେ ମଧ୍ୟ ପ୍ରଥମ ଥର ପାଇଁ ବୈଜ୍ଞାନିକ ପ୍ରମାଣ କରାଯାଇଛି। ସେଗୁଡ଼ିକ ସହ ସମ୍ପର୍କିତ ପ୍ରାଚୀନ ଭାରତୀୟଙ୍କର ଦୈନନ୍ଦିନ ଅଭ୍ୟାସ ପାଇଁ ବୈଜ୍ଞାନିକ ଅନୁସନ୍ଧାନ ନିତ୍ୟ ବ୍ୟବହାର୍ଯ୍ୟ ହୋଇଛି। ବିଶେଷକରି ପରିବେଶ ପ୍ରଦୂଷଣ ପ୍ରୋଟୋକଲ୍ ଆଧାରରେ ଏହା କରାଯାଇଛି ବୋଲି ଆଚାର୍ଯ୍ୟ ଜୋର ଦେଇ କହିଛନ୍ତି।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ବୈଠକ

କଟକ,୭।୧



କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିମିଟେଡ୍‌ର ୫୦ତମ ବାର୍ଷିକ ସାଧାରଣ ପରିଷଦ(ଏଜିଏମ୍) ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ଦାଶ ସଭାରେ ଉପସ୍ଥିତ ଥିବା ସମସ୍ତ ଅଂଶୀଦାର,ସମବାୟ ସମିତିଗୁଡ଼ିକର ପ୍ରଶାସକ, ସଭାପତି ଓ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ।

ବ୍ୟାଙ୍କର ସିଇଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବ୍ୟାଙ୍କର ୨୦୧୯ରୁ ୨୧ ଆର୍ଥିକ ବର୍ଷର ସମୀକ୍ଷା ବିବରଣୀ, ଆୟ ବ୍ୟୟ, ବଜେଟ ଏବଂ ଲାଭାଂଶ ବଣ୍ଟନ ଆଦି ବିଷୟ ବିସ୍ତୃତ ଭାବରେ ଉପସ୍ଥାପନ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଉକ୍ତ ସଭାରେ ଯାଜପୁରର କାମଧେନୁ ମାର୍କେଟିଂ ସମବାୟ ସଂସ୍ଥାର ପ୍ରତିନିଧି ଦିଗମ୍ବର କର ପ୍ରତ୍ୟକ୍ଷ ଭାବେ ଆଲୋଚନାରେ ଭାଗନେଇ ସମବାୟ ସମିତି ଓ ବ୍ୟାଙ୍କର ସମୂହ ଉନ୍ନତି ପାଇଁ ଗଠନମୂଳକ ପ୍ରସ୍ତାବ ଉତ୍ଥାପନ କରିଥିଲେ। ଉପସ୍ଥିତ ସାଲେପୁର ପ୍ରତିନିଧି ସାଲେପୁର ଠାରେ ଏକ ଏଟିଏମ୍ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ବରୀ, ସୁକିନ୍ଦା ଓ ଦାନଗଦିର ପ୍ରଶାସକ ଦେବେନ୍ଦ୍ର ନାୟକ ସମସ୍ତ ଋଣଗ୍ରହୀତା ଚାଷୀମାନଙ୍କୁ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ରଖିଥଲେ। ଜୟଶ୍ରୀ ଏଗ୍ ଆଣ୍ଡ ମିଟ୍ (ପିପିସିଏସ୍) ସମିତିର ବରିଷ୍ଠ ସଭ୍ୟ ପ୍ରତାପ ଚନ୍ଦ୍ର ସାମଲ ତାଙ୍କର ସୁଚିନ୍ତିତ ପରାମର୍ଶ ଦେଇ ସମବାୟ ବ୍ୟାଙ୍କରେ ସରକାରଙ୍କ ଅର୍ଥ ଜମା ରଖିବା ପାଇଁ ବ୍ୟାଙ୍କର ପ୍ରଶାସକଙ୍କୁ ଅନୁରୋଧ କରିଥିଲେ।

# ଇନ୍‌ଡେଲ ମନିର ବଜାର ପ୍ରବେଶ

ଭୁବନେଶ୍ୱର,୫।୧

ଇନଡେଲ କର୍ପୋରେସନର ଛାମୁଆ କମ୍ପାନୀ ଇନଡେଲ ମନି ଲିମିଟେଡ ପକ୍ଷରୁ ୧୦ଟି ଶାଖାର ଶୁଭାରମ୍ଭ କରାଯାଇଛି। ଖୋର୍ଦ୍ଧା (ଲୁଇସ ରୋଡ ଏବଂ ଭୁବନେଶ୍ୱର-ଖୋର୍ଦ୍ଧା), ପୁରୀ (ପିପିଲି ଓ ନିମାପଡା), କଟକ (ଲିଙ୍କରୋଡ, ସାଲେପୁର ଓ ଜଗତପୁର), ବାଲେଶ୍ୱର (ଏଫଏମ ଗୋଲେଇ ଏବଂ ବାଲେଶ୍ୱର) ଏବଂ ଯାଜପୁରରେ ଶାଖାଗୁଡିକୁ ଇନଡେଲ ମନିର ନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଉମେଶ ମୋହନନ ଏବଂ ଇନଡେଲ ମନିର ବିଜନେସ ହେଡ ଜିଥ ରାଜ, ଇନଡେଲ ମନିର ଜୋନାଲ ହେଡ ଭି ବିଜୟ କୁମାର ଉଦଘାଟନ କରିଛନ୍ତି। ଇନଡେଲ ମନି ଓଡ଼ିଶାରେ ଆଉ ୧୫ଟି ଶାଖା ଖୁବଶୀଘ୍ର ଖୋଲିବ ଏବଂ ଏହାର ସମୁଦାୟ ସମ୍ପ୍ରସାରଣ ଅଭିଯାନ ଦ୍ୱାରା ରାଜ୍ୟରେ ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏସ୍‌ଓ ଡିଭିଜନର ୧ମ ବାର୍ଷିକ ଉତ୍ସବ

ବ୍ରହ୍ମପୁର,୭।୧

ଦକ୍ଷିଣ ଓଡ଼ିଶା(ଏସ୍‌ଓ)ରେ ବିଦ୍ୟୁତ୍ ବିତରଣ ଲାଗି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନିକଟରେ ସଫଳ ପରିଚାଳନାର ୧ମ ବାର୍ଷିକ ଉତ୍ସବ କୋଭିଡ୍ କଟକଣାରେ ପାଳନ କରାଯାଇଛି। କମ୍ପାନୀ ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଭିତ୍ତିଭୂମିରେ ଉନ୍ନତି ଆଣିବା ଓ ଏହାର ଗ୍ରାହକମାନଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ଲାଗି ନିବେଶ ଜାରି ରଖିଛି। ଟିପିଏସ୍‌ଓଡିଏଲ୍ ଏବେ ୪୮,୭୫୧ ବର୍ଗ କି.ମି. ବ୍ୟାପ୍ତ ବ୍ୟାପକ ବିତରଣ ଅଞ୍ଚଳରେ ୨୩.୬୯ ପଞ୍ଜୀକୃତ ଗ୍ରାହକ ସଂଖ୍ୟାକୁ ନେଇ ୯୫ ଲକ୍ଷ ଜନସଂଖ୍ୟାକୁ ସେବା ପ୍ରଦାନ କରୁଛି। ଏ ସମ୍ପର୍କରେ ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ଗତ ଏକ ବର୍ଷରେ ଅନେକ ଆହ୍ୱାନ ସୃଷ୍ଟି ହୋଇଥିଲା ଏବଂ ତଥାପି ଟିପିଏସ୍‌ଓଡିଏଲ୍‌ରେ ଆମ କର୍ମଚାରୀମାନେ ଗ୍ରାହକମାନଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଲାଗି ରହିଥିବା ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିଥିଲେ।

## ରାଜ୍ୟ ଖବର

# ‘କଟକ ଷ୍ଟେଶନର ବିକାଶ ପାଇଁ ରେଳ ମନ୍ତ୍ରଣାଳୟ ପ୍ରତିବଦ୍ଧ’

### ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କଲେ ରେଳମନ୍ତ୍ରୀ

କଟକ ଅଫିସ,୭।୧




କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ବୋଧନ ଦେଉଛନ୍ତି।

ରେଳ ମନ୍ତ୍ରଣାଳୟ କଟକ ଷ୍ଟେଶନର ବିକାଶ ପାଇଁ ପ୍ରତିବଦ୍ଧ। ଏହାର ଉନ୍ନତୀକରଣ ପାଇଁ ପାଣ୍ଠି ପ୍ରତିବନ୍ଧକ ହେବ ନାହିଁ। ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଶୁକ୍ରବାର କଟକ ରେଳ ଷ୍ଟେଶନ ଦ୍ୱିତୀୟ ପ୍ରବେଶ ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ସେ ଏହି ମତବ୍ୟକ୍ତ କରିଥିଲେ। କଟକ ଷ୍ଟେଶନ ପରିକ୍ଷେତ୍ରର ବିକାଶମୂଳକ କାର୍ଯ୍ୟ ମଧ୍ୟରେ ଗାଡି ପାର୍କିଂ ବ୍ୟବସ୍ଥା, ପିକ୍‌ଅପ୍ ଏବଂ ଡ୍ରପ୍ ପଏଣ୍ଟ, ଆମ୍ବୁଲାନ୍ସ ପାଇଁ ପାର୍କିଂ, ଚୌଡ଼ା ଆପ୍ରୋଚ୍ ରୋଡ୍ ଆଦି ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଛତ୍ରବଜାରରୁ ମାଲଗୋଦାମକୁ ଏକ ଓଭରବ୍ରିଜ କରାଯିବ, ମାଲଗୋଦାମ ରାସ୍ତାର ସମ୍ପ୍ରସାରଣ ପାଇଁ ରେଲୱେ ଜମି କଟକ ମହାନଗର ନିଗମ(ସିଏମ୍‌ସି)କୁ ହସ୍ତାନ୍ତର ପାଇଁ ସେ ସହମତି ଜଣାଇଛନ୍ତି। କଟକ ରେଳଷ୍ଟେଶନକୁ ନେତାଜୀଙ୍କ ନାମରେ ନାମିତ କରିବା ପାଇଁ ଯଦି ରାଜ୍ୟ ସରକାର ପ୍ରସ୍ତାବ ଦିଅନ୍ତି, ତେବେ ତା’ ଉପରେ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ଏବଂ ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ, ଖୋର୍ଦ୍ଧା ରୋଡ ରେଳମଣ୍ଡଳର ପ୍ରବନ୍ଧକ ରିଙ୍କେଶ ରାୟ, ବିଧାୟକ ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିବାବେଳେ ଅନ୍‌ଲାଇନ ମାଧ୍ୟମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ। ଶିଳାନ୍ୟାସ ପରେ ମନ୍ତ୍ରୀ ଷ୍ଟେଶନ ନିରୀକ୍ଷଣ କରି ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବୁଝିଥିଲେ। ଏହାପୂର୍ବରୁ ସେ କଟକଚଣ୍ଡୀଙ୍କ ଦର୍ଶନ କରିଥିଲେ।

### ନ୍ୟାୟ ପାଇଁ ସ୍ୱାମୀଙ୍କ ଦୋକାନ ସମ୍ମୁଖରେ ଧାରଣା

ଧର୍ମଶାଳା,୭।୧(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ବଜାରରେ ଶୁକ୍ରବାର ଜଣେ ମହିଳା ସ୍ୱାମୀଙ୍କ ଦୋକାନ ସମ୍ମୁଖରେ ଧାରଣାରେ ବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବରୀ ବ୍ଲକ ମାଳଦା ଗ୍ରାମର ରାହାସ ବିହାରୀ ସାହୁଙ୍କ ଝିଅ ଉର୍ମିଳା ଧର୍ମଶାଳା ଥାନା ନେଉଳପୁର ଗ୍ରାମର ଅରବିନ୍ଦ ସାହୁଙ୍କୁ ବିବାହ କରିଥିଲେ। ବିବାହର ୪ ମାସ ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଉର୍ମିଳା ବାପ ଘରେ ରହୁଛନ୍ତି। ଅନ୍ୟପଟେ ମହିଳା ଜଣକ ଭରଣପୋଷଣ ଦାବି କରୁଥିଲେ ମଧ୍ୟ ସ୍ୱାମୀ ତାହା ଦେବାକୁ ଅରାଜି ହେଉଥିବା ସେ ଅଭିଯୋଗ କରିଛନ୍ତି। ଏବେ ତାଙ୍କ ସ୍ୱାମୀ ଅରବିନ୍ଦ ଅନ୍ୟତ୍ର ବିବାହ କରିବାକୁ ଯୋଜନା କରୁଛନ୍ତି। ଏହି ଖବର ପାଇବା ପରେ ଉର୍ମିଳା ତାଙ୍କ ମା’ଙ୍କ ସହ ଆସି ସ୍ୱାମୀଙ୍କ ଲୁଗା ଦୋକାନ ସମ୍ମୁଖରେ ଧାରଣାରେ ବସିଥିଲେ। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ସେ ଧାରଣାରେ ବସିରହିବେ ବୋଲି କହିଛନ୍ତି।



ଗତ ୩ ତାରିଖରୁ ପିଲାଙ୍କୁ ଟିକାକରଣ ଚାଲିଥିବାବେଳେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏମ୍‌ବିଏସ୍ ପବ୍ଲିକ ସ୍କୁଲ୍ କେନ୍ଦ୍ରରେ ଜଣେ ଛାତ୍ରୀଙ୍କୁ ଟିକା ଦିଆଯାଉଛି।

# ଢିଙ୍କିଆରେ ମାନବିକ ଅଧିକାର ଭୂଲୁଣ୍ଠିତ




ଖବରଦାତା ସମ୍ମିଳନୀରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଆବାହକ ସୁରେଶ ପାଣିଗ୍ରାହୀ ଓ ଅନ୍ୟମାନେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୭।୧(ବ୍ୟୁରୋ)

### ସଂଯୁକ୍ତ କିଷାନ ମୋର୍ଚ୍ଚାର ଅଭିଯୋଗ

ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ରାଜ୍ୟସ୍ତରୀୟ ତଥ୍ୟ ଅନୁସନ୍ଧାନକାରୀ ପ୍ରତିନିଧି ଦଳ ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଅଞ୍ଚଳ ଗସ୍ତ କରି ଫେରିଛନ୍ତି। ଏହି ଅଞ୍ଚଳରେ ଜିନ୍ଦଲ ପକ୍ଷରୁ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଓ ଜମି ଅଧିଗ୍ରହଣକୁ ବିରୋଧ କରି ଢିଙ୍କିଆବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ଗୁରୁବାର ଢିଙ୍କିଆରେ ଆନ୍ଦୋଳନରତ ଲୋକଙ୍କ ମନୋବଳ ଦୃଢ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ହୋଇଥିଲା। ଏନେଇ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୋର୍ଚ୍ଚା ଆବାହକ ସୁରେଶ ପାଣିଗ୍ରାହୀ କହିଛନ୍ତି, ଢିଙ୍କିଆରେ ଗଣତାନ୍ତ୍ରିକ, ସାମ୍ବିଧାନିକ ଓ ମାନବିକ ଅଧିକାର ଭୂଲୁଣ୍ଠିତ ହୋଇଛି। ଢିଙ୍କିଆବାସୀଙ୍କୁ ପୋଲିସ ଛାଉଣି ଦ୍ୱାରା ଘେରାବନ୍ଦୀ କରି ରଖାଯାଇଛି। ପାନବରଜ ଦଖଲ, ରାତିଅଧିଆ ଗିରଫଦାରି ସହିତ ଲୋକଙ୍କ ଜୀବନ ଓ ଯାତାୟାତକୁ ବନ୍ଦ କରାଯାଇଛି। ମହିଳା, ବୃଦ୍ଧା, ବୃଦ୍ଧ ଓ ଶିଶୁ କେହିବି ଏ ଆକ୍ରମଣରୁ ବାଦ୍ ପଡୁନାହାନ୍ତି। ମିଥ୍ୟା ମକଦ୍ଦମା ଦାଏର କରି ମାନସିକ ନିର୍ଯାତନା ଦିଆଯାଉଛି। ଲୋକଙ୍କ ଜୀବିକା ଏବଂ ରୋଜଗାର ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଣୁ ସମଗ୍ର ଢିଙ୍କିଆ ଅଞ୍ଚଳରୁ ପୋଲିସ ବଳକୁ ସଂପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଉ। ଲୋକଙ୍କ ଜୀବନ ଏବଂ ସ୍ୱାଭାବିକ ଯାତାୟାତ ପାଇଁ ସୁନିଶ୍ଚିତ ବ୍ୟବସ୍ଥା କରାଯାଉ। ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ସହିତ ଜେଲରେ ଥିବା ସାଧାରଣ ଲୋକଙ୍କୁ ମୁକ୍ତ କରାଯାଉ। ବଳ ପ୍ରୟୋଗ କରି ପାନବରଜ ଭାଙ୍ଗିବା କାର୍ଯ୍ୟ ବନ୍ଦ କରାଯାଉ। ନିରନ୍ତର କୃଷି ଅର୍ଥନୀତିକୁ ସର୍ବନାଶ କରି ଜିନ୍ଦଲ କମ୍ପାନୀର ଲାଭ ଏବଂ ଲୋଭ ପାଇଁ ଉଦ୍ଦିଷ୍ଟ ଏହି ଯୋଜନାକୁ ସେଠାରୁ ରାଜ୍ୟ ସରକାର ପ୍ରତ୍ୟାହାର କରନ୍ତୁ। ପୋସ୍କୋ ପାଇଁ ଅଧିଗ୍ରହଣ ହୋଇଥିବା ୨୯୦୦ ଏକର ଜମିକୁ ଲୋକଙ୍କୁ ଫେରେଇ ଦିଆଯାଉ ବୋଲି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏହି ସମ୍ମିଳନୀରେ ସୁରେଶ ପାଣିଗ୍ରାହୀଙ୍କ ସମେତ ପ୍ରଫୁଲ୍ଲ ସାମନ୍ତରା, ମହେନ୍ଦ୍ର ପରିଡା, ଶ୍ରୀକାନ୍ତ ମହାନ୍ତି, ପ୍ରମିଳା ବେହେରା, ନିରଞ୍ଜନ ମହାନ୍ତି, ଜ୍ୟୋତି ରଞ୍ଜନ ମହାପାତ୍ର, ଶଙ୍କର ସାହୁ, ନରେନ୍ଦ୍ର ମହାନ୍ତି, ଅରୁଣ ଜେନା ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆକଳନ ସରିନି, ଆଶଙ୍କାରେ କ୍ଷତିପୂରଣ

### ବର୍ଷା, କୁଆପଥର ମାଡ଼ରେ ଫସଲକ୍ଷତି

ବରଗଡ଼ ଅଫିସ୍,୭।୧

ବରଗଡ଼ ଜିଲାରେ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଥିରେ ବ୍ୟାପକ ଫସଲକ୍ଷତି ହୋଇଥିବା ସତ୍ତ୍ୱେ କୌଣସି ଅଧିକାରୀ କ୍ଷତିଗ୍ରସ୍ତ ଫସଲ ପରିଦର୍ଶନ କରିନାହାନ୍ତି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ଜିଲାର ସୋହେଲା ବ୍ଲକ ଚକରକେନ୍ଦ ପଞ୍ଚାୟତ ଅନ୍ତର୍ଗତ ଶସ୍ତୁପାଲି ଗ୍ରାମର ଚାଷୀମାନେ ଜିଲାପାଳଙ୍କ ଅଫିସ୍‌କୁ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସେମାନେ କ୍ଷତିପୂରଣ ଦାବିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରଗଡ଼ ଜିଲାରେ ଧାନ ଅମଳ ଏବଂ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ଗତ ଡିସେମ୍ବର ୨୯ରେ ବର୍ଷା ସହିତ କରାମାଡ଼ ହୋଇଥିଲା। ଏଥିରେ ଅମଳ ଧାନ ନଷ୍ଟ ହୋଇଥିବାବେଳେ ଅମ୍ବାଭୋନା, ଭଟଲି, ସୋହେଲା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ପରିବା ଫସଲ ଉଜୁଡ଼ି ଯାଇଥିଲା। କୋବି, ବାଇଗଣ, ଟମାଟୋ, ବିନ୍, ସୋରିଷ ଆଦି ଫସଲ ଧୂଳିସାତ୍ ହୋଇ ଯାଇଥିଲା। କୃଷି, ରାଜସ୍ୱ କର୍ମଚାରୀମାନେ କେତେକ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ଆହୁରି ଅନେକ ଏଭଳି ପ୍ରଭାବିତ ଅଞ୍ଚଳକୁ ସେମାନେ ପହଞ୍ଚି ପାରି ନ ଥିବା ଅଭିଯୋଗ ହୋଇଛି। ବୃଷ୍ଟିପାତ, କରାମାଡ଼କୁ ଇତିମଧ୍ୟରେ ଏକ ସପ୍ତାହରୁ ଅଧିକ ବିତିଯାଇଥିବା ସତ୍ତ୍ୱେ ଆକଳନ ସରି ନାହିଁ। ଫଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ ହୋଇପାରିନାହିଁ। ପ୍ରାରମ୍ଭିକ ଆକଳନ ଅନୁସାରେ ବୃଷ୍ଟିପାତ, କରାମାଡ଼ ଯୋଗୁ ଜିଲାରେ ୧୨୨୫ ହେକ୍ଟର ପରିବା ଫସଲ ପ୍ରଭାବିତ ହୋଇଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ କ୍ଷତିଗ୍ରସ୍ତ ପରିବା ଫସଲ ପରିମାଣ ଆହୁରି ଅଧିକ ହେବ ବୋଲି ଚାଷୀମାନେ କହିଛନ୍ତି। ଅମ୍ବାଭୋନା ବ୍ଲକ ନାରଙ୍ଗପୁର ଗ୍ରାମର ଚାଷୀ ଯୋଶେଫ ଚୌଧୁରୀ କହିଛନ୍ତି, ସେ ୮ଏକର ଜମିରେ ସୋରିଷ ଚାଷ କରିଥିଲେ। କରାମାଡ଼ରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏହି ଗ୍ରାମର ଦୁର୍ଗାପ୍ରସାଦ ନାଏକ କହିଛନ୍ତି, ସେ ୧୨ଏକର ଜମିରେ ଫୁଲକୋବି ଚାଷ କରିଥିଲେ। ତାହା ଅମଳକ୍ଷମ ଅବସ୍ଥାକୁ ଆସି ଯାଇଥିଲା। ମାତ୍ର ବର୍ଷା ସହିତ କରାମାଡ଼ ଯୋଗୁ ତାହା ନଷ୍ଟ ହୋଇଗଲା। ସୋହେଲା ବ୍ଲକ ଶସ୍ତୁପାଲି ଗ୍ରାମର ଚାଷୀ ବୈଷ୍ଣବ ସାହୁ କହିଛନ୍ତି, ସେ ଅଧ ଏକର ଜମିରେ ଆଳୁ, ଅଧ ଏକର ଜମିରେ ବିନ୍ ଏବଂ ୩୦ ଡେସିମିଲ ଜମିରେ ଝୁନଗା ଚାଷ କରିଥିଲେ। କରାମାଡ଼ ଯୋଗୁ ସବୁ ଫସଲ ନଷ୍ଟ ହୋଇଯାଇଛି। ହେଲେ କୌଣସି ଅଧିକାରୀ କ୍ଷୟକ୍ଷତି ଆକଳନ ପାଇଁ ତାଙ୍କ କ୍ଷତିଗ୍ରସ୍ତ ଫସଲ ପରିଦର୍ଶନ କରି ନ ଥିବା ସେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଅନ୍ୟ ଜଣେ ଚାଷୀ କାଳିଆ ସାହୁ କହିଛନ୍ତି, ସେ ୧ଏକର ଜମିରେ ବିନ୍ ଚାଷ କରିଥିଲେ। ଏପରିକି ଚାଷକାର୍ଯ୍ୟ ପାଇଁ ସେ ପ୍ରାୟ ୫୦ହଜାର ଟଙ୍କା ଋଣ କରିଛନ୍ତି। ଫସଲ ଭଲ ହୋଇଥିଲା। ତାହା ବିକ୍ରି କଲେ ସେ ଋଣ ପରିଶୋଧ କରିବାକୁ ଚିନ୍ତା କରିଥିଲେ। ମାତ୍ର ଅମଳ ପୂର୍ବରୁ ଫସଲ ନଷ୍ଟ ହୋଇଯିବାରୁ ସେ ଚିନ୍ତିତ ହୋଇପଡ଼ିଥିବା କହିଛନ୍ତି। ଏ ସମ୍ପର୍କରେ ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ଆଗରୁ ଚାଷୀମାନେ ଏଭଳି ବର୍ଷା, କରାମାଡ଼ର ସମ୍ମୁଖୀନ ହୋଇ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ସେମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିନାହିଁ। ବିପର୍ଯ୍ୟୟରେ କ୍ଷତିଗ୍ରସ୍ତଙ୍କ ପ୍ରତି ଏଭଳି ମନୋଭାବରୁ ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ବାରି ହେଉଛି ବୋଲି ମହାପାତ୍ର ପ୍ରକାଶ କହିଛନ୍ତି।



କ୍ଷତିଗ୍ରସ୍ତ ପରିବା ଧରି ଚାଷୀମାନେ ଜିଲାପାଳ ଅଫିସକୁ ଆସିଛନ୍ତି।

ଧରିତ୍ରୀ
DHARITRI



**ସଂକ୍ଷେପରେ**

## ପିଙ୍କ୍ ପାନ୍ଥର୍ସ, ହରିୟାଣା ଷ୍ଟିଲର୍ସ ବିଜୟୀ

**ବେଙ୍ଗାଲୁରୁ, ୭।୧ (ପି.ଟି.):** ଚଳିତ ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ରେଡର ଅର୍ଜୁନ ଦେଶୱାଲଙ୍କ ପ୍ରଭାବୀ ପ୍ରଦର୍ଶନକୁ ପାଥେୟ କରି ଜୟପୁର ପିଙ୍କ୍ ପାନ୍ଥର୍ସ ୩୧-୨୬ରେ ପୁନେରୀ ପଲଟନକୁ ପରାସ୍ତ କରିଛି। ପୂର୍ବରୁ ଅନୁଷ୍ଠିତ ଏକ ମ୍ୟାଚରେ ହରିୟାଣା ଷ୍ଟିଲର୍ସ ୪୧-୩୭ରେ ବେଙ୍ଗଲ ୱାରିୟର୍ସକୁ ହରାଇ ଦେଇଛି। ପାନ୍ଥର୍ସ ଦଳର ଅଗ୍ରଣୀ ରେଡର ଦେଶୱାଲ ୧୧ ପଏଣ୍ଟ ସ୍କୋର କରିଥିବାବେଳେ ଡିଫେଣ୍ଡର ସନ୍ଦୀପ ଧୂଲ ଓ ସାହୁଲ କୁମାର ୪ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ସିଜନ ୱାନ ଚାମ୍ପିୟନ ଦଳ ଟେବୁଲରେ ୭ମ ସ୍ଥାନକୁ ଉନ୍ନୀତ ହୋଇଛି।

## ଏମ୍‌କେସିଏ କ୍ୟାରମ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି):** ମା' କାଳିଆଣନୀ କ୍ୟାରମ୍ ସଂଘ (ଏମ୍‌କେସିଏ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା କ୍ୟାରମ୍ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଛି। ତିନିଦିନିଆ ପ୍ରତିଯୋଗିତାର ପ୍ରଥମ ଦିନରେ ୩୭ ଡବଲ୍ସ ମ୍ୟାଚ ଶେଷ ହୋଇଛି। ସେଥିମଧ୍ୟରୁ ପୃଥ୍ୱୀ-ଗୁରୁକୁମାର, ଏସ୍‌ଆର ସାମନ୍ତରାୟ-ତ୍ରିନାଥ ବେହେରା, ସଞ୍ଜୟ ଦାସ-ଟୁଟୁ ଏବଂ ଦେବୀପ୍ରସାଦ-ଅମିୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସିଙ୍ଗଲ୍ସ ବିଭାଗରେ ପ୍ରତିଯୋଗିତା ହେବ। ରବିବାର ଫାଇନାଲ୍ ଅନୁଷ୍ଠିତ ହେବ। ଶୁକ୍ରବାର କ୍ଲବର ସଭାପତି ପ୍ରଲିପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଦେବୀପ୍ରସାଦ ନନ୍ଦ, ବାବୁ ସିଂ, କୃଷ୍ଣଚନ୍ଦ୍ର ସେଠୀ ଓ ନିହାର ଚମ୍ପତିଙ୍କ ସମେତ କ୍ଲବର ବହୁ ସଦସ୍ୟ ଏବଂ କ୍ୟାରମପ୍ରେମୀ ଉପସ୍ଥିତ ଥିଲେ।

## ହେନ୍ସ ୱେଷ୍ଟଇଣ୍ଡିଜ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା



**ସେଣ୍ଟଜନ୍ସ (ଆଣ୍ଟିଗୁଆ), ୭।୧(ପି.ଟି.):** ମହାନ୍ ବ୍ୟାଟ୍ସମ୍ୟାନ ଦେଶମଣ୍ଡ ହେନ୍ସ ୱେଷ୍ଟଇଣ୍ଡିଜ ପୁରୁଷ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଭାବେ ମନୋନୀତ ହୋଇଛନ୍ତି। ୬୫ ବର୍ଷୀୟ ପୂର୍ବତନ ଓପନର ରୋଜର ହାର୍ପରଙ୍କ ସ୍ଥାନରେ ସେ ଏହି ନିଯୁକ୍ତି ପାଇଛନ୍ତି। ଏହି ପଦବୀରେ ସେ ୨୦୨୪ ଜୁନ୍ ପର୍ଯ୍ୟନ୍ତ ରହିବେ। ତାଙ୍କ କାର୍ଯ୍ୟକାଳ ସମୟରେ ୱେଷ୍ଟଇଣ୍ଡିଜ ଦୁଇଟି ଟି୨୦ ବିଶ୍ୱକପ୍, ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଓ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବ। ହେନ୍ସ କହିଛନ୍ତି, ଆମ କ୍ରିକେଟ ବ୍ୟବସ୍ଥା ଅନୁସାରେ ଜଣେ ସିଲେକ୍ଟର ଭାବେ ଦାୟିତ୍ୱ ତୁଲାଇବା ସହଜ କଥା ନୁହେଁ। ଏହି ପଦବୀ ପାଇଁ ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ୱେଷ୍ଟଇଣ୍ଡିଜ କ୍ରିକେଟକୁ ସେ ଯଥାସମ୍ଭବ ସହାୟତା କରିବା ଲାଗି ପ୍ରୟାସ କରିବେ। ସେ ନିରପେକ୍ଷ ଓ ଜଣେ ପେସାଦାର ଭାବେ ତାଙ୍କ କାର୍ଯ୍ୟ ସମ୍ପାଦନ କରିବେ। ସୂଚନାଯୋଗ୍ୟ, ହେନ୍ସ ୧୯୭୮ରୁ ୧୯୯୪ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ତରଫରୁ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୧୧୬ ଟେଷ୍ଟରୁ ୭୪୮୭ ରନ ସଂଗ୍ରହ କରିଥିବା ବେଳେ ୨୩୮ ଅନ୍ତର୍ଜାତୀୟ ଦିନିକିଆ ମଧ୍ୟ ଖେଳିଛନ୍ତି। ତାଙ୍କ ସମୟରେ ୱେଷ୍ଟଇଣ୍ଡିଜ ୧୯୭୯ ବିଶ୍ୱକପ୍ ଜିତିଥିଲା। ସେ ୪ଟି ଟେଷ୍ଟରେ ତାଙ୍କ ଦଳର ଅଧିନାୟକତ୍ୱ କରିଛନ୍ତି।




ପ୍ରୋ-କବାଡ଼ି ଲିଗ୍‌ରେ ଶୁକ୍ରବାର ବେଙ୍ଗଲ ୱାରିୟର୍ସ ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ୩୫ ଆଥଲେଟ କୋଭିଡ୍ ପଜିଟିଭ

**ବେଙ୍ଗାଲୁରୁ, ୭।୧ (ପି.ଟି.):** ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ୩୫ଜଣ ଜୁନିୟର ଆଥଲେଟ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ଆଥଲେଟମାନେ ବିଭିନ୍ନ ଜାତୀୟ ଇଭେଣ୍ଟରେ ଭାଗ ନେଇଥାନ୍ତି। ଆଶ୍ୱସ୍ତିର ବିଷୟ ଏହି ସେଣ୍ଟରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କିମ୍ବା ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତି ଚଳାଇଥିବା କୌଣସି ଖେଳାଳି କରୋନା ସଂକ୍ରମିତ ହୋଇ ନାହାନ୍ତି। ସାଇ ପକ୍ଷରୁ ୨୧୦ଜଣଙ୍କର କୋଭିଡ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୧୭୫ ଆଥଲେଟ ଓ ୩୫ କୋଚ୍ ରହିଛନ୍ତି। ଯେଉଁ ୩୫ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୩୧ଜଣଙ୍କ ପାଖରେ କୌଣସି ଲକ୍ଷଣ ନ ଥିଲା। ଅନ୍ୟ ୪ଜଣଙ୍କ ନିକଟରେ ସାମାନ୍ୟ ଲକ୍ଷଣ ଦେଖାଯାଇଥିଲା।

## ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସମେତ ୪ ପଦକ




ସ୍ୱର୍ଣ୍ଣ ପଦକ ସହ ସୋନାଲି ସ୍ୱାଇଁ ଓ ରିତୁ କାଉଡି।

**ଭୁବନେଶ୍ୱର, ୭।୧ (କ୍ରୀଡ଼ା ପ୍ରତିନିଧି)**

ପୁଣେରେ ଅନୁଷ୍ଠିତ ୩୯ତମ ସିନିୟର ଓ ୨୩ତମ ଓପନ ସ୍ପ୍ରିଣ୍ଟ ଜାତୀୟ ରୋଇଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶା ରୋୟରଙ୍କ ମଧ୍ୟରେ ସୋନାଲି ସ୍ୱାଇଁ ଓ ରିତୁ କାଉଡି ମହିଳା ପେୟାର ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଓମେନ୍ସ ଫୋର୍‌ରେ ଝରଣା ହସ୍ତି, ଅସ୍ମିତା କେର୍କେଟା ଓ ମଞ୍ଜୁଳା ଖେସ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ମହିଳା ଡବଲ ସ୍କଲ୍‌ରେ ଦୀପିକା ଖେସ ଓ ରେଶମା ମିଞ୍ଜ ବ୍ରୋଞ୍ଜ ପଦକ ପାଇଛନ୍ତି।

# ଫିଫା ପୁରସ୍କାର ଦୌଡ଼ରୁ ରୋନାଲ୍ଡୋ ବାଦ୍

**ଜୁରିକ,୭।୧**

ଫିଫା ଶୁକ୍ରବାର ୨୦୨୧ ବର୍ଷର ଶ୍ରେଷ୍ଠ ଫୁଟବଲର ପୁରସ୍କାର ପାଇଁ ତାଲିକା ପ୍ରକାଶ କରିଛି। ଏଥିରେ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ତାଲିକାରୁ ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବାଦ୍ ପଡିଛନ୍ତି। ୬ଥର ଫିଫା ପୁରସ୍କାର ହାସଲ କରିଥିବା ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ଓ ରବର୍ଟ ଲେୱାଣ୍ଡୋସ୍କି ଏହି ତାଲିକାରେ ସ୍ଥାନ ପାଇଛନ୍ତି। ରୋନାଲ୍ଡୋଙ୍କ ବଦଳରେ ମହମ୍ମଦ ସଲାହ ଏଥିରେ ସ୍ଥାନ ହାସଲ କରିବା ସହ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ସଂକ୍ଷିପ୍ତ ତାଲିକାରେ ୟୁରୋପିଆନ ଚାମ୍ପିୟନ ଇଟାଲୀ ଓ ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତିଥିବା ଚେଲସିର କୌଣସି ଖେଳାଳି ସ୍ଥାନ ପାଇନାହାନ୍ତି। ସବୁ ଜାତୀୟ ଦଳ ଅଧିନାୟକ, କୋଚ୍, ମିଡିଆ ସ୍ପେଶାଲିଷ୍ଟ, ପ୍ରଶଂସକ ଏକ ମତଦାନ ମାଧ୍ୟମରେ ଏହି ପୁରସ୍କାର ପାଇଁ ଖେଳାଳିଙ୍କ ନାମ ସୁପାରିସ କରିଥିଲେ।




### ଶ୍ରେଷ୍ଠ କୋଚ୍ ଦୌଡ଼ରେ ଗାର୍ଡିଓଲା, ଟଚେଲ ଓ ମାନ୍‌ସିନି

ଶ୍ରେଷ୍ଠ କୋଚ ପୁରସ୍କାର ପାଇଁ ଦୌଡ଼ରେ ରହିଥିବା କୋଚ୍‌ମାନଙ୍କର ଏକ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ମାଞ୍ଚେଷ୍ଟର ସିଟିର ପେପ୍ ଗାର୍ଡିଓଲା। ତାଙ୍କୁ ୨୦୨୧ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପରାସ୍ତ କରିଥିବା ଚେଲ୍‌ସିର ଥୋମାସ ଟଚେଲଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ସ୍ଥାନ ପାଇଥିବା ଅନ୍ୟ ଜଣେ କୋଚ୍ ହେଲେ ରବର୍ଟୋ ମାନସିନି। ଶ୍ରେଷ୍ଠ ମହିଳା ଫୁଟ୍‌ବଲ କୋଚ୍ ସଂକ୍ଷିପ୍ତ ତାଲିକାରେ ୟୁରୋପୀୟମାନଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି।

ପୂର୍ବରୁ ରୋନାଲ୍ଡୋ ଏହି ପୁରସ୍କାର ୫ଥର ହାସଲ କରିଥିଲେ ମଧ୍ୟ ଏଥର ବାଦ୍ ପଡିଛନ୍ତି। ୨୦୦୭ରେ ଫିଫା ପୁରସ୍କାର ପାଇଁ ପ୍ରଥମଥର ପାଇଁ ନୋମିନେଟ ହେବା ପରଠାରୁ ସେ ଦ୍ୱିତୀୟଥର ପାଇଁ ଏହି ପୁରସ୍କାର ଦୌଡ଼ରୁ ବାଦ୍ ପଡିଛନ୍ତି। ପୂର୍ବରୁ ସେ ୨୦୧୦ରେ ଏହି ପୁରସ୍କାର ଦୌଡ଼ରୁ ବାଦ୍ ପଡିଥିଲେ। ଏହି ବର୍ଷ ଆନ୍ଦ୍ରେସ ଇନିଏଷ୍ଟା ଓ ଜାଭିଙ୍କୁ ପଛରେ ପକାଇ ମେସି ଫିଫା ଶ୍ରେଷ୍ଠ ପୁରସ୍କାର ହାସଲ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଦଳ ୟୁରୋ ୨୦୨୦ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇ ବାଦ୍ ପଡିଥିଲା। ରୋନାଲ୍ଡୋଙ୍କ ସେତେବେଳର ଦଳ ଜୁଭେଣ୍ଟସ୍ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିପାରି ନ ଥିଲା। ଜୁଭେଣ୍ଟସ ଦୀର୍ଘଦିନ ଧରି ସିରି ଏ ଟାଇଟଲ ଜିତିଆସୁଥିଲେ ମଧ୍ୟ ଏହାକୁ ବଜାୟ ରଖିପାରି ନ ଥିଲେ।

ଅନ୍ୟପଟେ ସଲାହ ଲିଭରପୁଲ ତରଫରୁ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ସେ ଦ୍ୱିତୀୟଥର ପାଇଁ ଶର୍ଟ ଲିଷ୍ଟରେ ସ୍ଥାନ ପାଇଛି। ୨୦୧୮ରେ ରୋନାଲ୍ଡୋ ଓ ଲୁକା ମୋଡ୍ରିକଙ୍କ ପଛରେ ରହି ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ମେସି ମଧ୍ୟ ୨୦୨୧ରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ତାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା କୋପା ଆମେରିକା ଟାଇଟଲ ଜିତିଥିଲା। ଏଥିସହ ସେ କ୍ୟାରିୟରର ପ୍ରଥମ ମେଜର ଟାଇଟଲ ଜିତିଥିଲେ। ସେ ବାର୍ସିଲୋନା ଛାଡି ଏହି ବର୍ଷ ପ୍ୟାରିସ ସେଣ୍ଟ ଜର୍ମାନୀରେ ଯୋଗ ଦେଇଥିଲେ। ସେହିପରି ଲେୱାଣ୍ଡୋସ୍କି ବେଣ୍ଡସଲିଗାରେ ଦୁଇଟି ରେକର୍ଡ ଭାଙ୍ଗିଥିଲେ। ସେ ବେୟର୍ନ ମ୍ୟୁନିକ ପାଇଁ ୨୦୨୦-୨୧ ସେସନରେ ୪୧ଟି ଗୋଲ ସ୍କୋର କରିଥିଲେ। ସେହିପରି ସେ ୨୦୨୧ କ୍ୟାଲେଣ୍ଡର ଇୟରରେ ୪୧ଟି ଗୋଲ ସ୍କୋର କରିଥିଲେ। ୧୯୭୨ରେ ବେୟର୍ନର କିମ୍ବଦନ୍ତୀ ଖେଳାଳି ଗେର୍ଡ ମୁଲର ଏହି ରେକର୍ଡ ସୃଷ୍ଟି କରିଥିଲେ। ଜୁରିକ୍‌ସ୍ଥିତ ହେଡ୍ କ୍ୱାର୍ଟରରେ ଏକ ଅନ୍‌ଲାଇନ୍ ସେରିମନିରେ ଫିଫା ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିବ।

## ଭାରତୀୟ କୋଚ୍‌ଙ୍କୁ ପସନ୍ଦ କଲେ ବଜରଙ୍ଗ ପୁନିଆ

**ନୂଆଦିଲ୍ଲୀ,୭।୧(ପି.ଟି)**

ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ପାଇଁ ପ୍ରସ୍ତୁତି ସକାଶେ ଜଣେ ଭାରତୀୟ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ନେବା ଲାଗି ସ୍ଥିର କରିଛନ୍ତି ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ବଜରଙ୍ଗ ପୁନିଆ। ବିଦେଶରେ ଜଣେ ବିଦେଶୀ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ନେଲେ ବହୁ ସମୟ ଅପଚୟ ହେଉଛି। ଟୋକିଓ ଗେମ୍ସ ରୌପ୍ୟ ବିଜେତା ରବି ଦାହିୟା ମଧ୍ୟ ସମାନ ବିଦେଶୀ କୋଚ ଅପେକ୍ଷା ଭାରତୀୟ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ନେବାକୁ ମନସ୍ଥ କରିଛନ୍ତି। ଉଭୟେ ଏ ବିଷୟରେ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ)କୁ ଅବଗତ କରାଇଛନ୍ତି। ବଜରଙ୍ଗ ପୂର୍ବରୁ ଜର୍ଜିଆର ଶାକୋ ବେନ୍‌ଟିନ୍‌ଡିଟ୍ସ ଏବଂ ରବି ରୁଷିଆର କମଲ ମାଲିକୋଭ୍‌ଙ୍କ ଅଧୀନରେ ଟ୍ରେନିଂ ନେଉଥିଲେ। ଛତ୍ରସାଲ ଷ୍ଟାଡିୟମରେ କେତେଜଣ ରେସ୍‌ଲର ମଧ୍ୟ ସେମାନଙ୍କୁ ସହାୟତା କରୁଥିଲେ। ବେନ୍‌ଟିନ୍‌ଡିଟ୍ସଙ୍କ ସହିତ ସମ୍ପର୍କ ଛିନ୍ନ ହେବାପରଠାରୁ ବଜରଙ୍ଗ ଜଣେ ବିଦେଶୀ କୋଚ୍‌ଙ୍କ ସନ୍ଧାନରେ ଥିଲେ। ମାତ୍ର ସେଥିରୁ କିଛି ଫଳ ମିଳିଲାନି। ରୁଷିଆରେ ତାଙ୍କ ଟ୍ରେନିଂ କ୍ୟାମ୍ପ ସମୟରେ ସେ ଜଣେ କୋଚ୍‌ଙ୍କ ସନ୍ଧାନରେ ଥିଲେ। କିନ୍ତୁ ଜଣେ କେହି ହେଲେ ଭାରତକୁ ଆସିବା ଲାଗି ରାଜି ହେଲେ ନାହିଁ ବୋଲି ୨୭ବର୍ଷୀୟ ରେସ୍‌ଲର କହିଛନ୍ତି। ଏହି କୋଚ୍‌ମାନେ ସିଜନର ୮୦ ପ୍ରତିଶତ ସେମାନଙ୍କ ଦେଶରେ ଅତିବାହିତ କରିବାକୁ ଚାହାନ୍ତି। ଏହି ସର୍ତ୍ତ ତାଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ। ସେ ଅଧା ସମୟ ବିଦେଶରେ କଟାଇବାକୁ ରାଜିଥିଲେ ମଧ୍ୟ ଜଣେ କେହି ଭାରତକୁ ଆସିବା ଲାଗି ରାଜି ହୋଇ ନ ଥିଲେ।

## ୱାଇଏମ୍‌ସି କ୍ରିକେଟ: ସେମିରେ ରାଇଜିଂ ଷ୍ଟୁଡେଣ୍ଟ

**ନୂଆପଡ଼ା ଅଫିସ,୭।୧**

ସ୍ଥାନୀୟ ମିନିଷ୍ଟାଡିୟମଠାରେ ୟୁଥ ମାସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୦ତମ ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ପୁଲ୍ ୨ର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରୋଗ୍ରେସିଭ ଝାରସୁଗୁଡା ଦଳକୁ ହରାଇ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ସେମିଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟୁଡେଣ୍ଟ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ହରାଇ ୨୨୩ ରନ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡା ୨୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରି ପରାସ୍ତ ହୋଇଛି। କୁଲିଆବନ୍ଧା ସମିତି ସଭ୍ୟ ତଥା ପୂର୍ବତନ କ୍ରୀଡାବିତ୍ ହୀରାଲାଲ ପଟେଲ କଟକର ତାରାକାନ୍ତ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବିଶ୍ୱମ୍ଭର ମହାକୁଡ ଓ ସଞ୍ଜୟ ନାଏକ ଖେଳ ପରିଚାଳନା କରୁଥିବା ବେଳେ ଶୈଳେସ ଶତପଥୀ ସ୍କୋର ଦାୟିତ୍ୱ ଏବଂ କାର୍ତ୍ତିକ ନିଆଲ, ସୀମାଞ୍ଚଳ ମହାପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ଜିଲା କ୍ରିକେଟ ସଂଘ ସମ୍ପାଦକ ତଥା ୱାଇଏମ୍‌ସି କନ୍‌ଭେନର ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ନୂଆପଡା ଉପଜିଲାପାଳ ତରଣୀସେନ ନାଏକ, ଆଇନଜୀବୀ ତଥା ବିଜେଡି ଉପସଭାପତି ସିନ୍ଧୁ ଅଶୋକ ବୋଧନକର, ନ୍ୟାଶନାଲ କଲେଜ ଅଧ୍ୟକ୍ଷା କବିତା ରଥ, ଭାଜପା ଜିଲା ଉପସଭାପତି ଦିଲୀପ ନିର୍ମଳକର, ବିଜେଡି ନେତା ପ୍ରମୋଦ ସାହୁ, ସାରାବଙ୍ଗ ସରପଞ୍ଚ ଭରତଲାଲ ରାଉତ, କ୍ରୀଡାବିତ୍ ପୁନିତ ରାମ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଇଣ୍ଡିଆ ମହାରାଜାଜ୍ ଦଳରେ କୈଫ, ବିନ୍ନି

**ନୂଆଦିଲ୍ଲୀ,୭।୧(ପି.ଟି.):** ଜାନୁୟାରୀ ୨୦ରୁ ମସ୍କଟରେ ଖେଳାଯିବାକୁ ଥିବା ହାଓଜାଟ୍ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି) ପାଇଁ ଇଣ୍ଡିଆ ମହାରାଜାଜ୍ ଦଳରେ ମହମ୍ମଦ କୈଫ ଓ ଷ୍ଟୁଆର୍ଟ ବିନ୍ନିଙ୍କୁ ସାମିଲ କରାଯାଇଛି। ଟୁର୍ନାମେଣ୍ଟର କମିଶନର ରବି ଶାସ୍ତ୍ରୀ କହିଛନ୍ତି ଭାରତୀୟ କ୍ରିକେଟ ପ୍ରତି ମହମ୍ମଦ କୈଫ ଓ ଷ୍ଟୁଆର୍ଟ ବିନ୍ନିଙ୍କର ବହୁ ଅବଦାନ ରହିଛି। ଲିଗ୍‌ରେ ମଧ୍ୟ ସେମାନଙ୍କର ଭୂମିକା ରହିବା ଉଚିତ ବୋଲି ସେ ମନେକରନ୍ତି।

## ଶୀର୍ଷ ୪ ସ୍ଥାନ ଉପରେ ଓଡ଼ିଶା ଏଫ୍‌ସିର ନଜର

**ଫତୋର୍ଦା, ୭।୧(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ରେ ଶନିବାର ୨ଟି ମ୍ୟାଚ ଅନୁଷ୍ଠିତ ହେବ। ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ଗୋଟିଏ ମ୍ୟାଚରେ ଏଟିକେ ମୋହନ ବାଗାନକୁ ଭେଟିବାକୁ ଥିବାବେଳେ ଅନ୍ୟ ମ୍ୟାଚଟିରେ ଏଫ୍‌ସି ଗୋଆ ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ଓଡ଼ିଶା-ବାଗାନ ମ୍ୟାଚ ରାତି ୭ଟା ୩୦ରେ ଫତୋର୍ଦାର ପିଜେଏନ୍ ଷ୍ଟାଡିୟମରେ ଖେଳାଯିବ। ଓଡ଼ିଶା ଏଫ୍‌ସି ଏ ପର୍ଯ୍ୟନ୍ତ ୯ ମ୍ୟାଚ ଖେଳି ୪ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରଖିଛି ଏବଂ ୪ଟି ହାରିଛି। ଫଳରେ ଦଳ ୧୩ ପଏଣ୍ଟରେ ରହିଛି। ୧୮ଟି ଗୋଲ ଦେଇଥିବାବେଳେ ୨୨ଟି ବରଣ କରିଛି। ଗୋଲ ବ୍ୟବଧାନ -୪ ରହିଛି। ଓଡ଼ିଶା ଫ୍ରାଞ୍ଚାଇଜ୍ ଦଳ ଯଦି ଆଗାମୀ ମ୍ୟାଚ ଜିତେ ତେବେ ୧୭ ପଏଣ୍ଟରେ ପହଞ୍ଚିବ। ଏ କ୍ଷେତ୍ରରେ ଦଳର ଶୀର୍ଷ ୪ ସ୍ଥାନକୁ ଆସିବା ସମ୍ଭାବନା ଉଜ୍ଜ୍ୱଳ ରହିବ। ଅନ୍ୟପକ୍ଷରେ ଏଟିକେ ମୋହନବାଗାନ ୯ ମ୍ୟାଚ ଖେଳି ୪ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୧୫ ପଏଣ୍ଟ ପାଇଛି। ତେଣୁ ଏହି ଦଳ ଓଡ଼ିଶା ଏଫ୍‌ସିଠାରୁ ଉନ୍ନତ ସ୍ଥିତିରେ ରହିଛି। ଆଗାମୀ ମ୍ୟାଚ ଜିତିଲେ ଏହି ଦଳର ଶୀର୍ଷ ୪ ସ୍ଥାନରେ ରହିବା ସମ୍ଭାବନା ଅଧିକ ଦୃଢ଼ୀଭୂତ ହୋଇଯିବ।



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

ଜୁଆନ ଫେରାଣ୍ଡୋ ଦାୟିତ୍ୱ ନେବା ପରଠାରୁ ଏଟିକେ ଗୋଟିଏ ହେଲେ ମ୍ୟାଚ ହାରିନାହିଁ। ହାଇଦ୍ରାବାଦ ଏଫ୍‌ସି ବିପକ୍ଷ ଗତ ମ୍ୟାଚକୁ ଯଦିଓ ଏହି ଦଳ ୨-୨ ଗୋଲରେ ଡ୍ର ରଖିଥିଲା ତେବେ ପୂର୍ବ ୨ ବିଜୟ ଦଳକୁ ଟପ୍-୪ରେ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଥିଲା। ତେବେ ଏହାର ଦୁର୍ବଳ ରକ୍ଷଣଭାଗକୁ ନେଇ ଚିନ୍ତାରେ ଅଛନ୍ତି ଫେରାଣ୍ଡୋ। ୯ ମ୍ୟାଚରେ ଦଳ ୧୮ଟି ଗୋଲ ବରଣ କରି ସାରିଛି। ଓଡ଼ିଶାର ଫରୱାର୍ଡ ଲାଇନ୍ ଭଲ ଖେଳୁଛି। ତେଣୁ ଆଗାମୀ ମ୍ୟାଚକୁ ନେଇ ସ୍ପାନିଶ୍ କୋଚ୍ ବେଶ୍ ସତର୍କ ଅଛନ୍ତି। ଆଗାମୀ ମ୍ୟାଚରେ ଏଟିକେ ତାରକା ପ୍ଲେ ମେକର ହ୍ୟୁଗୋ ବୌମସଙ୍କ ଅନୁପସ୍ଥିତି ଅନୁଭବ କରିବ। ସେ ୪ର୍ଥ ୟେଲୋ କାର୍ଡ ପାଇଥିବାରୁ ଓଡ଼ିଶା ବିପକ୍ଷ ମ୍ୟାଚରେ ବାହାରେ ବସିବେ। ଏଟିକେ କାର୍ଲ ମ୍ୟାକହ୍ୟୁଗ୍‌ଙ୍କ ସେବାରୁ ମଧ୍ୟ ବଞ୍ଚିତ ହେବ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଦାବି ପୂରଣ ନ ହେଲେ ପଞ୍ଚାୟତ ଭୋଟ ବର୍ଜନ**

ପୁରୀ ଅଫିସ :ଭତ୍ତା ଅର୍ଥରାଶି ବୃଦ୍ଧି ସହିତ ଅସହାୟ ଏବଂ ଭିନ୍ନକ୍ଷମ ଭତ୍ତାଧିକାରୀଙ୍କୁ ସୁବିଧାରେ ଭତ୍ତା ଟଙ୍କା ଯୋଗାଇ ଦେବାକୁ ପୁରୀ ଜିଲା ଭତ୍ତା ସହାସଂଘ ଦାବି କରିଛି। ଏ ନେଇ ମହାସଂଘର ଆବାହକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲାର ଭତ୍ତାଧିକାରୀମାନେ ଏକାଠି ହୋଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ମହାସଂଘ ଆବାହକ ପ୍ରଧାନ କହିଛନ୍ତି, ଅନ୍ୟ ରାଜ୍ୟରେ ହିତାଧିକାରୀଙ୍କୁ ଅଧିକ ଟଙ୍କା ମିଳୁଥିବା ବେଳେ ଆମ ରାଜ୍ୟରେ କମ୍ ଟଙ୍କା ଦିଆଯାଉଛି। ଭିନ୍ନକ୍ଷମ ହିତାଧିକାରୀ ଏବଂ ଅସହାୟ ବୃଦ୍ଧାବୃଦ୍ଧ ବ୍ୟାଙ୍କକୁ ଯାଇ ଭତ୍ତା ଆଣିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୂର୍ବ ବ୍ୟବସ୍ଥା ଲାଗୁ ନିମନ୍ତେ ଦାବି କରାଯାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି।




୭।୧।୨୦୨୨

| | |
|---|---|
| ୫,୨୫,୨୩୬ ଟଙ୍କା | |
| ସୁନା | ୩.୫୦୦ ଗ୍ରାମ |
| ରୁପା | ୨.୩୫୦ ଗ୍ରାମ |

# ଆଉ ୫୪ ଆକ୍ରାନ୍ତ ଚିହ୍ନଟ

- ଲାଗୁ ହେଲା ରାତ୍ରିକାଳୀନ କର୍ଫ୍ୟୁ
- କୋର୍ଟ ପରିସର, ୧୨ ନଂ. ୱାର୍ଡ କଣ୍ଟେନ୍‌ମେଣ୍ଟ

**ପୁରୀ ଅଫିସ,୭।୧:**

ପୁରୀ ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ୫୪ ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି। ସେମାନଙ୍କ ମଧ୍ୟରୁ ପୁରୀ ସହରରୁ ସର୍ବାଧିକ ୩୮, ପୁରୀ ସଦର, ସତ୍ୟବାଦୀ ଓ ପିପିଲିରୁ ୨ଜଣ ଲେଖାଏ, ନିମାପଡ଼ା, କଣାସ, ବ୍ରହ୍ମଗିରି, ଡେଲାଙ୍ଗ, କାକଟପୁର, କୃଷ୍ଣପ୍ରସାଦ ବ୍ଲକ ଏବଂ ପିପିଲି ଏନ୍‌ଏସିରୁ ଜଣେ ଲେଖାଏ, ଅନ୍ୟ ଜିଲାରୁ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୁରୀ ସହରର ୨, ୯, ୧୧, ୧୨, ୧୬, ୨୧, ୨୭, ୨୯ ଓ ୩୧ ନଂ ୱାର୍ଡରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ୬, ୧୯, ୨୨, ୨୪ ନଂ ୱାର୍ଡରୁ ୨ଜଣ ଲେଖାଏ, ୩ ଓ ୨୩ ନମ୍ବର ୱାଡରୁ ୩ ଜଣ ଲେଖାଏ ଏବଂ ୧୪ ନଂ. ୱାର୍ଡରୁ ସର୍ବାଧିକ ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ୧୨ନଂ ୱାର୍ଡ ପରିସରସ୍ଥ ଜିଲା କୋର୍ଟ ପରିସରକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ଶୁକ୍ରବାରଠାରୁ ପୁରୀ ସହରରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହୋଇଛି। ରାତ୍ର ୯ଟା ପୂର୍ବରୁ ଦୋକାନ ବନ୍ଦ କରିବା ପାଇଁ ଦୋକାନୀମାନଙ୍କୁ ପୋଲିସ କହିଥିଲା। ସନ୍ଧ୍ୟାରେ ବଡ଼ଦାଣ୍ଡ ଗହଳଚହଳ ଥିଲେ ମଧ୍ୟ ରାତ୍ରି ୯ଟା ପୂର୍ବରୁ ଲୋକଙ୍କୁ ଘରକୁ ଚାଲିଯିବା ପାଇଁ ପୋଲିସ ଅପିଲ କରିଥିଲା। ଦିନରେ ମଧ୍ୟ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ୫୦ପ୍ରତିଶତ ଉପସ୍ଥାନରେ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂକ୍ରମଣକୁ ରୋକିବା ପାଇଁ କଣ୍ଟାକ୍ଟ ଟ୍ରେସିଂ ଉପରେ ଜୋର ଦିଆଯିବ। ଏଥିପାଇଁ ରାପିଡ୍ ରେସପନ୍ସ ଟିମ୍ ପ୍ରସ୍ତୁତ ହୋଇରହିବ।

# ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶିତ

**ପଞ୍ଚାୟତ ନିର୍ବାଚନ**

**ପୁରୀ ଅଫିସ, ୭।୧:**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆସନର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଚିଠା ପ୍ରସ୍ତାବ ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗ ଦାଖଲ ପାଇଁ ନାଗରିକମାନଙ୍କୁ ସୁଯୋଗ ଦିଆଯାଇଥିଲା। ଅଭିଯୋଗ ଆଧାରରେ ତର୍ଜମା କରି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆସନ ମହିଳା, କଣାସ, ଡେଲାଙ୍ଗ ଓ କୃଷ୍ଣପ୍ରସାଦ ଅଧ୍ୟକ୍ଷ ଆସନ ମହିଳା, ଗୋପ ଓ ବ୍ରହ୍ମଗିରି ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତି ମହିଳା, ନିମାପଡ଼ା ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ କାକଟପୁର, ପିପିଲି, ପୁରୀ ସଦର ଓ ସତ୍ୟବାଦୀ ଆସନ ଅଣସଂରକ୍ଷିତ ରହିଛି। ଏଥିସହ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀର ସରପଞ୍ଚ ଓ ସମିତି ସଭ୍ୟ ଆସନ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। କେତେକ ସ୍ଥାନରେ ଚିଠା ପ୍ରସ୍ତାବରେ ଥିବା ସଂରକ୍ଷଣକୁ ବଦଳାଇ ଯାଇ ଆସନକୁ ନୂଆ ବର୍ଗରେ ସଂରକ୍ଷିତ କରାଯାଇଥିବା ଦେଖିବାକୁ ମିଳିଛି। ବିଶେଷକରି ସରପଞ୍ଚ ଆସନରେ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିଛି। ନିର୍ବାଚନ ପାଇଁ ସଂରକ୍ଷିତ ଆସନ ଘୋଷଣା ସରିଥିଲେ ମଧ୍ୟ ନିର୍ବାଚନ ହେବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି। ପୁରୀରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ନିର୍ବାଚନ ସ୍ଥଗିତ ରଖିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଦାବି କରିଛନ୍ତି।

# ବିଧାୟକଙ୍କ ଦ୍ୱାରା ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ



**ପିପିଲି,୭।୧(ଡି.ଏନ୍.ଏ.)**

ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ଦ୍ୱାରା ପିପିଲି ବ୍ଲକର ଗୋବିନ୍ଦପୁରରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମେତ ପିପିଲି ପୌରାଞ୍ଚଳରେ ପାନୀୟ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ବିଧାୟକ ଗୋବିନ୍ଦପୁର ଗ୍ରାମ ଗସ୍ତ କରି ପୂର୍ତ୍ତ ବିଭାଗ ପକ୍ଷରୁ ୭.୩୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭୁଦତ୍ତ ପ୍ରଧାନ, ସହକାରୀ ଯନ୍ତ୍ରୀ ନବଘନ ବେହେରା, ଠିକାଦାର ତ୍ରିଭୁବନ ଦାଶ, ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଧରଣୀଧର ସାହୁ, କିଶୋର ଛୋଟରାୟ, ଆର୍ତ୍ତବନ୍ଧୁ ସାମନ୍ତରାୟ, କଣ୍ଟି ସରପଞ୍ଚ ପ୍ରକାଶ ଧଳ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ପିଏଚ୍‌ଡି କାର୍ଯ୍ୟାଳୟ ପରିସରକୁ ଯାଇ ୬କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପରେ ଗୋଟିଏ ୪ଲକ୍ଷ ଲିଟର କ୍ଷମତାସମ୍ପନ୍ନ ଭୂତଳ ଜଳଭଣ୍ଡାର, ଦୁଇଟି ୨ଲକ୍ଷ ଲିଟର କ୍ଷମତାସମ୍ପନ୍ନ ଓଭରହେଡ୍ ପାଣିଟାଙ୍କି, ୫ଟି ଗଭୀର ନଳକୂପ ସମେତ ୫.୭ କିଲୋମିଟର ଲମ୍ବର ନୂତନ ପାଇପ ଲାଇନ ଆଦିର ନିର୍ମାଣ କାର୍ଯ୍ୟ ୯ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଶ୍ ଚନ୍ଦ୍ର ବଳ, ସହକାରୀ ଯନ୍ତ୍ରୀ ନଟବର ବିଶ୍ୱାଳ, ଠିକାଦାର ରାକେଶ ଖଣ୍ଡୁଆଳ ଓ ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରି ପ୍ଲେସ୍‌ମେଣ୍ଟ ଟ୍ରେନିଂ

ପୁରୀ ଅଫିସ, ୭।୧: ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୫ ଦିନିଆ ପ୍ରି ପ୍ଲେସ୍‌ମେଣ୍ଟ ଟ୍ରେନିଂ ଶିବିର ଉଦ୍‌ଘାଟିତ ହୋଇଛି। ଅଧକ୍ଷା ଡ. ସୁଜାତା ମିଶ୍ର ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କର୍ପୋରେଟ ଜଗତରେ ନିଯୁକ୍ତି ପାଇଁ ଏଭଳି ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ନିତାନ୍ତ ଜରୁରୀ ବୋଲି ବିଭାଗର ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କହିଥିଲେ। ଆଗାମୀ କ୍ୟାମ୍ପସ ଚୟନ ଲାଗି ଛାତ୍ରୀଛାତ୍ରମାନେ ଏହି ସୁଯୋଗର ଲାଭ ଉଠାଇବାକୁ ଏମ୍‌ବିଏ ବିଭାଗ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଆହ୍ୱାନ ଦେଇଥିଲେ। ସଫ୍ଟ ସ୍କିଲ ଟ୍ରେନର ଶୁଭେନ୍ଦୁ ଦାସ କାର୍ଯ୍ୟକ୍ରମ ପରିଚାଳନା ଏବଂ ବିଭାଗୀୟ ଅଧାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ଅଧାପିକା ବିଜୟଲକ୍ଷ୍ମୀ ଭୋଳ ସହଯୋଗ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପକ୍କାଘର ମରାମତି ସହାୟତା ଆରମ୍ଭ

ଡେଲାଙ୍ଗ,୭।୧(ଡି.ଏନ୍.ଏ.)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ୨୦୦୧ରୁ ବିଭିନ୍ନ ଯୋଜନାରେ ଆବାସ ସହାୟତା ପାଇଥିବା ହିତାଧିକାରୀଙ୍କୁ ଘର ମରାମତି ପାଇଁ ୩ ହଜାର ଟଙ୍କା ଲେଖାଏ ସହାୟତାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଡେଲାଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ଭର୍ଚୁଆଲ ସମାବେଶରେ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ବିଡିଓ ଦିଲୀପ ଷଡ଼ଙ୍ଗୀ, ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ଯନ୍ତ୍ରୀ ଜଗନ୍ନାଥ ରାଉତ, ଶୁଭ୍ରଜିତ ପାଣି, ସମିତି ସଭ୍ୟ ଅଭିମନ୍ୟୁ ରାଉତ, ଉପାଧ୍ୟକ୍ଷା ପ୍ରତିନିଧି କବିନ୍ଦ୍ର ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୦ ବର୍ଷ ମଧ୍ୟରେ ଡେଲାଙ୍ଗ ପଞ୍ଚାୟତ ସମିତିରେ ୧୦,୦୦୨ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡ଼ିଆ, ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ପକ୍କାଘର ସହାୟତା ପାଇଥିଲେ। ୯୭୦୦ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଆଧାର ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ରାଜ୍ୟ କାର୍ଯ୍ୟାଳୟକୁ ପଠାଯାଇଛି। ଅନ୍ୟମାନଙ୍କ ଚିହ୍ନଟ ଉଦ୍ୟମ ଜାରି ରହିଛି ବୋଲି ବିଡିଓ ଷଡ଼ଙ୍ଗୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଡେଲାଙ୍ଗ ବ୍ଲକର ୨୧ଟି ପଞ୍ଚାୟତରେ କରାଯାଇଥିଲା। ସଞ୍ଜୟ ଜେନା ଜିଆର୍‌ଏସ ସତ୍ୟପ୍ରିୟା ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋପାମୁଦ୍ରା ପଣ୍ଡା କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

### ସାମର୍ଥ୍ୟ ଶିବିରରେ ୨୭୯ ଦିବ୍ୟାଙ୍ଗ ଚିହ୍ନଟ

ସାକ୍ଷୀଗୋପାଳ,୭।୧(ସ୍ୱ.ପ୍ର./ଡି.ଏନ୍.ଏ.)- ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ କ୍ଷୀରୋଦ କୁମାର ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରତିକାନ୍ତ ପରିଡା, ଏପିଓ ସନ୍ତୋଷ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ କାର୍ଯ୍ୟାଳୟର ବିପିଏମ୍ ଦେବାଶିଷ ପତ୍ରି , ଭିଏଲଡବ୍ଲ୍ୟୁ ଦେବାଶିଷ ପଟ୍ଟନାୟକ ଓ ଲକ୍ଷ୍ମୀକାନ୍ତ ମର୍ଦ୍ଦରାଜଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ଚିହ୍ନଟ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଶିବିରରେ ଅସ୍ଥିଶଲ୍ୟର ୧୬୮, ମାନସିକ ୩୯, ଚକ୍ଷୁ ୪୦, କର୍ଣ୍ଣ ନାସା ଗଳା ୩୨, ସମୁଦାୟ ୨୭୯ ଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଛନ୍ତି। ଅସ୍ଥି ଶଲ୍ୟ ବିଭାଗର ଡ. ଦୀପେଶ କୁମାର ସାହୁ ଓ ଡ. ଧର୍ମରାଜ ନାଗ, ନାସା ଗଳା ଓ କର୍ଣ୍ଣ ବିଭାଗର ଡ. ରବୀନ୍ଦ୍ର ଘଡେଇ, ଅଡିଓଲୋଜିଷ୍ଟ ଡ. ଚନ୍ଦନ ମହାନ୍ତି, ଚକ୍ଷୁ ବିଭାଗର ଡ. ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ସ୍ନାୟୁ ବିଭାଗର ଡ. ଅପର୍ଣ୍ଣା ମହାନ୍ତି ଓ ଡ. ଦେବାଶିଷ ମିଶ୍ର ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



ପୁରୀ ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଉଛି।

# ଜିଲାପାଳଙ୍କୁ ଦାବିପତ୍ର ଦେଲା ଭାଜପା ଓବିସି ମୋର୍ଚ୍ଚା

**ପୁରୀ ଅଫିସ, ୭।୧:**

ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗ ସରଂକ୍ଷଣ ପରେ ନିର୍ବାଚନ କରାଯିବାକୁ ଦାବି କରି ଶୁକ୍ରବାର ପୁରୀ ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମୋର୍ଚ୍ଚା ପକ୍ଷରୁ ଅଭିଯୋଗପତ୍ରରେ ଦର୍ଶାଯାଇଛି, ରାଜ୍ୟରେ ପଛୁଆ ବର୍ଗଙ୍କ ଜନସଂଖ୍ୟା ୫୪ପ୍ରତିଶତରୁ ଅଧିକ। ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣକୁ ନେଇ ରାଜ୍ୟ ସରକାରଙ୍କ ଓବିସି ବର୍ଗଙ୍କ ପ୍ରତି ବୈମାତୃକ ମନୋଭାବ ଯୋଗୁ ଉକ୍ତ ବର୍ଗର ଲୋକେ ନିର୍ବାଚନରେ ଭାଗ ନେବା ନେଇ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତ ସୃଷ୍ଟି ହୋଇଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ କେନ୍ଦ୍ର ସରକାର ଏ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଓଡ଼ିଶା ସରକାର ଚୁପ୍ ରହିବା ଦୁର୍ଭାଗ୍ୟଜନକ। କାର୍ଯ୍ୟକ୍ରମରେ ଜିଲା ଓବିସି ମୋର୍ଚ୍ଚା ସଭାପତି ଦେବପ୍ରସାଦ ସ୍ୱାଇଁ, ଉପସଭାପତି ରମାକାନ୍ତ ଜେନା, ରାଜକିଶୋର ରାଉତ, ସୁବାସ ଜେନା, ରବି ସ୍ୱାଇଁ, ମମତା ପତି, ଅଜୟ ଦାସ, ପ୍ରଦୀପ୍ତ ବେହେରା, ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ଉମାକାନ୍ତ ନାୟକ ଏବଂ ଜନ୍ମେଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅରିଶଳରେ ଖୋଲିଲା ଧାନମଣ୍ଡି

**ଡେଲାଙ୍ଗ,୭।୧(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକର ଅରିଶଳ ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲିଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସମବାୟ ସମିତି ସମ୍ପାଦକମାନେ ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ରଖିବାକୁ ବିଧାୟକଙ୍କୁ ନିବେଦନ କରିବା ସହ ୨୨ ସମିତି ସମ୍ପାଦକଙ୍କୁ ଉତ୍ତରୀୟ, ପୁଷ୍ପଚାରା ଓ ନଡ଼ିଆ ଚାରା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମବାୟ ସଂଗଠକ ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ ବିଧାୟକଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଆମ୍ବା ସଭାପତି ସୁଧାକର ମାର୍ଥା, ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ମଳୟ ମହାନ୍ତି, କିଶୋର ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ବିପିନ ପଟ୍ଟନାୟକ, ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ, ଉପ-ସହକାରୀ ନିବନ୍ଧକ ସତ୍ୟଶଙ୍କର ମହାନ୍ତି, ସହକାରୀ କୃଷି ଅଧିକାରୀ ରାକେଶ ରାଉତ, ବୈଷୟିକ ପରିଚାଳକ ଜ୍ଞାନରଞ୍ଜନ ହରିଚନ୍ଦନ, ଜାନକୀ ଭୂଷଣ ହାବୁଡ଼ାସିଂ ଉପସ୍ଥିତ ଥିଲେ। ସରପଞ୍ଚ ରତ୍ନାକର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୨୩ରୁ ଦିଆଯିବ ପୋଲିଓ ବୁନ୍ଦା

**ପୁରୀ ଅଫିସ, ୭।୧:**

ପୁରୀ ଜିଲାସ୍ତରୀୟ ପୋଲିଓ ଟାସ୍କଫୋର୍ସ ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ସ୍ୱର୍ଶ ବିନା ପୋଲିଓ ବୁନ୍ଦା ଦିଆଯିବ। ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ୨୩ ତାରିଖରେ ବୁଥ୍ ସ୍ତରରେ ଏବଂ ୨୪ ଓ ୨୫ ତାରିଖରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ। ଏହି ଅଭିଯାନରେ ଜିଲାର ୧ ଲକ୍ଷ ୮୫ ହଜାର ୯୦୧ ଶିଶୁଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଟିକାଦାତାମାନେ ୩ ଲକ୍ଷ ୬୮ ହଜାର ୮୦୫ଟି ଘର ବୁଲି ବୁନ୍ଦା ଦେବେ। ସହରାଞ୍ଚଳରେ ୫୫ ହଜାର ୧୦୦ ଏବଂ ଗ୍ରାମାଞ୍ଚଳରେ ୧ ଲକ୍ଷ ୩୦ ହଜାର ୮୦୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ସେହିଭଳି ସମ୍ପୃକ୍ତ ଦିନଗୁଡ଼ିକରେ ଜିଲା ବାହାରୁ ଆସୁଥିବା ଶିଶୁଙ୍କୁ ମଧ୍ୟ ପୋଲିଓ ବୁନ୍ଦା ଦେବା ପାଇଁ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ମନ୍ଦିର ଭଳି ସ୍ଥାନରେ ବ୍ୟବସ୍ଥା କରାଯିବ। ଏହିଭଳି ୫୬ଟି ସ୍ଥାନ ଚିହ୍ନଟ ହୋଇଛି।

ଉକ୍ତ କାର୍ଯ୍ୟକ୍ରମରେ ୩ ହଜାର ୬୪ ଜଣ ବୁନ୍ଦା ପ୍ରଦାନକାରୀ, ୨୪ଟି ଭ୍ରାମ୍ୟମାଣ ଦଳ, ୧୬୨ ଜଣ ସୁପରଭାଇଜର, ୩୩୮୬ ଜଣ ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ସାମିଲ ହେବେ। ପ୍ରତ୍ୟେକ ବୁଥ୍‌ରେ ଏକକାଳୀନ ସର୍ବାଧିକ ୫ଜଣ ପ୍ରବେଶ କରିପାରିବେ। ଏଥିପାଇଁ ୨ ଲକ୍ଷ ୩୬ ହଜାର ୯୫ଟି ଡୋଜ୍ ଆବଶ୍ୟକ। ସେହିପରି ୪୩ଟି କୋଲ୍ଡ ଚେନ୍ ପଏଣ୍ଟ ପ୍ରସ୍ତୁତ ରଖାଯାଇଛି। ବୁନ୍ଦା ପ୍ରଦାନ ସମ୍ପର୍କରେ କୌଣସି ସୂଚନା ଦେବାକୁ ଚାହୁଁଥିଲେ, ଜିଲା ନିୟନ୍ତ୍ରଣ କକ୍ଷ (ଫୋନ୍ ନଂ. ୦୬୭୫୨-୨୨୨୧୨୪)କୁ ଯୋଗାଯୋଗ କରିପାରିବେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଣବ ଶଙ୍କର ଦାଶ, ଏଡିଏମ୍‌ଓ ଦେବୀ ପ୍ରସାଦ ମିଶ୍ର, ଟିକାକରଣ ପରାମର୍ଶଦାତା ସୁନୀଲ କୁମାର ଦାଶ ଏବଂ ଡିପିଏମ୍‌ଟି ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ କଂଗ୍ରେସ ପକ୍ଷରୁ ତହସିଲ ଆଗରେ ଧାରଣା



ତହସିଲଦାରଙ୍କୁ କଂଗ୍ରେସ ନେତୃବୃନ୍ଦ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଗୋପ,୭।୧(ଡି.ଏନ୍.ଏ.)**

ବାତ୍ୟା ଜୱାଦ ପ୍ରଭାବରେ ଲଘୁଚାପଜନିତ ବର୍ଷା ଯୋଗୁ ଗୋପ ଅଞ୍ଚଳର ଅଧିକାଂଶ ଚାଷୀ କ୍ଷତି ସହିଥିଲେ। ଏ ନେଇ ସରକାର କ୍ଷତିଗ୍ରସ୍ତ ଫସଲର ଆକଳନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ବାରମ୍ବାର ପ୍ରଶାସନ ନିକଟରେ ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଏହାର ପ୍ରତିବାଦ ଓ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଶୁକ୍ରବାର ଗୋପ ବ୍ଲକ କଂଗ୍ରେସ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିସହ ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ଏସ୍.କେ. ସାର୍ଗିଙ୍କୁ ପ୍ରଦାନ କରାଯାଇଥିଲା। ବାତ୍ୟା ଜୱାଦ ସମୟରେ ଗୋପ ବ୍ଲକ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଯୋଗୁ ଶହ ଶହ ହେକ୍ଟର ପାଚିଲା ଧାନଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀମାନେ ଋଣ ଆଣି ଚାଷ କରିଥିବାବେଳେ ସବୁ ନଷ୍ଟ ହୋଇଯାଇଥିବାରୁ ଏବେ ଚିନ୍ତାରେ ଅଛନ୍ତି। ଗୋପ କଂଗ୍ରେସ ସଭାପତି ଲକ୍ଷ୍ମୀଧର ପ୍ରଧାନ, ବନରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଧାରଣାରେ ସାମିଲ ଥିଲେ। ଯଦି ସପ୍ତାହ ଭିତରେ ଚାଷୀଙ୍କୁ ସହାୟତା ରାଶି ନ ମିଳେ, ଦଳ ରାଜରାସ୍ତାକୁ ଆସିବ ବୋଲି ଚେତାବନୀ ଦେଇଛନ୍ତି।

# ଭିକି ହତ୍ୟାକାଣ୍ଡ: ୨ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

**ପୁରୀ ଅଫିସ, ୭।୧:**

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାୟବାହାଦୂର ଲେନ ଅଞ୍ଚଳରେ ଘଟିଥିବା ଭିକି ନାୟକ ହତ୍ୟାକାଣ୍ଡର ଦୁଇ ମୁଖ୍ୟ ଅଭିଯୁକ୍ତ ରାକେଶ ମହାପାତ୍ର ଓରଫ ଚନ୍ଦନ ଏବଂ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ଅଧିକ ପଚରାଉଚରା ପାଇଁ ପୋଲିସ ରିମାଣ୍ଡରେ ଆଣିବ। ଏ ନେଇ କୋର୍ଟରେ ଆବେଦନ କରାଯାଇଛି। ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ଅଭିଯୁକ୍ତ ଦ୍ୱୟଙ୍କୁ ଜେରା କରାଯିବ ବୋଲି ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଶୁକ୍ରବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ୪ ଅଭିଯୁକ୍ତ ରାକେଶ ମହାପାତ୍ର ଓରଫ ଚନ୍ଦନ, ତାଙ୍କ ସ୍ତ୍ରୀ ନମିତା ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ଓ ଚିତ୍ତ ମହାରଣାଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କଠାରୁ ଛୁରୀ ଜବତ ହୋଇଥିଲା। ଏ ନେଇ କେସ୍ ନଂ. ୧/୨୨ ରୁଜୁ କରାଯାଇଛି। ଗତ ୩ ତାରିଖ ଅପରାହ୍ନରେ ଭିକି ଘରୁ ବାହାରକୁ କୌଣସି କାର୍ଯ୍ୟରେ ଯାଉଥିଲେ। କୌଣସି କଥାକୁ ନେଇ ଅଭିଯୁକ୍ତମାନଙ୍କ ସହିତ ଭିକିଙ୍କର ପାଟିତୁଣ୍ଡ ହୋଇଥିଲା। ଏହି ଘଟଣା ସହ ପୂର୍ବ ଶତ୍ରୁତାକୁ ନେଇ ସେମାନେ ଭିକିଙ୍କୁ ଛୁରାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଲିଙ୍ଗଭିତ୍ତିକ ଗର୍ଭପାତ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ

**ପୁରୀ ଅଫିସ, ୭।୧:**

ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସବ ପରୀକ୍ଷଣ ପଦ୍ଧତି ସଂକ୍ରାନ୍ତୀୟ ଉପଦେଷ୍ଟା କମିଟି ବୈଠକ ଶୁକ୍ରବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭ୍ରୁଣ ନିରୂପଣ ପାଇଁ ଜିଲାରେ ବର୍ତ୍ତମାନ ଚାରିଛକ, ନିମାପଡ଼ା, ସାକ୍ଷୀଗୋପାଳଠାରେ ଗୋଟିଏ ଲେଖାଏ, ପିପିଲିରେ ୨ଟି ଓ ପୁରୀରେ ୭ଟି ସ୍ୱୀକୃତିପ୍ରାପ୍ତ କେନ୍ଦ୍ର ରହିଛି। ଏଥିସହିତ ପଞ୍ଜୀକରଣ କରିଥିବା ଆଉ ତିନୋଟି କ୍ଲିନିକ୍‌ର ନିଷ୍ପତ୍ତି ବିଚାରାଧୀନ ରହିଛି। ଗର୍ଭଧାରଣ ପରେ ଲିଙ୍ଗ ନିରୂପଣ ପଦ୍ଧତିକୁ ବ୍ୟବହାର କରି ଲିଙ୍ଗଭିତ୍ତିକ ଗର୍ଭପାତ କରୁଥିବା ଡାକ୍ତର, କ୍ଲିନିକ୍ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତ ଅଭିଯୋଗ ଆସିବା ମାତ୍ରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗର୍ଭ ନିରୂପଣ ରୋକିବା ପାଇଁ ଜିଲାରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ଓ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସନ୍ଦେହ ଘେରରେ ଥିବା ଚିକିତ୍ସା ସଂସ୍ଥାକୁ ଅଚାନକ ଗସ୍ତ କରାଯିବା ସହ ଭ୍ରୁଣ ନିରୂପଣ ରୋକାଯିବା ନେଇ ପଦକ୍ଷେପ ନିଆଯିବ। ଗତବର୍ଷ ଜିଲାରେ ୧ ହଜାର ପୁଅଙ୍କ ତୁଳନାରେ ୯୩୮ ଜଣ ଝିଅ ଜନ୍ମ ହୋଇଥିଲେ। ଏଣୁ ଜିଲାରେ ଏପର୍ଯ୍ୟନ୍ତ ଲିଙ୍ଗଗତ ସମାନତା ହାସଲ ହୋଇପାରିନାହିଁ। ଯେଉଁ ଅଞ୍ଚଳରେ ଅସମାନତା ଅଧିକ ରହିଛି ସେଠାରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଏଡିଏମ୍‌ଓ ଦେବୀପ୍ରସାଦ ମିଶ୍ର, ଡିପିଏମ୍‌ଟି ନାରାୟଣ ରାଓ, ସୁଧାଂଶୁ ଶତପଥୀ, ରୋଟାରୀ କ୍ଲବ୍ କର୍ମକର୍ତ୍ତା ନାରାୟଣ ଦାଶ ଏବଂ ଆଇନଜୀବୀ ରମାଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ଗୋପ,୭।୧(ଡି.ଏନ୍.ଏ.)**

ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଯୁବତୀଯୁବକଙ୍କୁ ସ୍ୱାବଲମ୍ବୀ କରିବା ଲାଗି ସରକାର ଚିନ୍ତା କରିଛନ୍ତି ବୋଲି ଗୋପ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି । ଗୋପ ବ୍ଲକ ବନାଖଣ୍ଡି ପଞ୍ଚାୟତର ଶାରଡ଼ାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଗୁରୁବାର ଅନୁଷ୍ଠିତ ବ୍ଲକସ୍ତରୀୟ ନିଯୁକ୍ତି ମେଳାରେ ବିଡିଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ଓରମାସ, ବ୍ଲକ ଓଡ଼ିଶା ଜୀବିକା ମିଶନ ସହାୟତାରେ କରାଯାଇଥିଲା। ଅନ୍ୟତମ ଅତିଥି ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୁଷ୍ଟି, ଜ୍ୟୋତ୍ସ୍ନାରାଣୀ ସେନାପତି, ଓରମାସ୍‌ର ଡେପୁଟି ସିଇଓ ପ୍ରଶାନ୍ତ ଦାସ, ପ୍ରିୟଦର୍ଶୀ ଜେନା ପ୍ରମୁଖ ଯୋଗଦେଇ ଯୁବତୀଯୁବକମାନେ କିପରି ରାଜ୍ୟ ଓ ରାଜ୍ୟ ବାହାରେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି ସେ ଉପରେ ମତ ରଖିଥିଲେ। ବିଭିନ୍ନ ସଂସ୍ଥା ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ନିଜ ପସନ୍ଦ ମୁତାବକ ଟ୍ରେଡ୍‌ରେ ତାଲିମ ନେବା ଲାଗି ଚୟନ ହୋଇଥିଲେ। ବ୍ଲକ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକ ଯୋଗଦେଇଥିଲେ। ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟର କର୍ମଚାରୀ ରୁକିଲତା ଓଝା, ଚିନ୍ମୟୀ କୋଠାରୀ, ବେବିନା ବେହେରା, ମଞ୍ଜୁଲତା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ପ୍ରଭାତୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରଥମ ମ୍ୟାଚ ଜିତିଲା ଜିଆଣ୍ଟ ସ୍ପୋର୍ଟିଂ



କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଆୟୋଜକଙ୍କ ସହ ଅତିଥି ଏବଂ ଖେଳାଳି।

**ପୁରୀ ଅଫିସ, ୭।୧:**

ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍ ପଡ଼ିଆରେ ଶୁକ୍ରବାର ପୁରୀ ସହରର ଜିଆଣ୍ଟ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୧୮ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟରେ ଜିଲାର ୩୨ଟି କ୍ଲବ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନିଲ ମହାନ୍ତି, ବିଜେଡି ଜିଲା ସାଧାରଣ ସମ୍ପାଦକ ବିପିନ ଶତପଥୀ, ଜିଲା ମୁଖପାତ୍ର ପ୍ରସନ୍ନ ମହାପାତ୍ର, ପୂର୍ବତନ କାଉନସିଲର ବଳରାମ ରେଡ୍ଡି, ଯୁବ ନେତା ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିପି ବ୍ଲାଷ୍ଟର କ୍ଲବ୍ ଏବଂ ଜିଆଣ୍ଟ ସ୍ପୋର୍ଟିଂ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଏଥିରେ ଜିଆଣ୍ଟ ସ୍ପୋର୍ଟିଂ ବିଜୟ ହାସଲ କରିଛି। ଆସନ୍ତା ୧୫ତାରିଖରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ହେବ। ବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ଦଳକୁ ୧୦ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ଦିଆଯିବ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜବରଦଖଲ ଉଚ୍ଛେଦ

**ନିମାପଡ଼ା,୭।୧(ଡି.ଏନ୍.ଏ.)**

ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ ପରିପ୍ରେକ୍ଷୀରେ ଶୁକ୍ରବାର ନାଗବସ୍ତ ହାଇସ୍କୁଲ ଛକ ନିକଟରେ ଥିବା ୫ ବ୍ୟବସାୟୀଙ୍କ ପାଞ୍ଚ ବଖରା ଦୋକାନ ଗୃହକୁ ଡୋଜର ଲଗାଇ ଉଚ୍ଛେଦ କରାଯାଇଛି। ହାଇସ୍କୁଲ ଛକ ନିକଟ ମୁଖ୍ୟରାସ୍ତା କଡ଼ରେ ସରକାରୀ ଜାଗା ଜବରଦଖଲ କରି ସ୍ଥାନୀୟ ଅଞ୍ଚଳର ୫ଜଣ ବ୍ୟବସାୟୀ ଦୋକାନ କରିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକ୍ରମେ ଶୁକ୍ରବାର ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ପୋଲିସ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ ହୋଇଥିଲା। ସରକାରୀ ଜାଗା ଜବରଦଖଲ କରିଥିବା ଦୋକାନୀଙ୍କୁ ପୂର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏକାଧିକ ବାର ନୋଟିସ ଦିଆଯାଇଥିଲା। ଉଚ୍ଛେଦ ବେଳେ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମିଶ୍ର, ସୁପରଭାଇଜର ସତ୍ୟବାନ ପଲେଇ, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଆଇ ପି.କେ. ତୁଷାର ସିଂ, ଏସ୍‌ଆଇ ମମତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ସଦର, ୭।୧(ଡି.ଏନ.ଏ.)- ୪୨ ମୌଜା ଥାନା ଅନ୍ତର୍ଗତ ଧୁଲେଶ୍ୱର ଗ୍ରାମ ସିଡୁଆ ନଦୀକୂଳରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ଜଣଙ୍କ ହେଲେ ସେହି ଗ୍ରାମର ଦାମ ସିଂ। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ସନ୍ଧ୍ୟାରେ ଯୁବକ ଜଣଙ୍କ କଳିକରି ଘରୁ ପଳାଇ ଆସିଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ଝୁଲୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧/୨୨) ରୁଜୁ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଏନ୍‌ଏସି କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ବାଙ୍କୀ,୭।୧(ସ୍ୱ.ପ୍ର.)
ବାଙ୍କୀ ଏନ୍‌ଏସି ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ଗତ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରର ବକେୟା ଦରମାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଏହାକୁ ସ୍ଥଗିତ ରଖାଯାଇଛି। କର୍ମଚାରୀମାନଙ୍କ ଇପିଏଫ୍, ସିପିଏଫ୍ ଓ ଏଲ୍‌ଆଇସି ଦରମାରୁ କଟା ଯାଉଥିଲେ ମଧ ୩ ମାସ ହେବ ତାହାକୁ ଜମା କରାଯାଇନାହିଁ ବୋଲି ଅଭିଯୋଗ ହୋଇଥିଲା। ଏବିଷୟରେ କର୍ମଚାରୀମାନେ ୩ ଜାନୁୟାରୀରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଗୁରୁବାର କର୍ମଚାରୀ ସଂଘ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବିଷୟରେ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ୧୨ ଜାନୁୟାରୀ ସୁଦ୍ଧା ପ୍ରତିଶ୍ରୁତି ପୂରଣ ନ ହେଲେ ପୁନର୍ବାର ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲ ଚେତାବନୀ ଦିଆଯାଇଛି। ଏଥିରେ କର୍ମଚାରୀ ସଂଘର ସଭାପତି ସନାତନ ବେହେରା, ସମ୍ପାଦକ ପ୍ରମୋଦ କୁମାର ବାରିକ, ପ୍ରଶାନ୍ତ କୁମାର ବେହେରା, ରାମଚନ୍ଦ୍ର ମଙ୍ଗୁଆଳ, ପ୍ରଫୁଲ୍ଲ କୁମାର ପତି ଓ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା କର୍ମୀ ସମ୍ମିଳନୀ

ବାଙ୍କୀ,୭।୧ (ସ୍ୱ.ପ୍ର.) ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭାଜପା କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ, ସମ୍ମାନିତ ଅତିଥିଭାବେ ଜିଲା ଉପସଭାପତି ସୀତାକାନ୍ତ ମିଶ୍ର, ଏନ୍‌ଏସି ସଭାପତି ସଞ୍ଜୟ ରଣା, ଉତ୍କଳ ମନ୍ତ୍ରୀ, ପ୍ରଭାକର ଜେନା, ବାନାମ୍ବର ବେଉରା, ପ୍ରଫୁଲ୍ଲ କୁମାର ନାୟକ ଓ ସଂଗ୍ରାମ ବିଭୂତି ରାୟ ପ୍ରମୁଖ ଯୋଗଦେଇଥିଲେ। ଅକ୍ଷୟ କୁମାର ନାୟକଙ୍କୁ ଶିମିଳିପୁର ପଞ୍ଚାୟତ ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ଚନ୍ଦନ ନାୟକ, କୁନିରାଣୀ ବେହେରା, ସୁବର୍ଣ୍ଣା ନାୟକ, ଗୁରୁବାରୀ ନାୟକ , ବିଜୟ କୁମାର ସାହୁ, ପ୍ରଭାତୀ ନାୟକ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ।

### ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ

ନେମାଳ/ତିଗିରିଆ,୭।୧ (ଡି.ଏନ୍.ଏ.)- ନିଶ୍ଚିନ୍ତକୋଇଲି ଓ ତିଗିରଆ ବ୍ଲକରେ ଶୁକ୍ରବାର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି। ନିଶ୍ଚିନ୍ତକୋଇଲିର ନଗସପୁର ପଞ୍ଚାୟତ ଅନ୍ତର୍ଗତ ସାନଥାକନ ହନୁମାନଗଡାଠାରେ ପଞ୍ଚାୟତିରାଜମନ୍ତ୍ରୀ ପ୍ରତାପ ଜେନା ନରେନ୍ଦ୍ରପୁର - ତିଲକଣା ଚିତ୍ରୋତ୍ପଳା ନଦୀ ବାମପାର୍ଶ୍ୱସ୍ଥିତ ୧୫ କିମି ବନ୍ଧର ଉନ୍ନତୀକରଣର ଶିଳାନ୍ୟାସ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇଥିଲେ। ସେହିପରି ତିଗିରିଆ ବ୍ଲକରେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପାଞ୍ଚଗାଁ ପଞ୍ଚାୟତର ମୁଣ୍ଡିପାଗୁଳିଠାରେ ଗ୍ରାମୀଣ ଉଦ୍ୟାନ, ନୂଆସଡ଼କସ୍ଥିତ ପୋପରା ଆଶ୍ରମ ବିଦ୍ୟାଳୟ ଖେଳପଡ଼ିଆ, ପଥରଡ଼ିପ ଆଦର୍ଶ ଚିରବିଶ୍ରାମସ୍ଥଳୀ, ବ୍ରାହ୍ମଣୀଦେବୀ ଆଦର୍ଶ ପୁଷ୍କରିଣୀ, ବ୍ଲକସ୍ତରୀୟ ମିଶନଶକ୍ତି ଭବନ ନିର୍ମାଣ କାର୍ଯ୍ୟ, ପାଞ୍ଚଗାଁଠାରୁ ଖଣ୍ଡହତା ପର୍ଯ୍ୟନ୍ତ ରାସ୍ତାର ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ରୁପା ଦଳେଇ, ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ ଉପାଧକ୍ଷ ଗୌରହରି ପରିଡ଼ା, ଜିଲାପରିଷଦ ସଭ୍ୟା ରଶ୍ମିତା ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲେ ସ୍କୁଲ ସିଲ୍, ସିଗ୍‌ନାଲ ଟ୍ରେନିଂ ସ୍କୁଲ ବନ୍ଦ

**ବଢୁଛି କରୋନା ସଂକ୍ରମଣ**
**ଜିଲାରୁ ୧୭୦, ସହରରୁ ୧୫୭ ସଂକ୍ରମିତ ଚିହ୍ନଟ**



କଟକ ଅଫିସ, ୭।୧

କଟକ ଜିଲାରେ କରୋନା ସଂକ୍ରମଣ ବଢିଚାଲିଛି। ଏହାକୁ ପ୍ରତିରୋଧ କରିବାକୁ ହେଲେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ଓ ସାନିଟାଇଜରର ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ସ୍କୁଲ ବନ୍ଦ ରଖାଯାଇଛି। ହେଲେ କଟକଣାକୁ ଉଲ୍ଲଂଘନ କରି ଶୁକ୍ରବାର ସିଡିଏ ସେକ୍ଟର-୯ ସ୍ଥିତ ଏକ ପ୍ଲେ ସ୍କୁଲରେ ନାଚଗୀତ ଚାଲିଥିଲା। ଛାତ୍ରୀଛାତ୍ରଙ୍କ ନୃତ୍ୟ ଶିଖା ଯାଉଥିବା ଖବର ମିଳିବା ପରେ ସିଏମ୍‌ସି ପକ୍ଷରୁ ଚଢାଉ କରାଯାଇ ପ୍ଲେ ସ୍କୁଲକୁ ସିଲ୍ କରାଯାଇଥିବା ଡେପୁଟୀ କମିଶନର ଅଭିନାଶ ରାଉତ କହିଛନ୍ତି। ସେହିପରି ତୁଳସୀପୁରସ୍ଥିତ ସିଗ୍ନାଲ ହେଡକ୍ୱାର୍ଟର୍ସ ଟ୍ରେନିଂ ସ୍କୁଲ ବନ୍ଦ କରାଯାଇଛି। ଉକ୍ତ ସ୍କୁଲରେ ତାଲିମ ନେଉଥିବା ୫୬ ଜଣଙ୍କ ମଧ୍ୟରୁ ୧୫ ଜଣ ପଜିଟିଭ ଚିହ୍ନଟ ହେବା ପରେ ବନ୍ଦ ରଖାଯାଇଥିବା ସିଏମ୍‌ସି ପକ୍ଷରୁ କୁହାଯାଇଛି। ଅପରପକ୍ଷେ ପ୍ରଶାସନର କଟକଣାକୁ ଲୋକମାନେ ମାନୁ ନ ଥିବାରୁ ସଂକ୍ରମଣ ଉପରେ ରୋକ୍ ଲଗାଯାଇପାରୁନାହିଁ। ଫଳରେ ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହି କ୍ରମରେ ଗୁରୁବାର ଜିଲାରୁ ୧୪୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ଏହା ୧୭୦ରେ ପହଞ୍ଚିଛି। କେବଳ କଟକ ସହରରୁ ୧୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ଇନଷ୍ଟିଚ୍ୟୁସନ ସଙ୍ଗରୋଧରୁ ୧୯, ଗୃହ ସଙ୍ଗରୋଧରୁ ୮୦ ଓ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ୫୮ଜଣ ରହିଥିବା କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୂଚନା ମିଳିଛି। ସେହିପରି ଜିଲାରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ସିଏମ୍‌ସି ଅଞ୍ଚଳରୁ ୧୭, ସାଲେପୁରରୁ ୫, କଟକ ସଦର, ବାଙ୍କୀ, ମାହାଙ୍ଗା, ନରସିଂହପୁରରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି।

## ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ



ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

କଟକ ଅଫିସ, ୭।୧

ବସ୍ତିବାସିନ୍ଦାଙ୍କୁ ଆଇନ ମୁତାବକ ଥଇଥାନ ଓ ପଟ୍ଟା ପ୍ରଦାନ ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପଦର୍ଶନ କରାଯାଇଥିଲା। ଏହାପରେ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଥିଲା। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ କହିଛନ୍ତି, କରୋନା କାଳରେ ବସ୍ତିଗୁଡିକ ଉଚ୍ଛେଦ କରି ପ୍ରାୟ ୩୦୦୦ ପରିବାରକୁ ବିବାଦୀୟ ସ୍ଥାନ ଓ ନଦୀ ଶଯ୍ୟାରେ ମୌଳିକ ଆବଶ୍ୟକତା ପୂରଣ ନ କରି ରଖାଯାଇଛି। ସେହିପରି ସହରରେ ଥିବା ଅନ୍ୟ ବସ୍ତିଗୁଡିକ ଉଚ୍ଛେଦ ପାଇଁ ମଧ ଯୋଜନା କରାଯାଉଛି। ଏପରି କି ଆଦର୍ଶ କଲୋନୀ ନାମରେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଯାଉଛି। ଏଥିରୁ ନିବୃତ୍ତ ରହିବା ପାଇଁ ସେ କହିଛନ୍ତି। ଏଥିସହ ଉଚ୍ଛେଦ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ସହ ମୌଳିକ ଆବଶ୍ୟକତା ପୂରଣ କରିବାକୁ ସେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ବସ୍ତିନେତା ଦୀପକ ଦାସ, ସସ୍ମିତା ମହାନ୍ତି, ପାଭେଲ ପ୍ରିୟଦର୍ଶନ, ସିପ୍ରା ମହାନ୍ତି, ରେଣୁବାଳା ଦାସ, ସୁକାନ୍ତ ନାୟକ, ସୁଜାତା ମହାପାତ୍ର, ପୁଷ୍ପାଞ୍ଜଳି ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ହେଲ୍‌ଥ ଭ୍ୟାନ୍ ଉଦ୍‌ଘାଟିତ

କଟକ,୭।୧

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶୁକ୍ରବାର ଏକ ହେଲ୍‌ଥ ଭ୍ୟାନ୍ ଉଦ୍‌ଘାଟନ କରାଯାଇଛି। ଏହା କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମର ଅଂଶ ଭାବେ କଟକ ଜିଲାର ଗ୍ରାମୀଣ ଅଞ୍ଚଳଗୁଡିକରେ ସ୍ୱାସ୍ଥ୍ୟସେବା ଯୋଗାଇବ। ଏହା କମ୍ପାନୀର ୨ୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍‌ପେନ୍‌ସାରିର ଯାନ। କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ ପରିସରରେ ଏହି ସେବା ଓ ଭ୍ୟାନ୍‌ର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ଥିଲେ। ଏହି ଯାନ କଟକ ସର୍କଲରେ ସାଲେପୁର, ଆଠଗଡ଼ ଓ କଟକ ଇଲେକ୍ଟ୍ରିକାଲ ଡିଭିଜନ ଅଧୀନରେ ଥିବା ୯୦ଟି ଗ୍ରାମପଞ୍ଚାୟତର ୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଆବଶ୍ୟକତା ପୂରଣ କରିବ। ଏହି ଭ୍ରାମ୍ୟମାଣ ଡିସ୍‌ପେନ୍‌ସାରିରେ ଜଣେ ଡାକ୍ତର, ଫାର୍ମାସିଷ୍ଟ, ଏଏନ୍‌ଏମ୍ ନର୍ସ ଓ ଜଣେ ଡ୍ରାଇଭର ରହିବେ। ଏଥିରେ ଚିକିତ୍ସା ସହିତ ମାଗଣାରେ ଔଷଧ ବଣ୍ଟନ ଭଳି ସୁବିଧା ଓ ସେବା ସବୁ ବର୍ଗର ଲୋକମାନଙ୍କୁ ମାଗଣାରେ ପ୍ରଦାନ କରିବ। ଏ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍‌ର ସିଇଓ ସେନ୍‌ବାଗମ କହିଛନ୍ତି, ସୁସ୍ଥ ସମାଜ ଗଠନ କରିବା ଓ ସେଥିପାଇଁ ସହାୟତା ପ୍ରଦାନ କରିବା ଲାଗି ଆମେ ନିରନ୍ତର ଭାବେ ଉଦ୍ୟମ କରୁଛୁ। ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍‌ପେନ୍‌ସାରି ଭଲ ସ୍ୱାସ୍ଥ୍ୟସେବା ସୁବିଧାରେ ପାଖରେ ପହଞ୍ଚିପାରିବା ଲାଗି ପ୍ରତିଶ୍ରୁତିବଦ୍ଧ ।

## ମୋବାଇଲ ବ୍ୟବହାର ବାରଣକୁ ବିରୋଧ

**ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ**
■ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

କଟକ ଅଫିସ, ୭।୧

କଟକ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ପରିସରରେ ମୋବାଇଲର ବ୍ୟବହାର ବାରଣକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ମୋବାଇଲ ବ୍ୟବହାର ଅନୁମତି ପ୍ରଦାନ ଦାବିରେ ଛାତ୍ରୀଛାତ୍ରମାନେ ଶୁକ୍ରବାର କଲେଜ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଜାନୁୟାରୀ ପ୍ରଥମ ସପ୍ତାହରୁ କଲେଜ କର୍ତ୍ତୃପକ୍ଷ କେତେକ ନିୟମ କରିଥିଲେ। ସେଥିମଧ୍ୟରେ କଲେଜ ପରିସରରେ ଛାତ୍ରୀଛାତ୍ରମାନେ ମୋବାଇଲ ଫୋନ ବ୍ୟବହାର କରିପାରିବେ ନାହିଁ। ଯଦି ଛାତ୍ରୀଛାତ୍ରମାନେ ଏହି ନିୟମ ଭଙ୍ଗ କରନ୍ତି, ତା'ହେଲେ ସେମାନଙ୍କ ମୋବାଇଲ ଫୋନ୍ କର୍ତ୍ତୃପକ୍ଷ ଛଡାଇ ନେବା ସହ ଅଭିଭାବକଙ୍କୁ ଅବଗତ କରାଯିବ। କଲେଜ କ୍ଲାସ ସରିବା ପରେ ମୋବାଇଲ ଫୋନ ଫେରସ୍ତ କରାଯିବ ବୋଲି ନିୟମ କରାଯାଇଛି। ତେବେ ଛାତ୍ରୀଛାତ୍ରମାନେ ଏହାକୁ ବିରୋଧ କରିବା ସହ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଶତାଧିକ ଛାତ୍ରୀଛାତ୍ର କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବାଦାମବାଡି ପୋଲିସ ଓ କଲେଜ ଅଧକ୍ଷ ପହଞ୍ଚି ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଯେଉଁ ଛାତ୍ରୀଛାତ୍ରଙ୍କ ଜରୁରୀ କଲ୍ ଆସିବ ସେ କଲେଜ କ୍ୟାମ୍ପସ ବାହାରେ ନ ହେଲେ କମନ୍‌ରୁମରେ ମୋବାଇଲ ବ୍ୟବହାର କରିବା ପାଇଁ ଅଧକ୍ଷ ଅନୁମତି ଦେଇଥିଲେ।

## ବକେୟା ପ୍ରାପ୍ୟ ଦାବିରେ ଠିକା ଝାଡୁଦାରଙ୍କ ଧାରଣା

ବାଙ୍କୀ,୭।୧(ସ୍ୱ.ପ୍ର.)
ବାଙ୍କୀ ଏନ୍‌ଏସିର ଠିକା ଝାଡୁ କର୍ମଚାରୀମାନେ ଶୁକ୍ରବାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଠିକାଦାର ସେମାନଙ୍କୁ ୨ମାସର ବକେୟା ଦରମା ଦେଇନାହାନ୍ତି। ଫଳରେ ସେମାନେ ଭୋକ ଉପାସରରେ ରହିବାକୁ ବାଧ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେମାନେ ଏହି ଟଙ୍କା ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ପଲ୍ଲବୀ ବେହେରା କହିଛନ୍ତି, ଠିକାଦାରଙ୍କ ସହିତ ଆଲୋଚନା କରାଯାଇ ସେମାନଙ୍କ ସମସ୍ୟାର ସମାଧାନ କରାଯିବ।

## କୋଭିଡ୍ କେୟାର ହସ୍ପିଟାଲ ଶୁଭାରମ୍ଭ


ମନ୍ତ୍ରୀ ପ୍ରତାପ ଜେନା କୋଭିଡ୍ କେୟାର ହସ୍ପିଟାଲ ଶୁଭାରମ୍ଭ କରୁଛନ୍ତି।

ନେମାଳ, ୭।୧(ଡି.ଏନ୍.ଏ.)

ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ (କୁଳିଆ) କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପଡ଼ିଆ ପରିସରରେ ଶୁକ୍ରବାର ୧୦୦ ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ହସ୍ପିଟାଲ ଶୁଭାରମ୍ଭ ହୋଇଛି। ଆମେରିକା ଇଣ୍ଡିଆ ଫାଉଣ୍ଡେଶନ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ନିର୍ମିତ ଏହି ହସ୍ପିଟାଲକୁ ପଞ୍ଚାୟତିରାଜମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟିକା ସାବିତ୍ରୀ ଅଗ୍ରୱାଲ୍, ବିଧାୟକ ଚନ୍ଦ୍ରସାରଥି ବେହେରା ଓ ବିଧାୟକ ପ୍ରଶାନ୍ତ କୁମାର ବେହେରା, ଆମେରିକା ଇଣ୍ଡିଆ ଫାଉଣ୍ଡେଶନର ମୁଖ୍ୟ ସୁବ୍ରତ ସରକାର ଯୋଗଦେଇଥିଲେ। ପାଟକୁରା, କଟକ ସଦର, ଟାଙ୍ଗୀ – ଚୌଦ୍ୱାର ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଓମିକ୍ରନ୍‌ରେ ସଂକ୍ରମିତଙ୍କୁ ଚିକିତ୍ସା ପାଇଁ କଟକ,ଭୁବନେଶ୍ୱର ଯିବାକୁ ପଡିବ ନାହିଁ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ଉପସଭାପତି ଅଶୋକ କୁମାର ଓଝା, ସରପଞ୍ଚ ରୂପାଲିନ୍ ନାୟକ, ପତିତପାବନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅମିତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ଘଟଣା
## ପଞ୍ଜାବ ମୁଖ୍ୟମନ୍ତ୍ରୀ, ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

କଟକ ଅଫିସ, ୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ ବେଳେ ସୁରକ୍ଷାରେ ତ୍ରୁଟିକୁ ନେଇ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଚଣ୍ଡୀଛକ ଠାରେ କଟକ ନଗର ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କଟକ ନଗର ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଜାବ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଓ ରାହୁଲ ଗାନ୍ଧୀଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସଭାରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଜିଲା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମିଶ୍ର, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶିବେଶ ମିଶ୍ର, ଶାରଦା ଷଡଙ୍ଗୀ, ଉପସଭାପତି ସତ୍ୟ ରଞ୍ଜନ ଦଳାଇ, ଅଭିଳାଷ ଜେନା, ସଦାନନ୍ଦ ବିଶ୍ୱାଳ, ସୁମନ ରାଉତ, ଶାଶ୍ୱତ ନାୟକ, ହରି ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ପଛୁଆ ବର୍ଗଙ୍କ ସଂରକ୍ଷଣ ଦାବି

ବାଙ୍କୀ,୭।୧(ସ୍ୱ.ପ୍ର.)

ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବାକୁ ଶୁକ୍ରବାର ବାଙ୍କୀ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବିପତ୍ର ବାଙ୍କୀ ଉପଜିଲାପାଳଙ୍କୁ ଦିଆଯାଇଛି। ପଛୁଆ ବର୍ଗଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ଯେଉଁ ସାମ୍ବିଧାନିକ ଅଧିକାର ଦିଆଯାଇଛି ତାହା ସୁନିଶ୍ଚିତ କରିବା ପାଇଁ ଦାବି କରାଯାଇଛି। ରାଜ୍ୟ ଭାଜପା କାର୍ଯ୍ୟକାରୀ କମିଟି ସଭ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲା ଭାଜପା ଉପସଭାପତି ପ୍ରଶାନ୍ତ ହୋତା, ସର୍ବେଶ୍ୱର ନାୟକ, ସଞ୍ଜୟ ରଣା, ପ୍ରସନ୍ନ ସ୍ୱାଇଁ, ବିନୋଦ ଦାସ ଓ ବିପ୍ରବର ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## କ୍ରିକେଟ୍ ଟୁର୍ନାମେଣ୍ଟ: କୁଶପଲ୍ଲା ଚାମ୍ପିୟନ

ବାଙ୍କୀ,୭।୧(ସ୍ୱ.ପ୍ର.)

ତ୍ରିନାଥ କ୍ରିକେଟ ଆସୋସିଏଶନ୍ ଓ ତାରବୋରି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ କ୍ରିକେଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଶୁପଙ୍ଗୀକୁ ହରାଇ କୁଶପଲ୍ଲା ଚାମ୍ପିୟନ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ବିଜୟ ପଟ୍ଟନାୟକ ଓ ସମ୍ମାନିତ ଅତିଥିଭାବେ ନାରାୟଣ ଜେନା, ପ୍ରଶାନ୍ତ ମତଗଜସିଂହ, ରେବତୀ ଜେନା, ପବିତ୍ର ଜେନା ପ୍ରମୁଖ ଯୋଗଦେଇଥିଲେ।

## ତାଳଦଣ୍ଡା କେନାଲ ରାସ୍ତା ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

କଟକ ଅଫିସ, ୭।୧

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ତାଳଦଣ୍ଡା କେନାଲ ବାମପାର୍ଶ୍ୱ ରାସ୍ତା ପରିଦର୍ଶନ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ରାସ୍ତା ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ରେଲୱେର ୨ ଏକର ଜମି ଯୋଗାଇ ଦେବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ମନ୍ତ୍ରୀ ସବୁଜ ସଙ୍କେତ ଦେଇଛନ୍ତି। ସେହିପରି ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସମ୍ପ୍ରସାରଣ ପାଇଁ ମାଲଗୋଦାମ ପାର୍ଶ୍ୱରେ ଥିବା ରେଲୱେର ୨ଏକର ୨ଶହ ୪୪ ଡିସିମିଲ ଜମିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନାଲ ମ୍ୟାନେଜର(ଡିଆରଏମ୍)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଡିଆରଏମ୍ ତାଳଦଣ୍ଡା କେନାଲ ବାମପାର୍ଶ୍ୱ ଜମି ବଦଳରେ ସମମୂଲ୍ୟର ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଜମି ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବରେ ପୂର୍ବରୁ ରାଜ୍ୟ ସରକାର ସହମତି ପ୍ରକାଶ କରିଥିଲେ। ମାତ୍ର ସରକାରଙ୍କୁ ଉପରୋକ୍ତ ଜମି ହସ୍ତାନ୍ତର ନିମନ୍ତେ ଡିଆରଏମ୍ ଖୋର୍ଦ୍ଧାରୋଡ ରେଲୱେ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ, ଯାହାକି ବିଚାରାଧୀନ ଥିବା ଜଣାଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ରେଲୱେ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୨୦୨୩ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

**ଏସ୍‌ସିବି ପୁନଃବିକାଶ କାର୍ଯ୍ୟର ସମୀକ୍ଷା ବୈଠକ**

କଟକ ଅଫିସ, ୭।୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପୁନଃବିକାଶ କାର୍ଯ୍ୟକୁ ନେଇ ଏକ ସମୀକ୍ଷା ବୈଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଅଧକ୍ଷ ଅନିଲ ସାମଲ ଅଧକ୍ଷତା କରି ଆଲୋଚନା ମାଧ୍ୟମରେ ଜିଲା ପ୍ରଶାସନ, ସମ୍ପୃକ୍ତ ସମସ୍ତ ପକ୍ଷ ଏବଂ ବିଭାଗ ଦ୍ୱାରା ଅତିରିକ୍ତ ଜମି ଅଧିଗ୍ରହଣ ନିମନ୍ତେ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଏସସିବି ମେଡିକାଲ ପୁନଃବିକାଶ ନିମନ୍ତେ ସମସ୍ତ ନିର୍ମାଣ କାର୍ଯ୍ୟ ପାଇଁ ଓଡ଼ିଶା ବ୍ରିଜ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) ଦ୍ୱାରା ଟେଣ୍ଡର କାର୍ଯ୍ୟ ଶେଷ ହୋଇଛି। ଏହି ଟେଣ୍ଡର ପ୍ରକ୍ରିୟାରେ ଏଲ୍ ଆଣ୍ଡ ଟି କମ୍ପାନୀକୁ କ୍ଲିନିକାଲ ବ୍ଲକ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ସେହିପରି ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ୬୭୨ ଆବାସିକ ବାସଗୃହ, ୮ଟି ଆବାସିକ ଟାୱାର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଏଥିସହିତ ଏସ୍‌ସିବି ଡିଏଭି ପବ୍ଲିକ ସ୍କୁଲର ନୂତନ କୋଠା ନିର୍ମାଣ କରାଯିବ । ଏହି ବୈଠକରେ ଆର୍‌ଡିସି ଗୋପବନ୍ଧୁ ଶତପଥୀ, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ହେମନ୍ତ ପାଢୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ୍ ସିଂ, ଓବିସିସି ଏମ୍‌ଡି ଜେ. କେ. ଦାସ, ଏସ୍‌ସିବି ମେଡିକାଲ ଅଧକ୍ଷ ଡା. ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ଡା. ଲୁସି ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆର୍‌ଡିସିଙ୍କ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ରୁ ଶିଶୁଙ୍କୁ ପୋଲିଓ ଦିଆଯିବ



ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକ**
■ଅପହଞ୍ଚ ଅଞ୍ଚଳରେ ଟିକାକରଣକୁ ଅଧିକ ଧ୍ୟାନ ଦିଆଯିବ
■୪୫୪୪ ଟିମ୍ ମେମ୍ବର, ୨୨୭ ସୁପରଭାଇଜର ନିଯୁକ୍ତ

କଟକ ଅଫିସ, ୭।୧

କଟକ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ପଲ୍ସ ପୋଲିଓ ଦିଆଯିବ। ଚଳିତବର୍ଷ ୨ ଲକ୍ଷ ୩୯ ହଜାର ୬୦୦ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସେବା ପ୍ରଦାନକାରୀ ସଂସ୍ଥା ସହଯୋଗରେ ଟିକାକରଣ ଅଭିଯାନକୁ ସଫଳ କରାଯିବ ବୋଲି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଆୟୋଜିତ ଜିଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ କହିଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଟିକାକରଣ ନିମନ୍ତେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ ଯୋଗଦେଇ କହିଥିଲେ, ୨୫୭ଟି ଅପହଞ୍ଚ ଅଞ୍ଚଳରେ ଟିକାକରଣ ଉପରେ ଅଧିକ ଧ୍ୟାନ ଦିଆଯିବ। ଏହାଛଡା ମୋଟ୍ ୧୧୩୬ ବୁଥ ନିମନ୍ତେ ୪୫୪୪ ଟିମ୍ ମେମ୍ବର ଓ ୨୨୭ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ବସଷ୍ଟାଣ୍ଡ, ରେଳଷ୍ଟେଶନ, ଟୋଲ୍‌ଗେଟ, ଇଟାଭାଟି ଭଳି ୪୩ଟି ଅସ୍ଥାୟୀ କେନ୍ଦ୍ରରେ ୮୬ ଜଣ ଭାକସିନେଟର ଓ ୧୬ଟି ମୋବାଇଲ ଟିମ ନିମନ୍ତେ ୩୨ ଜଣ ଭାକସିନେଟରଙ୍କୁ ନିୟୋଜିତ କରାଯାଇଛି ବୋଲି ଛୋଟରାୟ କହିଥିଲେ। ଏହି ବୈଠକରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ଦୀପକ କୁମାର କର, ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସଂଯୋଜିକା ସନ୍ଧ୍ୟାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦାକିନୀ ବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଝାଁଳା,୭।୧(ଡି.ଏନ୍.ଏ.):** ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଓଗାଳପଡା ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଅଭିମନ୍ୟୁ ବେହେରା(୩୦)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅଭିମନ୍ୟୁଙ୍କ ମା' କୌଣସି କାରଣରୁ କିଛି ଦିନ ହେବ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ସକାଳେ ଅଭିମନ୍ୟୁଙ୍କ ବାପା ସୁରେନ୍ଦ୍ର ସ୍ୱାଇଁଙ୍କୁ ଆଣିବା ପାଇଁ ହସ୍ପିଟାଲ ଯାଇଥିଲେ। କୌଣସି କାରଣରୁ ଅଭିମନ୍ୟୁ ଆଜବେଷ୍ଟସ ଆଙ୍ଗଲରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ପରିବାର ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନାଇଟ୍ କର୍ଫ୍ୟୁ: ରାସ୍ତାଘାଟ ଶୂନ୍ଶାନ

**ନିରାକାରପୁର/ଜଟଣୀ, ୭।୧(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ ସରକାରଙ୍କ ପକ୍ଷରୁ ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ କର୍ଫ୍ୟୁ ଜାରି କରାଯାଇଛି। ତେବେ ଖୋର୍ଦ୍ଧା ଜିଲା ନିରାକାରପୁର ଏକ ଗ୍ରାମାଞ୍ଚଳ ହୋଇଥିଲେ ମଧ ଏଠାରେ ଶୁକ୍ରବାରଠାରୁ ଏହି ନିୟମ ଲାଗୁ ହୋଇଛି। ସ୍ଥାନୀୟ ପୋଲିସ ପକ୍ଷରୁ ଏ ନେଇ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ଅବଗତ କରାଯାଇଛି ବୋଲି ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି। ସେହିପରି ନାଇଟ କର୍ଫ୍ୟୁ ପାଇଁ ଜଟଣୀ ସହରର ମୁଖ୍ୟରାସ୍ତା, ବଜାର ଶୂନ୍ଶାନ ହୋଇପଡ଼ିଛି।

### ଅପହୃତାଙ୍କୁ ଫେରାଇ ଆଣିବାକୁ ଦାବି

**ବେଗୁନିଆ,୭।୧(ଡି.ଏନ୍.ଏ.):** ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅଞ୍ଚଳର ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ୪ଦିନ ପୂର୍ବେ କେହି ଅପହରଣ କରିନେଇଛନ୍ତି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ତେବେ ପୋଲିସ ପଦକ୍ଷେପ ନେବା ବଦଳରେ ଚୁପ୍ ବସିଛି ବୋଲି ପରିବାର ଲୋକେ କହିଛନ୍ତି। ଏନେଇ ଶୁକ୍ରବାର ନାବାଳିକାଙ୍କ ପରିବାର ଲୋକ ଓ ସମ୍ପର୍କୀୟମାନେ ବେଗୁନିଆ ଥାନା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ତାଙ୍କ ଝିଅକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ତଦନ୍ତ ଚାଲିଛି, ଘଟଣାର ସତ୍ୟତା ଆଧାରରେ ନାବାଳିକାଙ୍କ ପରିବାର ଲୋକଙ୍କୁ ନ୍ୟାୟ ମିଳିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ସୁଫଳ ନ ମିଳିଲେ ଏସ୍‌ପିଙ୍କୁ ଅବଗତ କରାଇବା ସହ ଆଇନକୁ ହାତକୁ ନେବେ ବୋଲି ପରିବାର ଲୋକ କହିଛନ୍ତି।

### ଚାଷୀଙ୍କ ଉତ୍ପାଦନ ୨ଗୁଣା ବୃଦ୍ଧି ନେଇ ଆଲୋଚନା

**ବାଲିଅନ୍ତା,୭।୧(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ପରାମର୍ଶଦାତା କମିଟି ଆତ୍ମାର ବାର୍ଷିକ ସାଧାରଣ ସଭା ଶୁକ୍ରବାର ଭିଙ୍ଗାରପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ କରଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲା କୃଷି ଅଧିକାରୀ ରମାକାନ୍ତ ପରିଡ଼ା ଯୋଗଦେଇ ଚାଷୀଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋକପାତ କରିଥିଲେ।

### ଦୁଇ ମାମଲାରେ ୨ ଯୁବକ କୋର୍ଟଚାଲାଣ

**ବାରଙ୍ଗ,୭।୧(ଡି.ଏନ୍.ଏ.):** ବାରଙ୍ଗ ଥାନା ପୋଲିସ ୨ଟି ପୃଥକ ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଗୋଡ଼ି ସାହିର ମୋହନ ସାହୁ ଓ ମଧୁପୁର ଗ୍ରାମର ସୁବ୍ରତ ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ଗତମାସରେ ମଧୁବନ ଗ୍ରାମମୁଣ୍ଡରେ ୨ ବିଲ୍ଡରଙ୍କ ସମର୍ଥକଙ୍କ ମଧ୍ୟରେ ଉପୁଜିଥିବା ବିବାଦରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ମାମଲା(ନଂ.୨୮୯/୨୧) ରୁଜୁ କରି ଉକ୍ତ ଗ୍ରାମର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ସୁବ୍ରତ ଫେରାର ଥିବାବେଳେ ଶୁକ୍ରବାର ପୋଲିସ ତାଙ୍କୁ ଗିରଫ କରିଛି। ସେହିଭଳି ଅନ୍ୟ ଏକ ଘଟଣାରେ ନରାଜ ଆରଟିଓ ଟେଷ୍ଟିଂ ସେଣ୍ଟର ପାଖରେ ଗତ ମାସରେ ଏକ ବାଇକ୍‌ରୁ ପଡି କଟକର ଆନନ୍ଦ ବେହେରା ଓ ବାଙ୍କୀର ପ୍ରଶାନ୍ତ ସାହୁ ଆହତ ହୋଇଥିଲେ। ଏହି ବାଟରେ ଆସୁଥିବା ମୋହନ ସାହାଯ୍ୟ କରିବା ଆଳରେ ଆହତ ବ୍ୟକ୍ତିଙ୍କର ମନପର୍ସ ଲୁଟି ନେଇ ଫେରାର ହୋଇଯାଇଥିବା ଥାନାରେ ପରେ ଅଭିଯୋଗ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ମୋହନଙ୍କୁ ଗିରଫ କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

**ଖୋର୍ଦ୍ଧା ଅଫିସ,୭।୧**

**ବିଡିଓଙ୍କ ପରିବର୍ତ୍ତେ ସରପଞ୍ଚଙ୍କ ଦସ୍ତଖତରେ ଦିଆଯାଉଛି କାର୍ଯ୍ୟାଦେଶ**

ଗ୍ରାମାଞ୍ଚଳରେ ଲୋକଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେବେ ସ୍ଥାନୀୟ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ବ୍ୟାପକ ଅନିୟମିତତା ହେଉଛି। ଖୋର୍ଦ୍ଧା ବ୍ଲକ କେରଙ୍ଗ ପଞ୍ଚାୟତରେ ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନାଡେପ ଖତ ପ୍ରସ୍ତୁତି ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ତେବେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖୋର୍ଦ୍ଧା ପକ୍ଷରୁ ଦିଆଯାଇଥିବା କାର୍ଯ୍ୟାଦେଶରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କ ଦସ୍ତଖତ ପରିବର୍ତ୍ତେ ସରପଞ୍ଚ ଚଞ୍ଚକତା ପୂର୍ବକ ନିଜ ଦସ୍ତଖତରେ ଏକାଧିକ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ଦେଇଛନ୍ତି। ଏନେଇ ପଞ୍ଚାୟତର କେତେଜଣ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ନାଡେପ ଖତ ପ୍ରସ୍ତୁତ ପାଇଁ ଜଣକ ପିଛା ୧୪ହଜାର ଟଙ୍କା ଲେଖାଏ ପ୍ରାୟ ୮୦ଜଣଙ୍କୁ ସରପଞ୍ଚ ନିଜ କ୍ଷମତାର ଅପପ୍ରୟୋଗ କରି କାର୍ଯ୍ୟାଦେଶ ବାଣ୍ଟିଛନ୍ତି। ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ୱାର୍କଅର୍ଡର ପତ୍ରରେ ସରପଞ୍ଚ କିଭଳି ବେଆଇନ କାର୍ଯ୍ୟ ଚଳାଇଛନ୍ତି ଅଭିଯୋଗକାରୀ ଉଲ୍ଲେଖ କରିଛନ୍ତି। ବ୍ଲକ ପ୍ରଶାସନର କେତେଜଣ ଅସାଧୁ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥ ହରିଲୁଟ ଚାଲିଛି। ସରାକାରୀ କାଗଜରେ ନକଲି କାର୍ଯ୍ୟାଦେଶ ଦିଆଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଉଛି ବୋଲି ଅଭିଯୋଗକାରୀ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଏହାକୁ ପ୍ରୋତ୍ସାହିତ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ଏନେଇ ବିଡିଓ ରୁମାନା ଜାସ୍ମିଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏ ସମ୍ପର୍କରେ ସରପଞ୍ଚ ରଶ୍ମିତା ସୁନ୍ଦରାୟ କହିଛନ୍ତି, ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବ୍ଲକର ଫର୍ମାଟରେ କାର୍ଯ୍ୟାଦେଶ ଦିଆଯାଇଛି। କୌଣସି ଅନିୟମିତତା ହୋଇନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାକୁ ଲୋକେ ଇଚ୍ଛୁକ ହେଉନାହାନ୍ତି। ସେମାନଙ୍କୁ ବୁଝାଶୁଝା କରି କାମ କରିବାକୁ ପ୍ରୋତ୍ସାହିତ କରାଯାଉଛି।

## ଜାଲ୍ ଦସ୍ତଖତରେ ହିତାଧିକାରୀଙ୍କ ଟଙ୍କା ହଡ଼ପ

**ଖୋର୍ଦ୍ଧା ଅଫିସ,୭।୧**

**ମୋ ପାଇଖାନା ଯୋଜନାରେ ଅନିୟମିତତା**

ଗ୍ରାମାଞ୍ଚଳ ବାହ୍ୟ ମଳମୁକ୍ତ ଲାଗି ସରକାର ସ୍ୱଚ୍ଛ ଭାରତ ମିଶନ ମୋ ପାଇଖାନା ପାଇଁ ଅର୍ଥ ଦେଉଛନ୍ତି। ତେବେ ଏହି ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରିବର୍ତ୍ତେ ଅନ୍ୟ ଜଣଙ୍କ ଖାତାକୁ ଯାଉଛି ସହାୟତା ରାଶି। ଜଟଣୀ ବ୍ଲକରୁ ଆସିଛି ଏଭଳି ଅଭିଯୋଗ। ଶୁକ୍ରବାର ଏହି ବ୍ଲକର ୨ଜଣ ହିତାଧିକାରୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଜଟଣୀ ବେଣାପଞ୍ଝରୀ ପଞ୍ଚାୟତର ବୁଢଙ୍ଗରା ଗ୍ରାମର ରଘୁନାଥ ସିଂହ ମୋ ପାଇଖାନା ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ। ତେବେ ଅର୍ଥ ପାଇବାରେ ବିଳମ୍ବ ହେବାରୁ ସେ ନିଜସ୍ୱ ଖର୍ଚ୍ଚରେ ପାଇଖାନା ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ସହାୟତା ଅର୍ଥ ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାଁରେ ଜାଲ୍ ଦସ୍ତଖତ ଦେଇ ଅନ୍ୟ ଜଣେ ବ୍ୟକ୍ତି ଟଙ୍କା ହଡ଼ପ କରିନେଇଛନ୍ତି। ସେହିପରି ଉକ୍ତ ଗ୍ରାମର ସନ୍ତୋଷ ବାରିକ ମଧ ଅନୁରୂପ ଭାବେ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ନାଁରେ ଅନ୍ୟ କେହି ଟଙ୍କା ହଡପ କରିନେଇଛନ୍ତି। କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ପରିବର୍ତ୍ତେ କିପରି ଅନ୍ୟ ବ୍ୟକ୍ତି ଟଙ୍କା ଉଠାଇ ନେଉଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ପଞ୍ଚାୟତ ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ ମିଳିମିଶି ହରିଲୁଟ କରୁଥିବା ଜଣାପଡିଛି। ଏକାଧିକ ବ୍ୟକ୍ତି ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗକାରୀ କହିଛନ୍ତି। ଘଟଣାର ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।



**ରାତ୍ରିକାଳୀନ କର୍ଫ୍ୟୁ :** ଜଟଣୀ ହରିଭାଇନା ଛକ ରାସ୍ତା ଶୁକ୍ରବାର ଶୂନ୍ଶାନ୍ ରହିଛି।

# ଖୋଲୁନି ମଣ୍ଡି, ଚାଷୀ ହତାଶ

**ଖୋର୍ଦ୍ଧା ଅଫିସ,୭।୧**

- ପ୍ରଶାସନ, ମିଲର୍ସଙ୍କ ମଧ୍ୟରେ ବୁଝାମଣା ଅଭାବ
- ଅଭାବୀ ବିକ୍ରିର ଶିକାର ଚାଷୀ
- ପଞ୍ଜୀକରଣ କରିନାହାନ୍ତି ମିଲର୍ସ

ରାଜ୍ୟର ବିଭିନ୍ନ ଜିଲା ଅଧୀନ ମଣ୍ଡିରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲା ଯୋଗାଣ ବିଭାଗ ଏବଂ ମିଲର୍ସଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଏପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହୋଇନାହିଁ। ଜିଲାର ୭ ମିଲର୍ସଙ୍କ ଧାନକିଣା ବାବଦକୁ ସରକାରଙ୍କ ଉପରେ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ରହିଛି। କୌଣସି କାରଣରୁ ତାହା ପଇଠ କରାଯାଇନାହିଁ। ଫଳରେ ଚଳିତ ବର୍ଷ ମିଲର୍ସମାନେ ଧାନ ଉଠାଇବାକୁ ଅରାଜି ହେଉଥିବା ଜଣାପଡିଛି। ଏହି ଧାନକିଣାରେ ଜିଲାର ୧୬ଟି ମିଲର୍ସ ଅଂଶଗ୍ରହଣ କରିଥାନ୍ତି। ଦୁଇଥର ଜିଲା ଯୋଗାଣ ବିଭାଗ ଏବଂ ମିଲର୍ସଙ୍କ ମଧ୍ୟରେ ବୈଠକ ହୋଇଥିଲେ ମଧ ବୁଝାମଣା ଅଭାବରୁ ମିଲର୍ସମାନେ ଧାନ କିଣିବାକୁ ଅମଙ୍ଗ ହେଉଥିବା ଜଣାପଡିଛି। ବକେୟା ଟଙ୍କା ପାଇବା ପାଇଁ କେତେଜଣ ମିଲର୍ସ ଯୋଗାଣ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପଞ୍ଜୀକୃତ ଚାଷୀ ଧାନ ଧରି ବସିରହିଛନ୍ତି। ଅନ୍ୟପଟେ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ଦଲାଲଙ୍କ ହାବୁଡ଼ରେ ପଡ଼ି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ମଣ୍ଡି ଖୋଲିବା ବିଳମ୍ବ ଯୋଗୁ ଆନ୍ଧ୍ର ବେପାରୀ ଗ୍ରାମର ଚାଷୀଙ୍କଠାରୁ ଧାନ କିଣୁଥିବା କେତେକ ଚାଷୀ ସଙ୍ଗଠନ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ୨୦୨୧ ନଭେମ୍ବର ୨୨ରେ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ୨୯ରେ ପ୍ରଥମେ ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ବାଲିଅନ୍ତା ଓ ବାଲିପାଟଣାରେ ମଣ୍ଡି ଅନୁକୂଳ, ଜାନୁୟାରୀ ୪ରେ ଖୋର୍ଦ୍ଧା ବ୍ଲକରେ ମଣ୍ଡି ଉଦ୍‌ଘାଟନ ନେଇ ସ୍ଥିର ହୋଇଥିଲା। ତେବେ ମିଲର୍ସମାନେ ଧାନ ଉଠାଇବାକୁ ଅରାଜି ହେବାରୁ ନିର୍ଦ୍ଧାରିତ ତାରିଖରେ ଧାନ ଉଠିପାରିଲା ନାହିଁ। ଦୁଇଟି ତାରିଖ ବିଫଳ ପରେ ଶୁକ୍ରବାର ଖୋଲିବା ଲାଗି ଧାର୍ଯ୍ୟ ହୋଇଥିଲେ ମଧ ଧାନ ଉଠିପାରିଲା ନାହିଁ। ଏପର୍ଯ୍ୟନ୍ତ ମିଲର୍ସମାନେ ଧାନ ଉଠାଇବା ନେଇ ଜିଲା ଯୋଗାଣ ବିଭାଗ ନିକଟରେ ପଞ୍ଜୀକରଣ କରି ନ ଥିବା ଜଣାପଡିଛି। ଧାନ ଉଠାଇବା ପାଇଁ ଶୁକ୍ରବାର ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଓ ମିଲର୍ସଙ୍କ ମଧ୍ୟରେ ଆଲୋଚନା ହୋଇଛି। କେବେ ମଣ୍ଡି ଖୋଲାଯିବ, ସେନେଇ କୌଣସି ସୂଚନା ମିଳିନାହିଁ। ଚଳିତ ଖରିଫ ଋତୁରେ ୧୫ଲକ୍ଷ କୁଇଣ୍ଟାଲ ଧାନ କିଣାଯିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୪୬,୫୯୫ଜଣ ଚାଷୀଙ୍କ ନାଁ ପଞ୍ଜୀକୃତ ହୋଇଥିବା ବେଳେ ୪୬,୪୧୦ ଚାଷୀ ଧାନ ବିକ୍ରି ଲାଗି ଅନୁମତି ପାଇଛନ୍ତି। ୧୩୯ଟି ପ୍ରାଥମିକ ସେବା ସମବାୟ ସମିତରେ ଧାନ କିଣିବା ଲାଗି ବ୍ୟବସ୍ଥା କରାଯାଇଛି। ତୁରନ୍ତ ମଣ୍ଡି ଖୋଲା ନ ଗଲେ ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ନେତା ଶୈଳେଶ ବଳିୟାରସିଂ, ଅଶୋକ ମଙ୍ଗରାଜ ପ୍ରମୁଖ କହିଛନ୍ତି। ଜିଲା ପ୍ରଶାସନର ଅବହେଳାରୁ ଚାଷୀ ହଇରାଣ ହେଉଛନ୍ତି ବୋଲି ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କହିଛନ୍ତି, ମିଲର୍ସଙ୍କ ସହ ଆଲୋଚନା ହୋଇଛି, ଖୁବ୍‌ଶୀଘ୍ର ମଣ୍ଡି ଖୋଲିବା ବ୍ୟବସ୍ଥା କରାଯିବ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ତୁରନ୍ତ ମଣ୍ଡି ଖୋଲିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

## ୬ ଦଫା ଦାବି ନେଇ ଗଣଧାରଣା

**ବାଲିଅନ୍ତା,୭।୧(ଡି.ଏନ୍.ଏ.)**

୬ ଦଫା ଦାବି ନେଇ ଉତ୍ତର-ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ୪ ନମ୍ବର ୱାର୍ଡ ଅଧୀନ ହଂସପାଳ ଛକରେ ଗଣଧାରଣା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉନ୍ନୟନ ପରିଷଦର ମୁଖ୍ୟ ଦାବିଗୁଡ଼ିକ ଭିତରେ କୁଆଖାଇ ନଦୀରେ ବୃହତ ଆନିକଟ ନିର୍ମାଣ ରହିଛି। ଏଥିସହିତ ନଦୀର ଉଭୟ ପାର୍ଶ୍ୱରେ ଉନ୍ନତ ରାସ୍ତା ନିର୍ମାଣ ସହିତ ନଦୀର ଖନନ, ସ୍ୱପ୍ନେଶ୍ୱର ମନ୍ଦିରଠାରୁ କାଚରାମାଳ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ, ପୁରୀ ମୁଖ୍ୟ କେନାଲର ଉଭୟ ପାର୍ଶ୍ୱ ରାସ୍ତାର ପ୍ରଶସ୍ତୀକରଣ, ୪ ନଂ. ୱାର୍ଡରୁ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ଓ ବିଏମ୍‌ସି ରାସ୍ତାର ଉନ୍ନତୀକରଣ, ନହରକଣ୍ଟା ଡାକ୍ତରଖାନାରେ ଉନ୍ନତୀକରଣ ଓ ଡାକ୍ତର ନିଯୁକ୍ତ ଓ ହଂସପାଳରେ ୧୦ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ, ବିବାହ ମଣ୍ଡପ ଓ ବୃହତ ସଭା ଗୃହ ନିର୍ମାଣ ଆଦି ଦାବି ରହିଛି। ଗଣଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ପରିଷଦର ସଭାପତି ପ୍ରଭାତ ଦାସ କହିଛନ୍ତି।

## କଟକଣାରେ ହେବ ସାଧାରଣତନ୍ତ୍ର ଦିବସ



ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା ଅଫିସ,୭।୧**

ଖୋର୍ଦ୍ଧା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଉତ୍ସବ ପାଳନ କରାଯିବ। ସାଧାରଣତନ୍ତ୍ର ଦିବସ ଭୋର ସମୟରେ ଖୋର୍ଦ୍ଧା ସହରରେ ଡାକବାଜି ଯନ୍ତ୍ରରେ ରାମଧ୍ୱନି କରାଯିବ। ସହରରେ ରହିଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯିବ। ସକାଳ ସାଢେ ୭ଟା ସୁଦ୍ଧା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ସରିବ। ସକାଳ ୯ଟା ୧୫ରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳପଡିଆରେ ଜିଲାସ୍ତରୀୟ ଉତ୍ସବ ପାଳନ ଓ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେଡରେ କେବଳ ପୋଲିସ ବାହିନୀ ଯୋଗଦେବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଡିଏସ୍‌ପି(ଡିଆଇବି) ଅତନୁ କୁମାର ରାଉତ, ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ନାଗେଶ ଜେନା, ପିଏନ୍ କଲେଜ ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ଜିଲା ଓକିଲ ସଂଘ ସଭାପତି ଅଜିତ ପଟ୍ଟନାୟକ, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ବୈଠକ ସଂଯୋଜନା କରିଥିଲେ।

## ୨ ପ୍ରକଳ୍ପ ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ, ୭।୧**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓଳସିଂ ପଞ୍ଚାୟତର ନୂତନ କଲ୍ୟାଣ ମଣ୍ଡପ ଏବଂ ଫାସିଲିଟି ସେଣ୍ଟର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ବିଜୟ ଜେନା, ଜିଲା ପରିଷଦ ସଭ୍ୟା ମମତା ଜେନା, ରିମ୍ପା ମାନ୍ଧାତା, ସରପଞ୍ଚ ପ୍ରେମାନନ୍ଦ ପରିଡା, ସୁକାନ୍ତ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୧୪୬ ୟୁନିଟ୍ ରକ୍ତ ସଂଗ୍ରହ



**ଖୋର୍ଦ୍ଧା ଅଫିସ,୭।୧**

ବିଜୁ ଯୁବ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ଦଳେଇସାହି, ଆରିକମା ଓ ପାଟପୁର ଶାସନ ପଞ୍ଚାୟତଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଡିଓ ଧୋବେଇ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦଳେଇ ସାହିରୁ ୩୬, ଅରିକମାରୁ ୬୯, ପାଟପୁର ଶାସନରୁ ୪୧ ଏପରି ମୋଟ୍ ୧୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏହାକୁ ସଂଯୋଜନା କରିଥିଲେ। ଶୁଭକାନ୍ତ ମହାପାତ୍ର, ଜ୍ୟୋତିରଞ୍ଜନ ଖାଡଙ୍ଗା, ପ୍ରକାଶ ସାହୁ, ଦୁର୍ଯ୍ୟୋଧନ ସ୍ୱାଇଁ, ପ୍ରମୋଦ ରାଉତରାୟ, ସୁଶାନ୍ତ ପାଇକରାୟ, ଦୀନବନ୍ଧୁ ସାହୁ, ଅଶୋକ ସାହୁ, ସରୋଜିନୀ ପାଇକରାୟ, ଅଦ୍ୱୈତ ପଟ୍ଟନାୟକ, ତାଜର୍ ଅଲି ଖାଁ, ପ୍ରଶାନ୍ତ ସ୍ୱାଇଁ, ରସିଦ ଅଲି ଖାଁ, ରମା ଦେଈ, ବିଦ୍ୟୁଲତା ପରିଡ଼ା, ଗୋପାଳ ଚନ୍ଦ୍ର ବେହେରା, ଅନନ୍ତ ବେହେରା, ଶରତ ହୋତା, ରତ୍ନାକର ମହାପାତ୍ର, ଅନିତା ବେହେରା ପ୍ରମୁଖ ଯୋଗଦେଇଥିଲେ। କରୋନା ସମୟରେ ରକ୍ତାଭାବ ଦୂର କରିବା ପାଇଁ ଯୁବ ଜନତା ଦଳ ପକ୍ଷରୁ କ୍ରମାଗତ ବେଗୁନିଆ ନିର୍ବାଚନମଣ୍ଡଳୀରେ ରକ୍ତଦାନ ଶିବିର ଜାରି ରହିଛି। ଏପର୍ଯ୍ୟନ୍ତ ମୋଟ୍ ୩୯୮୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବିଧାୟକ ସାହୁ କହିଛନ୍ତି।

## ନୃତ୍ୟଧାରା ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ବାର୍ଷିକୋତ୍ସବ

**ନିରାକାରପୁର, ୭।୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜଲା ଡିଆ ପଞ୍ଚାୟତର ଅଣପଞ୍ଜୀକୃତ ନୃତ୍ୟଧାରା ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ ଡିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ଅଭିରାମ ବାରିକ ପୌରୋହିତ୍ୟ କରିଥିବା ବେଳେ କୁହୁଡ଼ି କଲେଜ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ବିଚାରପତି ସୁବାସ ଚନ୍ଦ୍ର ରଥ, ଜିଲା ବିଜେଡି ଉପସଭାପତି ବିପିନ କୁମାର ଜୟସିଂହ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବିଦ୍ଧୁ ଭୂଷଣ ମହାରଣା, ଅଧ୍ୟାପକ କୈଳାସ ଚନ୍ଦ୍ର ତ୍ରିପାଠୀ, ଶେଖର ସୁମନ ମାଝି ପ୍ରମୁଖ ଅତିଥିଭାବେ ଯୋଗଦେଇ ଡ୍ୟାନ୍ସ ଗ୍ରୁପ୍ ପାଇଁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ତଥା କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ପତିତପାବନ ବାରିକ ଧନ୍ୟବାଦ ଦେଇଥିଲେ।

## ହିତାଧିକାରୀଙ୍କୁ ମିଳିଲା ସହାୟତା

**ଖୋର୍ଦ୍ଧା ଅଫିସ,୭।୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କୁ ୩ହଜାର ଟଙ୍କା ଲେଖାଏ ସହାୟତା ଶୁକ୍ରବାର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଢମଲ୍ଲ, ବାଜପୁର, ନନ୍ଦପୁର ଏବଂ ଟାଙ୍ଗୀ ବ୍ଲକ ଓଳସିଂ, ଅଚ୍ୟୁତପୁର, ସରପାରି, ଟାଙ୍କଳ, ଛଣଗିରି, ରାମେଶ୍ୱର, ନିରାକାରପୁର, ଲେଣ୍ଡୋ, ଡିଆ ଆଦି ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ଘର ମରାମତି ଲାଗି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହି ସହାୟତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ ଜେନାଙ୍କ ସମେତ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।



ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମହାପାତ୍ର ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ବ୍ଲକ ଅଧ୍ୟକ୍ଷ, ସମିତି ସଭ୍ୟ ପଦବୀ ଅପରିବର୍ତ୍ତିତ

**ଖୋର୍ଦ୍ଧା ଅଫିସ,୭।୧**

**ପ୍ରକାଶ ପାଇଲା ଚୂଡ଼ାନ୍ତ ସଂରକ୍ଷଣ ତାଲିକା**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ପ୍ରଶାସନ ପକ୍ଷରୁ ଜିଲାର ୧୦ଟି ବ୍ଲକର ୧୯୦ ପଞ୍ଚାୟତ ଲାଗି ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡସଭ୍ୟା, ସଭ୍ୟ ପଦବୀ ଲାଗି ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ସମସ୍ତ ପଦବୀର ୫୦ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପ୍ରକାଶିତ ତାଲିକା ଅନୁଯାୟୀ, ୧୦ ବ୍ଲକର ଅଧ୍ୟକ୍ଷା, ଅଧ୍ୟକ୍ଷ ପଦବୀ ଏବଂ ସମିତିସଭ୍ୟ ପଦବୀ ଅପରିବର୍ତ୍ତିତ ରହିଛି। ସରପଞ୍ଚ ତାଲିକା ମଧ୍ୟରୁ ଟାଙ୍ଗୀ, ଚିଲିକା, ଭୁବନେଶ୍ୱର ବ୍ଲକର କେତେକ ପଞ୍ଚାୟତର ସରପଞ୍ଚ ପଦବୀକୁ ନେଇ ଆପତ୍ତି ଅଭିଯୋଗ ଆସିବା ପରେ ଏହାକୁ ପରିବର୍ତ୍ତନ କରାଯାଇଛି। ସେଥିରୁ ଟାଙ୍ଗୀ ବ୍ଲକର ପାରିଓରଡ, ବଡ଼ପୋଖରିଆ, ସରପାରି ଓ ସୁନ୍ଦରପୁର ପ୍ରମୁଖ ୪ଟି ପଞ୍ଚାୟତ, ଚିଲିକା ବ୍ଲକର କୁମଣ୍ଡଳପାଟଣା, ବଡକୁଳ, ମାନସିଂପୁର ଏବଂ ଭୁବନେଶ୍ୱର ବ୍ଲକର କଲ୍ୟାଣପୁର ଓ ବରିମୁଣ୍ଡ ପଞ୍ଚାୟତ ସରପଞ୍ଚ ସଂରକ୍ଷଣକୁ ନେଇ ଅଭିଯୋଗ ପରେ ଏହାକୁ ମଧ ପରିବର୍ତ୍ତନ କରାଯାଇଛି। ଚୂଡ଼ାନ୍ତ ତାଲିକାରେ ପାରିଓରଡ଼ ପଞ୍ଚାୟତରେ ଅନୁସୂଚିତ ଜାତି ମହିଳା ପରିବର୍ତ୍ତେ ମହିଳା, ବଡପୋଖରିଆରେ ଅନୁସୂଚିତ ଜାତି ମହିଳା, ସରପାରି ଓ ସାନରାଉତପଡା ଅଣସଂରକ୍ଷିତଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି। ସେହିପରି ଚିଲିକା ବ୍ଲକର କୁମୁଣ୍ଡଳ ପାଟଣାରେ ଅଣସଂରକ୍ଷିତ, ବଡ଼କୁଳ ଅନୁସୂଚିତ ଜାତି, ମାନସିଂପୁର ମହିଳା ଏବଂ ଭୁବନେଶ୍ୱର ବ୍ଲକର କଲ୍ୟାଣପୁର ପଞ୍ଚାୟତ ଅନୁସୂଚିତ ଜାତି, ବରିମୁଣ୍ଡ ପଞ୍ଚାୟତ ଅନୁସୂଚିତ ଜାତି ମହିଳାଙ୍କ ନିମନ୍ତେ ସଂରକ୍ଷଣ ହୋଇଛି। ତେବେ ସମସ୍ତ ବ୍ଲକରେ ସମିତିସଭ୍ୟ ଓ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ପାଇଁ କରାଯାଇଥିବା ସଂରକ୍ଷଣ ଆସନ ପୂର୍ବଭଳି କାଏମ ରହିଛି।

### ଆଶାୟୀ ପ୍ରାର୍ଥୀ ନିରାଶ

ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ତାଲିକାକୁ ନେଇ ଛକାପଞ୍ଝାର ଅନ୍ତ ଘଟିଛି। ସଂରକ୍ଷଣ ତାଲିକାରୁ ପଛୁଆବର୍ଗଙ୍କ ଉଚ୍ଛେଦ ପରେ ସାନି ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂରକ୍ଷଣ ପରିବର୍ତ୍ତନ ଲାଗି ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସଂରକ୍ଷଣ ତାଲିକାକୁ ନେଇ ଚାଲିଥିବା ବାଦବିବାଦ ଶେଷ ହୋଇଛି। ପଞ୍ଚାୟତ ନିର୍ବାଚନରେ ବହୁ ଆଶାୟୀ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡିଛି। ଶୁକ୍ରବାର ଚୂଡାନ୍ତ ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ବିଭିନ୍ନ ପଞ୍ଚାୟତର ଆଶାୟୀ, ସମର୍ଥକ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଚିଠା ତାଲିକାରେ ପରିବର୍ତ୍ତନ ଦେଖି ଆଶା ରଖିଥିବା ଅନେକଙ୍କୁ ଝଟ୍‌କା ଲାଗିଥିବା ଦେଖିବାକୁ ମିଳିଛି।

**ଖୋର୍ଦ୍ଧା ଜିଲା: ପଞ୍ଚାୟତ ସମିତି ଅଧ୍ୟକ୍ଷା/ଅଧ୍ୟକ୍ଷ ସଂରକ୍ଷଣ ତାଲିକା**

| ବ୍ଲକ | ସଂରକ୍ଷଣ |
|---|---|
| ଖୋର୍ଦ୍ଧା | ଅଣସଂରକ୍ଷିତ |
| ଚିଲିକା | ଅନୁସୂଚିତ ଜାତି ମହିଳା |
| ଜଟଣୀ | ଅଣସଂରକ୍ଷିତ |
| ଟାଙ୍ଗୀ | ମହିଳା |
| ବାଣପୁର | ଅଣସଂରକ୍ଷିତ |
| ବାଲିଅନ୍ତା | ଅନୁସୂଚିତ ଜାତି ମହିଳା |
| ବାଲିପାଟଣା | ଅନୁସୂଚିତ ଜାତି |
| ବେଗୁନିଆ | ଅଣସଂରକ୍ଷିତ |
| ବୋଲଗଡ଼ | ମହିଳା |
| ଭୁବନେଶ୍ୱର | ମହିଳା |